- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-234 ◆THURSDAY ◆19 FEBRUARY 2026 ◆PAGE-12 ◆₹ 7.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୨୩୪ ◆ଗୁରୁବାର ◆୧୯ ଫେବୃଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




## ପ୍ରଥମ ଥର ରଣଜୀ ଫାଇନାଲ୍‌ରେ ଜମ୍ମୁ କାଶ୍ମୀର

▶ପୃଷ୍ଠା ୧୨ ଦେଖନ୍ତୁ...





Now open in
Chandrashekharpur

Tanishq Gold coin and other exciting offers on purchase* | 19th Feb to 23rd Feb | A TATA PRODUCT

Shop online at TANEIRA.com | TATA CLiQ | Myntra | amazon | taneira_sarees | +91 8147 349 464

Ground Floor, DD Complex, Plot no. 332/1803/2028 (42/8, 42/9), Beside Tanishq, Chandrasekharpur, Bhubaneswar, Mob. : 7788011102

Enquire about our purchase plan
Golden Cocoon
Own Your Dream Weave

## ବିଡିଓ ହଟାଅ ଦାବିରେ ତାତିଲେ ଆନ୍ଦୋଳନକାରୀ

# ବିଡିଓଙ୍କ ଗାଡ଼ି ଭଙ୍ଗାରୁଜା, ପୁଲିସ ସହ ଧସ୍ତାଧସ୍ତି

ଖୋର୍ଦ୍ଧା,୧୮।୨(ସମିସ): ବୋଲଗଡ ବିଡିଓ ସୁମନସୁଧା କୁଣ୍ଡୁଙ୍କ ବିରୋଧରେ ବ୍ଲକ ସମ୍ମୁଖରେ ଜନପ୍ରତିନିଧି ଓ ଜନସାଧାରଣଙ୍କ ଗଣଧାରଣା ନବମ ଦିନରେ ପହଁଚିଛି। ଆଜି ଉଗ୍ରରୂପ ନେଇଛି ଏହି ଆନ୍ଦୋଳନ। ବୋଲଗଡ଼ ବ୍ଲକ ପରିସରରେ ବିଡିଓ ବିବାଦକୁ ନେଇ ଉତ୍ତେଜନା ଦେଖାଯାଉଥିବା ବେଳେ ବିଡିଓଙ୍କ ଗାଡି ଭଙ୍ଗାରୁଜା କରିଛନ୍ତି ଆନ୍ଦୋଳନକାରୀ। ପୁଲିସ ସହ ଆନ୍ଦୋଳନକାରୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଛି।

ଘଟଣାରୁ ଜଣାଯାଇଛି, ଆଜି ଆନ୍ଦୋଳନ ସ୍ଥଳରୁ ବ୍ଲକ ଅଧକ୍ଷାଙ୍କ ସହିତ କେତକ ଆନ୍ଦୋଳନକାରୀମାନେ ବ୍ଲକ କାର୍ଯ୍ୟାଳୟ ଭିତରକୁ ପଶିବାକୁ ଉଦ୍ୟମ କରୁଥିବା ବେଳେ ସେମାନଙ୍କୁ କାର୍ଯ୍ୟାଳୟ ଭିତରକୁ ପୁଲିସ ଛାଡିନଥିଲା। ଯାହାକୁ ନେଇ ବିବାଦ ଉଗ୍ରରୂପ ଧାରଣ କରିଥିଲା। ଏହି ସମୟରେ ସୁରକ୍ଷାକର୍ମୀ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ଧସ୍ତାଧସ୍ତି ଓ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଆନ୍ଦୋଳନକାରୀମାନେ ଜନବିରୋଧି ବିଡ଼ିଓ ବଦଳି ଦାବୀ ନାରାବାଜି କରିବା ସହିତ ପୁଲିସ ମଧ୍ୟରେ ଧସ୍ତା ଧସ୍ତି ଠେଲା ପେଲା ପ୍ରାୟ ଅଧଘଂଟା ଧରି ହୋଇଥିଲା। ଏହି ସମୟରେ ବିଡ଼ିଓଙ୍କ ଗାଡିର କାଚକୁ ଆନ୍ଦୋଳନକାରୀଙ୍କ ମଧ୍ୟରୁ କେହି ଭାଙ୍ଗିଦେଇଥିବା ଜଣାପଡିଛି। ଆଗକୁ ଆନ୍ଦୋଳନ ଜାରିରଖିବା ସହ ପରିସ୍ଥିତି ଭୟଙ୍କର ରୂପ ନେବା ନେଇ ଆନ୍ଦୋଳନକାରୀ ଚେତାବନୀ ଦେଇଥିଲେ। ଘଟଣାସ୍ଥଳରେ ୪ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଛି। ଅତିରିକ୍ତ ଏସ୍‌ପି ଅନାଦି ସେଠୀ, ଏସଡିପିଓ ନିହାର ପ୍ରଧାନ ଓ





ଜଙ୍କଆ, ବେଗୁନିଆ ଓ ବୋଲଗଡ ଥାନାର ଥାନା ଅଧିକାରୀ ପ୍ରମୁଖ ଉପସ୍ଥିତ ରହିଥିଲେ।

ଅନ୍ୟପକ୍ଷରେ କାର୍ଯ୍ୟାଳୟରେ ପଶି ଗାଡି ଭଙ୍ଗାରୁଜା କରିଥିବା ନେଇ ବୋଲଗଡ ଥାନାରେ ବିଡିଓ ଅଭିଯୋଗ କରିଛନ୍ତି। ମାତ୍ର ରିପୋର୍ଟ ଲେଖାହେବା ଯାଏଁ ଥାନାରେ କୌଣସି ମାମଲା ରୁଜୁ ହୋଇନଥିବା ପୁଲିସ ସୂଚନା ଦେଇଛି।

ପ୍ରକାଶଯେ, ବୋଲଗଡ଼ ସରକାରୀ ବାମନ ଉଚ୍ଚ ବିଦ୍ୟାଳୟଠାରେ ପାଳିତ ହୋଇଆସୁଥିବା ବ୍ଲକସ୍ତରୀୟ ସାଧାରଣ ତନ୍ତ୍ର ଦିବସରରେ ମିଳିତ ପରେଡ ଆୟୋଜନ ପାଇଁ ବ୍ଲକ ପ୍ରଶାସନ ର ଉଦାସୀନତା ସାଥୀକୁ ବିଡ଼ିଓଙ୍କ ଅନୁପସ୍ଥିତି ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ପରେ ସ୍ଥାନୀୟ ବିଭିନ୍ନ ସଂଗଠନର ନାଗରିକ ସମାଜ ପକ୍ଷରୁ ବିଡ଼ିଓଙ୍କ ବଦଳି ପାଇଁ ବିକ୍ଷୋଭ ପ୍ରଦର୍ଶନ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାରଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା। ପରେ ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲା ପାଳଙ୍କ ନିକଟରେ ଅଭିଯୋଗ କରାଯିବା ପରେ କୌଣସି କାର୍ଯ୍ୟାନୁଷ୍ଠାନ ନହେବାରୁ ଏହି ସାମୁହିକ ଧାରଣା ଆରମ୍ଭ ହୋଇଥିଲା। ଏହି ଧାରଣାକୁ ସ୍ଥାନୀୟ ବିଧାୟକ ପ୍ରଦୀପ କୁମର ସାହୁ, ବିଜେଡି ର ବୋଲଗଡ଼ ବ୍ଲକ ସଭାପତି ତଥା ପୂର୍ବତନ ବ୍ଲକ ଅଧକ୍ଷ ବାନାମ୍ବର ମାଝୀ, ସ୍ଥାନୀୟ ପଂଚାୟତ ସମିତି ଅଧକ୍ଷା ହୁଲ୍ଲାସ ପ୍ରଧାନ, ଉପାଧକ୍ଷ ରମେଶ ଚନ୍ଦ୍ର ସାହୁ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ଛୋଟରାୟ,ସୁବାସ ଚନ୍ଦ୍ର ରାୟଗୁରୁ, ଜିଲ୍ଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ଶୁଭେନ୍ଦୁ କୁମାର ସାହୁ ଓ ବିଭିନ୍ନ ପଂଚାୟତ ର ସରପଂଚ ଓ ସମିତି ସଭ୍ୟ ଓ ପ୍ରତିନିଧିମାନେ ଧାରଣାରେ ଯୋଗଦେଇ ଦେଇ ବିଡ଼ିଓ ସୁମନ ସୁଦ୍ଧା କୁଣ୍ଡୁଙ୍କୁ ତୁରନ୍ତ ବଦଳି କରାଯିବାକୁ ପ୍ରଶାସନ ତଥା ସରକାର ପଦକ୍ଷେପ ନେବାକୁ ଦାବି କରୁଛନ୍ତି।

ଏଥିରେ ଧାରଣା ସ୍ଥଳରେ ଆଜି ବେଗୁନିଆଁ ବ୍ଲକ ଅଂଚଳର କେତକ ପଂଚାୟତ ପ୍ରତିନିଧି ମାନେ ପହଁଚି ଧାରଣାରେ ସାମିଲ ହୋଇଥିଲେ। ଏହି ଧାରଣାରେ ଭିନ୍ନ ଭିନ୍ନ ଦିନ ରେ ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ପକ୍ଷରୁ ସଦସ୍ୟମାନେ ଆସି ଜନବିରୋଧି ବିଡ଼ିଓ ବଦଳି ଦାବୀ ଆନ୍ଦୋଳନକୁ ସମର୍ଥନ ଜଣାଇ ଥିଲେ। ତେବେ ଆନ୍ଦୋଳନକୁ ୯ଦିନ ବିତିଥିଲେ ମଧ୍ୟ ଆନ୍ଦୋଳନକାରୀଙ୍କ ପାଖରେ ଜିଲ୍ଲାର କୌଣସି ଅଧିକାରୀ ନପହଁଚିବା ଘଟଣା ବେଶ ଚର୍ଚ୍ଚାର ବିଷୟ ପାଲଟିଛି। କାହା ଚାପରେ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଚାପି ହୋଇରହିଛନ୍ତି ତାହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଆରମ୍ଭ ହେଲା +୨ ପରୀକ୍ଷା



ଭୁବନେଶ୍ୱର, ୧୮।୨(ସମିସ): ସାରା ରାଜ୍ୟରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପରିଚାଳିତ ଯୁକ୍ତ ୨ ପରୀକ୍ଷା ଆଜିଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ବିଜ୍ଞାନ ବିଭାଗ ଛାତ୍ରଛାତ୍ରୀଙ୍କ ଏମ୍‌ଆଇଏଲ୍ (ଓଡ଼ିଆ) ପରୀକ୍ଷା ଅନୁଷ୍ଠିତ ହୋଇଥିବାବେଳେ ଶାନ୍ତି ଶୃଙ୍ଖଳାର ସହ ପରୀକ୍ଷା ଶେଷ ହୋଇଛି। ଓଡ଼ିଆରେ କୌଣସି ପିଲା ଏକ୍ସ ଫେଲ୍ ହୋଇ ନାହାନ୍ତି। ପରୀକ୍ଷାରେ କୌଣସି ବିଭ୍ରାଟ ମଧ୍ୟ ଦେଖାଦେଇ ନାହିଁ। ସେହିପରି ମୋଟ୍ ୯୬ ହଜାର ୯୨୯ ଜଣ ପିଲା ଓଡ଼ିଆ ପରୀକ୍ଷା ଦେଇଥିବାବେଳଏ ମାତ୍ର ୧୫୭ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଛନ୍ତି।

### ଓଡ଼ିଆ ପରୀକ୍ଷାରେ ୧୫୭ ଅନୁପସ୍ଥିତ

ପ୍ରଥମ ଦିନରେ ମୋଟ୍ ୨୧୧ ଟି ହବ୍‌ରୁ କଡ଼ା ସୁରକ୍ଷା ମଧ୍ୟରେ ପ୍ରଶ୍ନପତ୍ର ବାହାରି ସମସ୍ତ ୧୩୬୪ ଟି ପରୀକ୍ଷା କେନ୍ଦ୍ରରେ ସକାଳ ସାଢ଼େ ୮ ସୁଦ୍ଧା ପ୍ରଶ୍ନପତ୍ର ପ୍ୟାକେଟ୍ ପହଞ୍ଚିଥିଲା। ପଞ୍ଚସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା କଡ଼ାକଡ଼ି ଭାବେ କପି ଯାଞ୍ଚ କରିଥିବାବେଳେ କେଣ୍ଟ୍ରାଲ୍ ସ୍କ୍ୱାଡ୍ ଅତର୍କିତ ଯାଞ୍ଚ କରିଥିଲେ। ପରୀକ୍ଷା ସରିବା ପୂର୍ବରୁ ପ୍ରଶ୍ନପତ୍ର ଯେପରି ବାହାରକୁ ନ ଆସିବ, ସେଥିପାଇଁ ମୋବାଇଲ୍ ପରୀକ୍ଷା କେନ୍ଦ୍ର ବାହାରେ ରଖାଯାଇଥିଲା। ପରୀକ୍ଷା ସରିବା ପରେ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଖୁସି ପରିଲକ୍ଷିତ ହୋଇଥିଲା। ଆଶାନୁରୂପ ପ୍ରଶ୍ନପତ୍ର ଆସିଥିବା କହି ଅନେକ ଛାତ୍ରଛାତ୍ରୀ ଖୁସି ବ୍ୟକ୍ତ କରିଛନ୍ତି। ଆସନ୍ତାକାଲି ଧନ୍ଦାମୂଳକ ଛାତ୍ରଛାତ୍ରୀଙ୍କ ପରୀକ୍ଷା ରହିଥିବାବେଳେ ତା ପର ଦିନ ଅର୍ଥାତ୍ ଶୁକ୍ରବାର ଠାରୁ କଳା ଓ ବାଣିଜ୍ୟ ପିଲାଙ୍କ ଏମ୍‌ଆଇଏଲ୍ (ଓଡ଼ିଆ) ପରୀକ୍ଷା ଅନୁଷ୍ଠିତ ହେବ।

## ସ୍ୱାମୀ ସାଜିଲା ଦାନବ

# ଶଶୁର ଘରେ ସ୍ତ୍ରୀକୁ ଜାଳିଦେବାକୁ ଉଦ୍ୟମ

ବାଲିଆପାଳ, ୧୮।୨ (ସମିସ): ସ୍ୱାମୀ ସାଜିଲା ଦାନବ। ଶଶୁର ଘରେ ସ୍ତ୍ରୀକୁ ପେଟ୍ରୋଲ ଢାଳି ନିଆଁ ଲଗାଇ ହତ୍ୟା କରିବାକୁ ଉଦ୍ୟମ କରି ଗିରଫ ହୋଇଛି। ତେବେ ଝିଅକୁ ବଞ୍ଚାଇବାକୁ ଯାଇ ବାପା ପୋଡ଼ି ହୋଇ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ନାରାୟଣପୁର ଗ୍ରାମରେ ଗତକାଲି ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି।

### ଝିଅକୁ ବଞ୍ଚାଇବାକୁ ଯାଇ ବାପା ଗୁରୁତର

ପୁଲିସ ସୂଚନା ଅନୁଯାୟୀ, ଗ୍ରାମର ରାଜେନ୍ଦ୍ର ସାମନ୍ତରାୟ ତାଙ୍କ ଝିଅ ଯୋଗମାୟାଙ୍କୁ ସୋର ଅଞ୍ଚଳ ମାଳତ୍ରୀ ଗ୍ରାମର କରୁଣାକର କବିଙ୍କ ସହ ୭ ବର୍ଷ ପୂର୍ବେ ବିବାହ ଦେଇଥିଲେ। ସ୍ୱାମୀ ତାଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗ କରି ଯୋଗମାୟା ଆଇନର ଆଶ୍ରୟ ନେଇଥିଲେ। ଏକ ମାସ ହେବ ସେ ନିର୍ଯାତନା ସହି ନ ପାରି ଲୁଚିକରି ବାପ ଘରକୁ ପଳାଇ ଆସିଥିଲେ। ମଙ୍ଗଳବାର ରାତିରେ କରୁଣାକର ଶଶୁର ଘରକୁ ଆସି ସ୍ତ୍ରୀ ଯୋଗମାୟା ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇବାକୁ ଉଦ୍ୟମ କରିଥିଲା। ଏଥିରେ ଯୋଗମାୟା ବର୍ତ୍ତିଯାଇଥିବା ବେଳେ ତାଙ୍କୁ ବଞ୍ଚାଇବାକୁ ଯାଇ ରାଜେନ୍ଦ୍ରଙ୍କ ଶରୀରର ୪୦% ପୋଡି ଯାଇଥିଲା। ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଗ୍ରାମବାସୀ ଅଭିଯୁକ୍ତ କରୁଣାକରକୁ ଧରି ଥାନା ଜିମା ଦେଇଥିଲେ। ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଆଜିଠୁ ମାଟ୍ରିକ ପରୀକ୍ଷା

# ଏଆଇ ନଜରରେ ୫.୬ ଲକ୍ଷ ପରୀକ୍ଷାର୍ଥୀ

କଟକ,୧୮।୨(ସମିସ): ଆସନ୍ତାକାଲି ଫେବୃଆରୀ ୧୯ରୁ ସାରା ରାଜ୍ୟରେ ଆରମ୍ଭ ହେଉଛି ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ବା ମାଟ୍ରିକ ପରୀକ୍ଷା। ପ୍ରଥମ ଦିନରେ ପରୀକ୍ଷାର୍ଥୀମାନେ ମାତୃଭାଷା ଓଡ଼ିଆ ବିଷୟରେ ପରୀକ୍ଷା ଦେବେ। ଏହି ପରୀକ୍ଷା ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଚଳିତ ବର୍ଷ ରାଜ୍ୟର ମୋଟ ୩୦୮୨ଟି କେନ୍ଦ୍ରରେ ୫ ଲକ୍ଷ ୬୧ ହଜାର ୯୭୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ପ୍ରସ୍ତୁତ ହୋଇଛନ୍ତି। ପରୀକ୍ଷା ସକାଳ ୯ଟାରୁ ଆରମ୍ଭ ହୋଇ ୧୧.୩୦ ମିନିଟ୍ ପର୍ଯ୍ୟନ୍ତ ଚାଲିବ। ତେବେ ଜରୁରୀକାଳୀନ ପରିସ୍ଥିତି ପାଇଁ ପରୀକ୍ଷାର୍ଥୀଙ୍କୁ କେନ୍ଦ୍ରରେ ପ୍ରବେଶ ପାଇଁ ଅତିରିକ୍ତ ୧୫ ମିନିଟ୍ ସମୟ ପ୍ରଦାନ କରାଯାଇଛି। ଚଳିତ ବର୍ଷ ପରୀକ୍ଷାରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ବୋର୍ଡ ପକ୍ଷରୁ ଅଭୂତପୂର୍ବ ବ୍ୟବସ୍ଥା କରାଯାଇଛି। ସମସ୍ତ ୩୦୮୨ଟି ପରୀକ୍ଷା କେନ୍ଦ୍ର ସିସିଟିଭି ନଜରରେ ରହିବ। ବିଶେଷ କରି ୩୨୨ଟି ନୋଡାଲ ସେଣ୍ଟରରେ 'ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ' (ଏଆଇ) କ୍ୟାମେରା ଏବଂ ଅନ୍ୟ କେନ୍ଦ୍ରଗୁଡ଼ିକରେ ହାଇଡେଫିନେସନ (ଏଚଡି) କ୍ୟାମେରା ଲଗାଯାଇଛି। ଏହି ସମସ୍ତ କ୍ୟାମେରାର ଲାଇଭ୍ ଫିଡ୍ ବୋର୍ଡର କେନ୍ଦ୍ରୀୟ କମାଣ୍ଡ କଣ୍ଟ୍ରୋଲ ରୁମ୍ ସହ ସଂଯୋଗ ହୋଇଛି। କଣ୍ଟ୍ରୋଲ ରୁମ୍‌ରେ ୧୫ଟି ବଡ଼ ଏଲଇଡି ସ୍କ୍ରିନ୍ ମାଧ୍ୟମରେ ୨୦ରୁ ଅଧିକ

- ପ୍ରଥମ ଦିନ ମାତୃଭାଷା ପରୀକ୍ଷା
- କମାଣ୍ଡ କଣ୍ଟ୍ରୋଲ ରୁମ୍‌ରୁ ହେବ ତଦାରଖ
- କପି ରୋକିବାକୁ ଫ୍ଲାଇଂ ସ୍କ୍ୱାଡ୍ ପ୍ରସ୍ତୁତ

ଟେକ୍ନିସିଆନ୍ ଓ ବୋର୍ଡ ଅଧିକାରୀମାନେ ପ୍ରତିଟି ଗତିବିଧି ଉପରେ କଡ଼ା ନଜର ରଖିବେ। ସେହିପରି ପରୀକ୍ଷା କେନ୍ଦ୍ରକୁ ମୋବାଇଲ୍ ଫୋନ୍ କିମ୍ବା କୌଣସି ବୈଦ୍ୟୁତିକ ସରଞ୍ଜାମ ନେବା ଉପରେ ସମ୍ପୂର୍ଣ୍ଣ କଟକଣା ଜାରି କରାଯାଇଛି। କେବଳ ପରୀକ୍ଷାର୍ଥୀ ନୁହନ୍ତି, କେନ୍ଦ୍ରରେ ନିୟୋଜିତ ଶିକ୍ଷକମାନେ ମଧ୍ୟ ପରୀକ୍ଷା ସମୟରେ ମୋବାଇଲ୍ ବ୍ୟବହାର କରିପାରିବେ ନାହିଁ। କପି ରୋକିବା ପାଇଁ ଜିଲ୍ଲାସ୍ତରରେ ସ୍ୱତନ୍ତ୍ର ଫ୍ଲାଇଂ ସ୍କ୍ୱାର୍ଡ ଗଠନ କରାଯାଇଛି ଏବଂ ସମ୍ବେଦନଶୀଳ କେନ୍ଦ୍ରଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ପ୍ରଶ୍ନପତ୍ରର ସୁରକ୍ଷା ପାଇଁ ସମସ୍ତ ନୋଡାଲ ସେଣ୍ଟରରେ ପର୍ଯ୍ୟାପ୍ତ ପୁଲିସ ବନ୍ଦୋବସ୍ତ କରାଯାଇଥିବା ବୋର୍ଡ ସଭାପତି ସୂଚନା ଦେଇଛନ୍ତି। ଛାତ୍ରଛାତ୍ରୀଙ୍କୁ ମାନସିକ ଭାବେ ଉତ୍ସାହିତ କରିବା ପାଇଁ ଅନେକ ସେଣ୍ଟରରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। କଟକର ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ ପକ୍ଷରୁ ପରୀକ୍ଷାର୍ଥୀଙ୍କୁ ସ୍ୱାଗତ କରିବା ପାଇଁ ପ୍ରସ୍ତୁତି କରାଯାଇଛି। ଭିନ୍ନକ୍ଷମ ପରୀକ୍ଷାର୍ଥୀଙ୍କ ପାଇଁ ଗ୍ରାଉଣ୍ଡ ଫ୍ଲୋରରେ ସିଟିଂ ଆରେଞ୍ଜମେଣ୍ଟ୍ ଓ ଅନ୍ୟାନ୍ୟ ଆବଶ୍ୟକୀୟ ସୁବିଧା ଯୋଗାଇ ଦିଆଯାଇଛି। ଛାତ୍ର ଓ ଛାତ୍ରୀଙ୍କ ଯାଞ୍ଚ ପାଇଁ ପୃଥକ ବ୍ୟବସ୍ଥା କରାଯାଇଛି। ପରୀକ୍ଷା ପୂର୍ବରୁ ସଠିକ୍ ସମୟରେ କେନ୍ଦ୍ରରେ ପହଞ୍ଚିବାକୁ ଏବଂ ଆଡମିଟ୍ କାର୍ଡ ସହ ସମସ୍ତ ନିୟମ ପାଳନ କରିବାକୁ ବୋର୍ଡ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି।

## ଠିକା କଂପାନୀକୁ ମିଳିଲାନି ସାଢ଼େ ୯ କୋଟିର କ୍ଷତିପୂରଣ ଅର୍ଥ

# ରାଜସ୍ୱ ପର୍ଷଦ ଜମି ରେକର୍ଡ ଓ ଯୋବ୍ରା ଭୂ-ବନ୍ଦୋବସ୍ତ କାର୍ଯ୍ୟାଳୟରେ ଝୁଲିବ ତାଲା !

କଟକ,୧୮।୨(ସମିସ): ତହସିଲ ରେକର୍ଡ ରୁମ୍ ଆଧୁନିକୀକରଣ କାର୍ଯ୍ୟ କରିଥିବା ଏକ ଠିକା ସଂସ୍ଥାକୁ ରାଜସ୍ୱ ବିଭାଗ ଟଙ୍କା ନ ଦେବା କାରଣରୁ ରାଜସ୍ୱ ପର୍ଷଦର ଜମି ରେକର୍ଡ ଓ ସର୍ଭେ ନିର୍ଦ୍ଦେଶକଙ୍କ ଅଫିସ ଏବଂ ଯୋବ୍ରାସ୍ଥିତ ଭୂ-ବନ୍ଦୋବସ୍ତ(ସେଟଲ୍‌ମେଣ୍ଟ) କାର୍ଯ୍ୟାଳୟର ସମସ୍ତ ସମ୍ପତ୍ତି ଆଟାଚ୍ ହେବାକୁ ଯାଉଛି। କଟକ ବରିଷ୍ଠ ସିଭିଲ ଜଜ୍ (କମର୍ସିଆଲ୍) ଅଦାଲତଙ୍କ ନିର୍ଦ୍ଦେଶ ଅନୁସାରେ ଏହି ସମ୍ପତ୍ତି ସହିତ ଏକ ବ୍ୟାଙ୍କ ଆକାଉଣ୍ଟ ଜବତ ପାଇଁ ନିର୍ଦ୍ଦେଶ ରହିଥିଲା। ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପାଇଁ ଆଜି ପଦକ୍ଷେପ ନିଆଯାଇଥିଲା। ତେବେ ବର୍ତ୍ତମାନ ବିଧାନସଭା ଚାଲିଥିବାରୁ ଆବଶ୍ୟକ ପୁଲିସ ଫୋର୍ସ ଯୋଗାଇବାକୁ କଟକ ଡିସିପି ଅସହାୟତା ପ୍ରକାଶ କରି ଆଉ ଗୋଟିଏ ତାରିଖ ଧାର୍ଯ୍ୟ କରିବାକୁ ଅନୁରୋଧ କରିବାରୁ ଜବତ ପ୍ରକ୍ରିୟା ସାମୟିକ ଭାବେ ସ୍ଥଗିତ ରଖାଯାଇଛି।

ସୂଚନା ଅନୁସାରେ, ରାଜ୍ୟର ତହସିଲଗୁଡିକର ରେକର୍ଡରୁମ୍‌ର ଆଧୁନିକୀକରଣ କରାଯିବାକୁ ୨୦୧୨ ମସିହାରେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ସିଲ୍‌ଭାସା ଇନ୍‌ଫୋଟେକ୍ ପ୍ରାଇଭେଟ ଲିମିଟେଡକୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇ ୩ ମାସ ଭିତରେ ଶେଷ କରିବାକୁ ସର୍ତ୍ତ ରଖାଯାଇଥିଲା। ଧାର୍ଯ୍ୟ ସମୟ ସୁଦ୍ଧା କାମ ଆରମ୍ଭ ହୋଇପାରୁ

### ସମ୍ପତ୍ତି ଓ ବ୍ୟାଙ୍କ ଆକାଉଣ୍ଟ ଆଟାଚ୍ ନିର୍ଦ୍ଦେଶ କାର୍ଯ୍ୟକାରୀ ସାମୟିକ ସ୍ଥଗିତ

ନ ଥିବାରୁ ସରକାରଙ୍କୁ ଅବଧି ବଢ଼ାଇବାକୁ କମ୍ପାନୀ ଅନୁରୋଧ କରି ନିରାଶ ହୋଇଥିଲା ବେଳେ ସରକାର ସଂସ୍ଥାକୁ କଳା ତାଲିକାଭୁକ୍ତ କଲେ। ତେବେ ଏହାକୁ କଂପାନୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିବାରୁ ୨୦୧୫ରେ କଳାତାଲିକାରୁ ଏହି ସଂସ୍ଥାର ନାମ ହଟାଯିବା ପରେ ୨୦୧୭ରେ କାମ ଶେଷ ହୋଇଥିଲା। ତେବେ ସମ୍ପୃକ୍ତ ସଂସ୍ଥାକୁ ଚୂଡ଼ାନ୍ତ ବିଲ୍ ପୈଠ କରା ନ ଯାଇ ରାଜସ୍ୱ ବିଭାଗ ପକ୍ଷରୁ ୮୦ଲକ୍ଷ ୩୫ ହଜାର ୯୧୩ ଟଙ୍କାର ଜରିମାନା ଲଗାଯାଇଥିଲା। ମଧ୍ୟସ୍ଥତା ଜରିଆରେ କ୍ଷତିପୂରଣ ରାଶି ୭ କୋଟି ୪୬ ଲକ୍ଷ ୪୫ ହଜାର ୨୨୭ ଟଙ୍କା ଧାର୍ଯ୍ୟ କରାଯାଇଥିଲେ ସୁଦ୍ଧା ବିଭାଗ ପକ୍ଷରୁ ଏହା ଦିଆ ନ ଯିବାରୁ ସଂପୃକ୍ତ ସଂସ୍ଥା କଟକ ବରିଷ୍ଠ ସିଭିଲ ଜଜ୍ (କମର୍ସିଆଲ୍) ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲା। ଆବେଦନର ଶୁଣାଣି କରି ଅଦାଲତ ମୂଳ କ୍ଷତିପୂରଣ ରାଶି ସହିତ ୧୦ ପ୍ରତିଶତ ସୁଧ ମିଶାଇ ଉକ୍ତ କଂପାନୀକୁ ମୋଟ ୯କୋଟି ୪୪ଲକ୍ଷ ୪୧ହଜାର ୫୫୦ ଟଙ୍କା ପ୍ରଦାନ କରିବାକୁ ଗତ ଜାନୁଆରୀ ୧୩ ତାରିଖରେ ନିର୍ଦ୍ଦେଶ ଦେଇଥିଲେ। ଟଙ୍କା ପୈଠ କରା ନ ଯିବାରୁ ଆବେଦନକାରୀଙ୍କ ଦାବି ଅନୁସାରେ ରାଜସ୍ୱ ପର୍ଷଦର ଜମି ରେକର୍ଡ ଓ ସର୍ଭେ ନିର୍ଦ୍ଦେଶକଙ୍କ ଅଫିସର ସମସ୍ତ ଉପକରଣ ସହିତ ଯୋବ୍ରା ସେଟଲମେଣ୍ଟ କାର୍ଯ୍ୟାଳୟର ସଂପତ୍ତି ଆଟାଚ୍ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଜ୍ୟୋତିର୍ମୟ ପ୍ରସାଦ ବେହେରା ମାମଲା ପରଚାଳନା କରୁଛନ୍ତି।

# ହାଟପଦାରେ ଦିନ ଦ୍ୱିପ୍ରହରରେ ଛୁରାମାଡ଼

ବରଗଡ଼,୧୮।୨(ସମିସ): ବରଗଡ଼ ସହର ପୁଣି ଅଶାନ୍ତ ହୋଇଛି। ଅଳ୍ପଦିନ ପୂର୍ବରୁ ଗୋଷ୍ଠୀ ସଂଘର୍ଷ ଓ ସର୍ବସମ୍ମୁଖରେ ମାର ହାଣ ଘଟଣା ପରେ ବୁଧବାର ହାଟପଦା ଅଞ୍ଚଳରେ ଦିନ ଦ୍ୱିପ୍ରହରରେ ଛୁରାମାଡ ଘଟଣା ସହରରେ ଆତଙ୍କ ସୃଷ୍ଟି



କରିଛି। ସୂଚନାନୁଯାୟୀ, ବିହାରୀ ହୋଟେଲ ମାଲିକ ଉଦ୍ଧବ ଡାଙ୍ଗଙ୍କ ପୁଅ ନବକିଶୋର ଡାଙ୍ଗଙ୍କୁ କିଛି ଦୁର୍ବୃତ୍ତ ଛୁରାମାଡ କରିଛନ୍ତି। ଏଥିରେ ନବକିଶୋର ଗୁରୁତର ଆହତ ହୋଇଥିବା ଅଭିଯୋଗ ହୋଇଛି। ଘଟଣା ସମୟରେ ପୁଲିସ ସେ ଅଞ୍ଚଳରେ ଉପସ୍ଥିତ ଥିବା ସତ୍ତ୍ୱେ ଏପରି ଘଟଣା ଘଟିଥିବାରୁ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଛି। ଆହତ ନବକିଶୋର ଡାଙ୍ଗଙ୍କୁ ତୁରନ୍ତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ଚିକିତ୍ସା ହୋଇଛି। ଆଜି ଆହତ ଯୁବକ ଓ ପଡାବାସୀ ଟାଉନ ଥାନାକୁ ଯାଇ ଘଟଣା ସମ୍ବନ୍ଧରେ ଲିଖିତ ଅଭିଯୋଗ ଦାଖଲ କରିଥିଲେ।

### ହୋଟେଲ ମାଲିକଙ୍କ ପୁଅ ଗୁରୁତର

କିଛିଦିନ ପୂର୍ବରୁ ଅଞ୍ଚଳରେ ଦୁଇ ଗୋଷ୍ଠୀ ମଧ୍ୟରେ ଘଟିଥିବା ସଂଘର୍ଷରେ ଦୁଇ ଯୁବକଙ୍କ ମୃତ୍ୟୁ ଘଟିଥିଲା। ସେହି ଘଟଣା ପରେ ମଧ୍ୟ ଅଞ୍ଚଳରେ ଅସନ୍ତୋଷ ଜାରି ରହିଥିବା ସୂଚନା ମିଳିଛି। ନିଶା କାରବାରକୁ କେନ୍ଦ୍ର କରି ଏପରି ଘଟଣାର ପୁନରାବୃତ୍ତି ହେଉଥିବାରୁ ସ୍ଥାନୀୟ ବାସିନ୍ଦା ପୁଲିସ ବିଭାଗର କାର୍ଯ୍ୟ ଦକ୍ଷତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ହାଟପଦା ଅଞ୍ଚଳରେ ଆଇନ ଶୃଙ୍ଖଳାର ସୁଧାର ଓ ନିଶା କାରବାର ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି। ତେବେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

# 'ପଲଙ୍କ' ଗଲା ସାତକୋଶିଆ

ଭୁବନେଶ୍ୱର,୧୮।୨(ସମିସ): ଭରତପୁର ଜଙ୍ଗଲରେ ୧୨ ଘଣ୍ଟା ଧରି ଅପରେସନ ପରେ ଟ୍ରାଙ୍କୁଲାଇଜ ହେଲା ଦନ୍ତା ହାତୀ 'ପଲଙ୍କ'। ଏହି ହାତୀର ଲଗାତାର ଭାବେ ଆଚରଣରେ ଭିନ୍ନତା ଆସୁଥିବା ହେତୁ ଏହାର ଗତିବିଧି ଉପରେ ନଜର ରଖିବାକୁ ବନ ବିଭାଗ ଯୋଜନା କରିଛି। ତେଣୁ ଟ୍ରାଙ୍କୁଲାଇଜ୍ କରି ହାତୀର ବେକରେ 'ରେଡିଓ କଲାର' ଲଗାଯାଇଛି। ଫଳରେ

### ଟ୍ରାଙ୍କୁଲାଇଜ୍ ପରେ ଲାଗିଲା ରେଡିଓ କଲାର

ଏଣିକି ପଲଙ୍କର ଗତିବିଧି ଉପରେ ସମ୍ପୂର୍ଣ୍ଣ ନଜର ରଖିବାକୁ ବନ ବିଭାଗ ସକ୍ଷମ ହୋଇଛି। ଏହି ସମସ୍ତ କାର୍ଯ୍ୟପରେ ହାତୀକୁ ସୁରକ୍ଷିତ ଭାବେ ଅନୁଗୋଳର ସାତକୋଶିଆ ଜଙ୍ଗଲକୁ ସ୍ଥାନାନ୍ତର କରାଯାଇଛି ।

ଡିଏଫଓ ବିନୋଦ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଚନ୍ଦକା ଡିଭିଜନ ଓ ଭୁବନେଶ୍ୱର ଆର୍‌ଆରଟି ଟିମ୍ ମଙ୍ଗଳବାର ବିଳମ୍ବିତ ରାତିରେ ପଲଙ୍କକୁ ଟ୍ରାଙ୍କୁଲାଇଜ କରିଥିଲେ। ଏହାପରେ ତା ବେକରେ ରେଡିଓ କଲାର ଲଗାଯିବା ସହ ଟ୍ରକ୍‌ରେ ନେଇ ସାତକୋଶିଆରେ ଛଡ଼ାଯାଇଥିଲା। କିଛି ଦିନ ହେଲା ଭରତପୁର ଜଙ୍ଗଲରେ ଦନ୍ତାହାତୀ ପଲଙ୍କ ଉତ୍ପାତ କରୁଥିଲା। ବନ ବିଭାଗ ଜାଣିବା ପରେ ଟ୍ରାଙ୍କୁଲାଇଜ କରିବା ପାଇଁ ୩୦ରୁ ଅଧିକ ବନ କର୍ମଚାରୀ ଲାଗିଥିଲେ। ଏହି କାର୍ଯ୍ୟପାଇଁ ପ୍ରାୟ ୧୨ ଘଣ୍ଟା ଧରି ଟିମ୍‌କୁ ନାକେଦମ ହେବାକୁ ପଡ଼ିଥିଲା।

ପଲଙ୍କ ଭରତପୁର ଜଙ୍ଗଲରେ ରାଜ୍ କରିବା ସହ ବାରମ୍ବାର ସହରମୁହାଁ ହେଉଥିଲା। କେତେବେଳେ ପଥରଗଡ଼ିଆ ପଟେ ପାଚେରୀ ଭାଙ୍ଗି ଶିଖରଚଣ୍ଡୀ



ମୁଣ୍ଡିଆ ତ ଆଉ କେତେବେଳେ ଏକାମ୍ର ପାର୍କ ଭିତରେ ପଶି ଭଙ୍ଗାରୁଜା କରୁଥିଲା। ବାରମ୍ବାର ପଲଙ୍କ ଏପରି କରିବାରୁ ତାକୁ ଟ୍ରାଙ୍କୁଲାଇଜ୍ କରି ବେକରେ ରେଡିଓ କଲାର ବାନ୍ଧିବା ପାଇଁ ବନବିଭାଗ ଯୋଜନା କରିଥିଲା। ଚନ୍ଦକା ଡିଏଫ୍‌ଓଙ୍କ ନେତୃତ୍ୱରେ ଏସିଏଫ୍, ବନବିଭାଗର କର୍ମଚାରୀ, ଓୟୁଏଟି ଓ ନନ୍ଦନକାନନର ଟ୍ରାଙ୍କୁଲାଇଜ୍ ଟିମ୍‌କୁ ମିଶାଇ ପ୍ରାୟ ୩୦ ଜଣ ଏହି ଅପରେସନରେ ସାମିଲ ହୋଇଥିଲେ।

## ବଜେଟ ଅର୍ଥ ଖର୍ଚ୍ଚ କରି ପାରୁନାହାନ୍ତି ସରକାର

# ଆର୍ଥିକ ବର୍ଷର ୧୦ ମାସ ପରେ ମାତ୍ର ୫୭% ଖର୍ଚ୍ଚ: କଂଗ୍ରେସ

ଭୁବନେଶ୍ୱର,୧୮।୨(ସମିସ): ଚଳିତ ଆର୍ଥିକ ବର୍ଷ ସରିବାକୁ ମାତ୍ର ଆଉ ଦୁଇଟି ମାସ ବାକି ଅଛି; କିନ୍ତୁ ରାଜ୍ୟ ସରକାର ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ କରିଥିବା ବଜେଟ୍ ବରାଦର ୫୦% ବି ଖର୍ଚ୍ଚ କରିପାରି ନାହାନ୍ତି । ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାର ୨ ଲକ୍ଷ ୯୦ ହଜାର କୋଟି ଟଙ୍କାର ବଜେଟ ପ୍ରସ୍ତାବ ବିଧାନସଭାରେ ପାରିତ କରିଥିଲେ। କିନ୍ତୁ ୨୦୨୬ ଜାନୁୟାରୀ ମାସ ଶେଷ ସୁଧା ମାତ୍ର ୧ ଲକ୍ଷ ୬୩ ହଜାର ୬୬୪ କୋଟି ଟଙ୍କା ବ୍ୟୟ କରିବାକୁ ସମର୍ଥ ହୋଇଛନ୍ତି। ୧୦ ମାସରେ ବଜେଟ ବରାଦର ୫୭ ପ୍ରତିଶତ ଖର୍ଚ୍ଚ ହୋଇଥିବାବେଳେ ଆଉ ଦୁଇମାସରେ କିପରି ୪୩% ଅର୍ଥ ଖର୍ଚ୍ଚ ହେବ ବୋଲି ପ୍ରଶ୍ନ କରିଛି କଂଗ୍ରେସ। ଏହା ସହିତ ରାଜ୍ୟ ସରକାରଙ୍କୁ ଅପଦାର୍ଥ ଓ ବିକାଶ ବିରୋଧୀ ବୋଲି ମଧ୍ୟ କଂଗ୍ରେସ ଅଭିଯୋଗ କରିଛି।

ଧାନ କିଣା ସମସ୍ୟା ଓ ବିଧାନସଭାରେ ରାଜ୍ୟପାଳଙ୍କ ଅଭିଭାଷଣ ପ୍ରସଙ୍ଗକୁ ନେଇ ଆଜି ସରକାରଙ୍କୁ କାଠଗଡ଼ାରେ ଠିଆ କରିଛି କଂଗ୍ରେସ। ସ୍ଥାନୀୟ କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି ଯେ ରାଜ୍ୟରେ ସମୁଦାୟ ଋଣ



ଭାର ୨୦୨୬-୨୭ ସୁଧା ୧ ଲକ୍ଷ ୫୦ ହଜାର କୋଟି ଟଙ୍କା ଛୁଇଁବ। ରାଜ୍ୟର ଋଣ ଭାର ବିଗତ ୨ ବର୍ଷ ମଧ୍ୟରେ ଦୁଇଗୁଣ ହେବାକୁ ବସିଛି। ଚାଷୀମାନଙ୍କ ପାଖରୁ ଧାନ ଉଠାଯାଉନାହିଁ। ଚାଷୀଙ୍କ କଥା ଏ ସରକାର ଶୁଣୁନାହିଁ। ବିଧାନସଭାରେ ରାଜ୍ୟପାଳଙ୍କ ମୁହଁରେ ସରକାର ସମ୍ପୂର୍ଣ୍ଣ ମିଛ କୁହାଇଛନ୍ତି ବୋଲି ଶ୍ରୀ ସାଲୁଜା କହିଛନ୍ତି । ଅନୁରୂପ ଭାବରେ ବିଧାୟକ ପବିତ୍ର ସାଉଁତା ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଚରମସୀମାରେ ପହଂଚି ସାରିଛି ବୋଲି କହି ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି। ରାଜ୍ୟ ସରକାର ବଜେଟ ରାଶି ଖର୍ଚ୍ଚ କରିପାରୁ ନ ଥିବାବେଳେ କାହିଁକି ସପ୍ଲିମେଂଟାରୀ ବଜେଟ ଆଣିଥିଲେ ବୋଲି ସେ ପ୍ରଶ୍ନ କରିଛନ୍ତି ।

ଦଳର ମୁଖପାତ୍ର ରଜନୀ ମହାନ୍ତି କହିଛନ୍ତି ଯେ ରାଜ୍ୟ ସରକାର ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଓ ଉତ୍ତର ଓଡ଼ିଶା ବିକାଶ ପରିଷଦ ଗଠନ ପାଇଁ ଘୋଷଣା କରିଛନ୍ତି। ଏଥିପାଇଁ ୨୦୦ କୋଟି ଟଙ୍କା ବଜେଟ ବରାଦ ବି କରିଥିଲେ। କିନ୍ତୁ ବର୍ଷ ପୂରିଗଲା, ଏଥିରୁ ୨ କୋଟି ବି ଖର୍ଚ୍ଚ ହୋଇ ପାରିଲା ନାହିଁ । ସେହିପରି ନଦୀ ଜଳକୁ ସଂରକ୍ଷଣ କରିବା ପାଇଁ ୮୮୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା, କିନ୍ତୁ ଏହି ସମୟ ମଧ୍ୟରେ କୌଣସି ଗୋଟିଏ ନଦୀରେ ଜଳ ସଂରକ୍ଷଣ କରିବା ପାଇଁ

### ଡ଼ବ୍ଲୁଡ଼ିସିର ୨୦୦ କୋଟିରୁ ଖର୍ଚ୍ଚ ହୋଇନାହିଁ ୨ କୋଟି

କାର୍ଯ୍ୟ ଆରମ୍ଭ ହୋଇନାହିଁ। ରାଜ୍ୟରେ ମଡେଲ ମଣ୍ଡି କରିବା ପାଇଁ ୫୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା କିନ୍ତୁ ଏ ପର୍ଯ୍ୟନ୍ତ କେଉଁଠି ମଡେଲ ମଣ୍ଡି ହୋଇଛି ତାହା ସରକାର ନିଜେ ଜାଣନ୍ତି ନାହିଁ। ଶିକ୍ଷା, ମହିଳା ଓ ଶିଶୁ ବିକାଶ, ଗ୍ରାମାଞ୍ଚଳ ବିକାଶ ଓ ସ୍ୱାସ୍ଥ୍ୟ କ୍ଷେତ୍ର ଭଳି ବିଭାଗରେ ମାତ୍ର ୪୪ ରୁ ୫୦ ପ୍ରତିଶତ ଖର୍ଚ୍ଚ ହୋଇଛି। ଏ ପର୍ଯ୍ୟନ୍ତ ଏକ ସିଂହ ବାଘ ଅର୍ଥ ଖର୍ଚ୍ଚ ନ ହୋଇ ପଡ଼ିରହିଛି ବୋଲି କଂଗ୍ରେସ ଦଳ କହିଛି।




ଦୁବେଙ୍କ ବିସ୍ଫୋରକ ଅର୍ଦ୍ଧଶତକ

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-234 ♦THURSDAY ♦19 FEBRUARY 2026 ♦PAGE-12 ♦₹ 7.00

♦ବର୍ଷ-୪୩ ♦ସଂଖ୍ୟା-୨୩୪ ♦ଗୁରୁବାର ♦୧୯ ଫେବୃଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


# ଇରାନ ଅଭିମୁଖେ ଆମେରିକାର ୫୦ ଲଢୁଆ ଜେଟ୍

**ଏଫ୍-୨୨, ଏଫ୍-୩୫, ଏଫ୍-୧୬ ସାମିଲ**

■ ୱାସିଂଟନ, ୧୮ ।୨ (ଏଜେନ୍ସି): ପରମାଣୁ ଶକ୍ତି ନେଇ ଆମେରିକା ଓ ଇରାନ ମଧ୍ୟରେ ଓମାନ ମଧ୍ୟସ୍ଥତାରେ କଥାବର୍ତ୍ତା ଚାଲିଛି। ତେବେ କଥାବାର୍ତ୍ତାରୁ ବର୍ତ୍ତମାନ ସୁଦ୍ଧା ବିଶେଷ ଉତ୍ସାହଜନକ ଫଳ ମିଳୁନଥିବାରୁ କ୍ଷୁବ୍ଧ ହୋଇଛନ୍ତି ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ। ଇରାନ ଉପରେ ଆକ୍ରମଣ ଉଦ୍ଦେଶ୍ୟରେ ଆମେରିକା ଗତ ୨୪ ଘଣ୍ଟା ମଧ୍ୟରେ ମଧ୍ୟପ୍ରାଚ୍ୟକୁ ୫୦ରୁ ଅଧିକ ଲଢୁଆ ଜେଟ୍‌କୁ ପଠାଇଛି। ଫ୍ଲାଇଟ୍ ଟ୍ରାକିଂ ଡାଟା ଅନୁଯାୟୀ, ଅନେକ ଏଫ୍-୨୨, ଏଫ୍-୩୫ ଓ ଏଫ୍-୧୬ ଫାଇଟର ଜେଟ୍ ମଧ୍ୟ ପ୍ରାଚ୍ୟ ଆଡ଼କୁ ଯାଉଥିବା ରେକର୍ଡ କରାଯାଇଛି। ଏହି ସୂଚନା ମଙ୍ଗଳବାର ଜେନେଭାରେ ଆମେରିକା ଓ ଇରାନ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ସମୟରେ ସାମ୍ନାକୁ ଆସିଛି। ପରମାଣୁ ଚୁକ୍ତି ସହ ଜଡ଼ିତ ପ୍ରସଙ୍ଗରେ ଉଭୟ ଦେଶ ମଧ୍ୟରେ ମତଭେଦ ଜାରି ରହିଛି। ଆମେରିକା ଉପ-ରାଷ୍ଟ୍ରପତି ଜେଡି ଭାନ୍ସ କହିଛନ୍ତି ଯେ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସ୍ଥିର କରାଯାଇଥିବା ସର୍ତ୍ତକୁ ଇରାନ ମାନିବାକୁ ପ୍ରସ୍ତୁତ ନୁହେଁ। ଟ୍ରମ୍ପ ପୂର୍ବରୁ ଚେତାବନୀ ଦେଇଛନ୍ତି ଯେ, ଯଦି ଇରାନ ଦାବି ନମାନେ, ତେବେ ଆମେରିକା ଶକ୍ତି ପ୍ରୟୋଗ କରିବ।

ଫାଇଟର ଜେଟ୍ ସହିତ ଆମେରିକା ଆକାଶମାର୍ଗରେ ଇନ୍ଧନ ଭରିବା ପାଇଁ ଟ୍ୟାଙ୍କର ମଧ୍ୟ ପଠାଇଛି। ଏହା ସହ 'ୟୁଏସ୍ଏସ୍ ଜେରାଲ୍ଡ ଆର୍. ଫର୍ଡ' ଏୟାରକ୍ରାଫ୍ଟ କ୍ୟାରିୟର ଓ ୩ଟି ଗାଇଡ଼େଡ ମିସାଇଲ ଡେଷ୍ଟ୍ରୋୟର ମଧ୍ୟ ପ୍ରାଚ୍ୟ ଅଭିମୁଖେ ଯାତ୍ରା କରୁଛନ୍ତି। ଅନ୍ୟପଟେ ଇରାନ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତୈଳ ମାର୍ଗ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ'ର କିଛି ଅଂଶକୁ ସାମୟିକ ଭାବେ ବନ୍ଦ କରି ସମରାଭ୍ୟାସ ଆରମ୍ଭ କରିଛି। ବିଶ୍ୱର ପ୍ରାୟ ୨୦ ପ୍ରତିଶତ ତୈଳ ଯୋଗାଣ ଏହି ରାସ୍ତା ଦେଇ ହୋଇଥିଲା। ପରାମାଣୁ କାର୍ଯ୍ୟକ୍ରମକୁ ବାଦ୍ ଦେଲେ ଆମେରିକା ଓ ଇରାନ ମଧ୍ୟରେ ବାଲାଷ୍ଟିକ୍ ମିସାଇଲ ପ୍ରସଙ୍ଗରେ ମଧ୍ୟ ବିବାଦ ଅଟିକିଛି। ଇରାନ ଏହାକୁ ନିଜର ସୁରକ୍ଷା ପାଇଁ ଜରୁରୀ ବୋଲି କହି ଏହା ଉପରେ କୌଣସି ଆଲୋଚନା କରିବାକୁ ମନା କରିଦେଇଛି। ▶ପୃଷ୍ଠା-୭



# ବିଧାନସଭାରେ ମଣ୍ଡି ତାତି

## ଚାଷୀ ସମସ୍ୟା ସମାଧାନ ନ ହେଲା ଯାଏଁ ଗୃହ ଚଳାଇ ନ ଦେବାକୁ ବିରୋଧୀଙ୍କ ଚେତାବନୀ

■ ଭୁବନେଶ୍ୱର, ୧୮।୨ (ସମିସ): ମଣ୍ଡିରେ ଯଦି ଚାଷୀଙ୍କ ସ୍ୱର ଶୁଣା ନ ଗଲେ ଏହା ପ୍ରତିଧ୍ୱନୀ ବିଧାନସଭାରେ ପ୍ରତିଧ୍ୱନିତ ହେବ। ବିଜେଡି ବିଧାୟକ ଦଳ ବୈଠକରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଯେଉଁ ଚେତାବନୀ ଦେଇଥିଲେ, ତାହାର ପ୍ରତିଫଳନ ଆଜି ବିଧାନସଭାରେ ଦେଖିବାକୁ ମିଳିଛି। ଆଜି ବଜେଟ ଅଧିବେଶନର ଦ୍ୱିତୀୟ ଦିନରେ ବିଜେଡି ବିଧାୟକ ଧାନ କିଣା ସମସ୍ୟା ଏବଂ ଚାଷୀ ପ୍ରସଙ୍ଗକୁ ଗୃହକୁ କମ୍ପମାନ କରିଛନ୍ତି। ବ୍ୟାନର , ପ୍ଲାକାର୍ଡ ପ୍ରଦର୍ଶନ ସହ ଗୃହ ମଧ୍ୟସ୍ଥ ରିପୋର୍ଟର୍ସ ଟେବୁଲ ଉପରେ ଧାନ ଅଜାଡ଼ି ଦୃଢ଼ ପ୍ରତିବାଦ କରିଛନ୍ତି। ଅନୁସରୂପ ଭାବରେ କଂଗ୍ରେସ ବିଧାୟକମାନେ ମଧ୍ୟ ସମାନ ପ୍ରସଙ୍ଗକୁ ନେଇ ପ୍ଲାକାଡର୍ ପ୍ରଦର୍ଶନ କରିଛନ୍ତି ଓ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଛନ୍ତି। ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁଁ ଗୃହ ଆଜି ମାତ୍ର ୭ ମିନିଟ ଚାଲିପାରିଛି। ପ୍ରଶ୍ନକାଳ, ଶୁନ୍ୟକାଳ, ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ସମ୍ଭବ ହୋଇପାରି ନାହିଁ।

ବୁଧବାର ପୂର୍ବାହ୍ଣରେ ଗୃହକାର୍ଯ୍ୟ ଆରମ୍ଭ ହେବାକ୍ଷଣି ପ୍ଲାକାର୍ଡ ଓ ଧାନ ଧରି ବିଜେଡି ବିଧାୟକମାନେ ଗୃହର ମଧ୍ୟଭାଗକୁ ଚାଲି ଆସିଥିଲେ। 'ଚାଷ ଜମି ଯାହାର, ସର୍ବନାଶ ତାହାର', 'ଡବଲ ଇଞ୍ଜିନ: ଡବଲ କଟନି ଛଟନି ଡବଲ ଧୋକା', ମା କାନ୍ଦୁଛି-ଚାଷୀ କାନ୍ଦୁଛି-ମୋହନ ସରକାର ଛି ଛି' ଲେଖାଥିବା ପ୍ଲାକାର୍ଡ ଧରି ବିଜେଡି ▶ପୃଷ୍ଠା-୭



### ଗୃହରେ ଧାନ ଅଜାଡ଼ି ବିଜେଡିର ପ୍ରତିବାଦ

### ପ୍ଲାକାର୍ଡ ଧରି କଂଗ୍ରେସ ସଦସ୍ୟଙ୍କ ବିରୋଧ

### ପୂରା ଦିନରେ ଗୃହ ଚାଲିଲା ମାତ୍ର ୭ ମିନିଟ

**ମାନିଲେ ମନ୍ତ୍ରୀ**

### ଚାଷୀଙ୍କୁ ମିଳୁନାହିଁ ୮୦୦ ଟଙ୍କା

■ ଭୁବନେଶ୍ୱର, ୧୮।୨ (ସମିସ): ନିର୍ବାଚନ ସମୟରେ କ୍ଷମତାକୁ ଆସିଲେ ଧାନ କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା ଇନ୍‌ପୁଟ୍ ସହାୟତା ଦେବାକୁ ବିଜେପି ଘୋଷଣା କରିଥିଲା। ମାତ୍ର ଏବେ ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା ଇନ୍‌ପୁଟ୍ ସବସିଡ଼ି ମିଳୁନାହିଁ ବୋଲି ବୋଲି ବିଧାନସଭାରେ ସ୍ୱୀକାର କରିଛନ୍ତି ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ଯାହାକୁ ନେଇ ବିରୋଧୀ ସରକାରଙ୍କୁ ଘେରିଛନ୍ତି। ସରକାର ନିଜ ପ୍ରତିଶ୍ରୁତିରୁ ଓହରି ଯାଇ ରାଜ୍ୟର ଚାଷୀଙ୍କୁ ପ୍ରତାରଣା କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି। ବିଧାନସଭାରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ପ୍ରଶ୍ନରେ ଯୋଗାଣ ମନ୍ତ୍ରୀ ▶ପୃଷ୍ଠା-୭

**ଆଇପାକ୍ ମାମଲା: ସୁପ୍ରିମକୋର୍ଟରେ ମମତା-ଏଜେନ୍ସି ମୁହାଁମୁହିଁ**

# ଇଡି କେନ୍ଦ୍ରର ଅସ୍ତ୍ର ପାଲଟିଛି



### ରାଜ୍ୟ ସରକାର ଧମକାଉଛନ୍ତି: ଇଡ଼ି

■ ନୂଆଦିଲ୍ଲୀ, ୧୮ ।୨ (ଏଜେନ୍ସି): ପଶ୍ଚିବବଙ୍ଗର ଆଇ-ପାକ ସହ ଜଡ଼ିତ ଇଡି ଚଢ଼ାଉ ମାମଲାରେ ବୁଧବାର ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି। ଏହି ସମୟରେ ମମତା ସରକାର ଅଭିଯୋଗ କରିଛନ୍ତି ଯେ, କେନ୍ଦ୍ର ସରକାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡ଼ି)କୁ ବିରୋଧୀ ଶାସିତ ରାଜ୍ୟଗୁଡ଼ିକରେ ଏକ ଅସ୍ତ୍ର ଭାବେ ବ୍ୟବହାର କରୁଛି। ଅନ୍ୟପଟେ କେନ୍ଦ୍ରୀୟ ଏଜେନ୍ସ ଇଡ଼ି ଏହାର ପାଲଟା ଜବାବ ଦେଇ କହିଛି ଯେ, ଆମେ କାହାର ଅସ୍ତ୍ର ନୁହେଁ, ବରଂ ରାଜ୍ୟରେ ମମତା ସରକାର ଆମକୁ ଧମକ ଦେଇଛନ୍ତି। ଉଭୟ ପକ୍ଷରୁ ଯୁକ୍ତି ଶୁଣିବା ପରେ ସୁପ୍ରିମକୋର୍ଟ କହିଛନ୍ତି ଯେ, କାହାକୁ ଅସ୍ତ୍ର ଭାବେ ବ୍ୟବହାର କରାଯାଉଛି ଏବଂ କାହାକୁ ଧମକ ଦିଆଯାଉଛି, ତାହା କୋର୍ଟ ସ୍ଥିର କରିବ। ଏହି ମମଲାର ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୧୮ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି।

ଉଲ୍ଲେଖଥାଉ କି, ଆଇ-ପାକ ହେଉଛି ଏକ ରାଜନୈତିକ ପରାମର୍ଶଦାତା କମ୍ପାନୀ ଓ ଏହାର ନିର୍ଦ୍ଦେଶକ ପ୍ରତୀକ ଜୈନଙ୍କ ବିରୋଧରେ କୋଇଲା ଚୋରି ଦୁର୍ନୀତିରୁ ମିଳିଥିବା ଟଙ୍କାକୁ ମନି ଲଣ୍ଡରିଂ କରିଥିବା ଅଭିଯୋଗ ହୋଇଛି। ୨୦୨୬ ଜାନୁଆରୀ ୮ରେ ଇଡ଼ି କୋଲକାତରେ ଆଇ-ପାକ ଅଫିସ୍‌ରେ ଚଢ଼ାଉ କରିଥିଲା। ଇଡ଼ି ଦାବି କରିଛି ଯେ, ଚଢ଼ାଉ ସମୟରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିଜେ ସେଠାରେ ପହଞ୍ଚି, ଅନେକ ଗୁରୁତ୍ୱପୂର୍ଣ୍ଣ ଫାଇଲ ଓ ଇଲେକଟ୍ରୋନିକ୍ସ ଡିଭାଇସ୍ ନେଇ ପଳାଇଯାଇଥିଲେ। ବଙ୍ଗଳା ପୁଲିସ ଇଡ଼ି ଅଧିକାରୀଙ୍କ ମୋବାଇଲ ଛଡ଼ାଇ ନେଇଯାଇଥିଲା ଓ ସେମାନଙ୍କ ▶ପୃଷ୍ଠା-୭

# ସ୍ୱାମୀର ଠେଙ୍ଗା ମାଡ଼ରେ ସ୍ତ୍ରୀ ମୃତ

■ ମାଥିଲି, ୧୮ ।୨ (ସମିସ): ପାରିବାରିକ କଳହରୁ ସ୍ୱାମୀର ଠେଙ୍ଗା ମାଡ଼ରେ ସ୍ତ୍ରୀର ମୃତ୍ୟୁ ଘଟିଛି। ଏପରି ଦୃଶ୍ୟ ଦେଖିବାକୁ ମିଳିଛି ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ କର୍ତ୍ତନପାଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ଲୁଲେର ଗ୍ରାମରେ।

ସୂଚନା ଅନୁଯାୟୀ, ଗତକାଲି ସ୍ୱାମୀ ଗୁରୁ ଭୂମିଆ ଓ ସ୍ତ୍ରୀ ସମାରି ଭୂମିଆଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ସ୍ୱାମୀ ଗୁରୁ ଉତ୍‌କ୍ଷିପ୍ତ ହୋଇ ଘରେ ଥିବା ଏକ ଠେଙ୍ଗାରେ ସ୍ତ୍ରୀ ସମାରୀକୁ ବାରମ୍ବାର ପିଟିବାରୁ ତାର ମୃତ୍ୟୁ ଘଟିଥିଲା। ଗାଁ ଲୋକଙ୍କ ଠାରୁ ସୂଚନା ପାଇ ମାଥିଲି ଥାନା ଅଧିକାରିଣୀ ଦୀପାଞ୍ଜଳି ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଥାନାର ଏକ ପୁଲିସ ଟିମ୍ ଲୁଲେର ଗ୍ରାମରେ ପହଞ୍ଚି ଶବ ଜବତ କରିବା ସହିତ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିଛନ୍ତି। ସାଇଣ୍ଟିଫିକ ଟିମ୍ ଆସିବା ପରେ ଶବ ବ୍ୟବଚ୍ଛେଦ କରାଯିବ ବୋଲି ମାଥିଲି ଥାନା ଅଧିକାରିଣୀ ଶ୍ରୀମତୀ ପ୍ରଧାନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ମାଥିଲି ଉପଖଣ୍ଡ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଛି।

# ମାର୍ଚ୍ଚ ୧୬ରେ ରାଜ୍ୟସଭା ନିର୍ବାଚନ

## ଓଡ଼ିଶାର ୪ଟି ସହ ଖାଲି ହେବ ମୋଟ ୩୭ ଆସନ


■ ନୂଆଦିଲ୍ଲୀ/ଭୁବନେଶ୍ୱର, ୧୮ ।୨ (ସମିସ): ଓଡ଼ିଶା ସମେତ ଦେଶର ୧୯ ରାଜ୍ୟର ୩୭ଟି ଆସନରେ ନିର୍ବାଚନ ଲାଗି ତାରିଖ ଘୋଷଣା କରିଛନ୍ତି ନିର୍ବାଚନ କମିଶନ। ମହାରାଷ୍ଟ୍ରରେ ୭, ତାମିଲନାଡୁର ୬, ବିହାରରେ ୫, ଓଡ଼ିଶାରେ ୪ଟି ଆସନ ସହ ଅନ୍ୟାନ୍ୟ ରାଜ୍ୟରେ ଖାଲି ହେଉଥିବା ରାଜ୍ୟସଭା ଆସନ ପାଇଁ ଆସନ୍ତା ମାର୍ଚ୍ଚ ୧୬ ତାରିଖରେ ନିର୍ବାଚନ ହେବ। ଖାଲି ହେବାକୁଥିବା ୩୭ଟି ଆସନ ମଧ୍ୟରୁ ବିଜେପି ନେତୃତ୍ୱାଧୀନ ଏନ୍‌ଡ଼ିଏ ନିକଟରେ ୧୨ଟି ଏବଂ ଅବଶିଷ୍ଟ ୨୫ ଆସନରେ ବିରୋଧୀଙ୍କ କବ୍‌ଜାରେ ରହିଛି।

ଦେଶର ପ୍ରମୁଖ ନେତାଙ୍କ ମଧ୍ୟରେ ଶରଦ ପାୱାର, ରାମଦାସ ଅଠାବଲେ, କନିମୋଝୀ, ତିରୁଚି ଶିବା, ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂହଙ୍କ ରାଜ୍ୟସଭା କାର୍ଯ୍ୟକାଳ ଏପ୍ରିଲ ୨ରେ ଶେଷ ହେଉଛି। ଅନୁରୂପ ଭାବରେ ସେହିଦିନ ଓଡ଼ିଶାର ମୁନ୍ନା ଖାଁ, ନିରଞ୍ଜନ ବିଶି, ମମତା ମହନ୍ତ ଓ ସୁଜିତ୍‌କୁମାରଙ୍କ କାର୍ଯ୍ୟକାଳ ମଧ୍ୟ ସରିବ । ମାର୍ଚ୍ଚ ୧୬ ସକାଳନ ୯ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଭୋଟ୍ ବିଭିନ୍ନ ରାଜ୍ୟରେ ଏଥିପାଇଁ ମତଦାନ କରାଯିବ ଏବଂ ସେହିଦିନ ସନ୍ଧ୍ୟା ୫ଟାରେ ଗୋଟ ଗଣତି ହେବ।

### ରାଜ୍ୟରେ ବଢ଼ିଲା ରାଜନୈତିକ ଉଷ୍ମତା

୧୨ଟି ବିଜେପି ନେତୃତ୍ୱାଧୀନ ମେଣ୍ଟ ଏନ୍‌ଡିଏ ପାଖରେ ଥିବା ବେଳେ ୨୫ଟି ବିରୋଧୀଙ୍କ କବ୍‌ଜାରେ ରହିଛି। ସବୁଠାରୁ ଅଧିକ ମହାରାଷ୍ଟ୍ରରେ ୭ଟି, ତାମିଲନାଡୁରେ ୬ଟି ଓ ବିହାରରେ ୫ଟି ଲେଖାଏ ଆସନରେ ନିର୍ବାଚନ ହେବ। ଶରଦ ପାୱାର, ରାମଦାସ ଅଠାବଲେ, କନିମୋଝୀ, ତିରୁଚି ଶିବା ଏବଂ ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂଙ୍କ କାର୍ଯ୍ୟକାଳ ଏପ୍ରିଲ ୨ରେ ଶେଷ ହେବାକୁ ଯାଉଛି। ରାଜ୍ୟସଭା ନିର୍ବାଚନ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଅକସ୍ମାତ ରାଜ୍ୟରେ ରାଜନୈତିକ ମାହୋଲ ଗରମ ହୋଇ ଉଠିଛି। ବିଧାନସଭାରେ ସଦସ୍ୟ ସଂଖ୍ୟା, ବିଭିନ୍ନ ଦଳର ସ୍ଥିତି ଓ ଗଣିତ ଅନୁସାରେ ବିଜେପି ଦୁଇଟି, ବିଜେଡି ଗୋଟିଏ ଆସନରେ ବିଜୟୀ ହେବାର ସାମର୍ଥ୍ୟ ରଖିଛନ୍ତି। ୪ର୍ଥ ଆସନ ନିମନ୍ତେ କାହାରି ନିକଟରେ ଆବଶ୍ୟକ ବିଧାୟକ ନାହାନ୍ତି । ମାତ୍ର ବିଜେଡି, ବିଜେପି ଓ କଂଗ୍ରେସ ମଧ୍ୟରୁ ଯେ କୌଣସି ▶ପୃଷ୍ଠା-୭

# ଭୋଜିରେ ଫୁଟିଲା ଗୁଳି; ଯୁବକ ମୃତ



■କଟକ, ୧୮ ।୨ (ସମିସ): ଦିନ ଦ୍ୱିପ୍ରହରରେ କଟକରେ ପୁଣି ଗୁଳିକାଣ୍ଡ ଘଟି ଜଣେ ଯୁବକଙ୍କ ଜୀବନ ଯାଇଛି। ବୁଧବାର ସ୍ଥାନୀୟ ନୂଆପଡ଼ା ପ୍ରେସ୍ କଲୋନୀ ଅଞ୍ଚଳରେ କିଛି ଯୁବକ ଭୋଜି କରୁଥିବା ବେଳେ ହଠାତ୍ ଏହି ଅଘଟଣ ଘଟିଛି। ସୌମ୍ୟରଞ୍ଜନ ଜେନା ଓରଫ ରିଙ୍କୁ ନାମକ ଜଣେ ଯୁବକଙ୍କ ଛାତିରେ ଗୁଳି ବାଜିବାରୁ ସେ ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ସେଠାରେ ପଡ଼ିଯାଇଥିଲେ। କିଏ ଓ କାହିଁକି ଗୁଳିମାଡ଼ କଲା ତାହା ଏବେ ଅସ୍ପଷ୍ଟ ରହିଛି। ଗୁଳି ଶବ୍ଦରେ ପୂରା ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ଭୋଜି ଆସରରେ ଉପସ୍ଥିତ ଥିବା ଅନ୍ୟ ଯୁବକମାନେ ଭୟରେ ଏଣେତେଣେ ଦୌଡ଼ିବାକୁ ଲାଗିଥିଲେ। ସୌମ୍ୟରଞ୍ଜନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ କଟକ ବଡ ମେଡିକାଲକୁ ▶ପୃଷ୍ଠା-୭


SIKSHA 'O' ANUSANDHAN
SIKSHA 'O' ANUSANDHAN (DEEMED TO BE UNIVERSITY)
SAAT-2026
Empowering students for a brighter future
B.TECH PROGRAMMES IN CORE ENGINEERING
■ Civil Engineering
■ Electrical Engineering
■ Mechanical Engineering
APPROVAL & RECOGNITIONS
■ Approved by UGC and AICTE
■ Re-accredited by NAAC with A++ Grade
■ Granted with Category-1 Graded Autonomy by UGC
■ NBA Accredited Programmes
NIRF INDIA RANKINGS 2025
■ 15th Best in University Category
■ 22nd Best in Engineering Category
INTERNATIONAL RANKINGS 2026
■ Ranked in QS World Rankings 2026
■ Ranked in Times World Rankings 2026
To apply for admission through SAAT, Please visit: www.soa.ac.in




# ପୁଣି ମାତିଲା ମହଙ୍ଗା ଡାହାଣୀ

## ଖାଦ୍ୟ ଓ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ମହଙ୍ଗା

## ଡାଲି, ତେଲଠାରୁ ସାବୁନ୍ ଯାଏ ସବୁର ଦର ବଢ଼ିଲା

## ଟଙ୍କା ଦୁର୍ବଳ; ଘରୋଇ ଖୁଚୁରା ବଜାର ସ୍ଥିତି ଖରାପ

■ ଭୁବନେଶ୍ୱର, ୧୮।୨ (ସମିସ): କେନ୍ଦ୍ର ସରକାର ଜିଏସ୍‌ଟି କମାଇଲେ। ଏହାକୁ ନେଇ ସାରା ଦେଶରେ ବିଜେପି ନେତାମାନେ ଏକପ୍ରକାର ଉତ୍ସବ ପାଳିଲେ। ବିଭିନ୍ନ ରାଜ୍ୟରେ ଦଳର ନେତାମାନେ ବିଭିନ୍ନ ସମାବେଶ କରି ଏହାକୁ ବେଶ୍ ପ୍ରଚାର କଲେ। ମାତ୍ର କେଇଟା ମାସ ଯାଇନାହିଁ ପୁଣି ଦେଶରେ ମାତିଛି ମହଙ୍ଗା ଡ଼ାହାଣୀ। ଖାଦ୍ୟ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ଜିଏସ୍‌ଟି ହ୍ରାସ ପୂର୍ବ ଅବଧିର ମୂଲ୍ୟକୁ ଅତିକ୍ରମ କରିଛି। ମାତ୍ର ମାସକ ମଧ୍ୟରେ ବଜାରରେ ଡାଲି ଦର କିଲୋ ପିଛା ୩୦ ଟଙ୍କା ପର୍ଯ୍ୟନ୍ତ ଓ ଖାଇବା ତେଲ ମୂଲ୍ୟ ଲିଟର ପିଛା ୨୦ ଟଙ୍କା ଯାଏ ବୃଦ୍ଧି ପାଇଛି। ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରା ଟଙ୍କାର ମୂଲ୍ୟ ଦୁର୍ବଳ ହେବା ଯୋଗୁ ଘରୋଇ ଖୁଚୁରା ବଜାରରେ ଏଭଳି ସ୍ଥିତି ଦେଖାଯାଇଥିବା କୁହାଯାଉଥିଲେ ହେଁ ଏ ଗତ ୧୦ମାସ ମଧ୍ୟରେ ମୁଦ୍ରାସ୍ଫୀତି ପ୍ରାୟ ଦୁଇଗୁଣ ବୃଦ୍ଧି ପାଇବା ଏହାର ପ୍ରମୁଖ କାରଣ ବୋଲି ମନେ କରାଯାଉଛି।

୨୦୨୫ ସେପ୍ଟେମ୍ବରରେ କେନ୍ଦ୍ର ସରକାର ଜିଏସ୍‌ଟି ହାର ହ୍ରାସ କରିଥିଲେ, ଯାହା ଅନେକ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଉପରେ ପ୍ରଭାବ ପକାଇଥିଲା। ପରିଣତିସ୍ୱରୂପ ଏଫ୍‌ଏମ୍‌ସିଜି କମ୍ପାନୀଗୁଡ଼ିକ ଅନେକ ମୂଲ୍ୟ ହ୍ରାସ କରିଥିଲେ। ହେଲେ ଏବେ ଜାନୁଆରୀ ମାସର ଶେଷ ଭାଗରେ କମ୍ପାନୀଗୁଡ଼ିକ ସେମାନଙ୍କର ଉତ୍ପାଦର ମୂଲ୍ୟ ବୃଦ୍ଧି କରିଛନ୍ତି । ଫଳରେ ଖୁଚୁରା ବଜାରରେ ସ୍ଥିତି ବି ଅନୁରୂପ ବଦଳିଛି। ଚଳିତ (ଜାନୁଆରୀ-ମାର୍ଚ୍ଚ) ତ୍ରୟମାସିକ ଆରମ୍ଭରୁ ଡିଟରଜେଣ୍ଟ, କେଶ ତେଲ, ଚକୋଲେଟ୍, ବିସ୍କୁଟ ଏବଂ ନୁଡୁଲ୍ସ ଭଳି ଅନେକ ନିତ୍ୟ ବ୍ୟବହାର୍ଯ୍ୟ ଉତ୍ପାଦରେ ନୂତନ ଏବଂ ଅଧିକ ମୂଲ୍ୟ ସହିତ ବଜାରକୁ ଆସିବା ଆରମ୍ଭ କରିଛି। ଗହମଜାତ ଅଟା, ମଇଦା, ସୁଜି ସହ ଶସ୍ୟଜାତ ସାମଗ୍ରୀ ଡ଼ାଲି, ବେସନ ଆଦିର ମୂଲ୍ୟ ବି ବଢ଼ିଛି। ଇତିମଧ୍ୟରେ ବଜାରରେ ହରଡ ଡାଲିଠାରୁ ଆରମ୍ଭ କରି ମୁଗ ଓ ମସୁର ସବୁର ଦର କିଲୋ ପିଛା ୨୦-୩୦ ଟଙ୍କା ପର୍ଯ୍ୟନ୍ତ ବଢ଼ିଛି। ସୂର୍ଯ୍ୟମୁଖୀ ଓ ସୋୟାବିନ୍, ଚଷୁ ତେଲ (ରାଇସବ୍ରାନ) ଆଦିର ମୂଲ୍ୟ ଲିଟର ପିଛା ୧୫ରୁ ୨୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି । ତେଲ ମୂଲ୍ୟ ବୃଦ୍ଧିକୁ ଲୁଚାଇବା ପାଇଁ ଅଧିକାଂଶ କମ୍ପାନୀ ଏବେ ୧ ଲିଟର ▶ପୃଷ୍ଠା-୭

ସକାଳ
THE SAKALA



www.sakalaepaper.com

● ଆଜି ମାଟ୍ରିକ୍ ବୋର୍ଡ ପରୀକ୍ଷା

# ୧୧ କେନ୍ଦ୍ରରେ ପରୀକ୍ଷା ଦେବେ ୨୨୧୪ ପରୀକ୍ଷାର୍ଥୀ

ବୋରିଗୁମ୍ମା, ୧୮।୨ (ସମିସ): ଗୁରୁବାର ଆରମ୍ଭ ହେଉଛି ଚଳିତ ବର୍ଷର ମାଟ୍ରିକ ପରୀକ୍ଷା। ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ୧୯ ତାରିଖ ଆରମ୍ଭ ହୋଇ ମାର୍ଚ୍ଚ ୨ ତାରିଖରେ ଶେଷ ହେବ। ବୋରିଗୁମ୍ମା ବ୍ଲକ୍ ମହକୁମା ଉଚ୍ଚ ବିଦ୍ୟାଳୟ ନୋଡାଲ ସେଣ୍ଟର ହୋଇଥିବା ବେଳେ ବ୍ଲକର ମୋଟ ୧୧ଟି ପରୀକ୍ଷା କେନ୍ଦ୍ରରେ ସମୁଦାୟ ୨୨୧୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ବୋରିଗୁମ୍ମା ଉଚ୍ଚ ବିଦ୍ୟାଳୟରେ ୨୨୭ ଜଣ ଛାତ୍ରଛାତ୍ରୀ, ସସାହାଣ୍ଡି ଉଚ୍ଚ ବିଦ୍ୟାଳୟରେ ୩୮୮ ଜଣ ଛାତ୍ରଛାତ୍ରୀ, ବିଜାପୁର ଉଚ୍ଚ ବିଦ୍ୟାଳୟରେ ୧୭୩ ଜଣ, ପର୍ଲି ଉଚ୍ଚ ବିଦ୍ୟାଳୟରେ ୨୦୦ ଜଣ, ଚଳାନଗୁଡା ଯେଜି ଉଚ୍ଚ ବିଦ୍ୟାଳୟ ରେ ୧୬୮ ଜଣ, କୁମୁଲି ଉଚ୍ଚ ବିଦ୍ୟାଳୟରେ ୧୯୮ ଜଣ, କାମତା ଉଚ୍ଚ ବିଦ୍ୟାଳୟରେ ୧୯୪ ଜଣ, ବିସିଙ୍ଗପୁର ଉଚ୍ଚ ବିଦ୍ୟାଳୟରେ ୧୭୫ ଜଣ, ଏସଏସଡ଼ି ନୂଆଗାଁରୁ ୧୬୩ ଜଣ, ହର୍ଦଲୀ ଉଚ୍ଚ ବିଦ୍ୟାଳୟରେ ୧୬୮ ଜଣ, ସର୍ଗିଗୁଡା ଉଚ୍ଚ ବିଦ୍ୟାଳୟରେ ୧୬୦ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେବେ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ତଥା ନୋଡାଲ ସେଣ୍ଟର ଇନଚାର୍ଜ ଟି.ଶୈଳଜା ଦୋରା ସୂଚନା ଦେଇଛନ୍ତି। ପରୀକ୍ଷାକୁ ଶାନ୍ତି ଶୃଙ୍ଖଳା ସହ ସମ୍ପନ୍ନ କରିବା ପାଇଁ ଜିଲ୍ଲା ସ୍ତରୀୟ ଓ ବୋର୍ଡ ପକ୍ଷରୁ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରାଯାଇଛି। ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲଗାଯିବା ସହ ସ୍ଥାନୀୟ ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପରୀକ୍ଷା କେନ୍ଦ୍ରରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିବା ନୋଡାଲ ସେଣ୍ଟର ନିରୀକ୍ଷକ କହିଛନ୍ତି।

# ଜଙ୍ଗଲରେ ନିଆଁ ନିୟନ୍ତ୍ରଣ ପାଇଁ ସଜାଗ




ଜୟପୁର,୧୮।୨(ସମିସ) : ଜୟପୁର ବନଖଣ୍ଡ ବିଭାଗ ପକ୍ଷରୁ ସ୍ଥାନୀୟ ଡିଏଫଓ କାର୍ଯ୍ୟାଳୟ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆସନ୍ତା ପତ୍ରଝଡା ସମୟରେ ବିଭିନ୍ନ ଜଙ୍ଗଲରେ କିଛି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥାଆନ୍ତି। ତେଣୁ ଏଥିନେଇ ବନ ବିଭାଗ ପକ୍ଷରୁ ସତର୍କ ରହିଥିବା ନେଇ ଆଜି ସାମ୍ବାଦିକ ସମ୍ମିଳନୀରେ ଡିଏଫଓ ଶୁଭେନ୍ଦୁ କୁମାର ବେହେରା ସୂଚନା ଦେଇଛନ୍ତି। ଜୟପୁର ବନଖଣ୍ଡ ଅଧିନରେ ୬ଟି ବନାଞ୍ଚଳର ରହିଛି। ଏଥିରୁ ନିଆଁ ଲାଗିବା ସମ୍ଭାବନା ଜଙ୍ଗଲ ମଧ୍ୟରେ ୪୧୮ କିଲୋ ମିଟର ଆରକେଏମ ଯାହା ୩୭.୭୯୦ ହେକ୍ଟର ମଧ୍ୟରେ ଲାଗିଥିବା ନିଆଁକୁ କାବୁ କରି ଏହାକୁ ୩୪.୧୪ ପ୍ରତିଶତ ହ୍ରାସ ପାଇଛି। ଜୟପୁର ବନାଞ୍ଚଳରେ ମଧ୍ୟରେ ଜଙ୍ଗଲରେ ନିଆଁ ଲିଭାଇବା ପାଇଁ ୪୪୨ ଟି ରାସ୍ତା ନିରୂପଣ କରାଯାଇଥିଲା ଚଳିତ ବର୍ଷ ଏହା ହ୍ରାସପାଇ ୪୧୮ ହୋଇଛି ଜଙ୍ଗଲରେ ନିଆଁ ଲାଗିବା ମାତ୍ରେ ତୁରନ୍ତ ପହଞ୍ଚିବା ପାଇଁ ୬ଟି ଯାନ ନିୟୋଜିତ କରାଯାଇଛି। ଜୟପୁର ବନଖଣ୍ଡ ୬ଟି ରେଞ୍ଜରେ ପୂର୍ବରୁ ନିଆଁ ଲାଗିବା ସମ୍ଭାବନା ଅଞ୍ଚଳ ୮୬୭ ହ୍ରାସ ପାଇ ୫୭୧ ହୋଇଛି। ଅତ୍ୟଧିକ ନିଆଁ ଲାଗିବା ସମ୍ଭାବନା ଥିବା ଅଞ୍ଚଳ ୬୦ ଟି ଜଙ୍ଗଲ ମଧ୍ୟରେ ୩୩ ଗୋଟି ଜଙ୍ଗଲ ବାହାରେ ୨୭ଟି ରହିଛି। ଏହା ଜଙ୍ଗଲ ବିଭାଗ କର୍ମଚାରି ମାନଙ୍କ ଆପ୍ରାଣ ଉଦ୍ୟମ ଯୋଗୁଁ ସମ୍ଭାବନା ହୋଇଛି। ଆଗ୍ନିକ ଏବଂ ବନ ସୁରକ୍ଷା ସମିତି ମାନଙ୍କ ପାଇଁ ଡ୍ରେସ, ଜୋତା, ଜାକେଟ, କୀଟ ବେଗ, ହେଡ୍ ଲାଇଟ, ଟର୍ଚ୍ଚ, ଟୋପି, ପ୍ରାଥମିକ ଚିକିତ୍ସା କୀଟ, ପିଇବ ପାଣି, ହୁକ, ଗ୍ଲବସୋ ଇତ୍ୟାଦି ପ୍ରସ୍ତୁତ କରାଯାଇଛି ଏବଂ ୮୬ଟି ଅଗ୍ନି ନିର୍ବାପକ ଯନ୍ତ୍ର ରହିଛି। ଲୋକଙ୍କୁ ସଚେତନ କରିବା ପାଇଁ ପ୍ରତ୍ୟେକ ରେଞ୍ଜ ପାଇଁ ପଚାଶ ହଜାର ଟଙ୍କା ଏବଂ ପ୍ରଶିକ୍ଷଣ ପାଇଁ ଦଶ ହଜାର ଟଙ୍କା ଲେଖାଏଁ ରାଶି ପ୍ରଦାନ କରାଯିବ ବୋଲି ଡିଏଫଓ କହିଥିଲେ। ସାଧାରଣ ଲୋକଙ୍କୁ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବାକୁ ସଚେତନ କରିବାକୁ ସମସ୍ତ ଗଣମାଧ୍ୟମକୁ ଅନୁରୋଧ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏସିଏଫ ପ୍ରସନ୍ନ କୁମାର ମିଶ୍ର, ଚନ୍ଦ୍ରସେନ ପୁଜାରୀ ଭାରପ୍ରାପ୍ତ ରେଞ୍ଜର ଦେବେନ୍ଦ୍ର ମାଝି ଏବଂ ମାନସ ରଞ୍ଜନ ନାୟକ ଫରେଷ୍ଟର ପି ଶ୍ରୀନିବାସ ରାଓ, ଶଶାଙ୍କ ମହାରଣା,ଗୌତମ ସ୍ୱାଇଁ ପ୍ରମୁଖଙ୍କ ଉପସ୍ଥିତ ରହିଛି।

## କୋରାପୁଟ ଚାଷୀଙ୍କୁ ମିଳିଲା ଆନ୍ତଃରାଜ୍ୟ ବଜାର

# ବାହାର ରାଜ୍ୟକୁ ଗଲା ଅଦା ଓ କଳାଜିରା ଚାଉଳ

କୋରାପୁଟ,୧୮।୨(ସମିସ): କୋରାପୁଟ ଜିଲ୍ଲାର ପ୍ରସିଦ୍ଧ ଅଦା ଓ କଳାଜିରା ଚାଉଳ ଅନ୍ୟ ରାଜ୍ୟକୁ ପ୍ରେରଣ କରାଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରଗତି ଆନୁକୁଲ୍ୟରେ ଜୈବିକ ଶ୍ରୀ ଏବଂ କୃଷି ଉତ୍ପାଦକ କମ୍ପାନୀ ଦ୍ୱାରା କର୍ଣ୍ଣାଟକ, ପଞ୍ଜାବ ଏବଂ ହରିଆଣା ରାଜ୍ୟକୁ କୋରାପୁଟ ଜିଲ୍ଲାର ପ୍ରସିଦ୍ଧ ଅଦା ଏବଂ କଳାଜିରା ଚାଉଳ ପ୍ରେରଣ କରାଯାଇଛି। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା, କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର ପ୍ରମୁଖ ଅତିଥିମାନେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଉଦ୍ୟାନ ଉପ ନିର୍ଦ୍ଦେଶକ ସୁଦାମ ବିଶ୍ୱାଳ ଏବଂ ପ୍ରଗତିର ସଂପାଦକ ପ୍ରଭାକର ଅଧିକାରୀ ଉପସ୍ଥିତ ଥିଲେ।କୋରାପୁଟର ଜୈବିକ ଶ୍ରୀ କୃଷକ ଉତ୍ପାଦକ କମ୍ପାନୀ ଦ୍ୱାରା ସଂଗୃହୀତ ୧୦୦ କ୍ୱିଣ୍ଟାଲ ଶୁଖିଲା ଅଦା ବେଙ୍ଗାଲୁରୁକୁ, ୨୪୦ କ୍ୱିଣ୍ଟାଲ କଞ୍ଚା ଅଦା ପଞ୍ଜାବକୁ ଏବଂ ୬୦ କ୍ୱିଣ୍ଟାଲ ଉନ୍ନତମାନର 'କଳାଜିରା' ଚାଉଳ ହରିୟାଣା ବଜାରକୁ ପଠାଯାଇଛି। ସିଧାସଳଖ ବଜାର ସଂଯୋଗୀକରଣ କାରଣରୁ ଚାଷୀମାନେ ବର୍ତ୍ତମାନର ବଜାର ଦର ଅପେକ୍ଷା ପ୍ରାୟ ୩୦ ରୁ ୪୦ ପ୍ରତିଶତ ଅଧିକ ଲାଭ ପାଇବେ, ଯାହା ସେମାନଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ସହ



ସାମୂହିକ ବିପଣନ ପ୍ରତି ବିଶ୍ୱାସ ଜନ୍ମାଇବ ବୋଲି କୁହାଯାଇଛି। ଜନଜାତି ଚାଷୀଙ୍କ ସ୍ଥାୟୀ ଆୟ ବୃଦ୍ଧିର ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ସହ ସ୍ଥାନୀୟ କୃଷି ଅର୍ଥନୀତିକୁ ଏହା ତ୍ୱରାନ୍ୱିତ କରିବ ବୋଲି ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ କହିଛନ୍ତି।ପାଲାଡିୟମର ବୈଷୟିକ ମାର୍ଗଦର୍ଶନ ସହ ପ୍ରଗତି ଏନଜିଓ ଦ୍ୱାରା ପରିଚାଳିତ ଜୈବିକ ଶ୍ରୀ କୃଷକ ଉତ୍ପାଦକ କମ୍ପାନୀର ମିଳିତ ସମନ୍?ୟ ଯୋଗୁଁ ଏହା ସମ୍ଭବ ହୋଇଛି ବୋଲି ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ସୁଦାମ ଚନ୍ଦ୍ର ବିଶ୍ୱାଳ କହିଛନ୍ତି।ଚାଷୀଙ୍କୁ ଉତ୍ପାଦର ଉଚିତ୍ ମୂଲ୍ୟ ପ୍ରଦାନ ପାଇଁ ବଜାର ସଂଯୋଗୀକରଣ ହେଉଛି ମୁଖ୍ୟ ମାଧ୍ୟମ ଏବଂ ଆଗାମୀ ଦିନରେ କୃଷକ ଉତ୍ପାଦକ କମ୍ପାନୀଗୁଡ଼ିକୁ ଅଧିକ ଶକ୍ତିଶାଳୀ କରିବା ସହ କୋରାପୁଟର ଜନଜାତି ଚାଷୀଙ୍କୁ ଦେଶର ବୃହତ ବଜାର ସହିତ ଯୋଡ଼ିବା ପାଇଁ ଆମେ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି।

## ମୋଟର ସାଇକଲ୍ ଚୋରି

ଡାବୁଗାଁ,୧୮।୨(ସମିସ): ନବରଙ୍ଗପୁର ଜିଲା ଡାବୁଗାଁ ଥାନାରେ ମୋଟରସିକେଲ ଚୋରୀ ହୋଇଥିବା ନେଇ ବୁଧବାର ଅଭିଯୋଗ ହୋଇଛି । ସୂଚନାଯୋଗ୍ୟ,ଝରିଗାଁ ବ୍ଲକ ଅଧୀନ ପୁପୁଗାଁ ଗ୍ରାମର ଘାସିରାମ ଭତ୍ରା ୧୬.୨.୨୬ ତାରିଖ ସୋମବାର ଦିନ ଅପରାହ୍ନ ରେ ନିଜ ପରିବାର ସହ ମୋଟରସାଇକେଲ ନଂ ଓଡି ୨୪ ଜି ୧୨୯୨ ଯୋଗେ ଡାବୁଗାଁ ବ୍ଲକ ଅଧୀନ ବୁଟିଆଗୁଡା ଗ୍ରାମର ଶିବ ମନ୍ଦିରକୁ ଶିବରାତ୍ରି ଯାତ୍ରା ଦେଖିବାକୁ ଆସିଥିଲେ। ମନ୍ଦିର ପାଖାପାଖି ନିଜ ମୋଟରସାଇକେଲ ରାଖୀ ମନ୍ଦିର ଭିତରକୁ ଠାକୁର ଦର୍ଶନ ପାଇଁ ଯାଇଥିଲେ। ମନ୍ଦିର ଭିତରେ ଠାକୁର ଦର୍ଶନ ସାରି ଯାତ୍ରା ବୁଲାବୁଲି କରି ସନ୍ଧ୍ୟରେ ଘରକୁ ଫେରିବାକୁ ନିଜ ମୋଟରସାଇକେଲ ରଖିଥିବା ସ୍ଥାକୁ ଯାଇ ଦେଖିଥିଲେ ଯେ ମୋଟରସାଇକେଲ ସେଠାରେ ନାହିଁ । ସେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ପାଇ ନ ଥିଲେ।ଶେଷରେ ବୁଧବାର ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ଥାନା କେସ ନଂ ୩୦/୨୬ ରେ ଏକ ମାମଲା ରୁଜୁ କରାଯାଇଛି ।

● ମାଛ ଧରିବାକୁ ଯାଇ ପରିବାର ନିଖୋଜ ଘଟଣା

# ସାବରୀ ନଦୀରୁ ଦୁଇ ଗଳିତ ଶବ ଉଦ୍ଧାର

ବୈପାରୀଗୁଡ଼ା,୧୮।୨(ସମିସ): ବୈପାରୀଗୁଡା ଥାନା ଅନ୍ତର୍ଗତ ଗୁପ୍ତେଶ୍ୱର ପଂଚାୟତ ବାଦୁଡି ପାହାଡ ନିକଟରେ ଥିବା ସାବରୀନଦୀ କୂଳରୁ ଆଜି ଅପରାହ୍ନରେ ସ୍ଥାନୀୟ ଅଗ୍ନିଶମ ଓଡ୍ରାଫ ବାହିନୀ ଦୁଇଟି ଗଳିତ ଶବ ଉଦ୍ଧାର କରିଛନ୍ତି ।ଆସନ୍ତା କାଲି ଶବ ବ୍ୟବଚ୍ଛେଦ ହେବ ବୋଲି ସୂଚନା ଦେଲେ ଥାନା ଅଧିକାରୀ । ମୃତକ ଦଣ୍ଡାବାଡ଼ି ଗାଁ ର ଲଳିତ ପୂଜାରୀ ଏବଂ ତାଙ୍କ ଚାରି ବର୍ଷୀୟ ସାନ ଝିଅ ଗେଲି ପୂଜାରୀ ବୋଲି ଜଣାପଡିଛି ।ମାଛ ଧରିବାକୁ ଯାଇ ବାଦୁଡ଼ି ପାହାଡ଼ରେ ନିଖୋଜ ଥିଲେ ପୁରା ପରିବାର। ଚାରି ସଦସ୍ୟ ମଧ୍ୟରୁ ବାପା ଓ ସାନ ଝିଅଙ୍କ ଶବ ମିଳିଥିବା ବେଳେ ସାତ ମାସର ଗର୍ଭବତୀ ମାଆ ଓ ବଡ଼ ଝିଅରେ ପତ୍ତା ମୁଳୁନି । ସେପଟେ ଅଗ୍ନିଶମ ବାହିନୀ, ପୋଲିସ ପ୍ରଶାସନ , ଓ ଗ୍ରାମବାସୀ ଘଟଣା ସ୍ଥଳରେ ଖୋଜା ଜାରି ରଖିଛନ୍ତି । ସୂଚନା ଥାଉକି, ଦଣ୍ଡାବାଡ଼ି ଗାଁ ର ଲଳିତ ପୂଜାରୀ ଗତ ଫେବୃଆରୀ ଏକ ତାରିଖ ଦିନ ନିଜ ସ୍ତ୍ରୀ ଓ ଦୁଇ ନାବାଳିକଙ୍କୁ ନେଇ ମାଛ ଧରିବାକୁ ବାଦୁଡିପାହାଡକୁ ଯାଇଥିଲେ। ସେମାନେ ଘରକୁ ନ ଫେରିବାରୁ ପରିବାର ଲୋକେ ଏବଂ ଗ୍ରାମବାସୀ ଖୋଜାଖୋଜି ଆରମ୍ଭ କଲେ କ୍ଷ ଏହି ସମୟରେ ବାଦୁଡି ପାହାଡ଼ ନିକଟରେ ଥିବା ସାବରୀ ନଦୀ କୂଳରେ ନିଖୋଜ ଚାରି ସଦସ୍ୟଙ୍କ ପୋଷାକ, ଲୁଙ୍ଗି, ଶାଢୀ, ଚପଲ, ମୋବାଇଲ, ଆଧାର କାର୍ଡ ଏବଂ ମାଛ ଜାଲ ପଡିଥିବା ଦେଖିବାକୁ ପାଇଥିଲେ। ଏନେଇ ଥାନା ଦ୍ୱାରସ୍ଥ ହୋଇଥିଲେ ସ୍ଥାନୀୟ ସରପଞ୍ଚ ଛେଣ୍ଡିଆ ଖିଲଙ୍କ ସମେତ ପରିବାର ଲୋକେ। ଥାନା ଅଧିକାରୀ ଡମ୍ବରୁ ବର୍ତିଆଙ୍କ ନେତୃତ୍ୱରେ ନିଖୋଜଙ୍କୁ ଖୋଜିବା ପାଇଁ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ । ଏଥିରେ ବୈପାରୀଗୁଡା ତହସିଲଦାର, ରାମଗିରି ଫାଣ୍ଡି ଅଧିକାରୀ ବିଷ୍ଣୁ ମାଡକାମୀ, କୋରାପୁଟ ପୋଲିସ ସାଇଣ୍ଟିଫିକ ଟିମ ସହ ସନ୍ଧାନୀ କୁକୁର, ଏବଂ ମଧ୍ୟ ସାମିଲ ଥିଲେ କ୍ଷ ଆଜି ଅଗ୍ନିଶମ ବାହିନର ଓଡ୍ରାଫ ଟିମ ଖୋଜିବା ସମୟରେ ବାପା ଓ ସାନ ଝିଅ ଶବ ଉଦ୍ଧାର ହୋଇଛି, ଆସନ୍ତା କାଲି ପୁଣି ସ୍ୱତନ୍ତ୍ର ବୋଟ ସାହାଯ୍ୟରେ ମାଆ ଓ ବଡ଼ ଝିଅ କୁ ଖୋଜା ହେବ ବୋଲି ଜଣା ପଡିଛି ।

# କଂଗ୍ରେସରୁ ଇସ୍ତଫା ଦେଲେ ପୂର୍ବତନ ସାଂସଦ ଜୟରାମ ପାଙ୍ଗି

ପଟାଙ୍ଗି, ୧୮।୨(ସମିସ) କୋରାପୁଟ ଜିଲ୍ଲାର ପୂର୍ବତନ ସାଂସଦ ଜୟରାମ ପାଙ୍ଗି ଆଜି କଂଗ୍ରେସ ଦଳ ର ପ୍ରାଥମିକ ସଭ୍ୟତା ପଦରୁ ଇସ୍ତଫା ଦେଇଛନ୍ତି। ସୂଚନା ଅନୁଯାୟୀ ପୂର୍ବତନ ସାଂସଦ ଶ୍ରୀ ପାଙ୍ଗି ଭାରତୀୟ ଜାତୀୟ କଂଗ୍ରେସ ଓଡିଶା ରାଜ୍ୟ କଂଗ୍ରେସ କମିଟିର ସଭାପତିଙ୍କୁ ଲିଖିତ ଭାବେ ତାଙ୍କର କଂଗ୍ରେସ ଦଳ ର ପ୍ରାଥମିକ ସଭ୍ୟତା ପଦରୁ ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଇସ୍ତଫା ପତ୍ରରେ ସେ ଭାରତୀୟ ଜାତୀୟ କଂଗ୍ରେସ ଦଳ ମତେ ସମ୍ମାନର ସହ ଗ୍ରହଣ କରି ଓଡିଶା ରାଜ୍ୟ ଆଦିବାସୀ



କଂଗ୍ରେସ ଅଧ୍ୟକ୍ଷ ଭଳି ଗୁରୁତ୍ୱ ପୁର୍ଣ ପଦବୀ ଦେଇଥିଲେ। ସଂଗଠନ ପାଇଁ ସମୟ ଦେଇପାରି ନଥିବାରୁ ସେତେବେଳେ ସେ ଇସ୍ତଫା ଦେଇଥିଲି । ବର୍ତ୍ତମାନ ଦଣ୍ଡକାରଣ୍ୟ ପାର୍ବତମାଳା ବିକାଶ ପରିଷଦ ଗଠନ କରି ଏହାର ଉଦ୍ଦେଶ୍ୟକୁ ସଫଳ କରିବା ପାଇଁ ସମୟର ଅଭାବ ଦୃଷ୍ଟିରୁ କଂଗ୍ରେସ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ପ୍ରଦାନ କରୁଥିବା ଲେଖିଛନ୍ତି।

## ଛୁରା ମାଡ଼ରେ ଶଢ଼ୁ ଓ ସ୍ତ୍ରୀ ଆହତ, ଜଣେ ଗିରଫ

ଉମରକୋଟ ୧୮।୨(ସମିସ): ପାରିବାରିକ କଳହ ଯୋଗୁଁ ହତ୍ୟା ଉଦ୍ୟମ। ସୂଚନା ପ୍ରକାରେ: ଉମରକୋଟ ସହରରେ ବସବାସ କରୁଥିବା ହରି ରାମ ଗୌଡ଼(୩୬)। ହରିରାମଙ୍କ ପ୍ରକୃତ ଘର ଦେଓଭୋଗ ଥାନା ଅଧୀନରେ ଥିବା ଦେନମୁଣ୍ଡା ଗ୍ରାମ ଠାରେ। ସେ ଉମରକୋଟର ଏକ ହୋଟେଲ ଠାରେ କାମ କରୁଥିଲେ। ଗତକାଲି ରାତ୍ର ପ୍ରାୟ ୮ ଘଟିକା ସମୟରେ ମଦ ପିଇ ନିଜ ସ୍ତ୍ରୀ କୁମାରୀ ଗୌଡ଼ଙ୍କ ସହ ଝଗଡା କରୁଥିଲେ। ଏହି ସମୟରେ ଉମରକୋଟ ସହରର ଗୁଲିପାଟଣା ସାହିରେ ରହୁଥିବା ସଢ଼ୁ ବିଦ୍ୟାଧର ଗୌଡ଼ କଳହକୁ ବୁଝାସୁଝା ପାଇଁ ଯାଇଥିଲେ। ଏହି ସମୟରେ ହରିରାମ ଉତକ୍ଷିପ୍ତ ହୋଇ ଘରେ ଥିବା ଏକ ଛୁରୀ ସାହାଯ୍ୟରେ ନିଜ ସ୍ତ୍ରୀ ଓ ସଢ଼ୁଙ୍କୁ ଆକ୍ରମଣ କରିଥିଲେ। ହରିରାମ ଙ୍କ ଛୁରା ଆକ୍ରମଣରେ ସ୍ତ୍ରୀ କୁମାରୀ ଗୌଡ଼ ଓ ସଢୁ ବିଦ୍ୟାଧର ଗୌଡ଼ଙ୍କୁ ଆକ୍ରମଣର ଶିକାର ହୋଇଥଲା ଦୁହେଁ ଆହତ ଅବସ୍ଥାରେ। ଉଭୟଙ୍କୁ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ବିଦ୍ୟାଧରଙ୍କ ବାମ ହାତ ଓ ପେଟରେ ଛୁରା ବାଜିଥିବା ବେଳେ କୁମାରୀ ଗୌଡ଼ଙ୍କ ହାତରେ ଛୁରା ବାଜିଥିଲା। ଏନେଇ ନିଦ୍ୟାଧର ଗୌଡ଼ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିରି କରି ପୋଲିସ ଏସ ଆଇ ସଞ୍ଜୟ ମଣ୍ଡଳ ଘଟଣା ସ୍ଥଳରେ ପହଞ୍ଚି ଆକ୍ରମଣରେ ବ୍ୟବହୃତ ହୋଇଥୁବା ଛୁରାକୁ ଜବତ କରିବା ସହ ଘର ଠାରୁ କିଛି ଦୂରରୁ ଅଭିଯୁକ୍ତ ହରିରାମ ଗୌଡ଼ କୁ ଗିରଫ କରିଥିଲେ। ଅଭିଯୁକ୍ତ ହରିରାମ ଗୈଡକୁ ପୋଲିସ କୋର୍ଟ ଚାଲାଣ କରିଥିଲେ। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତକୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

## ପ୍ରସୂତି ମହିଳାଙ୍କ ମୃତ୍ୟୁ

ଲକ୍ଷ୍ମୀପୁର,୧୮।୨(ସମିସ) ରାୟଗଡ଼ାର ଏକ ଘରୋଇ କ୍ଲିନିକରେ କାନନ ମଣ୍ଡଳ ନାମକ ଜଣେ ମହିଳାର ଏକ ଶିଶୁକନ୍ୟା ଅପରେସନ ଦ୍ୱାରା ପ୍ରସୂତି ହୋଇ ଥିଲା। ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କୋରାପୁଟ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ରାୟଗଡ଼ାରୁ କୋରାପୁଟ ଯିବା ବାଟରେ ମହିଳାର ଅବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ ଲକ୍ଷ୍ମୀପୁର ମେଡିକାଲରେ ପ୍ରଥମିକ ଚିକିତ୍ସା ପାଇଁ ଭର୍ତ୍ତି କରାଇ ଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର କହିଛନ୍ତି। ଚିକିତ୍ସା ଅବହେଳାରୁ ମୃତ୍ୟୁ ହୋଇଥିବା ଅଭିଯୋଗ ରାୟଗଡ଼ା ଥାନାରେ ମୃତ ମହିଳାଙ୍କ ସ୍ୱାମୀ ପ୍ରଭଞ୍ଜନ ମହାନ୍ତି କରିଛନ୍ତି। ରାୟଗଡ଼ା ପୋଲିସ୍ ଏହାର ତଦନ୍ତ କରୁ ଥିବା ଜଣାପଡ଼ିଛି। ଏହି ଘଟଣାରେ ଡାକ୍ତର ଙ୍କ ପ୍ରତିକ୍ରିୟା ମିଳି ପାରି ନାହିଁ।

● ଛାତ୍ରୀମାନଙ୍କୁ ଦୁର୍ବ୍ୟବହାର ଅଭିଯୋଗ

# ଶିକ୍ଷକଙ୍କୁ ବଦଳି ପାଇଁ ବିଇଓଙ୍କୁ ଦାବିପତ୍ର

କୋଷାଗୁମୁଡା,୧୮।୨(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକର ଏମ-କେରାଗାଁ ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶିକ୍ଷକଙ୍କ ବଦଳି ଦାବି କରିଛନ୍ତି ଅଭିଭାବକ। ଛାତ୍ରୀଙ୍କୁ ସେ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ଏହି ଘଟଣା କୁନେଇ ସ୍ଥାନୀୟ ସରପଞ୍ଚ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଅଭିଭାବକ ଜଣାଇଥିଲେ। ପରେ ଏହି ଘଟଣା କୁନେଇ ଶିକ୍ଷକ ଶ୍ରୀ ଡାକୁଆ ଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ କୋଷାଗୁମୁଡା ଗୋଷ୍ଠି ଶିକ୍ଷା ଅଧିକାରୀଙ୍କୁ ଏକ ଅଭିଯୋଗ ପତ୍ର ଦେଇଥିଲେ। ଏହି ଅଭିଯୋଗ ପତ୍ର ସ୍ଥାନୀୟ ସରପଞ୍ଚ, ୱାର୍ଡମେମ୍ବରଙ୍କ ସହ ଅଭିବାବକ ମାନେ ସ୍ୱାକ୍ଷର ସହ ଷ୍ଟାମ ଲଗାଇ ଦେଇଥିଲେ। ଯାହାକି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଜଣାପଡିଛି। ଏପଟେ ଏହି ଘଟଣା ହେବା ଦିନରୁ ଶିକ୍ଷକ ଶ୍ରୀ ଡାକୁଆ ବିଦ୍ୟାଳୟରୁ ଘର କୁ ଚାଲିଯାଇଥିବା ଜଣାପଡିଛି। ଏହି ଘଟଣା କୁନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୌମେନ୍ଦ୍ର ଭୌମିକ ବିଦ୍ୟାଳୟକୁ ଗସ୍ତ କରି ଘଟଣା ସମ୍ପର୍କରେ ଆଲୋଚନା କରିଥିବା ସହ ବିଦ୍ୟାଳୟର ସିସି କେମେରା କାହିଁକି ବନ୍ଦ ଅଛି ବୋଲି ପଚାରିଥିବା ଜଣାପଡିଛି। ଏପଟେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଘଟଣା ସମ୍ପର୍କରେ ଜାଣିନଥିବା ସହ ସରପଞ୍ଚ କହିବା ଯୋଗୁଁ ଜାଣିଲି ବୋଲି କହିଛନ୍ତି। ଏହି ଘଟଣା ସମ୍ପର୍କରେ ଶିକ୍ଷକ ଶ୍ରୀ ଡାକୁଆଙ୍କୁ ପଚାରି ପାଇଁ ଫୋନ କରିଥିଲେ ସୁଦ୍ଧା ସେ କଲ୍ ଉଠାଇ ଚୁପ ରହିବା ଯୋଗୁଁ କୌଣସି ପ୍ରତିକ୍ରିୟା ମିଳିନାହିଁ।

# ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ତଦାରଖ କଲେ ଜିଲ୍ଲାପାଳ

ଜୟପୁର,୧୮।୨(ସମିସ): କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ ଆଜି ଜୟପୁର ବ୍ଲକ ଗସ୍ତ କରିବା ସହିତ ବିଭିନ୍ନ ଉନ୍ନତୀମୂଳକ କାର୍ଯ୍ୟ ଗୁଡିକକୁ ନିଜେ ଘଟଣାସ୍ଥଳକୁ ଯାଇ ବୁଲି ଦେଖିବା ସହିତ ତଦାରଖ କରିଥିଲେ। ଏହି ଅବସରରେ ରାଣିଗଡ ଗ୍ରାମିଣ ହାଟ, ତେଲେଙ୍ଗିରି ଡ୍ୟାମ ନିକଟରେ ଭ୍ୟୁ ଟାୱାର ନିର୍ମାଣ ନେଇ ତୁରନ୍ତ ଏନେଇ ପର୍ଯ୍ୟଟନ ବିଭାଗକୁ ପ୍ରସ୍ତାବ ପ୍ରଦାନ କରିବାକୁ ଉପସ୍ଥିତ ବିଡିଓ ଶକ୍ତି ମହାପାତ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ମାଳିଗୁଡା ଟନେଲ ନିକଟରେ ରେଳ ବିଭାଗ ପକ୍ଷରୁ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବା ଯୋଗୁଁ ତୁରନ୍ତ କାର୍ଯ୍ୟ ସାରିବାକୁ ରେଳବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ରେଳ ବିଭାଗର କାର୍ଯ୍ୟ ଶେଷହେବା ପରେ ମାଳିଗୁଡା ଟନେଲ ନିକଟରେ ପର୍ଯ୍ୟଟକଙ୍କ ନିମନ୍ତେ ଏକ ଭ୍ୟୁ ଟାୱାର ଏବଂ ଆଶ୍ରୟସ୍ଥଳ ନିର୍ମାଣ କରାଯିବ ବୋଲି କହିଥିଲେ। ଏହିପରି ଆମ୍ବାଗୁଡା ଓ ରାଣିଗଡ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଠାରେ ସମୀକ୍ଷା ବୈଠକ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର,ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ନନ୍ଦ, କନିଷ୍ଠ ଯନ୍ତ୍ରୀ ରଞ୍ଜିତା ପଣା ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି ମାଟ୍ରିକ୍ ପରୀକ୍ଷା

ଜୟପୁର,୧୮।୨(ସମିସ): ଆଜି ସାରା ଓଡିଶାରେ ଚଳିତ ବର୍ଷର ରାଜ୍ୟ ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ପରିଚାଳିତ ଦଶମ ତଥା ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ଜୟପୁର ବ୍ଲକ ଓ ପେ?ରାଞ୍ଚଳରେ ସମୁଦାୟ ୧୨ଟି କେନ୍ଦ୍ରରେ ୨୭୦୩ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ସ୍ଥାନୀୟ ଆଞ୍ଚଳିକ ବୋର୍ଡ କାର୍ଯ୍ୟାଳୟର ସୂଚନା ଅନୁଯାୟୀ ସରକାରୀ ବାଳିକା ବିଦ୍ୟାଳୟ ନୋଡାଲ କେନ୍ଦ୍ରରୁ ୬ରୁ ସାଢେ ୬ଟା ସୁଦ୍ଧା ପ୍ରଶ୍ନପତ୍ର ଓ ଉତ୍ତରଖାତା ନେଇ ପରୀକ୍ଷାକେନ୍ଦ୍ରକୁ ସ୍ୱତନ୍ତ୍ର ଦଳ ପୁଲିସର କଡା ସୁରକ୍ଷା ମଧ୍ୟରେ ଯାତ୍ରା କରିବେ। ପୂର୍ବାହ୍ନ ସାଢେ ୭ଟା ସୁଦ୍ଧା ପ୍ରତ୍ୟେକ କେନ୍ଦ୍ରରେ ପ୍ରଶ୍ନପତ୍ର ପହଁଚିବ ଏବଂ ପୂର୍ବାହ୍ନ ୮ ଟାରେ ଛାତ୍ରଛାତ୍ରୀ ମାନେ ପରୀକ୍ଷାକେନ୍ଦ୍ରକୁ ପ୍ରବେଶ କରିବେ। ପୂର୍ବାହ୍ନ ୯ ଟା ଠାରୁ ସାଢେ ୧୧ ଟା ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହେବା ନେଇ ନିର୍ଦ୍ଧାରିତ ହୋଇଛି। ସେହିପରି ପରୀକ୍ଷା ଶେଷ ହେବା ପରେ ପ୍ରଶ୍ନପତ୍ର ଓ ଉତ୍ତରଖାତା ପୁଣି ସଂଗ୍ରହ କରିବା ପରେ ନୋଡାଲ କେନ୍ଦ୍ରକୁ ଫେରାଇ ଅଣାଯିବ। ସୂଚନା ଯୋଗ୍ୟ ଚଳିତବର୍ଷ ଜିଲ୍ଲାରେ ୧୮ ହଜାର ୩୦୮ ଜଣ ପରୀକ୍ଷାର୍ଥୀଙ୍କ ସେ ଭିତରୁ ରେଗୁଲାରରେ ୧୮ ହଜାର ୧୬୭, ଏକ୍ସରେଗୁଲାରରେ ୧୧୭, ୧୪ ଜଣ ମଧ୍ୟମା ଓ ପତ୍ର ବିନିମୟରେ ପରୀକ୍ଷା ଦେବେ ୧୦ଜଣ ପିଲା। ସେମାନଙ୍କ ଲାଗି ୮୭ଟି ପରୀକ୍ଷା କେନ୍ଦ୍ରର ବ୍ୟବସ୍ଥା ରହିଛି।

# ୨ ବିଦ୍ୟାଳୟରେ +୨ ପରୀକ୍ଷା ଆରମ୍ଭ

ଡାବୁଗାଁ, ୧୮।୨(ସମିସ): ନବରଙ୍ଗପୁର ଜିଲା ଡାବୁଗାଁ ସଦରମହକୁମାସ୍ଥିତ ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ +୨ ବିଜ୍ଞାନ ପରୀକ୍ଷା ବୁଧବାର ଆରମ୍ଭ ହୋଇଛି। ପ୍ରଥମ ଦିନରେ ରେଗୁଲାର ୧୨୨ ଜଣ ଛାତ୍ରୀଛାତ୍ର ପଞ୍ଜିକୃତ କରି ୧୨୨ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଏକ୍ସ- ରେଗୁଲାର ୩ ଜଣ ଛାତ୍ରୀଛାତ୍ର ପଞ୍ଜିକୃତ କରି ୩ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ । ମୋଟ ୧୨୫ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଏଥିରେ ସୁପରିଟେଣ୍ଡେଣ୍ଟ ଭାବେ ବିଦ୍ୟାଳୟର ଅଧ୍ୟକ୍ଷ ରମେଶ ଚନ୍ଦ୍ର ନାହାକ, ଡେପୁଟି ସୁପରିଟେଣ୍ଡେଣ୍ଟ ଭାବେ ସନ୍ତୋଷ କୁମାର ସିଂଲାଲ ଓ ଇନିଭିଜିଲେଟର ୩ ଜଣ ପରୀକ୍ଷା ପରିଚାଳନା ଦାୟିତ୍? ରେ ରହିଥିଲେ। ସେହି ପରି ଡାବୁଗାଁ (ଏସଏସଡି) ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ +୨ ବିଜ୍ଞାନ ପରୀକ୍ଷା ହୋଇଛି । ପ୍ରଥମ ଦିନରେ ରେଗୁଲାର ୧୨୫ ଜଣ ଛାତ୍ରୀ ପଞ୍ଜିକୃତ କରି ୧୨୫ ଣ ଛାତ୍ରୀ ପରୀକ୍ଷା ଦେଇଥିଲେ। ଏକ୍ସ- ରେଗୁଲାର ୨ ଜଣ ଛାତ୍ରୀ ପଞ୍ଜିକୃତ କରି ୨ ଜଣ ଛାତ୍ରୀ ପରୀକ୍ଷା ଦେଇଥିଲେ। ମୋଟ ୧୨୭ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ । ଏଥିରେ ସୁପରିଟେଣ୍ଡେଣ୍ଟ ଭାବେ ବିଦ୍ୟାଳୟର ଅଧ୍ୟକ୍ଷା କିରଣମାଳା ତିର୍କୀ, ଡେପୁଟି ସୁପରିଟେଣ୍ଡେଣ୍ଟ ଭାବେ ବିବେକ କୁମାର ଭୋଇ ଓ ଇନିଭିଜିଲେଟର ୭ ଜଣ ପରୀକ୍ଷା ପରିଚାଳନା ଦାୟିତ୍ୱରେ ରହିଥିଲେ।

# ବାଇକ୍ ଦୁର୍ଘଟଣା, ଜଣେ ମୃତ

ଜୟପୁର,୧୮।୨(ସମିସ): ଜୟପୁର ଗ୍ଲୋକାଲ ଚିକିତ୍ସାଳୟରୁ ଜଗନ୍ନାଥ ସାଗରକୁ ସଂଯୋଗ କରୁଥିବା ବାଇପାସ ରାସ୍ତା ନିକଟରେ ବାଇକ ଦୁର୍ଘଟଣାରେ ବାଇକ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଛି ଏବଂ ଅନ୍ୟଜଣେ ଯୁବକଙ୍କ ଗୁରୁତର ଅବସ୍ଥାରେ ଜୟପୁର ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମୃତକ ଜୟପୁର ସଦରଥାନା ପାତ୍ରପୁଟ ଗ୍ରାମର ଘାସିରାମ ଗଲୋରୀ (୪୮) ଏବଂ ଗୁରୁତର ଯୁବକ କୋଟପାଡ ଥାନା କୁସୁମି ଗ୍ରାମର କ୍ରିସ କୁମାର ନାଗ (୨୨)। ପୁଲିସ ସୂଚନା ଅନୁଯାୟୀ ଆଜି ଅପରାହ୍ନ ୪ଟା ସମୟରେ ବାଇପାସ ରୋଡ ନିକଟରେ ଜୟପୁର ଅଭିମୁଖେ ଦୁଇଜଣ ଏକ ବାଇକରେ ଆସୁଥିବା ସମୟରେ ସ୍ଥାନୀୟ ଦେଖଣାହାରୀଙ୍କ କହିବା ଅନୁଯାୟୀ ଏକ ଅଜଣାଗାଡି ଧକ୍କା ଦେବା ଫଳରେ ବାଇକର ନିୟନ୍ତ୍ରଣ ହରାଇ ରାସ୍ତା ପାଖରେ ପଡିଯାଇଥିଲା। ଫଳରେ ମୃତକଙ୍କ ମୁଣ୍ଡ ଓ ଛାତିରେ ଗଭୀର ଆଘାତ ଲାଗିଥିଲା ଏବଂ ସେହିପରି ଗୁରୁତରଙ୍କୁ ମଧ୍ୟ ଗଭୀର ଆଘାତ ଲାଗିଥିଲା ଫଳରେ ସେ ଅଚେତ ହୋଇ ପଡିରହିଥିଲେ। ସୂଚନା ପାଇବା ପରେ ପୁଲିସ ପେଟ୍ରୋଲିଂ ଦଳ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରିବା ପରେ ଜିଲ୍ଲା ଚିକିତ୍ସାଳୟକୁ ନେଇଥିଲେ କିନ୍ତୁ ଡାକ୍ତର ସେଠାରେ ଜଣଙ୍କୁ ମୃତ ଘୋଷଣା କରିଥିବା ବେଳେ ଗୁରୁତରଙ୍କ ଚିକିତ୍ସା ଆରମ୍ଭ କରିଥିଲେ।

# ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଘାଟିତ

କୋରାପୁଟ,୧୮।୨(ସମିସ): ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷ କାର୍ଯ୍ୟାଳୟ ନିକଟ ହାଇସ୍କୁଲ ପଡ଼ିଆ ଠାରେ ଆୟୋଜିତ ଦୁଇ ଦିନିଆ ଜିଲ୍ଲା ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦଘାଟିତ ହୋଇଯାଇଛି। ଜିଲ୍ଲା ପରିଷଦ ଅଧକ୍ଷା ସସ୍ମିତା ମେଲେକାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମେଳାରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ।କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ।ରାଜ୍ୟ ସରକାରଙ୍କ ବିଭିନ୍ନ



ଯୋଜନାକୁ ନେଇ ଷ୍ଟଲ ଗୁଡ଼ିକରେ ପ୍ରଦର୍ଶିତ କରାଯାଇଥିଲା।କୋରାପୁଟ ସାଂସଦଙ୍କ ପ୍ରତିନିଧି ମନୋଜ କୁମାର ଆଚାର୍ଯ୍ୟ ଏବଂ ନବରଙ୍ଗପୁର ସାଂସଦଙ୍କ ପ୍ରତିନିଧି ଉପସ୍ଥିତ ଥିଲେ। କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ରହିଥିବା ବିଭିନ୍ନ ଯୋଜନା ସଂପର୍କରେ ଚାଷୀ ମାନଙ୍କୁ ଅବଗତ କରିବା ପାଇଁ ବ୍ଲକ ଏବଂ ଜିଲ୍ଲାସ୍ତରରେ ମେଳା ଆୟୋଜନ କରାଯାଉଛି। ଏହି ମେଳାରେ ଚାଷୀ ମାନେ ଯୋଜନା ଏବଂ ସବସିଡି ସଂପର୍କରେ ସୂଚନା ପାଆନ୍ତି ବୋଲି ଜିଲ୍ଲାପାଳ ଶ୍ରୀ ମହାଜନ କହିଛନ୍ତି। ଏହି ଅବସରରେ ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦର ଚାଷୀ ମାନଙ୍କୁ ଚେକ ପ୍ରଦାନ କରାଯାଇଥିଲା। ପି ସନ୍ତୋଷୀ ଆଚାରୀ ଓ ସୁଜାତା ଆଚାରୀ ଯୋଗଦେଇ ମଞ୍ଚ ପରିଚାଳନା କରିଥିଲେ। କୋରାପୁଟ, କୋଟପାଡ, ବୋରିଗୁମ୍ମା, କୁନ୍ଦ୍ରା, ବୈପାରିଗୁଡା, ଲକ୍ଷ୍ମୀପୁର ଏବଂ ପଟାଙ୍ଗୀ ବ୍ଲକର ଚାଷୀ ମାନେ ଉପସ୍ଥିତ ଥିଲେ।ଅନ୍ୟମାନଙ୍କ ମଧ୍ୟରେ ଏଡିଭିଓ ଡାକ୍ତର ପ୍ରକାଶ ମହାନ୍ତି ଓ ଡାକ୍ତର ପରୀକ୍ଷିତ କୁଣ୍ଡୁ, କୋରାପୁଟ ଏସଡିଭିଓ ଡାକ୍ତର ସୁଦର୍ଶନ ସାହୁ, ଜୟପୁର ଏସଡିଭିଓ ଡାକ୍ତର ବିଶ୍ୱଜିତ ରାୟ, ଉପ ନିର୍ଦ୍ଦେଶକ ଡାକ୍ତର ଅକ୍ଷୟ କୁମାର ଜେନା ଯୋଗଦେଇ ପରିଚାଳନା କରିଥିଲେ। ରାଜ୍ୟ ସରକାରଙ୍କ ଠାରୁ ଜିଲ୍ଲାସ୍ତରୀୟ ମେଳା ନିମନ୍ତେ କେତେ ଅର୍ଥ ରାଶି ଆସିଛି ବୋଲି ପ୍ରଶ୍ନ ହେବାରୁ ଦୁଇ ଅଧିକାରୀଙ୍କ ଉତ୍ତରରେ ତାରତମ୍ୟ ରହିଥିବା ଜଣାପଡିଛି।ପ୍ରାଣୀ ଚିକିତ୍ସାଧିକାରୀ ୨୬ ଲକ୍ଷ ଟଙ୍କା ଆସିଥିବା କହୁଥିବା ବେଳେ ମତ୍ସ୍ୟ ଅଧିକାରୀ ୨୮ ଲକ୍ଷ ଟଙ୍କା ଆସିଥିବା କହିଛନ୍ତି।

## ଅବସରପ୍ରାପ୍ତ ଶିକ୍ଷା ଅଧିକାରୀଙ୍କ ପରଲୋକ

କୋରାପୁଟ,୧୮।୨(ସମିସ): ଅବିଭକ୍ତ କୋରାପୁଟ ଜିଲ୍ଲାର ବିଶିଷ୍ଟ ଶିକ୍ଷାବିତ ଡକ୍ଟର ଅମୂଲ୍ୟ ରଞ୍ଜନ ମହାପାତ୍ରଙ୍କ ଧର୍ମପତ୍ନୀ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଜୟା ମହାପାତ୍ରଙ୍କ ବୁଧବାର ଅପରାହ୍ନରେ ପରଲୋକ ହୋଇଛି।



ଶ୍ରୀମତୀ ମହାପାତ୍ର ଆଜି ସକାଳେ ଅଚାନକ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତୁରନ୍ତ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍‌ପିଟାଲ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପ୍ରଚାର ହେବା ପରେ ସହରରେ ଶୋକର ଛାୟା ଖେଳି ଯାଇଛି। ଶ୍ରୀମତୀ ମହାପାତ୍ର କୋରାପୁଟ ବାଳିକା ଉଚ୍ଚ ବିଦ୍ୟାଳୟ, ଡୁମୁରିପୁଟ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟତ୍ରୀ ଭାବେ କାର୍ଯ୍ୟ କରିବା ସହ ସେମିଳିଗୁଡା, ନନ୍ଦପୁର ଓ ଲମତାପୁଟ ବ୍ଲକରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବରେ ଚାକିରି କରିଥିଲେ। ତାଙ୍କ ବିୟୋଗରେ ଡୁମୁରିପୁଟ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂଘ, ବୀର ସୁରେନ୍ଦ୍ର ସାଏ ପାଠାଗାର ପକ୍ଷରୁ ଶୋକ ପ୍ରକାଶ କରାଯାଇଛି।

# ପରୀକ୍ଷା ପରିଚାଳନାକୁ ନେଇ ସେମିଳିଗୁଡ଼ା ମହାବିଦ୍ୟାଳୟରେ ବୈଠକ



ସେମିଳିଗୁଡ଼ା, ୧୮।୨ (ସମିସ): ଆସନ୍ତା +୨ ପରୀକ୍ଷା ସୁଚାରୁ ଓ ସୁସଂଯୋଜିତ ଭାବେ ପରିଚାଳନା କରିବା ସହିତ ସମ୍ପର୍କୀତ ନିୟମ ଓ ଶୃଙ୍ଖଳା ଆଲୋଚନା ପାଇଁ କୋରାପୁଟ ଜିଲ୍ଲାର ସେମିଳିଗୁଡା ମହାବିଦ୍ୟାଳୟର ଏକ ଜରୁରୀ ଷ୍ଟାଫ୍ କାଉନସିଲ୍ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକଟି ମହାବିଦ୍ୟାଳୟ ପରିସରରେ ଅଧକ୍ଷା ଡ ଝାନ୍ସୀ ସିଂହଙ୍କ ଅଧକ୍ଷତାରେ ହୋଇଥିଲା। +୨ ପରୀକ୍ଷା ସମୟରେ ପରୀକ୍ଷା କକ୍ଷ ପରିଚାଳନା, ଦାୟିତ୍ୱ ବଣ୍ଟନ, ପରୀକ୍ଷାର୍ଥୀଙ୍କ ଶୃଙ୍ଖଳା, ପ୍ରଶ୍ନପତ୍ର ଓ ଉତ୍ତରପତ୍ର ସୁରକ୍ଷା, ନିରୀକ୍ଷକଙ୍କ କର୍ତ୍ତବ୍ୟ, ସମୟାନୁସାରେ କାର୍ଯ୍ୟସମ୍ପାଦନ ଓ ଆପତ୍କାଳୀନ ପରିସ୍ଥିତିରେ କରଣୀୟ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା।"ଏହାସହିତ ପରୀକ୍ଷା ସମୟରେ ମାଲପ୍ରାକ୍ଟିସ୍ ରୋକିବଓ, ପରୀକ୍ଷା କେନ୍ଦ୍ରରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା, ପରୀକ୍ଷା ହବ ପରିଚାଳନା, ପରିସ୍କାରତା ଓ ନିୟମ ଅନୁସରଣ ଉପରେ ବିଶେଷ ଜୋର ଦିଆଯାଇଥିଲା। ସମସ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ବୋର୍ଡ଼ ନିର୍ଦ୍ଦେଶାବଳୀକୁ କଡାକଡି ଭାବେ ପାଳନ କରିବାକୁ ଅନୁରୋଧ କରାଯାଇଥିଲା।। ବୈଠକ ଶେଷରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଆଶା ବ୍ୟକ୍ତ କରିଥିଲେ ଯେ, ସମସ୍ତଙ୍କ ସହଯୋଗରେ +୨ ପରୀକ୍ଷା ସଫଳ ଓ ସୁଚାରୁ ଭାବେ ସମ୍ପନ୍ନ ହେବ। ହବ ର ପରିଚାଳନା ଦାୟିତ୍ୱରେ ଅଧକ୍ଷଙ୍କ ସହ ଡେପୁଟି ଭାବେ ଡ ସୁଭ୍ରାଂଶୁ ସୁନ୍ଦର ଦାସ ଏବଂ ଡ. ଗୀତା ପଟ୍ଟନାୟକ ଓ ପ୍ରେମାନନ୍ଦ ରାଉତ କଲେଜ ପରୀକ୍ଷା ପରିଚାଳନା ଦାୟିତ୍ୱରେ ଅଛନ୍ତି । ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଏହି ବୈଠକରେ ଉପସ୍ଥିତ ରହି ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।

# ଗୋରୁ ବୋଝେଇ କଣ୍ଟେନର ଜବତ, ୩୦ ଗୋରୁ ଉଦ୍ଧାର

ନନ୍ଦପୁର, ୧୮।୨(ସମିସ):

ଗୋରୁ ଗାଈ ବୋଝେଇ ଏକ କଣ୍ଟେନର ଗାଡ଼ିକୁ ଜବତ କରି ସ୍ଥାନୀୟ ପୁଲିସ୍‌କୁ ହସ୍ତାନ୍ତର କରାଯାଇଛି। ବହୁ ଦିନ ଧରି ନନ୍ଦପୁର, ଜଲାପୁଟ, ଲମତାପୁଟ ଓ ଆଖପାଖ ଅଞ୍ଚଳରୁ ଭାୟା ଆରୁକୁ ଆନ୍ଧ୍ରକୁ ଗୋ ଚାଲାଣ ହେଉଛି। ସୋମବାର ରାତି ସମୟରେ ଭେଜା ଅଞ୍ଚଳର କିଛି ଯୁବ ଗୋଷ୍ଠୀ ଓ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର କର୍ମକର୍ତ୍ତା ମାନେ ମିଳିତ ଭାବେ ଗୋରୁ ବୋଝେଇ ଏକ କଣ୍ଟେନରକୁ ଭେଜା ରେଳପୋଲ ନିକଟରେ ଅଟକାଇଥିଲେ। ବହୁ



ବଚସା ପରେ କଣ୍ଟେନର ମଧ୍ୟରୁ ପ୍ରାୟ ୩୦ ଗୋରୁ ଥିବା ଜାଣିବାକୁ ପାଇଥିଲେ। ଇତି ମଧ୍ୟରେ କଣ୍ଟେନର ଡ୍ରାଇଭର ଓ ହେଲପର ଘଟଣା ସ୍ଥଳରୁ ସୁଯୋଗ ଦେଖି ଚମ୍ପଟ ହୋଇଯାଇଥିଲେ। ହେଲେ ଗୋରୁ ବୋଝେଇ କଣ୍ଟେନରକୁ ଉଦ୍ଧାର କରି ପାଡୁଆ ପୁଲିସକୁ ହସ୍ତାନ୍ତର କରିଥିଲେ। ଉଦ୍ଧାରକାରୀ ଦଳ ମଧ୍ୟରେ ବିସମ୍ବର୍ ସୀସା, ମୂରଲୀଧର ସୀସା, ଈଶ୍ୱର ଖିନ୍ନିବୁଡ଼ି, ରବୀନ୍ଦ୍ର ରାମସିଂ, ଅର୍ଜୁନ ଲୁଲୁର, କୁନା ଚାଲାଣ, ଗୋପାଳ ଲୁଲୁର୍, ଭଗବାନ ସୀସା, ବୁଦୁ ତାଙ୍ଗୁଲ, ରବୀନ୍ଦ୍ର ସୀସା ଓ ସ୍ଥାନୀୟ ଯୁବଗୋଷ୍ଠୀ ସାମିଲ ଥିଲେ। ଘଟଣା ସ୍ଥଳ ପା ଡୁଆପୁଲିସ ପହଞ୍ଚି ଜବତ କଣ୍ଟେନରରୁ ଗାଈଗୋରୁ ଉଦ୍ଧାର କରି ଭେଜା ଗ୍ରାମବାସୀଙ୍କ ଦାୟିତ୍ୱ ଦେଇଥିବା ଜଣାପଡ଼ିଥିବା ବେଳେ ଗାଡ଼ି ଜବତ କରି ଘଟଣା ତଦନ୍ତ କରୁଛି ପୁଲିସ।

# ସ୍ଥାନୀୟ ଅଞ୍ଚଳ ଖାଦ୍ୟ ଯୋଗାଇବ ପୋଷଣ

ପଡିଆ,୧୮ ।୨(ସମିସ): ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷ୍ୟରୁ ସ୍ଥାନୀୟଭାବେ ଉପଲବ୍ଧ




ଖାଦ୍ୟ, ସବୁଜ ପନିପରିବା ଓ ରୋଷେଇଶାଳ ଉଦ୍ୟାନ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଅଛି। ଏହି ଅବସରରେ ବ୍ଲକର ୪ଟି ସେକ୍ଟରରେ ପ୍ରାୟ ୧୨ଟି ସ୍ଥାନରେ ରହିଥିବା ଜ୍ଞାନ କେନ୍ଦ୍ରରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟତଃ ସ୍ଥାନୀୟ ଅଞ୍ଚଳରେ ଉପଲବ୍ଧ ବିଭିନ୍ନ ପ୍ରଜାତିର ଶାଗ, ପନିପରିବା, କୋଳି, ଡାଲି ଓ କ୍ଷୁଦ୍ର ଶସ୍ୟ ନିଜର ଦୈନନ୍ଦିନ ଖାଦ୍ୟରେ ସାମିଲ କରି ନିଜର ତଥା ପରିବାର ଲୋକଙ୍କ ପୋଷଣ ପୂରଣ କରିବା ପାଇଁ କୁହାଯାଇଛି। ପଡିଆ ବ୍ଲକ ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ ରିନାରାଣୀ ରାଉତଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଜ୍ଞାନକେନ୍ଦ୍ର ଗୁଡିକରେ ଆୟୋଜନ କରାଯାଇଥିବା ବେଳେ ଆଗାମୀ ଦିନରେ ଏହା ବ୍ଲକର ସମସ୍ତ ଅଙ୍ଗନବାଡି କେନ୍ଦ୍ରରେ କରାଯିବ ବୋଲି କୁହାଯାଇଛି। ସେକ୍ଟର ସୁପରଭାଇଜରଙ୍କ ତ୍ତ୍ୱବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ପ୍ରତ୍ୟକ ଜ୍ଞାନ କେନ୍ଦ୍ର ମୁତାବକ ବ୍ଲକ ପୋଷଣ ସଂଯୋଜକ ଚୀନାମ ଅଲିଲୁୟା ତଦାରଖ କରୁଥିବା ବେଳେ ସଂଜୀତ୍ ମଣ୍ଡଳ ସହଯୋଗ କରୁଛନ୍ତି।

## ଇଗ୍ନୁ ପାଠ୍ୟକ୍ରମ ସଚେତନତା ସଭା

ରାୟଗଡ଼ା,୧୮।୨(ସମିସ): ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଇଗ୍ନୁ ଅଧ୍ୟୟନ କେନ୍ଦ୍ର ପକ୍ଷରୁ ସୁବର୍ଣ୍ଣ ଜୟନ୍ତୀ ସଭା ଗୃହରେ ଇଗ୍ନୁ ସଚେତନତା ମୂଳକ ସଭା ଆୟୋଜିତ ହୋଇଯାଇଛି। ଏହି ସଭାର ଉଦ୍ଦେଶ୍ୟ ଥିଲା ଛାତ୍ରଛାତ୍ରୀ ଓ ସାଧାରଣ ଲୋକଙ୍କୁ ଇଗ୍ନୁ ଦ୍ୱାରା ପ୍ରଦାନ କରାଯାଉଥିବା ବିଭିନ୍ନ ପାଠ୍ୟକ୍ରମ ଓ ସୁଯୋଗ ସମ୍ପର୍କରେ ସଚେତନ କରିବା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସରସ୍ୱତୀ ରାୟ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଇଗ୍ନୁର ସହାୟକ ଆଞ୍ଚଳିକ ନିର୍ଦ୍ଦେଶକ ଡ. ମାଧବ ବିଶୋଇ ଯୋଗଦେଇ ଇଗ୍ନୁ ପାଠ୍ୟକ୍ରମ, ତାହାର ଗୁରୁତ୍ୱ ଓ କାର୍ଯ୍ୟଜୀବନ ଗଠନରେ ଏହାର ଭୂମିକା ବିଷୟରେ ବ୍ୟାପକ ଆଲୋଚନା କରିଥିଲେ। ବାଣିଜ୍ୟ ବିଭାଗର ବିଭାଗୀୟ ମୁଖ୍ୟ ସୁବ୍ରତ ପ୍ରଧାନ ମହାବିଦ୍ୟାଳୟ ପକ୍ଷରୁ ଇଗ୍ନୁ ଛାତ୍ରଛାତ୍ରୀଙ୍କୁ ଦିଆଯାଉଥିବା ସହଯୋଗ ଓ ସୁବିଧା ସମ୍ପର୍କରେ ମତ ପ୍ରକାଶ କରିଥିଲେ। ଶେଷରେ ପିଜି କାଉନସିଲ୍ ଚେୟାରମେନ ପି. ଅରୁଣ କୁମାର ଧନ୍ୟବାଦ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମ ସଫଳ ଆୟୋଜନରେ ପ୍ରସାଦ ପଟ୍ଟନାୟକ, ପି. ବିନୟ, ଭୀମ ପଣ୍ଡା ଓ ଭି. ଶ୍ରୀକାନ୍ତ ସହଯୋଗ କରିଥିଲେ।

# ପକ୍କା ସଡ଼କ ପାଲଟିଛି ମରଣଯନ୍ତା

ନନ୍ଦପୁର,୧୮।୨ (ସମିସ): ସ୍ୱାଧୀନତାର ଦଶନ୍ଧୀ ବିତି ଯାଇଥିଲେ ହେଁ ନନ୍ଦପୁର ବ୍ଲକ ଅନ୍ତର୍ଗତ ଅନେକ ଗାଁ ରହିଛି, ଯେଉଁ ଗାଁରେ ପହଞ୍ଚି ପାରିନାହିଁ ପକ୍କା ସଡ଼କ । ଏହି ଏକ ଗାଁ ବିଲାପୁଟ ପଞ୍ଚାୟତର ସାବୁନ, ଉପର ହରଗଣ୍ଡା, ତଳ ହରଗଣ୍ଡା, ତଥା ଜବାଗଡ଼ ଗ୍ରାମକୁ ସଂଯୋଗ କରୁଥିବା ପକ୍କା ସଡ଼କ । ବର୍ତ୍ତମାନ ଏହା ମରଣଯନ୍ତା ପାଲଟିଛି। ଗ୍ରାମବାସୀଙ୍କ ପାଇଁ ପକ୍କା ରାସ୍ତା ଏବେ ସାତ ସପନ। ବିଲା ପୁଟ ପଞ୍ଚାୟତ ସରପଞ୍ଚ ରାଜୁ ଲେନ୍ଦୃଙ୍କ ଗାଁର ପକ୍କା ସଡ଼କ ବର୍ତ୍ତମାନ ମରଣଯନ୍ତା ପାଲଟିଛି । ତେବେ ଲୋକେ କହିଛନ୍ତି ଗାଁ କନିଆ ସୀଙ୍ଗାଣିନାକି ପରି ସରପଞ୍ଚଙ୍କ ଗାଁରେ କାମ ହୋଇ ପାରୁନାହିଁ । ଅସମତଳ, ଖାଲ ଢିପ ଭରା କଚ୍ଚା ସଡ଼କ ବର୍ତ୍ତମାନ ଅଞ୍ଚଳବାସୀଙ୍କ ଦୁଃଖ କଷ୍ଟର କାରଣ ପାଲଟିଛି। ଗ୍ରାମରେ ୨୦୦ ପରିବାରର ୧୦୦୦ରୁ ଅଧିକ ଲୋକ ବସବାସ କରୁଥିବାବେଳେ ଶିକ୍ଷା, ସ୍ୱାସ୍ଥ୍ୟ, ବଜାର ଓ ଅନ୍ୟାନ୍ୟ ସରକାରୀ ବେସରକାରୀ କାର୍ଯ୍ୟ ପାଇଁ ଲୋକମାନେ ବିଲାପୁଟ, ଜଲାପୁଟ, ଲମତାପୁଟ କିମ୍ବା ନନ୍ଦପୁର ଉପରେ



ନିର୍ଭରଶୀଳ। କିନ୍ତୁ ଭଲ ରାସ୍ତା ନଥିବାରୁ ଲୋକମାନଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି। ଜରୁରୀ ସ୍ୱାସ୍ଥ୍ୟ ସମସ୍ୟା ସମୟରେ ରୋଗୀଙ୍କୁ ବହୁ ଅସୁବିଧାରେ ଡାକ୍ତରଖାନା ପର୍ଯ୍ୟନ୍ତ ନେବାକୁ ପଡୁଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। କୃଷକମାନେ ନିଜର ଉତ୍ପାଦିତ ଦ୍ରବ୍ୟ ନିକଟସ୍ଥ ବଜାରକୁ ପହଞ୍ଚାଇବାରେ ମଧ ବହୁ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି। ଅନେକଥର ଗ୍ରାମବାସୀମାନେ ପଞ୍ଚାୟତ ଓ ବ୍ଲକ ସ୍ତରୀୟ ଅଭିଯୋଗ ଶୁଣାଣିରେ ପ୍ରଶାସନକୁ ଏହି ବିଷୟରେ ଦୃଷ୍ଟି ଆକର୍ଷଣ କରିଥିଲେ ମଧ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ସୂଚିତ ଯେ ଉକ୍ତ ରାସ୍ତା ଗତ ୨୦୧୮-୧୯ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା କ୍ରମେ ନିର୍ମାଣ ହୋଇଥିଲା, ଏବଂ ୨୦୨୧-୨୨ରେ ଏହାର ମରାମତି ମଧ ହୋଇଥିଲା। ହେଲେ ବର୍ତ୍ତମାନ ଏହାର ମରାମତି ଅବଧି ଶେଷ ହୋଇଥିବା ବେଳେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ସରକାରଙ୍କ ଗ୍ରାମୀଣ ସଡ଼କ ଯୋଜନାରେ ଏହି ଗ୍ରାମ ସମୂହକୁ ସମ୍ମିଳିତ କରି ଯଥା ନୂତନ ଭାବେ ପକ୍କା ସଡ଼କ ନିର୍ମାଣ କରାଯାଉ ବୋଲି ଗ୍ରାମବାସୀଙ୍କ ତରଫରୁ ସରପଞ୍ଚ ରାଜକିଶୋର ଲେନ୍ଦ୍ରୁ ଦାବି କରିଛନ୍ତି। ଏବେ ଦେଖିବାକୁ ବାକି ରହିଲା ପ୍ରଶାସନ କେବେ ଜବାଗଡ଼ ଓ ଏହାର ଆଖପାଖ ଗ୍ରାମବାସୀଙ୍କ ପକ୍କା ସଡ଼କ ଦୁଃଖ ଦୂର କରିବା ର ସହାୟକ ହୋଇ ପାରୁଛନ୍ତି।

# ଦେବତ୍ତୋର ବିଭାଗ କର୍ମଚାରୀଙ୍କ ବିୟୋଗ


ଜୟପୁର, ୧୮। ୨(ସମିସ): କୋରାପୁଟ ଜିଲ୍ଲା ଜୟପୁର ଦେବତ୍ତୋର ବିଭାଗର ବରିଷ୍ଠ କର୍ମଚାରୀ ତଥା ପୁରୋହିତ କୃଷ୍ଣଚନ୍ଦ୍ର ଦାଶ (୬୯) ସ୍ଥାନୀୟ ଚିକିତ୍ସାଳୟରେ ଚିକିତ୍ସାଧିନ ଅବସ୍ଥାରେ ବିୟୋଗ ହୋଇଛି। ଦୁଇଦିନ ପୂର୍ବରୁ ଶିବରାତ୍ର ପରିଚାଳନା ନିମନ୍ତେ ଗୁପ୍ତେଶ୍ୱର ଯାଇ ଗତକାଲି ଫେରିଥିଲେ। ଏହିପରି ତାଙ୍କର ଶ୍ୱାସଜନିତ ରୋଗ ରହିଥିବା ଯୋଗୁଁ ପ୍ରବଳ ଥଣ୍ଡା, କଫ ଓ କାଶ ପୀଡିତ ହୋଇଥିଲେ। ଆଜି ପୂର୍ବାହ୍ନ ସ୍ଥାନୀୟ ଘରୋଇ କ୍ଲିନିକ ନେଇ ଡାକ୍ତରଙ୍କ



ନିକଟରେ ଚିକିତ୍ସିତ ହୋଇଥିଲେ। ସ୍ଥାନୀୟ ବଲ୍ଲଭ ନାରାୟଣ ମନ୍ଦିର ପରିସରରେ ରହିଥିବା ଘରରେ ବିଶ୍ରାମ ନେଉଥିବା ବେଳେ ହଠାତ ଅସୁସ୍ଥ ହୋଇଯାଇଥିଲେ। ତାଙ୍କୁ ତୁରନ୍ତ ସ୍ଥାନୀୟ ଜିଲ୍ଲା ଚିକିତ୍ସାଳୟକୁ ନିଆଯାଇଥିଲା, ଏହିପରି ଚିକିତ୍ସାଧିନ ଅବସ୍ଥାରେ ଡାକ୍ତର ତାଙ୍କର ମୃତ୍ୟୁ ହୋଇଥିଲା। ଏହିପରି ପ୍ରବଳ ଶ୍ୱାସ ଜନିତ ରୋଗରୁ ହୃଦଘାତରେ ତାଙ୍କର ମୃତ୍ୟୁ ହୋଇଥିବା ନେଇ ସନ୍ଦେହ କରାଯାଉଛି। ଜୟପୁର ସହରର ବିଭିନ୍ନ ହିନ୍ଦୁ ପର୍ବପର୍ବାଣି ପୂଜା ଓ ଯଜ୍ଞରେ ତାଙ୍କର ଅବଦାନ ରହୁଥିଲା। ଏହିପରି ଦଶହରା, ଦଳପୂର୍ଣ୍ଣିମା ଏବଂ ଅନ୍ୟାନ୍ୟ ପୂଜାପର୍ବରେ ତାଙ୍କର ତତ୍ତ୍ୱାବଧାନରେ ପୂଜା ଏବଂ ଅନ୍ୟାନ୍ୟ କାର୍ଯ୍ୟ ହେଉଥିଲା । ତାଙ୍କ ୨ଟି ପୁଅ ଓ ୨ଟି ଝିଅ ରହିଥିବା ବେଳେ ତାଙ୍କ ପୈତୃକ ବୋରିଗୁମ୍ମା ବ୍ଲକ ପୋଡପଦର ଗ୍ରାମ ଏବଂ ଦେବତ୍ତୋର ବିଭାଗ ଅଧିନରେ ଗତ ୧୯୮୨ ମସିହା ଠାରୁ କାର୍ଯ୍ୟ କରୁଥିଲେ। ଏହିପରି ଜିଲ୍ଲା ଚିକିତ୍ସାଳୟ ଠାରେ ଶବସଂରକ୍ଷଣ ଗୃହରେ ତାଙ୍କ ମୃତଦେହ ରଖାଯାଇଥିବା ବେଳେ ପୁଅ କଟକରୁ ଏବଂ ଝିଅ ବିଶାଖପାଟଣାରୁ ଫେରିବା ପରେ ଆସନ୍ତା କାଲି ସ୍ଥାନୀୟ ସ୍ମଶାନରେ ଅନ୍ତିମ ସଂସ୍କାର କରାଯିବ ବୋଲି ସୂଚନା ପ୍ରାପ୍ତ ହୋଇଛି। ଜିଲ୍ଲା ଚିକିତ୍ସାଳୟରେ ତାଙ୍କ ଶେଷ ଦର୍ଶନ ପାଇଁ ଦେବତ୍ତୋର ଅଧିକାରୀ ତଥା ତହସିଲଦାର ସବ୍ୟବସାଚୀ ଜେନା, ଜିଲ୍ଲା ବ୍ରାହ୍ମଣ ସମାଜ ପକ୍ଷରୁ ସଦସ୍ୟ ମାନେ ଅନ୍ତିମ ଦର୍ଶନ କରିଥିଲେ।

# ବଡ଼ଭରଣ୍ଡି ବ୍ରିଜ୍ ଅସମ୍ପୂର୍ଣ୍ଣ, ପାଲଟିଛି ମରଣଯନ୍ତା

ଉମରକୋଟ, ୧୮।୨ (ସମିସ) ଉମରକୋଟରୁ ନବରଙ୍ଗପୁର ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ବଡଭରଣ୍ଡି ବ୍ରିଜ ଉପରେ ସତେ ଯେମିତି ଅପେକ୍ଷା କରିଛି ମୃତ୍ୟୁ।ଅସମ୍ପୂର୍ଣ୍ଣ ବ୍ରିଜ୍ ପାଇଁ ଲୋକେ ହନ୍ତସନ୍ତ ହେବା ସହ ବାରମ୍ବାର ଦୁର୍ଘଟଣାର ଶିକାର ହେଉଛନ୍ତି।ଲୋକଙ୍କ ଅଭିଯୋଗ ଅନୁଯାୟୀ ଉମରକୋଟ, ନବରଙ୍ଗପୁର ରାସ୍ତାରେ ଯାଉ ଥିବା ଗାଡି ମଟର ଆଦୌ ସୁରକ୍ଷିତ ନୁହେଁ। ସବୁ ଦିନ ଏହି ବ୍ରିଜ ପାଇଁ କିଛି ନା କିଛି ଦୁର୍ଘଟଣାର ସମୁଖୀନ ଅଞ୍ଚଳବାସୀ। ଏହି ରାସ୍ତା ଦେଇ ଯିବା ଆସିବା କରୁଥିବା ଯାତ୍ରୀ ସବୁଦିନ କିଛି ନା କିଛି ସମସ୍ୟା ଭୋଗୁଛନ୍ତି । ସବୁ ଦିନ ଏହି ରାସ୍ତା ଉପରେ



ସହ ସହ ଭାରିଯାନ ଯାତାୟତ କରୁଥିବାରୁ ଲୁହା ରଡ଼ ବାହାରିଥିବା ସ୍ଥାନରେ ଭାରି ଜାନ ଗୁଡିକ ଲାଗି ରାସ୍ତାରେ ଅଟକି ରହୁଛି । ଗାଡି ଗୁଡିକର ପ୍ରତିଦିନ ହଜାର ହଜାର ଟଙ୍କାର ଟାୟାର କ୍ଷତି ଗ୍ରସ୍ତ ହେଉଛି। ସୂଚନା ଅନୁଯାୟୀ ବଡଭରଣ୍ଡି ପେଟ୍ରୋଲ ପମ୍ପ ପାଖରେ ଠିକା ସଂସ୍ଥା ଦ୍ୱାରା ଏକ ନୂତନ ବ୍ରିଜ କାମ ଚାଲୁଛି। ଯାହା ଦୀର୍ଘ ଏକ ବର୍ଷରୁ ଅଧିକ ହେବ ଚାଲିଥିବା ବେଳେ ଏବେ ବି ଅସମ୍ପୂର୍ଣ ଭାବେ ପଡିଛି। ଯାହାଦ୍ୱାରା ସାଧାରଣ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବଡ଼ କଥା ହେଉଛି ଗତ ବର୍ଷା ମାସ ସମୟରୁ ଠିକା ସଂସ୍ଥା ବ୍ରିଜ ଉପର ଭାଗ କାମ ଶେଷ କରିବା ପରେ ଚୁପ ବସିଛ। ବ୍ରିଜର ଅପ୍ରୋଚ ରାସ୍ତା ଓ ପାରିପାଶ୍ୱରିକ କାମ ସରିନଥିବା ବେଳେ ବ୍ରିଜ୍‌ଟି ବିପଦସଂକୁଳ ହୋଇପଡିଛି। ଫଳରେ ବ୍ରିଜ ଉପର ଭାଗରେ ଲୁହା ରଡ଼ ବାହାରି ସବୁ ଦିନ ଦୁର୍ଘଟଣାର କାରଣ ପାଲିଟିଛି । ଗତ ଚାରି ଦିନ ଭିତରେ ବଡ଼ ବଡ଼ ଗାଡି ଦୁର୍ଘଟଣା ଘଟି ଚକା ଫାଟି ଯାଇଥିବା ଯାତାୟତ କରୁଥିବା ଯାତ୍ରୀ ଅଭିଯୋଗ କରିଥିଲେ। ଉମରକୋଟ ପୂର୍ତ୍ତ ବିଭାଗ ଉପନିର୍ବାହୀ ଅଧିକାରୀ ବିଶ୍ୱରଂଜନ ଦେହୁରୀଙ୍କୁ ପଚାରିବାରୁ ଗତ ବର୍ଷା ମାସରୁ କାମ ସରିବା କଥା । କିନ୍ତୁ ବିଭାଗ ଠିକା ସଂସ୍ଥାକୁ ଶୀଘ୍ର କାମ ସାରିବାକୁ ତାଗିଦ କରାଯାଇଛି ଓ ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ ୨ଥର ଦିଆ ମଧ ଯାଇଛି । ଶୀଘ୍ର କାମ ନ ସାରିଲେ ଉପର ନିର୍ଦ୍ଦେଶ ଅନୁଯାୟୀ ସରକାରୀ ଅର୍ଥ ଦଣ୍ଡ ଲାଗିବ। ବ୍ରିଜ ଉପରେ ଲୋକଙ୍କ ସମସ୍ୟାକୁ ଦେଖି ବିଭାଗ ତରଫରୁ ଡାଇଭର୍ଶନ ଲାଗିବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି ।

## ପିଏମଶ୍ରୀ ସ୍କୁଲର ବାର୍ଷିକ ଉତ୍ସବ

ନାରାୟଣପାଟଣା,୧୮।୨(ସମିସ): ନାରାୟଣପାଟଣା ବ୍ଲକ ସଦରରେ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ର ବାର୍ଷିକ ଉତ୍ସଵ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ଜେନାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପରିଷଦ ଅଧକ୍ଷା ସୁଶ୍ରୀ ସସ୍ମିତା ମେଲେକା, ବ୍ଲକ ଅଧକ୍ଷ ଗୋଲାଦି ତ୍ରିନାଥ, ବ୍ଲକ ଶିକ୍ଷା ଅଧିକାରୀ. ରୀତା ମହାନ୍ତି ମୁଖ୍ୟବକ୍ତା ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଈଶ୍ୱରଚନ୍ଦ୍ର ମୁଦୁଲି, ଥାନା ଅଧିକାରିଣୀ ମମତା ପଣ୍ଡା , ବିଜେପି ସଭାପତି କାଶୀନାଥ ହିକକା, ସରପଞ୍ଚ ରେବତୀ କୁନ୍ଦାରୀୟା ସମାଜସେବୀ ରମେଶ ଚନ୍ଦ୍ର ଦାସ, ଶିକ୍ଷାବିତ ନାଗେଶ୍ୱର ପଟ୍ଟନାୟକ, ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ବୈଦ୍ୟ,,ଏସ୍‌ଏମ୍‌ସି ଚେୟାରମ୍ୟାନ ସତ୍ୟ ମହାଙ୍କୁଡ, ପର୍ଶୁରାମ ତାଡିଙ୍ଗି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉତ୍ସବରେ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷା ଗ୍ରହଣ କରିବା ସହ ଆଗକୁ ନିଜକୁ ଭଲ ମଣିଷ ହୋଇ ଗଢିତୋଳିବା ପାଇଁ ଅତିଥି ମାନେ ପରାମର୍ଶ ଦେଇଥିଲେ। ବ୍ଲକ ଅଧକ୍ଷ ଗୋଲାଦି ତ୍ରିନାଥ ବକ୍ତବ୍ୟ ରଖିଥିଲେ। ପରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ସହ ମାନପତ୍ର ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ପ୍ରିୟଙ୍କା ପାତ୍ରୀଙ୍କ ସହ ପ୍ରେମକାନ୍ତ ରାଉତ ମଞ୍ଚ ପରିଚାଳନା କରିଥିବା ବେଳେ ଅମିର ମାଣ୍ଡିଙ୍ଗ , ସୁଶାନ୍ତ କୁମାର ସାହୁ, ପଦ୍ମାବତୀ ଭୂୟାଁ, ଶିକ୍ଷୟତ୍ରୀ ଜି ଜୋତି କୁମାରୀ, ଚିନ୍ମଇ କରଙ୍କ ସମେତ ସ୍କୁଲର ସମସ୍ତ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ଜେନା ଧନ୍ୟବାଦ ଜଣାଇଥିଲେ।

## ମାଟ୍ରିକ୍ ପରୀକ୍ଷା ଆଜି, ୧୨୭୮ ଛାତ୍ରଛାତ୍ରୀ ଦେବେ ପରୀକ୍ଷା

ଲକ୍ଷ୍ମୀପୁର,୧୮।୨(ସମିସ): ରାତି ପାହିଲେ ଦଶମ ଶ୍ରେଣୀ ପରୀକ୍ଷା। ଛାତ୍ର ଛାତ୍ରୀ ମାନଙ୍କ ମନେର ଆଶା ଓ ଆକାଂକ୍ଷା ଭରି ରହିଛି। ପରୀକ୍ଷାଟି ଦେଇ ଭଲ ନମ୍ବର ରଖି ପାସ କରିବା ପରେ ଉଚ୍ଚ ଶ୍ରେଣୀରେ ପାଠପଢିବାର ସୁଯୋଗ ହାସଲ କରିବେ। ବର୍ଷ ସାରା ପରିଶ୍ରମ କରିବା ପରେ ଏ ହେଉଛି ପିଲାଙ୍କ ଜ୍ଞାନ ପରୀକ୍ଷା। ଏହି ପରୀକ୍ଷା ପାଇଁ ଲକ୍ଷ୍ମୀପୁର ବ୍ଲକ୍‌ରେ ୫ଟି ପରୀକ୍ଷା କେନ୍ଦ୍ର ସରକାରଙ୍କ ତରଫରୁ କରଯାଇଛି, ସେଗୁଡିକ ହେଲା ପଞ୍ଚଡ଼ା, ସାଙ୍ଗାନା, କାକିରିଗୁମା, ମିନାପାଇ। ପଞ୍ଚଡ଼ା କେନ୍ଦ୍ରରେ ପଡ଼ାଗଡ, କାକିରିଗୁମା ଓ ଡୁନପାର ଏବଂ ସାଙ୍ଗାନା ଉଚ୍ଚ ବିଦ୍ୟାଳୟ ରେ ଯୁଏନରାଜୁ, ବୁର୍ଜା, ମିନାପାଇ, ଚମ୍ପି, ତୋୟାପୁଟ ନେତାଜୀ, ଧୋରାଡା ଏବଂ କାକିରିଗୁମା ରେ ଗିର୍ଲିପୁଟ, ଗୌଡଗୁଡା, ପଞ୍ଚଡ଼ା, କୁସୁମଗୁଡା ଓ ମିନାପାଇ ରେ ଲୁଲୁପଦର, କୁଟିଙ୍ଗା, ସାଙ୍ଗାନା ଉଚ୍ଚ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଉପରୋକ୍ତ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବା ବ୍ୟବସ୍ଥା କରାଯାଇ ଥିବା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିଭୁତି ଭୁଷଣ ଟାକ୍ରି କହିଛନ୍ତି। ଯେଉଁ ମାନେ କୌଣସି କାରଣ ରୁ ପରୀକ୍ଷା ଦେଇ ପାରି ନ ଥିଲେ ସେମାନଙ୍କ ପାଇଁ ସତନ୍ତ୍ର ଭାବେ ଚମ୍ପି ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର ଖୋଲା ଯାଇଛି। ସେଥିରେ ୨୩୧ ଜଣ ଛାତ୍ରଛାତ୍ରୀ ଫର୍ମ ପୂରଣ କରି ଥିବା ବେଳେ ବ୍ଲକ୍‌ର ସମୁଦାୟ ୧୦୪୮ ପରୀକ୍ଷାର୍ଥୀ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିବା ଶ୍ରୀ ଟାକ୍ରି କହିଛନ୍ତି ।ଉଭୟମିଶି ୧୨୭ ୯ ଜଣ ଛାତ୍ର ଛାତ୍ରୀ ୧୦ମ ଶ୍ରେଣୀ ପରୀକ୍ଷା ଦେବା ନିମନ୍ତେ ଫର୍ମ ପୂରଣ ହୋଇଥିବା ବିଇଓ ପକ୍ଷରୁ ଜଣାପଡ଼ିଛି।

**କୁନ୍ଦୁରାରେ ଫେଲ୍‌ମାରିଛି ଜଳ ଜୀବନ ମିଶନ**

# ମନ୍ଥର ଗତିରେ ଚାଲିଛି ମେଗା ପାନୀୟ ଜଳ ପ୍ରକଳ୍ପ

କୁନ୍ଦୁରା, ୧୮।୨(ସମିସ):

ଆଗକୁ ଆସୁଛି ଗ୍ରୀଷ୍ମଋତୁ। ଏବେଠୁ ଶୁଖିବାକୁ ଆରମ୍ଭ ହେଲାଣି ଜଳାଶୟ । ସେପଟେ ମନ୍ଥର ଗତିରେ ଚାଲିଛି ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ । ଗାଁ ଗାଁରେ କେବେ ପହଞ୍ଚିବ ବିଶୁଦ୍ଧ ପାଣି । ସେ ନେଇ ଚିନ୍ତାରେ କୁନ୍ଦୁରା ବ୍ଲକବାସୀ। ବିଭାଗୀୟ ଅଧିକାରୀଙ୍କ ଅବହେଳା କିମ୍ବା ଠିକା ସଂସ୍ଥାର ମନମୁଖୀ କାର୍ଯ୍ୟ ଯୋଗୁ ମେଗା ପାନୀୟ ଜଳ ପ୍ରକଳ୍ପ ଗୁଡ଼ିକ କଚ୍ଛପ ଗତିରେ ଚାଲିଛି। କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକରେ ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି । ଘରେ ଘରେ ପହଞ୍ଚିବ ପାଣି । ଲୋକଙ୍କର ଜଳ ଶଙ୍କଟ ଦୂର ହେବ। ଏହି ଲକ୍ଷ୍ୟ ନେଇ କୁନ୍ଦୁରାରେ



ମେଗା ଜଳ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା। ଟେଣ୍ଡର ଅନୁସାରେ ଏନସିସି ଲିମିଟେଡ଼ ନାମକ ଏକ ଠିକା କମ୍ପାନୀ କାମ ନେଇଛି । ଏହା ୫.୮.୨୦୨୨ରେ ଆରମ୍ଭ ହୋଇଥିବା ବେଳେ ୨୦.୮.୨୦୨୫ ସୁଦ୍ଧା ନିର୍ମାଣ କାର୍ଯ୍ୟ ସରିବା ସହ ଜଳ ଯୋଗାଣ ହେବାର ଥିଲା । ଏଥିରେ କୁନ୍ଦୁରାର ୧୬ ଟି ପଞ୍ଚାୟତର ୨୫ ହଜାର ୭ ଶହ ୧୭ ପରିବାର ଉପକୃତ ହେବେ। ଏଥିପାଇଁ ୨୬୧ କୋଟି ୯୭ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା । ନିର୍ମାଣ କାର୍ଯ୍ୟ ଆରମ୍ଭକୁ ପାଞ୍ଚ ବର୍ଷ ବିତିଲା। ତଥାପି ଆଜି ପର୍ଯ୍ୟନ୍ତ କାମ ସରିଲା ନାହିଁ । କେଉଁଠି ଟାଙ୍କି କାମ ଅଧା ନିର୍ମାଣ ହୋଇଛି ତ ଆଉ କେଉଁଠି ପମ୍ପ ଗୃହ କାମ ଅଧପନ୍ତରିଆ ହୋଇ ପଡ଼ିରହିଛି। ପାଣି ଯାଞ୍ଚ କାମ ମଧ ଆଜି ପର୍ଯ୍ୟନ୍ତ ସରିପାରିଲା ନାହିଁ । ଯାହାକୁ ନେଇ ବ୍ଲକ୍‌ବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। କେବେ ମିଳିବ ବିଶୁଦ୍ଧ ପାଣି ତାହାକୁ ନେଇ ପ୍ରଶ୍ନ ଉଠୁଛି । କୁନ୍ଦୁରା ବ୍ଲକର ବିଭିନ୍ନ ପଞ୍ଚାୟତରେ ପାଣି ସମସ୍ୟା ରହିଛି। ଅଧିକାଂଶ ଗାଁରେ ପାନୀୟ ଜଳର ସୁବିଧା ନ ଥିବାରୁ କିଏ ନଦୀରୁ ପାଣି ଆଣୁଛି ତ ଆଉ କିଏ ଚୁଆ ଖୋଳି ପାଣି ଆଣୁଛି । ଦୂଷିତ ପାଣି ପିଇ ଅନେକ ଲୋକ ବିଭିନ୍ନ ରୋଗରେ ପଡୁଛନ୍ତି । ବ୍ଲକର ୧୬ଟି ପଞ୍ଚାୟତ ଥିବା ବେଳେ ୧୬୭ ଗ୍ରାମବାସଙ୍କ ପାଇଁ ୧୬ ଟି ଟ୍ୟାଙ୍କି ନିର୍ମାଣ ଚାଲିଛି। ଯାହାକି ନିର୍ମାଣ କାମ ସରିନି ସେପଟେ ୨୩୧ କିଲୋମିଟର ପାଇପ ଲାଇନ ବିଛେଇବା କାମ ମଧ ଶେଷ ହୋଇନଥିବା ଜଣାପଡିଛି । ଏ ସଂକ୍ରାନ୍ତରେ ଆରଡବ୍ଲୁଏସ୍‌ଏସ୍‌ର କନିଷ୍ଠ ଯନ୍ତ୍ରୀ ଲକି ରାମ ହେମରମଙ୍କୁ ପଚାରିବାରୁ ସେ କହିଛନ୍ତି, ଆସି ପ୍ରତିଶତ କାମ ସାରିଛି। ଅଗଷ୍ଟ ସୁଦ୍ଧା ପ୍ରକଳ୍ପ କାମ ଶେଷ ହୋଇଯିବ । ସାଧାରଣ ଲୋକଙ୍କ ଅତି ଜରୁରୀ ପାନୀୟ ଜଳ ପାଇଁ ବ୍ଲକବାସୀ ହାହାକାର ହେଉଛନ୍ତି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ନିହାତି ଆବଶ୍ୟକ ହୋଇପଡିଛି।

NACO
10001/66/2526
OSACS
ଯଦି ଆପଣ ଏଚ୍‌ଆଇଭି ପଜିଟିଭ୍ ତେବେ:
ଯଥାଶୀଘ୍ର ଚିକିତ୍ସା ଆରମ୍ଭ କରିବା ପାଇଁ ନିଜକୁ ନିକଟସ୍ଥ ଏଆରଟି କେନ୍ଦ୍ରରେ ପଞ୍ଜୀକରଣ କରନ୍ତୁ । ମନେ ରଖନ୍ତୁ
ଚିକିତ୍ସା ଆରମ୍ଭ କରିବା ପୂର୍ବରୁ ଡାକ୍ତର କିଛି ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେବେ।
ରୋଗ ନିର୍ଣ୍ଣୟ ପରେ ଚିକିତ୍ସା ଆରମ୍ଭ ହେବ।
ଏଆରଟି ବେଳେ ଝାଡ଼ା, ଜ୍ୱର ଏବଂ ଥକ୍କାପଣ ଭଳି କିଛି ପାର୍ଶ୍ୱ ପ୍ରତିକ୍ରିୟା ହୋଇପାରେ, କିନ୍ତୁ ସମୟ ସହିତ ସେଗୁଡ଼ିକ ଚାଲିଯାଏ।
ଯଦି ଆପଣ ଏହି ପାର୍ଶ୍ୱ ପ୍ରତିକ୍ରିୟା ଅନୁଭବ କରନ୍ତି ତେବେ ଆପଣଙ୍କର ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ କିନ୍ତୁ ଆପଣଙ୍କର ଚିକିତ୍ସା ଜାରି ରଖନ୍ତୁ।
ଏଆରଟି ଗ୍ରହଣ କରିବାର ଲାଭ:
1 ଏକ ସୁସ୍ଥ ଏବଂ ଦୀର୍ଘ ଜୀବନ ବଞ୍ଚିବାରେ ସାହାଯ୍ୟ କରେ।
2 CD4 ଗଣନା ବୃଦ୍ଧି ରୋଗ ପ୍ରତିରୋଧକ ଶକ୍ତିରେ ସାହାଯ୍ୟ କରେ।
3 ଭାଇରାଲ୍ ଲୋଡ୍ ହ୍ରାସ ହେବା ଦ୍ୱାରା ହୃଦୟ, ଯକୃତ ଏବଂ ମସ୍ତିଷ୍କ ପରି ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକ କ୍ଷତିଗ୍ରସ୍ତ ହୁଏ ନାହିଁ।
4 ଯଦି ଭାଇରାଲ୍ ଭାର ଅଧିକ ନ ଥାଏ ଯୌନ ସମ୍ପର୍କ ସମୟରେ ସଂକ୍ରମଣ ହେବାର ଆଶଙ୍କା କମିଯାଏ, କିନ୍ତୁ ଯୌନ ସମ୍ପର୍କ ସମୟରେ ସର୍ବଦା କଣ୍ଡୋମ ବ୍ୟବହାର କରନ୍ତୁ।
5 କମ୍ ଭାଇରାଲ୍ ଲୋଡରେ ଗର୍ଭାବସ୍ଥାରେ କିମ୍ବା ସ୍ତନ୍ୟପାନ କରାଇବା ସମୟରେ ମା'ଠାରୁ ଶିଶୁକୁ ସଂକ୍ରମଣ ହେବାର ଆଶଙ୍କା କମିଯାଏ।
OIPR-10001/10060/2/25-26/0003
Follow us on: BREAKFREE https://breakfreeindia.org
AIDS Helpline 1097
ଅଧିକ ଜାଣିବା ପାଇଁ ନିଃଶୁଳ୍କ ଟେଲିଫୋନ୍ ନମ୍ବର ୧୦୯୭ ରେ ଯୋଗାଯୋଗ କରନ୍ତୁ।

# ସମ୍ପାଦକୀୟ



ଧର୍ମ ହିଁ ଜୀବନର ବାସ୍ତବତା, କିନ୍ତୁ ଦେବ ପୂଜା ପୂର୍ବରୁ ପ୍ରଥମେ ମାନବ ସମାଜର ସେବା ହିଁ ଆମର କର୍ତ୍ତବ୍ୟ।

-ଲୋକମାନ୍ୟ ବାଲ୍ ଗଙ୍ଗାଧର ତିଳକ

ସକାଳ
THE SAKALA

## କାମ ଛୋଟ, କଥା ବଡ଼

ବେଳେ ବେଳେ ଅତି ଛୋଟିଆ କାମଟିଏ କରିଦେଇ ଲୋକଙ୍କ ଦୁଃଖଦୁର୍ଦ୍ଦଶା ଦୂର କରାଯାଇପାରିବ। ପ୍ରଚଳିତ ଜୀବନଚର୍ଯ୍ୟାରେ ପରସ୍ପର ପ୍ରତି ସମ୍ବେଦନା ଓ ସହାନୁଭୂତି ପ୍ରଦର୍ଶନ ଏକପ୍ରକାର ହଜିଯାଇଛି। ସମସ୍ତେ ନିଜ ସ୍ୱାର୍ଥରକ୍ଷାରେ ବ୍ୟସ୍ତ। ଅଧିକାରୀଙ୍କ କ୍ଷେତ୍ରରେ ମଧ୍ୟ ସେହି ଏକାକଥା। ବେତନ ଭତ୍ତା କିଛି କମ ହୋଇ ନ ଥିଲେ ମଧ୍ୟ ଅତିରିକ୍ତ ଉପାର୍ଜନ ପଛରେ ଧାଇଁଥିବା ଲୋକଙ୍କ ସଂଖ୍ୟା କିଛି କମ ନୁହେଁ। ତେଣୁ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି ଜନସାଧାରଣ। ଆମେ ଏଠାରେ ଏକଥା ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଲା, ମାଲକାନଗିରି ଭଳି ଏକ ପଛୁଆ ଜିଲ୍ଲାରେ ଦୁର୍ଘଟଣା ରୋକିବା ସକାଶେ ପ୍ରଶାସନ ଗ୍ରହଣ କରିଥିବା କିଛି କଠୋର ଆଭିମୁଖ୍ୟ ଅନ୍ୟମାନଙ୍କୁ ସଚେତନ କରିବ। ଜାତୀୟ ରାଜପଥ-୩୨୬ କର୍ତ୍ତୃପକ୍ଷ ଓ ଠିକାଦାରଙ୍କ ବିରୋଧରେ ଜିଲ୍ଲା ପ୍ରଶାସନ ଥାନାରେ ଏତଲା ଦେଇ ତାଗିଦ୍ କରିଛି। ରାଜପଥର ଅବସ୍ଥା ଏତେ ଶୋଚନୀୟ ହୋଇପଡ଼ିଛି ଯେ ତାହାକୁ ଆପରାଧିକ ଅବହେଳା ବୋଲି ଦର୍ଶାଇଛନ୍ତି ଜିଲ୍ଲା କର୍ତ୍ତୃପକ୍ଷ।

ଜାତୀୟ ରାଜପଥର ସଂପ୍ରସାରଣ ଓ ଧାର୍ଯ୍ୟଲକ୍ଷ୍ୟ ପୂରଣରେ ସଫଳତା ଦାବି କରିଆସିଥିବା ମନ୍ତ୍ରାଳୟ ମଧ୍ୟ ସ୍ୱୀକାର କରିବା ଉଚିତ ଯେ ମରାମତି ଅଭାବରୁ ରାଜପଥର ଅବସ୍ଥା ଦିନକୁ ଦିନ ଶୋଚନୀୟ ହୋବାରେ ଲାଗିଛି। ବର୍ଦ୍ଧିତ ସଡ଼କ ଦୁର୍ଘଟଣାର ଏହା ଅନ୍ୟତମ ମୁଖ୍ୟ କାରଣ। ଏଠାରେ ଆମେ ମାଲକାନଗିରି ଜିଲ୍ଲା ସଂପର୍କରେ ଉଲ୍ଲେଖ କଲାବେଳେ ବିହାରରେ ଉପୁଜିଥିବା ପରିସ୍ଥିତି ସଂପର୍କରେ କିଛି ରୋଚକ ତଥ୍ୟ ଉପସ୍ଥାପନ କରୁଛୁ। ମରାମତି ଅଭାବରୁ ରାଜପଥରେ ସଂଖ୍ୟାଧିକ ଗର୍ତ୍ତ ସୃଷ୍ଟିହୋଇଛି। ସରକାରୀ ଅଧିକାରୀଙ୍କ ନିକଟରେ ଏ ସଂପର୍କରେ ସଠିକ୍ ତଥ୍ୟ ଅଭାବ। କାମଧନ୍ଦା ଅଭାବରୁ ବେକାର ବସିଥିବା ଯୁବ ସାମଜକୁ ଏହି ଗର୍ତ୍ତ ଠାବ କରି ରିପୋର୍ଟ ଦେବାକୁ ଦାୟିତ୍ୱ ଦିଆଯାଇଛି। ସେମାନେ ତାହାର ଭିଡିଓ ସୁଟିଂ କରି ରିପୋର୍ଟ ପଠାଇ ଚାଲିଛନ୍ତି ଅଧିକାରୀଙ୍କ ନିକଟକୁ। ବିନିମୟରେ ସେମାନଙ୍କୁ ମିଳୁଛି ୫ ହଜାର ଟଙ୍କା ସହାୟତା ରାଶି। ଏହି ବିଚିତ୍ର ପରିସ୍ଥିତିରୁ ରାଜପଥର ଅବସ୍ଥା ସହଜରେ ଅନୁମାନ କରାଯାଇପାରେ।

ଏବେ ଆସିବା ମାଲକାନଗିରି ପ୍ରସଙ୍ଗକୁ। ଜାତୀୟ ରାଜପଥ – ୩୨୬ର ଗୋବିନ୍ଦପାଲିଠାରୁ ମୋଟୁ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଶୋଚନୀୟ। ମରାମତି ଅଭାବରୁ ରାଜପଥରେ ବଡ଼ବଡ଼ ଗାତ ସୃଷ୍ଟି ହୋଇଛି। ଏପରିକି ଗସ୍ତ ସଂପର୍କରେ ଯାନବାହନ ଚାଳକଙ୍କୁ ଆଗୁଆ ସୂଚନା ଦେବା ସକାଶେ ରେଖାଙ୍କିତ ଚିତ୍ର ପ୍ରଦାନ ପ୍ରତି ଏକପ୍ରକାର ଆଖିବୁଜି ଦିଆଯାଇଛି। ଉପର ନିର୍ଦ୍ଧାରିତ ଅଞ୍ଚଳରେ କ୍ରମଗତ ଦୁର୍ଘଟଣା ଘଟୁଥିବାରୁ କେବଳ ଜନଜୀବନ ହାନି ଘଟୁନି, ବେଳେ ବେଳେ ଆଇନ ଶୃଙ୍ଖଳା ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଛି। ଏ ସଂପର୍କରେ ଜିଲ୍ଲାସ୍ତରୀୟ ସମ୍ମନ୍ୱୟ କମିଟି ବୈଠକରେ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକାର ହୋଇନାହିଁ। ତହସିଲଦାରଙ୍କ ରିପୋର୍ଟ ଭିତ୍ତିରେ ଉପଜିଲ୍ଲାପାଳ ମାଥିଲି ଥାନାରେ ଏତଲା ଦେଇଛନ୍ତି। ଥାନା ଅଧିକାରୀ ଘଟଣାର ପ୍ରାଥମିକ ତଦନ୍ତ ପରେ ଜାତୀୟ ରାଜପଥ ଇଞ୍ଜିନିୟର ଓ ଠିକାଦାରଙ୍କୁ ନୋଟିସ ପ୍ରଦାନ କରିବେ। ତେଣିକି ଏସ୍‌ଡିଏମ୍‌ଙ୍କ ଅଦାଲତରେ ମାମଲାର ଶୁଣାଣି ହେବ। ଜିଲ୍ଲାପାଳ ମଧ୍ୟ ଜାତୀୟ ରାଜପଥ ବରିଷ୍ଠ ଅଧିକାରୀଙ୍କ ସହ ଯୋଗାଯୋଗରେ ଅଛନ୍ତି। ଏହି ଜିଲ୍ଲା ରାଜ୍ୟର ଅନ୍ୟତମ ଅନଗ୍ରସର ଅଞ୍ଚଳ। ଆମ ପ୍ରଶାସନିକ ବ୍ୟବସ୍ଥାର ଫୋକସ୍‌ରେ ନଥା'ନ୍ତି ଅଞ୍ଚଳବାସୀ। ସେଠାରେ ଅବସ୍ଥାପିତ ଅଧିକାରୀମାନେ ସେହି ଅଞ୍ଚଳର ଛୋଟବଡ଼ ସମସ୍ୟାର ସମାଧାନ ଦିଗରେ ଅନୁରୂପ ନିଷ୍ଠା ପ୍ରଦର୍ଶନ କଲେ ତ୍ୱରିତ ବେଗରେ ଅନଗ୍ରସରତା ଦୂର ହୋଇପାରନ୍ତା। ●

## ବାଂଲାଦେଶ : ଆରମ୍ଭରୁ ବିଦ୍ୱେଷ

ବାଂଲାଦେଶର ପ୍ରଧାନମନ୍ତ୍ରୀ ତାରିକ ରହମନ ଓ ତାଙ୍କ ୪୯ ଜଣିଆ କ୍ୟାବିନେଟକୁ ରାଷ୍ଟ୍ରପତି ମହମ୍ମଦ ଶାହବୁଦିନ ମଙ୍ଗଳବାର ଶପଥ ଗ୍ରହଣ କରାଇଛନ୍ତି। ଛାତ୍ର ଆନ୍ଦୋଳନରୁ ସୃଷ୍ଟି ଗଣବିଦ୍ରୋହରେ କ୍ଷମତାସୀନ ଶେଖ ହାସିନଙ୍କ ଆୱାମୀ ଲିଗ ସରକାର କେବଳ ଭୁଶୁଡ଼ି ପଡ଼ିଲାନି, ସେ ନିଜେ ମଧ୍ୟ ଅସୁରକ୍ଷିତ ଅବସ୍ଥାରେ ଭାରତରେ ଆଶ୍ରୟ ନେବାକୁ ବାଧ୍ୟ ହୋଇଥିଲେ। ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ଗଠିତ ଅସ୍ଥାୟୀ ସରକାର ଗତ ୧୨ ତାରିଖର ନିର୍ବାଚନ ପରେ ବିଦାୟ ନେଇଛି। ପରିବର୍ତ୍ତିତ ପରିସ୍ଥିତିରେ ୟୁନୁସ ଓ ତାଙ୍କ ସହଯୋଗୀମାନେ ଦେଶ ଛାଡ଼ିବା ଆରମ୍ଭ କରିଛନ୍ତି। ଯେଉଁ ଛାତ୍ର ସମାଜ ଓ କଠୋରପନ୍ଥୀମାନେ ବିଦ୍ରୋହର ନେତୃତ୍ୱ ନେଇଥିଲେ ସେମାନଙ୍କୁ ଦେଶବାସୀ ଚଳିତ ନିର୍ବାଚନରେ ପ୍ରତ୍ୟାଖ୍ୟାନ କରିଛନ୍ତି। ତାରିକ ରହମନଙ୍କ ନେତୃତ୍ୱରେ ବିଏନ୍‌ପି ଦୁଇ-ତୃତୀୟାଂଶ ସଂଖ୍ୟା ଗରିଷ୍ଠତା ହାସଲରୁ ସ୍ପଷ୍ଟ ହୋଇଛି ଯେ ଦେଶବାସୀ ଶାନ୍ତି, ଶୃଙ୍ଖଳା ଓ ସୌହାର୍ଦ୍ଦ୍ୟ ଚାହାନ୍ତି।

ଶପଥ ଗ୍ରହଣ ଉତ୍ସବ ପୂର୍ବରୁ ସୃଷ୍ଟି ହୋଇଥିବା ବିବାଦୀୟ ପରିସ୍ଥିତିରେ ଜମାତ-ଇ-ଇସଲାମୀ ନେତା ସଫିକୁର ରହମନଙ୍କ ନେତୃତ୍ୱରେ ଗଠିତ ୧୧ ଦଳୀୟ ମେଣ୍ଟର ନିର୍ବାଚିତ ସଦସ୍ୟମାନେ ଉତ୍ସବକୁ ବାସନ୍ଦ କରିଛନ୍ତି। ପ୍ରସଙ୍ଗ ହେଉଛି, ସଂବିଧାନ ସହ ସଂବିଧାନ ସଂସ୍କାର କମିଶନ ନାମରେ ନବନିର୍ବାଚିତ ସଂସଦମାନେ ଶପଥ ନେବାକୁ ସ୍ଥିର ହୋଇଥିଲା। ମୁଖ୍ୟ ନିର୍ବାଚନ ଆୟୋଗ ମଧ୍ୟ ଏହି ମର୍ମରେ ପରାମର୍ଶ ଦେଇଥିଲେ। ତେବେ ବିଏନପି ସ୍ଥାୟୀ କମିଟି ସଦସ୍ୟ ସଲାଉଦ୍ଦିନ ସ୍ପଷ୍ଟ କରିଥିଲେ ଯେ ସାଂବିଧାନିକ ବ୍ୟବସ୍ଥା ଅନୁଯାୟୀ ନିର୍ବାଚିତ ସାଂସଦମାନେ କେବଳ ସଂବିଧାନ ନାମରେ ଶପଥ ନେବେ । ନିର୍ବାଚିତ ସରକାର ହିଁ ସଂବିଧାନ ସଂସ୍କାର କମିଶନ ଗଠନ କରିବେ। ଦେଶର କାମଚଳା ସରକାର ସଂବିଧାନ ସଂଶୋଧନ ପ୍ରସ୍ତାବରେ କୌଣସି ପ୍ରଧାନମନ୍ତ୍ରୀ ଦୁଇଟି ମିଆଦରୁ ଅଧିକ ସମୟ ପାଇଁ କ୍ଷମତାରେ ରହିପାରିବ ନାହିଁ। ରାଷ୍ଟ୍ରପତିଙ୍କୁ ଅଧିକ କ୍ଷମତା ସମ୍ପନ୍ନ କରାଯିବ। ଯେତେଦୂର ମନେହୁଏ ମୁଖ୍ୟ ପରାମର୍ଶଦାତା ୟୁନୁସ ଆମେରିକା ଢାଞ୍ଚାରେ ସାମ୍ବିଧାନିକ ବ୍ୟବସ୍ଥା ପ୍ରୟୋଗ ପାଇଁ ଆଗ୍ରହୀ ଥିଲେ। ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ହାସଲ କରିଥିବା ବିଏନପି ସରକାର ଏହି ଉଦ୍ୟମକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ସଫିକୁର ରହମନ ବିରୋଧୀଦଳ ନେତା ରହିଲେ ମଧ୍ୟ ବ୍ୟବସ୍ଥାରେ ବିଭ୍ରାଟ ସୃଷ୍ଟି କରିବାର ସାମର୍ଥ୍ୟ ତାଙ୍କର ନାହିଁ। ପାକିସ୍ତାନ ସହ ସଂପର୍କ ସୁଦୃଢ଼ କରି ଭାରତ ବିରୋଧୀ ଆଭିମୁଖ୍ୟକୁ ପ୍ରୋତ୍ସାହନ ଦେଇଥିବା ଗୋଷ୍ଠୀ ଚଳିତ ନିର୍ବାଚନରେ ଏକପ୍ରକାର ନିର୍ମୂଳ ହୋଇଯାଇଛନ୍ତି। ଏକଥା ସତ୍ୟ ଯେ କ୍ଷମତାସୀନ ନୂଆ ସରକାର ଯେ ପରିସ୍ଥିତି ଓ ପରିବେଶକୁ ଓଲଟାଇଦେବେ ଏକଥା ନୁହେଁ। ବାଂଲାଦେଶରେ ହିନ୍ଦୁ ବିରୋଧୀ ଆଭିମୁଖ୍ୟରେ କିଛିଟା ପରିବର୍ତ୍ତନ ନିଶ୍ଚୟ ଆସିବ। ପ୍ରଧାନମନ୍ତ୍ରୀ ତାରିକ ରହମନ ନିଜ କ୍ୟାବିନେଟରେ ଦୁଇଜଣ ହିନ୍ଦୁଙ୍କୁ ସ୍ଥାନ ଦେଇ ତାହାର ସୂଚନା ଦେଇଛନ୍ତି।

ଏହି ଶପଥ ଗ୍ରହଣ ଉତ୍ସବରେ ଭାରତକୁ ପ୍ରତିନିଧିତ୍ୱ କରିଥିଲେ ଲୋକସଭାର ଅଧ୍ୟକ୍ଷ ଓମ ବିର୍ଲା। ତାରିକ୍‌ଙ୍କୁ ବିର୍ଲା ସାକ୍ଷାତ କରି ଶୁଭେଚ୍ଛା ଜଣାଇବା ସହ ଭାରତ ଆସିବାକୁ ଆମନ୍ତ୍ରଣ କରିଥିଲେ। ଦୁଇ ପଡ଼ୋଶୀ ରାଷ୍ଟ୍ର ମଧ୍ୟରେ ବନ୍ଧୁତ୍ୱ ଓ ସହଭାଗିତା ପ୍ରତିଷ୍ଠା ହେବ ବୋଲି ଉଭୟ ପକ୍ଷ ଆଶା ପ୍ରକଟ କରିଛନ୍ତି। ●

# ମାନସିକ ପ୍ରଦୂଷଣ: ଆମ ସମୟର ନିରବ ସଙ୍କଟ

**ପ୍ରଦ୍ୟୁମ୍ନ କିଶୋର ମିଶ୍ର**

ସାଧାରଣତଃ ପ୍ରଦୂଷଣ କହିଲେ ଧୂଆଁରେ ଢାଙ୍କି ଯାଇଥିବା ଆକାଶ, ପ୍ଲାଷ୍ଟିକରେ ଭରିଯାଇଥିବା ନଦୀ, କିମ୍ବା ବିଷାକ୍ତ ମାଟିର ଛବି ଆସେ। ଏହାକୁ ଆମେ ଯନ୍ତ୍ରରେ ମାପୁ, ସମ୍ମିଳନୀରେ ଆଲୋଚନା କରୁ ଏବଂ ନିୟନ୍ତ୍ରଣ ପାଇଁ ପ୍ରୟାସ କରୁ। ଅନେକ ସରକାରୀ ଓ ବେସରକାରୀ ସଂସ୍ଥା ଏଥିପାଇଁ କାର୍ଯ୍ୟ କରି ଆସୁଛନ୍ତି। କିନ୍ତୁ ଏହା ସହ ଆଉ ଗୋଟିଏ ପ୍ରଦୂଷଣ ନିରବରେ, ଅଦୃଶ୍ୟ ଭାବରେ ଏବଂ ଏବେ ଅଧିକ ଭୟଙ୍କର ରୂପେ ପ୍ରସାରିତ ହେଉଛି। ତାହା ହେଉଛି ମାନସିକ ପ୍ରଦୂଷଣ।

ବାୟୁ କିମ୍ବା ଜଳ ପ୍ରଦୂଷଣ ଭଳି ମାନସିକ ପ୍ରଦୂଷଣର କୌଣସି ଦୃଶ୍ୟମାନ ଚିହ୍ନ ନାହିଁ। କିନ୍ତୁ ଏହା ବିଚାରଶକ୍ତିକୁ ଧୂସର କରେ, କରୁଣାକୁ ହ୍ରାସ କରେ ଏବଂ ସମାଜର ନୈତିକ ଭିତ୍ତିକୁ ଦୁର୍ବଳ କରିଦିଏ। ଅଦୃଶ୍ୟ ହୋଇଥିବାରୁ ଏହାକୁ ଆମେ ପ୍ରାୟ ସମୟରେ ଅବହେଳା କରିଦେଉଛୁ। ଆଜିର ସମାଜରେ ମଣିଷର ମନ ନିରନ୍ତର ଭ୍ରାନ୍ତ ସୂଚନା, ସମବେଦନା ଶୂନ୍ୟ ସମ୍ବାଦ, ଘୃଣା, ଭୟ ଓ ଅନାବଶ୍ୟକ ଶବ୍ଦରେ ଅଧିକ ଆକ୍ରାନ୍ତ। ବର୍ତ୍ତମାନ ଯୁବପିଢ଼ିଙ୍କ ମଧ୍ୟରେ ମୋବାଇଲ୍ ଫୋନ୍‌ର ମାତ୍ରାଧିକ ବ୍ୟବହାର ସେମାନଙ୍କ ମନକୁ ଖରାପ ବାଟକୁ ଦ୍ରୁତ ଗତିରେ ଟାଣିନେଉଛି। ସାମାଜିକ ଗଣମାଧ୍ୟମ, ଯାହା ସମ୍ପର୍କ ଗଢ଼ିବାର ଆଶ୍ୱାସନା ଦେଇଥିଲା, ଆଜି ସେଠାରେ ତୁଳନା, କ୍ରୋଧ ଓ ବିଭେଦ ଅଧିକ ଦେଖାଯାଉଛି। ସମ୍ବାଦ ଜଣାଇବା ଅପେକ୍ଷା ଅନେକ ସମୟରେ ଉତ୍ତେଜନା ସୃଷ୍ଟି କରିବା ମୂଳ ଉଦ୍ଦେଶ୍ୟ ହୋଇଯାଇଛି। ଚିତ୍ତକୁ ଭ୍ରମିତ କଲାଭଳି 'ବିଜ୍ଞାପନ' ମଧ୍ୟ ବହୁତ ପ୍ରଭାବ ବିସ୍ତାର କଲାଣି। ମନେରଖିବାର କଥା ଯେ ବିଜ୍ଞାପନ କେବଳ ସାମଗ୍ରୀ ବିକ୍ରିକୁ ପ୍ରୋତ୍ସାହିତ କରେନି, ସେଗୁଡ଼ିକ ଆବଶ୍ୟକତା ତିଆରି କରେ। ମଣିଷର ମନକୁ ବେଳେ ବେଳେ ଖରାପ, ଲୋଭନୀୟ, କ୍ଷଣିକ ସୁଖର ଏକ ଅବାସ୍ତବ ରାସ୍ତାକୁ ଟାଣି ନିଏ। ଏହିପରି ଭାବେ ମନ ଧୀରେ ଧୀରେ ଅଶାନ୍ତ, ଅସ୍ଥିର ଓ ପ୍ରତିକ୍ରିୟାଶୀଳ ହୋଇଯାଏ।

ଦୂଷିତ ବାୟୁ ଯେପରି ଫୁସଫୁସକୁ ପ୍ରଭାବିତ କରେ, ସେହିପରି ଦୂଷିତ ଚିନ୍ତା ଆଚରଣକୁ ପ୍ରଭାବିତ କରେ। ସନ୍ଦେହ, ଅସହିଷ୍ଣୁତା ଓ କ୍ରୋଧରେ ଭରିଥିବା ମନ ସମାଜରେ ବିରୋଧର ଶ୍ୱାସ ଛାଡ଼େ। 'କୃତଜ୍ଞତା'ର ସ୍ଥାନରେ 'ଲୋଭ' ଆସିଲେ, 'କରୁଣା'ର ସ୍ଥାନରେ 'ଶୋଷଣ' ଆସେ। ସତ୍ୟଠାରୁ ମିଥ୍ୟା ଦ୍ରୁତ ଗତିରେ ପ୍ରସାରିତ ହେଲେ ବିଶ୍ୱାସ ପ୍ରଥମେ ଭାଙ୍ଗିପଡ଼େ। ଦୂଷିତ ମନ କେବଳ ଗୋଟିଏ ଲୋକ ମଧ୍ୟରେ ସୀମିତ ରହେନି। ଏହା ସଂକ୍ରାମକ ରୋଗ ଭଳି ଅତି ଶୀଘ୍ର ସମଗ୍ର ସମାଜରେ ପ୍ରସାରିତ ହୋଇଯାଏ। ଘୃଣା, ହିଂସା, ପ୍ରତିଶୋଧ ଓ ଅନିୟନ୍ତ୍ରିତ ଆକାଂକ୍ଷାରେ ଦୂଷିତ ଚିନ୍ତା ଅନେକ ସମୟରେ ଅପରାଧରେ ପରିଣତ ହୁଏ। ଅନେକ ଅପରାଧ ହଠାତ୍ ଜନ୍ମ ନେଇ ନ ଥାଏ। ସେଗୁଡ଼ିକ ଦୀର୍ଘସମୟ ଧରି ହିଂସା, ନୈତିକ ଭ୍ରମ ଓ ଅନ୍ୟାୟର ପ୍ରଶଂସା ଦେଖୁଥିବା ମନରେ ଧୀରେ ଧୀରେ ଗଢ଼ିଉଠେ, ନୀରବ ଭାବରେ। ଏପରି ମନ ଅପରାଧକୁ ଯୁକ୍ତିସଂଗତ ଭାବେ ଦେଖିବା ଆରମ୍ଭ କରେ, ବିବେକକୁ ନୀରବ କରେ ଏବଂ ନିର୍ମମତାକୁ ସାଧାରଣ କର୍ମ ଭାବେ ଧରିନେବାକୁ ବାଧ୍ୟ କରିଦିଏ।

ଏହାଠାରୁ ମଧ୍ୟ ଅଧିକ ଭୟଙ୍କର ହେଉଛି ଏପରି ଦୂଷିତ ମନ ଅନ୍ୟମାନଙ୍କୁ ଦୂଷିତ କରେ। କଥା, ଆଚରଣ ଓ ପ୍ରଭାବ ମାଧ୍ୟମରେ ଏହା ଭୟ, ପ୍ରତିକୂଳ ଧାରଣା ଓ କ୍ରୋଧ ପ୍ରସାର କରେ, ବିଶେଷକରି ଶିଶୁ ଓ ସମ୍ବେଦନଶୀଳ ଲୋକମାନଙ୍କ ମଧ୍ୟରେ। ଗୋଟିଏ ବିକୃତ ଚିନ୍ତା ବାରମ୍ବାର ପୁନରାବୃତ୍ତ ହେଲେ ହିଂସାକୁ ଉତ୍ତେଜିତ କରିପାରେ, ଘୃଣାକୁ ଉଦ୍ଦୀପିତ କରିପାରେ କିମ୍ବା ସମଗ୍ର ସମାଜକୁ ଭ୍ରମିତ କରିପାରେ। ଏହିପରି ଭାବରେ ମାନସିକ ପ୍ରଦୂଷଣ ବ୍ୟକ୍ତିଗତ ଅନ୍ଧକାରକୁ ସାମାଜିକ ଅଶାନ୍ତିରେ ପରିଣତ କରେ। ଏକ ପ୍ରଦୂଷିତ ମନରେ କେବେ ହେଲେ ଉତ୍ତମ ଭାବନା ଓ ସୃଜନଶୀଳତା ବସା ବାନ୍ଧି ପାରେ ନାହିଁ। କାରଣ ସେଠି ଆଗରୁ ବସା ବାନ୍ଧି ରହିଥାଏ ଏକ କୁତ୍ସିତ ଚିନ୍ତାଧାରାର ରାକ୍ଷସ।

ଶିଶୁମାନେ ଏଥିପ୍ରତି ସବୁଠାରୁ ଅଧିକ ସମ୍ବେଦନଶୀଳ। ସାଧାରଣତଃ ସେମାନେ ସବୁ କଥାକୁ ଅନୁକରଣ କରିଥା'ନ୍ତି। ଶିଶୁର ମନ ତାଜା ପାଣି ଭଳି, ଯାହା ପ୍ରବାହିତ ହୁଏ ତାହାକୁ ଶୋଷଣ କରେ। ଅତି ସାନ ବୟସରୁ ଅଶ୍ଳୀଳତା, ଆକ୍ରମକତା ଓ ବିଷାକ୍ତ ପ୍ରତିସ୍ପର୍ଦ୍ଧା ସମ୍ପର୍କରେ ଆସିଲେ ନିର୍ମଳତା, ମନର କୋମଳତା ଧୀରେ ଧୀରେ ନଷ୍ଟ ହୁଏ। ମନ ବିକୃତ ହୋଇଯାଏ, ହୃଦୟ କଠୋର ହୋଇଯାଏ। ପୂର୍ବରୁ ମୂଲ୍ୟବୋଧ, ସଂସ୍କାର ପରିବାର, ଶିକ୍ଷକ ଓ ସମୁଦାୟରୁ ଆସୁଥିଲା। ଆଜି ସେଗୁଡ଼ିକ ଅଧିକାଂଶ ମୋବାଇଲ୍, କମ୍ପ୍ୟୁଟର ଓ ଟିଭି ସ୍କ୍ରିନ୍ ମାଧ୍ୟମରେ ନିର୍ଦ୍ଧାରିତ ହେଉଛି। ଆମେ ଯଦି ଆଗାମୀ ପିଢ଼ି ପାଇଁ ଶୁଦ୍ଧ ପାଣି ନେଇ ଚିନ୍ତିତ, ତେବେ ଶୁଦ୍ଧ ଚିନ୍ତା ନେଇ ମଧ୍ୟ ସମାନ ଭାବେ ଚିନ୍ତିତ ହେବା ଉଚିତ୍। ଆଜିକାଲି ଅଳ୍ପ ବୟସର ପିଲାମାନଙ୍କ ମଧ୍ୟରେ ଅପରାଧ ପ୍ରବଣତା ବଢ଼ି ବଢ଼ି ଚାଲିଛି। ଏମିତିକି ହତ୍ୟା ଭଳି ସଙ୍ଗୀନ ଦଫାରେ ସେମାନେ ଗିରଫ ହେବାର ଦେଖିବାକୁ ମିଳୁଛି।

ମାନସିକ ପ୍ରଦୂଷଣ ଅପରିବର୍ତ୍ତନୀୟ ନୁହେଁ। ମନରେ ପୁନରୁଦ୍ଧାରର ଅସାଧାରଣ କ୍ଷମତା ରହିଛି। ସଚେତନତା ହେଉଛି ପ୍ରଥମ ପଦକ୍ଷେପ। ଆମର କଳା, ସଂସ୍କୃତି, ଐତିହ୍ୟ, ପ୍ରାଚୀନ ପରମ୍ପରା, ନୈତିକ ଶିକ୍ଷା, ଆଧ୍ୟାତ୍ମିକ ଉପଦେଶର ପ୍ରଚାର, ପ୍ରସାର ସହ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ହେଉଛି ବର୍ତ୍ତମାନ ସମାଜରେ ଏକ ଜରୁରୀ ଆବଶ୍ୟକ୍ତା। ଆମେ ପ୍ଲାଷ୍ଟିକ ବ୍ୟବହାର କମେଇବା କିମ୍ବା ପାଣି ସଂରକ୍ଷଣ ଯେପରି ଶିଖୁଛୁ, ସେହିପରି ଆମେ ମାନସିକ ଆହାରକୁ ଛାଣି ଶିଖିବା ଆବଶ୍ୟକ। ପ୍ରତ୍ୟେକ ସନ୍ଦେଶ ଧ୍ୟାନଯୋଗ୍ୟ ନୁହେଁ, ପ୍ରତ୍ୟେକ ମତ ଗ୍ରହଣୀୟ ନୁହେଁ। ଶିକ୍ଷା କେବଳ ତଥ୍ୟ ଓ କୌଶଳରେ ସୀମିତ ରହିବା ଉଚିତ୍ ନୁହେଁ; ଏହା ଦୟା, ନୈତିକ ବିଚାର ଓ ଦାୟିତ୍ୱବୋଧକୁ ଗଢ଼ିତୋଳିବା ଉଚିତ୍। ମାଧ୍ୟମମାନେ ସ୍ୱାଧୀନତା ସହିତ ଦାୟିତ୍ୱକୁ ସମତୁଳିତ କରିବା ଆବଶ୍ୟକ। ପରିବାରମାନେ ପୁନର୍ବାର ଆଲୋଚନା, କଥାକାହାଣୀ ଓ ମୂଲ୍ୟବୋଧର ପରମ୍ପରାକୁ ଜୀବନ୍ତ କରିବା ଦରକାର। ବ୍ୟକ୍ତିଗତ ଭାବେ ପ୍ରତ୍ୟେକ ମଣିଷ ମାନସିକ ସ୍ୱଚ୍ଛତା ଅଭ୍ୟାସ କରିବା ଉଚିତ୍। ଉତ୍ତମ ସାହିତ୍ୟ ପଢ଼ି, ଆତ୍ମପରୀକ୍ଷା, ଆତ୍ମସମୀକ୍ଷା କରି, ପ୍ରକୃତି ସହ ସମୟ କାଟି ଓ ସକାରାତ୍ମକ ଚିନ୍ତାଧାରା, ଦୟା, କ୍ଷମା, ସହୃଦୟତାକୁ ଆପଣେଇବାକୁ ପଡ଼ିବ।

ନିରବତାରେ ମଧ୍ୟ ଶକ୍ତି ରହିଛି। ନିରନ୍ତର କଳରବରେ ଭରିଥିବା ଏହି ବିଶ୍ୱରେ କିଛି ନିରବ ମୁହୂର୍ତ୍ତ ଜଞ୍ଜାଳଗ୍ରସ୍ତ, ଅସ୍ତବ୍ୟସ୍ତ ମନକୁ ପରିଶୁଦ୍ଧ କରିପାରେ। ପ୍ରତିକ୍ରିୟାର ସ୍ଥାନରେ ପୁନର୍ବିଚାର ଆସିପାରେ। 'ନିର୍ମମତା' କୁ 'କରୁଣା' ଅଟକାଇପାରେ। ଶାନ୍ତ ଭାବରେ ଓ ନିରନ୍ତର କୁହାଯାଇଥିବା ସତ୍ୟ, ସବୁଠାରୁ ଉଚ୍ଚ ମିଥ୍ୟାକୁ ମଧ୍ୟ ଅତିକ୍ରମ କରିପାରେ। କିନ୍ତୁ ସେଥିପାଇଁ କେତେଜଣ ବା ଉଦ୍ୟମ କରୁଛନ୍ତି? କେତେଜଣ ଏଥିପ୍ରତି ସଚେତନ ଅଛନ୍ତି?

ଦୂଷିତ ନଦୀ ସହ ସମାଜ ବଞ୍ଚିପାରେ, କିନ୍ତୁ ଦୂଷିତ ମନ ସହ ସମାଜରେ କେବେ ବି ଫୁଲ ଫୁଟିପାରେନି, ଫଳ ଫଳି ପାରେନି। ଯଦି ଆମେ ପ୍ରକୃତରେ ଗୋଟିଏ 'ଶୁଦ୍ଧଜଗତ' ଚାହୁଁଛୁ, ତେବେ ପରିବେଶ ସହିତ ନିଜ ମନଠାରୁ ଆରମ୍ଭ କରିବାକୁ ହେବ। ଆମ ଚିନ୍ତା, ଆମ କଥା ଓ ଆମ ଉଦ୍ଦେଶ୍ୟକୁ ପ୍ରଥମେ ପବିତ୍ର କରି ତା'ପରେ ଅନ୍ୟ କଥା ଚିନ୍ତା କରିବାକୁ ପଡ଼ିବ। କାରଣ ମନ ଶୁଦ୍ଧ ହେଲେ ସେହି ମନ ସୃଷ୍ଟି କରୁଥିବା ଜଗତ ମଧ୍ୟ ଶୁଦ୍ଧ ହୁଏ। ●

(ଅଧ୍ୟାପକ, ଇଣ୍ଡିଗୋ ବିଜ୍ଞାନ ଓ ବାଣିଜ୍ୟ ମହାବିଦ୍ୟାଳୟ)
ତ୍ରିଶୁଳିଆ(କଟକ), ମୋ: ୭୩୭୧୫୫୨୮୭୬

# ଜଳଗ୍ରହରେ ଜଳକ୍ଲିଷ୍ଟତା

**ଡ. ବିଜୟ କେତନ ପଟ୍ଟନାୟକ**

ପୃଥିବୀ ଏକ ଜଳୀୟ ଗ୍ରହ। ପୃଥିବୀର ପ୍ରାୟ ଦୁଇ-ତୃତୀୟାଂଶ ଭାଗ ଜଳ ଦ୍ୱାରା ଆଚ୍ଛାଦିତ। କିନ୍ତୁ ନିକଟରେ ମିଳିତ ଜାତିସଂଘ ତରଫରୁ ପ୍ରକାଶିତ ଏକ ରିପୋର୍ଟରେ ଯେଉଁ ତଥ୍ୟ ପ୍ରକାଶ ପାଇଛି, ତାହା ଅତ୍ୟନ୍ତ ଉଦ୍‌ବେଗଜନକ। ପୃଥିବୀର ୮୨୦ କୋଟି ଲୋକଙ୍କ ମଧ୍ୟରୁ ଅର୍ଦ୍ଧାଧିକ ଅର୍ଥାତ୍ ପ୍ରାୟ ୪୦୦ କୋଟିରୁ ଅଧିକ ଲୋକ ଏବେ ଜଳ ସଂକଟରେ ସମ୍ମୁଖୀନ। ତନ୍ମଧ୍ୟରୁ ୨୨୦ କୋଟି ଜନତା ସ୍ୱଚ୍ଛ ପାନୀୟ ଜଳ ପାଇବାରୁ ବଞ୍ଚିତ। ଉକ୍ତ ରିପୋର୍ଟରେ ଦର୍ଶାଯାଇଛି ବିଶ୍ୱର ୧୦୦ଟି ବୃହତ୍ତମ ସହର ମଧ୍ୟରୁ ପ୍ରାୟ ୫୦ଟି ସହର ଜଳାଭାବ ଜନିତ ସଂକଟର ସମ୍ମୁଖୀନ ହେଉଛନ୍ତି। ସେଥିଭିତରୁ ୨୯ଟି ସହରର ସ୍ଥିତି ଅତ୍ୟନ୍ତ ଗମ୍ଭୀର। ଏହି ସହରଗୁଡ଼ିକ ମଧ୍ୟରେ ରହିଛି ଭାରତର ରାଜଧାନୀ ଦିଲ୍ଲୀ ସମେତ ପାଞ୍ଚଟି ସହର, ଚୀନର ରାଜଧାନୀ ବେଜିଂ, ଆମେରିକାର ନ୍ୟୁୟର୍କ ଓ ଫ୍ରାନ୍ସର ରିଓ ଡି ଜାନେରିଓ। ବିଶ୍ୱ ଜଳକ୍ଲିଷ୍ଟ ତାଲିକାରେ ଦିଲ୍ଲୀ ଚତୁର୍ଥସ୍ଥାନରେ, କୋଲକାତା ନବମ, ମୁମ୍ବାଇ ୧୨ ତମ, ବେଙ୍ଗାଲୁରୁ ୨୪ ତମ ଓ ଚେନ୍ନାଇ ୨୯ ତମ ସ୍ଥାନରେ ରହିଛି। ଏହାବ୍ୟତୀତ ହାଇଦ୍ରାବାଦ, ଅହମ୍ମଦାବାଦ, ସୁରତ ଓ ପୁନେ ସହର ମଧ୍ୟ ବହୁ ଦିନରୁ ସାମୟିକ ଜଳସଂକଟରେ ସମ୍ମୁଖୀନ ହେଉଛନ୍ତି।

ବିଶ୍ୱ ଜନସଂଖ୍ୟାର ୧୮ ପ୍ରତିଶତ ଆମ ଦେଶରେ ଥିଲେ ମଧ୍ୟ ବିଶ୍ୱର ମୋଟ ମଧୁର ଜଳର ମାତ୍ର ୪ ପ୍ରତିଶତ ଆମ ଦେଶରେ ଉପଲବ୍ଧ। ଏହା ଭିତରୁ ୭୦ ପ୍ରତିଶତ ଜଳ ପାନୀୟ ଉପଯୋଗୀ ନୁହେଁ। ଶିଳ୍ପ ଓ କଳକାରଖାନାରୁ ନିଷ୍କାସିତ ହେଉଥିବା ଦୂଷିତ ଆବର୍ଜନାଯୁକ୍ତ ଜଳ ଏବଂ ବର୍ଷା ପାଣିରେ ଭାସିଯାଇ ନଦୀ, ନାଳ ଓ ହ୍ରଦ ଜଳରେ ମିଶୁଥିବା ଏକକ ବ୍ୟବହୃତ ପ୍ଲାଷ୍ଟିକରେ ପ୍ରଦୂଷିତ ଓ କଳୁଷିତ। ଭୂତଳ ଜଳ, ଯାହା ସ୍ୱଚ୍ଛ ପାନୀୟ ଜଳ ବୋଲି ଏକଦା ବିଚାର କରାଯାଉଥିଲା ସେଥିରେ ଫ୍ଲୋରାଇଡ, ଆର୍ସେନିକ, ନାଇଟ୍ରେଟ ଓ ପିଏଚ ମାତ୍ରା ଅଧିକ ରହୁଛି, ଯାହା ସ୍ୱାସ୍ଥ୍ୟ ପାଇଁ ହାନିକାରକ। ପୃଥିବୀରେ ବର୍ଷକୁ ୩୫ ଲକ୍ଷ ବ୍ୟକ୍ତି ଜଳଜନିତ ବିଭିନ୍ନ ରୋଗରେ ମୃତ୍ୟୁବରଣ କରୁଛନ୍ତି। ପ୍ରତିଦିନ ବିଶ୍ୱରେ ୫ ବର୍ଷ ବୟସରୁ କମ ୯୦୦ ପିଲା ଜଳବାହିତ ରୋଗରେ କିମ୍ବା ଦୂଷିତ ଜଳ ପାନ କରି ମୃତ୍ୟୁବରଣ କରୁଛନ୍ତି।

ଜାତିସଂଘର ଏହି ରିପୋର୍ଟରେ ଆହୁରି ମଧ୍ୟ ଦର୍ଶାଯାଇଛି, ଆଫଗାନିସ୍ତାନର ରାଜଧାନୀ କାବୁଲ ବିଶ୍ୱର ପ୍ରଥମ ବଡ଼ ସହର, ଯେଉଁଠି ପାଣି ସଂପୂର୍ଣ୍ଣ ଶୁଖିଯିବାକୁ ବସିଛି। ଏହାକୁ କୁହାଯିବ ଡେ-ଜିରୋ, ଅର୍ଥାତ୍ ଯେଉଁଦିନ ପାଣି ଟୋପାଏ ମିଳିବ ନାହିଁ। ମେକ୍ସିକୋ ସହରରେ ଭୂତଳ ଜଳସ୍ତର ଦ୍ରୁତଗତିରେ ହ୍ରାସ ପାଉଥିବା କାରଣରୁ ସହରଟି ପ୍ରତିବର୍ଷ ତଳକୁ ଧସିବାରେ ଲାଗିଛି। ଇରାନ୍‌ର ରାଜଧାନୀ ତେହେରାନ୍ କ୍ରମାଗତ ଷଷ୍ଠ ବର୍ଷ ମରୁଡ଼ିର ସମ୍ମୁଖୀନ ହୋଇଛି। ଭବିଷ୍ୟତରେ ଏମିତି ସମୟ ଆସିବ, ଯେବେ ସେଠାକାର ଲୋକମାନେ ପାନୀୟ ଜଳର ଘୋର ଅଭାବ ଅନୁଭବ କରିବେ। ଦକ୍ଷିଣ ଆଫ୍ରିକାର ରାଜଧାନୀ କେପ୍‌ଟାଉନ ଓ ଭାରତର ଚେନ୍ନାଇରେ ମଧ୍ୟ ଏହି ଜଳକ୍ଲିଷ୍ଟ ଅବସ୍ଥା ପୂର୍ବରୁ ଆସିସାରିଛି।

ବିଗତ ୫୦ ବର୍ଷ ମଧ୍ୟରେ ୟୁରୋପର ଅନେକ ଆର୍ଦ୍ରଭୂମି ମାନଚିତ୍ରରୁ ହଜିଗଲାଣି। ୧୯୭୦ ମସିହା ପରଠାରୁ ମଧୁର ଜଳ ଉତ୍ସ ହିମବାହର ଆକାର ପ୍ରାୟ ୩୦ ପ୍ରତିଶତ ସଂକୁଚିତ ହୋଇଗଲାଣି, ଅର୍ଥାତ୍ ତରଳି ଗଲାଣି। ଏହା ବିଶ୍ୱ ପତନର ପରିଣାମ। ୧୯୯୦ ପରଠାରୁ ବିଶ୍ୱର ୫୦ ପ୍ରତିଶତ ହ୍ରଦର ଜଳସ୍ତର ହ୍ରାସ ପାଇଛି। ଜଳ ଗୁଣବତ୍ତା ସୂଚକରେ ଭାରତର ସ୍ଥାନ ବିଶ୍ୱର ୧୨୨ଟି ଦେଶଙ୍କ ଭିତରେ ୧୨୦ଟି ରହିଛି। ଏହା ସୂଚାଇଥାଏ ଆମ ଦେଶରେ ଶୁଦ୍ଧ ପେୟ ଜଳର ସଂକଟ ଉଦ୍‌ବେଗଜନକ ସ୍ଥିତି ରହିଛି। ବ୍ୟକ୍ତିପିଛା ଉପଲବ୍ଧ ହେଉଥିବା ବାର୍ଷିକ ମଧୁର ଜଳର ସ୍ୱାଭାବିକ ନ୍ୟୂନତମ ସୀମା ୧୭୦୦ ଘନମିଟର ରହିବା ଉଚିତ୍। ଯଦି ଏହା ୧୫୦୦ ଘନ ମିଟରରୁ କମ ହୋଇଯାଏ, ତେବେ ଜଳାଭାବ ଜନିତ କ୍ଲେଶ ବା ଜଳକ୍ଲିଷ୍ଟତା ଅନୁଭବ କରିହୁଏ। ଏହି ଅନୁପାତ ବର୍ଷକୁ ବ୍ୟକ୍ତି ପିଛା ୧୦୦୦ ଘନମିଟରରୁ କମ୍ ହେଲେ ଜଳସଂକଟ ସମସ୍ୟା ସୃଷ୍ଟି ହେବ। ୨୦୦୧ ମସିହାରେ ଭାରତରେ ବ୍ୟକ୍ତି ପିଛା ବର୍ଷକୁ ହାରାହାରି ୧୮୧୬ ଘନମିଟର ଜଳ ବ୍ୟବହାର ପାଇଁ ମିଳୁଥିଲା। ଯାହାକି ନ୍ୟୂନତମ ସୀମାଠାରୁ ଯଥେଷ୍ଟ ଅଧିକ ଥିଲା। ୨୦୧୧ ବେଳକୁ ଦେଶର ଜନସଂଖ୍ୟା ବୃଦ୍ଧି ଫଳରେ ଏହା ୧୧୪୫ ଘନ ମିଟରକୁ କମି ଆସିଲା। ୨୦୨୫ ମସିହାରେ ଏହା ମୁଣ୍ଡପିଛା ୧୪୮୬ ଘନ ମିଟରକୁ ଖସି ଆସିଛି। ୨୦୫୦ ମସିହା ବେଳକୁ ଅନୁମାନ କରାଯାଏ ଆମ ଦେଶର ଜନସଂଖ୍ୟା ୧୬୪ କୋଟିରେ ପହଞ୍ଚିପାରେ ଏବଂ ସେତେବେଳକୁ ମୁଣ୍ଡପିଛା ଜଳ ଉପଲବ୍ଧ ହେବ ବର୍ଷକୁ ମାତ୍ର ୧୧୪୦ ଘନମିଟର। ସେ ସମୟକୁ ଆମ ଦେଶର ଅଧିକାଂଶ ଅଞ୍ଚଳ ଜଳକ୍ଲିଷ୍ଟ ଅଞ୍ଚଳରେ ପରିଣତ ହୋଇସାରିଥିବ।

ଏବେ ବି ଦେଶର ପାଖାପାଖି ୬୦ କୋଟି ଲୋକ ଦୈନିକ ବ୍ୟବହାର ପାଇଁ ମଧୁର ପେୟ ଜଳର କ୍ଲିଷ୍ଟତା ବା ଜଳାଭାବ ଜନିତ ଚାପ ଅନୁଭବ କରନ୍ତି। ବିଶେଷକରି ଗ୍ରାମୀଣ ଅଞ୍ଚଳରେ ୭୮ ପ୍ରତିଶତ ଲୋକଙ୍କ ନିକଟରେ ସ୍ୱଚ୍ଛ ପାନୀୟ ଜଳ ଉତ୍ସ ନିକଟରେ ପହଞ୍ଚିବାର ସାଧନ ମଧ୍ୟ ନାହିଁ। ସେଠିକାର ସ୍ତ୍ରୀ ଲୋକମାନେ ଦୈନିକ ୨୦ କୋଟିରୁ ୨୫ କୋଟି ଘଣ୍ଟା (ପାନୀୟ ଜଳ ସଂଗ୍ରହ ନିମନ୍ତେ ସମସ୍ତ ସ୍ତ୍ରୀ ଲୋକ ବ୍ୟବହାର କରୁଥିବା ସମୟ) ସମୟ ଗାଁ ଠାରୁ ଦୂରରେ ଥିବା ଉତ୍ସରୁ ପାନୀୟ ଜଳ ସଂଗ୍ରହ ନିମନ୍ତେ ଅପଚୟ କରୁଛନ୍ତି। ବିସ୍ମୟର କଥା, ଦିନେ ଭାରତରେ ସର୍ବାଧିକ ବୃଷ୍ଟିପାତର ସହର ଥିଲା 'ଚେରାପୁଞ୍ଜି'। ଏବେ ସେଠାରେ ଗ୍ରୀଷ୍ମଦିନେ ପିଇବା ପାଣି ପାଇବା କଷ୍ଟକର ହେଉଛି।

ବିଶ୍ୱରେ ଜଳାଭାବର ପ୍ରମୁଖ କାରଣ ହେଉଛି ଶୁଷ୍କ ହୋଇ ଯାଉଥିବା ଜଳ ଉତ୍ସ, ଜଳଛାୟା ଅଞ୍ଚଳରେ ବୃକ୍ଷ କମିଯିବା, ନଦୀନାଳରେ ଜଳପ୍ରବାହ କମିବା, ଅତ୍ୟଧିକ ଭୂତଳ ଜଳ ଉତ୍ତୋଳନ। ଆମ ଦେଶରେ ଭୂତଳ ଜଳ ଉତ୍ତୋଳନ ବିଶ୍ୱରେ ସର୍ବାଧିକ। ବିଶ୍ୱର ମୋଟ ଭୂତଳରୁ ଉତ୍ତୋଳିତ ଜଳର ପରିମାଣ ୨୫ ପ୍ରତିଶତ। ଆମେ ୬୨ ପ୍ରତିଶତରୁ ଅଧିକ ଭୂତଳ ଜଳ କୃଷି କାର୍ଯ୍ୟରେ ବ୍ୟବହାର କରିଥାଉ।

ଆମେ ଭାବିଥାଉ ଜଳ ଏକ ପ୍ରାକୃତିକ ସମ୍ବଳର ଅସରନ୍ତି ଭଣ୍ଡାର। କିନ୍ତୁ ତାହା ସୀମିତ। ତେଣୁ ଏବେଠାରୁ ଜଳର ସଦୁପଯୋଗ, ମିତବ୍ୟୟିତା ଓ ସୁଷମ ବଣ୍ଟନ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ। ●

(ପୂର୍ବତନ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ)
ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

# ଆତ୍ମାବିଷ୍କାରର ବଜ୍ରସ୍ୱର: ବ୍ରଜବିହାରୀ

**ସାହିତ୍ୟ ସରିତ୍**

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

ଋଷିକଳ୍ପ ସାହିତ୍ୟସାଧକ ବ୍ରଜବିହାରୀ ବହିଦାରଙ୍କ ନାମ ସ୍ମରଣ କରିବା ମାତ୍ରକେ ହିମାଳୟର ନିଭୃତ ଗିରିଗୁମ୍ଫା ମଧ୍ୟରେ ତାଙ୍କ ସାଧନାମଗ୍ନ ଭାବରୂପଟି ସତେଯେମିତି ଅନ୍ତର ମଧ୍ୟରେ ଉଭାସିତ ହୋଇଉଠେ। ତାଙ୍କ ରଚିତ ସାହିତ୍ୟକୃତିକୁ ପାରମ୍ପରିକ ଗଠନକଳା ଦୃଷ୍ଟିରୁ କେବେହେଲେ ବିଚାର କରାଯାଇ ନପାରେ। ସେ ସାହିତ୍ୟର ବିଭିନ୍ନ ବିଭାଗ ପାଇଁ ସୁନିର୍ଦ୍ଦିଷ୍ଟ ଛାଞ୍ଚ ଅନୁସାରେ ଲେଖନୀ ଚାଳନା କରିନାହାନ୍ତି। ତାଙ୍କ ସାହିତ୍ୟକୃତିରେ ପ୍ରତିଫଳିତ ଭାବ ଆଉ ଭାଷା, ଶୈଳୀ - ସବୁକିଛି ତାଙ୍କ ଆତ୍ମାନୁଭୂତିର ଔଜ୍ଜଲ୍ୟରେ ହୋଇଉଠିଛି ଯେତିକି ଭିନ୍ନ, ସେତିକି ବୈଚିତ୍ର୍ୟ-ବିମଣ୍ଡିତ। 'ଏକ ଶାଖାରେ ଦୁଇ ପକ୍ଷୀ', 'ସତ୍ୟ ଓ କଳ୍ପନା', 'ପ୍ରେମ ଓ ପରାଜୟ', 'କୈକେୟୀ', 'ଚିନ୍ତା' ଆଦି ବିଭିନ୍ନ ପୁସ୍ତକ ଏକ ଏକ ନିର୍ଦ୍ଦିଷ୍ଟ ବିଭାଗକୁ ଦୃଷ୍ଟି ଦେଇ ରଚିତ।

କବିତାରଚନାରୁ ହିଁ ଆରମ୍ଭ ହୋଇଥିଲା ତାଙ୍କ ସର୍ଜନା-ସରଣୀ। ମାତ୍ର ଗଦ୍ୟରେ ହିଁ ନିଜକୁ ଉନ୍ମୁକ୍ତ କରିଦେଇ ସେ ଲାଭ କରିଛନ୍ତି ଆତ୍ମତୃପ୍ତି। ଲେଖକ ଜୀବନର ଯେ ଏକ ମହତ ଲକ୍ଷ୍ୟ ରହିବା ପ୍ରୟୋଜନ, ଏ ବିଷୟରେ ସେ ସର୍ବଦା ରହିଥିଲେ ସଚେତନ। ତାଙ୍କ ଅଧ୍ୟୟନ ଓ ଆହରଣର ଜଗତ ଅତ୍ୟନ୍ତ ବିଶାଳ ଓ ପରିବ୍ୟାପ୍ତ। ସମସ୍ତ ଜ୍ଞାନ-ଗ୍ରନ୍ଥର ସାରାଂଶ ନିଜ ଚେତନାରେ ଧାରଣ କରିପାରିବାର ଶକ୍ତି ତାଙ୍କର କି ବିସ୍ମୟକର! ତାହାକୁ ଆଧାର କରି ପୁନଶ୍ଚ ନୂତନ ସୃଷ୍ଟିରେ ରହନ୍ତି ସେ ଭାବତଲ୍ଲୀନ। ମଣିଷର ଚରିତ୍ରରେ ଲୁକ୍କାୟିତ ଈର୍ଷା, ଅସୂୟା, ଘୃଣା, ଅହଂକାର, ପାଶବିକ ନୃଶଂସତା। ପୁଣି ସେଥିରେ ବିଦ୍ୟମାନ ଉଚ୍ଚତର ଅଭୀପ୍ସା, ସ୍ନେହ, ପ୍ରେମ, ବାତ୍ସଲ୍ୟ ଓ ଉଦାରତା। ଲେଖକ ସ୍ୱକୀୟ ସୃଷ୍ଟିରେ ଉଦ୍ଧତ ଭାବରେ ଉନ୍ମୁଖ ନିମ୍ନପ୍ରକୃତିର ଉନ୍ମାଦନାକୁ ମୂଳୋତ୍ପାଟିତ କରିବ ଆଉ କଲ୍ୟାଣକାରୀ ଶାଶ୍ୱତ ଚେତନାକୁ କରିବ ତେଜସ୍କ୍ରିୟ। ବ୍ରଜବିହାରୀ ଏହି ଦର୍ଶନରେ ହିଁ ଥିଲେ ଅଟଳ।

ବ୍ରଜବିହାରୀଙ୍କ ରଚିତ ମୌଳିକ ପ୍ରବନ୍ଧ ସଂକଳନ 'ଚିନ୍ତା' ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ ହେବା ଏକ ଉଲ୍ଲେଖନୀୟ ଘଟଣା। ସେଥିରେ ଅନ୍ତର୍ଭୁକ୍ତ ହୋଇରହିଛି ଦଶଟି ଅନ୍ତର୍ଦୃଷ୍ଟି ଉଦ୍ରେକକାରୀ ରଚନା। ଏହି ପୁସ୍ତକର ଏକ ସ୍ୱତନ୍ତ୍ର ଆକର୍ଷଣ ହେଉଛି ଲେଖକଙ୍କ ଦ୍ୱାରା ଉପସ୍ଥାପିତ ବୟାଅଶି ପୃଷ୍ଠା ବିଶିଷ୍ଟ ଭୂମିକା। ଏଥିରୁ ଲେଖକ କି ଦୁର୍ଲଭ ଉପାଦାନରେ ଗଢ଼ା, ତାହା ହିଁ ପ୍ରତିପାଦିତ ହୋଇଯାଇଛି। 'କଳା ଓ ପ୍ରକୃତି' ଶୀର୍ଷକ ପ୍ରଥମ ଲେଖାଟିରେ ସେ ଦର୍ଶାଇ ଦେଇଛନ୍ତି ଯେ ପ୍ରକୃତିର ଉଦ୍ଦେଶ୍ୟ ଜଗତର କଲ୍ୟାଣ ସାଧନ। କଳାର ଆଭିମୁଖ୍ୟ ତା' ଠାରୁ ଭିନ୍ନ ହେବା ଆଦୌ ସ୍ପୃହଣୀୟ ହୋଇ ନପାରେ। କଳା ପାଇଁ କଳା ମତବାଦ ପ୍ରତି ନିଜର ସମର୍ଥନ ନଥିବା ସେ ସ୍ପଷ୍ଟ କରି ଦେଇଛନ୍ତି ଏହାଦ୍ୱାରା। ପ୍ରକୃତି ପ୍ରତି ମଣିଷର ନିର୍ଦ୍ଦୟ ବ୍ୟବହାରର ପରିଣତି ଯେପରି ହୋଇପାରେ ଭୟାବହ, ସେହିପରି କଳାର ଦୁରୁପଯୋଗ ଦ୍ୱାରା ମଧ୍ୟ ମଣିଷସମାଜକୁ ସାଙ୍ଘାତିକ, ବିଷାକ୍ତ ପରିଣାମ ଭୋଗ କରିବାକୁ ଯେ ପଡ଼ିପାରେ, ଏ ସମ୍ପର୍କରେ ସେ ଜାଗ୍ରତ ହୋଇ ରହିବାକୁ ତାଙ୍କର ଉଚ୍ଚାରଣ ଅମିତ ଶକ୍ତିସମ୍ପନ୍ନ। ଏହା ହିଁ ତାଙ୍କର ଯଥାର୍ଥ ଆତ୍ମାବିଷ୍କାର। ଏହା ମଧ୍ୟ ମଣିଷ ସମାଜ ପ୍ରତି ତାଙ୍କ ଆନ୍ତରିକ ସମବେଦନାର ଶ୍ରେଷ୍ଠ ପରିଚୟ।

ରାମାୟଣ ବିଷୟରେ ସେ ଲେଖିଛନ୍ତି:ଏ ଗ୍ରନ୍ଥଟି ହଜାରହଜାର ବର୍ଷ ଧରି ଯେ ବିପୁଳ ଆଦୃତି ଲାଭ କରିଛି, ତା'ର ମୂଳ କାରଣ ହେଲା ମଣିଷର ସମୁନ୍ନତ ଭାବାବେଗକୁ ଏହା ତେଜୋଦୀପ୍ତ କରିଆସିଛି। ଆଉ କ୍ଷୁଦ୍ର କାମନା ବାସନା ନିକଟରେ ପ୍ରହରୀ ପରି ରହିଛି ଦଣ୍ଡାୟମାନ। ଲେଖକ ତାଙ୍କ ନାମ ଆଗରେ କିମ୍ବା ପଛରେ କୌଣସି ସାଂଜ୍ଞା ବ୍ୟବହାର କରୁ ନଥିବାରୁ ଆଜି ମଧ୍ୟ ଅନେକଙ୍କ ନିକଟରେ ସେ ଅପରିଚିତ। ବ୍ରଜବିହାରୀ ନାମରେ ଓଡ଼ିଆ ସାହିତ୍ୟରେ ଏକାଧିକ ଗଦ୍ୟସ୍ରଷ୍ଟା ରହିଥିବା ହେତୁ ଏହି ଲେଖକଙ୍କୁ ଜାଣିବା ସକାଶେ ବହିଦାର ସାଂଜ୍ଞାଟିର ବ୍ୟବହାର କରାଯାଇଛି ଏହି ଲେଖାଟିରେ, ଯିଏ ଥିଲେ ବଲାଙ୍ଗୀର ନିବାସୀ।

କଳା ଓ ସାହିତ୍ୟ ନାମରେ ସୃଷ୍ଟି ହେଉଥିବା ଅଶାଳୀନ ଲେଖା ବିରୁଦ୍ଧରେ ତାଙ୍କ ସ୍ୱର ଉତ୍ତୋଳନ କି ତୀକ୍ଷ୍ଣ! ଲେଖକମାନଙ୍କ ପ୍ରତି ଆଞ୍ଚଳିକ ଭେଦଭାବ ରଖୁଥିବା ପ୍ରତିଷ୍ଠିତ ସାହିତ୍ୟିକ ଓ ସମାଲୋଚକଙ୍କ ଉଦ୍ଦେଶ୍ୟରେ ମଧ୍ୟ ତାଙ୍କ ବାଣୀ ଏକାନ୍ତ ଅନ୍ତଃସ୍ପର୍ଶୀ। ସାମାଜିକ କୁସଂସ୍କାର ଦୂର କରିବାରେ ମଧ୍ୟ ସେ କମ ପ୍ରୟାସୀ ନଥିଲେ। ତାଙ୍କ ରଚିତ ଗଳ୍ପ, ଉପନ୍ୟାସରେ ଏହାର ଅଙ୍କନ ସୁସ୍ପଷ୍ଟ। ତାଙ୍କ ରଚିତ 'ମହାଭାରତ ଦର୍ଶନ' ଗ୍ରନ୍ଥଟି ଗଭୀର ତତ୍ତ୍ୱମୂଳକ। ତେବେ କ୍ଷୋଭର ବିଷୟ ହେଲା ତାଙ୍କର ବହୁ ପାଣ୍ଡୁଲିପି ଏପର୍ଯ୍ୟନ୍ତ ଅପ୍ରକାଶିତ ହୋଇରହିଯାଇଛି। ଯିଏ ଆତ୍ମାବିଷ୍କାରରେ ଥିଲେ ଧ୍ୟାନମଗ୍ନ, ତାଙ୍କୁ ପୂର୍ଣ୍ଣାଙ୍ଗ ରୂପରେ ଆଜି ପର୍ଯ୍ୟନ୍ତ ଆବିଷ୍କାର କରିବାରେ ଆମେ ହୋଇଛୁ ଅକ୍ଷମ। ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।

୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।

୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।

୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।

୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।

୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।

୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ମାର୍ଚ୍ଚ ୨୨ରେ ଚାଷୀ ଏକତା ଗଣପଦଯାତ୍ରା ଓ ସତ୍ୟାଗ୍ରହ

ଭୁବନେଶ୍ୱର,୧୮।୨(ସମିସ): ନବ ନିର୍ମାଣ କୃଷକ ସଂଗଠନ ଆସନ୍ତା ମାର୍ଚ୍ଚ ୨୨ରୁ ଚାଷୀ ଏକତା ଗଣପଦଯାତ୍ରା ଓ ସତ୍ୟାଗ୍ରହ କରିବ । ରାଜ୍ୟ ସରକାରଙ୍କ ଚାଷୀମାରଣ ନୀତି ପ୍ରତିବାଦରେ ଏହି ସତ୍ୟାଗ୍ରହ କରାଯିବ ବୋଲି ବୁଧବାର ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ କୁହାଯାଇଛି ।

ସଂଗଠନରରାଷ୍ଟ୍ରୀୟସଂଯୋଜକଅକ୍ଷୟକୁମାରସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ଧାନ ମଣ୍ଡିରେ ଦୁର୍ନୀତି ବିରୋଧରେ ଚାଷୀମାନେ ବିଧାନସଭା ସାମ୍ନାରେ ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନ କରିଥିଲେ । ହେଲେ ସରକାରଙ୍କ ଇଙ୍ଗିତରେ ପୁଲିସ ଆନ୍ଦୋଳନକାରୀଙ୍କୁ ଜେଲ୍ ପଠାଇବାକୁ କରିଥିବା ଷଡ଼ଯନ୍ତ୍ର ପଣ୍ଡ ହୋଇଛି । ନ୍ୟାୟାଳୟ ଆନ୍ଦୋଳନକାରୀଙ୍କୁ ଜାମିନ୍ ମଞ୍ଜୁର କରିଥିଲେ । ଯେଉଁଠି ଏଫଏକ୍ୟୁ ନାମରେ କ୍ୱିଣ୍ଟାଲ ପିଛା ୫ କେଜିରୁ ୧୫ କେଜି ପର୍ଯ୍ୟନ୍ତ ଧାନ କାଟି ନିଆଯାଉଛି, ସେଠାରେ ପରିଶ୍ରମ କରି ଉତ୍ପାଦନ କରୁଥିବା ଚାଷୀଟି ବଞ୍ଚିବ କେମିତି ବୋଲି ସଂଗଠନ ପ୍ରଶ୍ନ କରିଛି ।

ସଂଗଠନ ଅଭିଯୋଗ କରିଛି, ଏ ପର୍ଯ୍ୟନ୍ତ ସବୁ ଚାଷୀଙ୍କୁ ଟୋକନ୍ ମିଳିନି । ଟୋକନ ମିଳିଲେ ବି ୪୦/୮୦ କ୍ୱିଣ୍ଟାଲ ଜାଗାରେ ୧୦ କ୍ୱିଣ୍ଟାଲ ଆସୁଛି । ଏଭଳି ସ୍ଥିତିରେ ଯଦି ଏ ବର୍ଷ ଚାଷୀଟି ୫୦,୦୦୦ ବା ଏକ ଲକ୍ଷ ଟଙ୍କା କ୍ଷତି ସହେ, ତେବେ ଆତ୍ମହତ୍ୟା ହିଁ ରାସ୍ତା ହେବ । ଆସନ୍ତା ବର୍ଷ ସେ ନ ଦେଖିପାରେ, ଏ କଥା ସରକାରୀ ଅଧିକାରୀମାନେ ଚିନ୍ତା କରିଛନ୍ତି କି ବୋଲି ଅକ୍ଷୟ କୁମାର ପ୍ରଶ୍ନ କରିଛନ୍ତି ।

ଏଭଳି ଅଗଣତାନ୍ତ୍ରିକ ଓ ଅତ୍ୟାଚାରୀ ସରକାରକୁ ଲୋକମାନେ ଆଗାମୀ ମାର୍ଚ୍ଚ ୨୨ରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ କେନ୍ଦୁଝରର ଘଟଗାଁରୁ ଭୁବନେଶ୍ୱର ପର୍ଯ୍ୟନ୍ତ ହେଉଥିବା କୃଷକ ଏକତା ଗଣ ପଦଯାତ୍ରା ଓ ସତ୍ୟାଗ୍ରହରେ ଜବାବ ଦେବେ ବୋଲି ଅକ୍ଷୟ କୁମାର ପ୍ରକାଶ କରିଛନ୍ତି । ଏହି ସତ୍ୟାଗ୍ରହ କୃଷକର ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନସନ୍ ଇତ୍ୟାଦି ଦାବି ସହିତ ଜମି, ଜଳ, ଜଙ୍ଗଲ, ଓ ଖଣି ଉପରେ ମୂଳ ଅଧିବାସୀର ଅଧିକାରକୁ ବାସ୍ତବିକତାର ସହିତ ପ୍ରମାଣ କରିବା ପାଇଁ ଉଦ୍ଦିଷ୍ଟ ରହିବ । ଏହି ସାମ୍ବାଦିକ ସମ୍ମିଳନୀରେ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ନବନିର୍ମାଣ ଯୁବଛାତ୍ର ରାଜ୍ୟ ସଂଯୋଜକ ମନୱର ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ ।

## ୯ ହଜାର କେଜି ମହୁଲ ପୋଚ, ୮୬୮ ଲିଟର ମଦ ଜବତ

କରଞ୍ଜିଆ ,୧୮।୨(ସମିସ): କରଞ୍ଜିଆ ଅବକାରୀ ଥାନା ପକ୍ଷରୁ ମଦ ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଇଛି । ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ମୋଟ ୯ହଜାର କେଜି ମହୁଲ ପୋଚ ଜବତ କରାଯାଇ ନଷ୍ଟ କରାଯାଇଥିବା ବେଳେ ୮୬୦ଲିଟର ଦେଶୀ ମହୁଲି ମଦ ଓ ୮ଲିଟର ବିଦେଶୀ ମଦ ଜବତ କରାଯାଇଛି । ଅବକାରୀ ବିଭାଗର ଇନ୍ସପେକ୍ଟର ଜୟନ୍ତୀ ଆଚାର୍ଯ୍ୟ, କରଞ୍ଜିଆ ଅବକାରୀ ଥାନା ଅଧିକାରୀ ରଶ୍ମୀରଞ୍ଜନ ନାୟକ, ଫୁଲମାନୀ ନାୟକ ଓ ଶୁକ୍ଲି ଅବକାରୀ ଅଧିକାରୀ ମନୋରଞ୍ଜନ ସାମଲ ଆଜିର ଏହି ଚଢ଼ଉରେ ନେତୃତ୍ୱ ନେଇଥିଲେ । କରଞ୍ଜିଆ ବ୍ଲକ୍ ଅନ୍ତର୍ଗତ ଖଡ଼ିକୁଦାର ଗ୍ରାମର ବନ୍ଧ ନିକଟରେ ଦେଶୀ ମହୁଲି ପ୍ରସ୍ତୁତ ହେଉଥିବାର ଖବର ପାଇ ଚଢ଼ଉ କରାଯାଇଥିଲା । ଘଟଣାସ୍ଥଳରୁ ୪ହଜାର କେଜି ମହୁଲ ପୋଚକୁ ଜବତ କରାଯାଇ ନଷ୍ଟ କରାଯାଇଥିଲା । ସେହିପରି ୪୮୦ଲିଟର ଦେଶୀ ମଦ ଜବତ କରାଯାଇଥିଲା । ସେହିଭଳି ନିକଟ ଯୋଗସାହି ଗ୍ରାମର ନାଳ ପାଶ୍ୱର୍ରେ ମଦ ପାଇଁ ଥିବା ୫ହଜାର କେଜି ମହୁଲ ପୋଚକୁ ନଷ୍ଟ କରାଯାଇଥିଲା ।


**WANTED**

A well-established firm invites applications for the following position

**Tele Sales Executive**

**Out Bound Uk process**

Good English Speaking

**Salary: 10k to 20k**

depend upon experience

Interested candidates can send their CV to

**Email: pin24u@gmail.com**

9776245778
7752003261

**Location: Bhubaneswar**


## ଗିରଫର କାରଣ ନ ଦର୍ଶାଇବା ପୁଲିସକୁ ମହଙ୍ଗା

# ଅଭିଯୁକ୍ତଙ୍କୁ ଜାମିନ ମଞ୍ଜୁର, ଡିଏସ୍‌ପିଙ୍କ କ୍ଷମା ପ୍ରାର୍ଥନା

କଟକ,୧୮।୨(ସମିସ): ଗିରଫ ସମୟରେ ଅଭିଯୁକ୍ତଙ୍କୁ ଗିରଫର କାରଣ ସମ୍ପର୍କରେ ସଠିକ୍ ଭାବେ ଅବଗତ ନ କରାଇବା ପୁଲିସ ପାଇଁ ଅଡୁଆ ସୃଷ୍ଟି କରିଛି । ସମ୍ବିଧାନର ଧାରା ୨୨(୧) ଏବଂ ବିଏନଏସଏସର ଧାରା ୪୭ ଅନୁଯାୟୀ ମୌଳିକ ଅଧିକାରର ଉଲ୍ଲଙ୍ଘନ ଦର୍ଶାଇ ହାଇକୋର୍ଟ ଜଣେ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିଛନ୍ତି । ନାଜିମ ମଲିକଙ୍କ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏହି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲାରେ ପୂର୍ବରୁ କୋର୍ଟଙ୍କୁ ପ୍ରଦାନ କରାଯାଇଥିବା ଲିଖିତ ଜବାବରେ ଅଶୋଭନୀୟ ଶବ୍ଦ ବ୍ୟବହାର କରିଥିବାରୁ ବର୍ତ୍ତମାନ ବରଗଡ଼ରେ ଅବସ୍ଥାପିତ ଥିବା ସମ୍ପୃକ୍ତ ତଦନ୍ତକାରୀ ଅଧିକାରୀ ଡିଏସପି ରାମେଶ୍ୱର ପ୍ରଧାନ ବ୍ୟକ୍ତିଗତ ଭାବେ ଭର୍ଚୁଆଲ ମାଧ୍ୟମରେ ହାଜର ହୋଇ କ୍ଷମା ପ୍ରାର୍ଥନା କରିଛନ୍ତି । ମାମଲାରୁ ପ୍ରକାଶ ଯେ ଆବେଦନକାରୀଙ୍କୁ ମାଲକାନଗିରି ଜିଲ୍ଲା ପୋଡ଼ିଆ ଥାନାରେ ଗଞ୍ଜେଇ ଚାଲାଣ ମାମଲାରେ ଗିରଫ କରାଯାଇଥିଲା । ଏହି ମାମଲାରେ ଆରେଷ୍ଟ ମେମୋରେ କେବଳ "ସମ୍ପୃକ୍ତ କେସ୍ ସମ୍ବନ୍ଧରେ' ଲେଖାଯାଇଥିଲା, ଯାହାକୁ ଆଇନର ଉପଯୁକ୍ତ ଅନୁପାଳନ ବୋଲି ଗ୍ରହଣ କରିନାହାନ୍ତି ଅଦାଲତ । ସୁପ୍ରିମକୋର୍ଟଙ୍କ ପୂର୍ବ ନିଷ୍ପତ୍ତିଗୁଡ଼ିକୁ ଉଦ୍ଧାର କରି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଯଦି ଗିରଫ ସମୟରେ ମୌଳିକ ଅଧିକାର କ୍ଷୁଣ୍ଣ ହୁଏ, ତେବେ ଉକ୍ତ ଗିରଫଦାରି ଓ ପରବର୍ତ୍ତୀ ରିମାଣ୍ଡ ପ୍ରକ୍ରିୟା ଅବୈଧ ହୋଇଯିବ । ଏହି ଆଧାରରେ ଅଭିଯୁକ୍ତ ନାଜିମ ମଲିକଙ୍କୁ ଏକ ଲକ୍ଷ ଟଙ୍କାର ବେଲ୍ ବଣ୍ଡ ଏବଂ ଦୁଇଜଣ ଜାମିନଦାରଙ୍କ ବଦଳରେ ଜାମିନ ପ୍ରଦାନ କରିଛନ୍ତି ହାଇକୋର୍ଟ ।


## ପୂର୍ବ ତଟ ରେଳପଥ

ଟେଣ୍ଡର ସଂ. 62-KUR-TRD-OT-2025-26

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ଷ୍ଟ୍ରେନ୍ କ୍ଲାମ୍ପ (Strain Clamp)ରେ ଫିଡର ୱାୟର ଛିଡ଼ିବାକୁ ଏଡ଼ାଇବା ପାଇଁ ଷ୍ଟ୍ରେନ୍ କ୍ଲାମ୍ପରୁ ଫିଡର ୱାୟରର ବିଭାଜନକୁ ନିବାରଣ କରିବା ନିମନ୍ତେ ଷ୍ଟାଣ୍ଡାର୍ଡ ଟର୍ମିନେସନ୍ (Standard Termination) ଆରେଞ୍ଜମେଣ୍ଟର ରୂପାନ୍ତରଣ / ବ୍ୟବସ୍ଥା ।

**ବିଜ୍ଞାପିତ ମୂଲ୍ୟ :** ₹ 1,97,10,244.28, **EMD :** ₹ 2,48,600/-, ଶେଷ ହେବା ଅବଧି: 180 ଦିନ ।

ବିଡ୍ ଆରମ୍ଭ ହେବା ତାରିଖ : ତା.19.02.2026ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.05.03.2026ରିଖ 1300 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍

PR-1129/Q/25-26


# ବନ୍ଧୁକ ଦେଖାଇ ଠିକାଦାରଙ୍କୁ ଧମକ: ଦୁଇଟି ଦେଶୀ ବନ୍ଧୁକ ଓ ଗୁଳି ଜବତ

ଭବାନୀପାଟଣା, ୧୮।୨ (ସମିସ): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହରରେ ଜଣେ ଠିକାଦାରଙ୍କ ମୁଣ୍ଡରେ ପିସ୍ତଲ ଲଗାଇ ଟଙ୍କା ମାଗିବା ସହ ଜୀବନରେ ମାରିଦେବାକୁ ଉଦ୍ୟମ କରିବା ଘଟଣା ସହରରେ ଆଲୋଡ଼ନ ସୃଷ୍ଟି କରିଛି । ତେବେ ନିକଟରେ ଥିବା ଜଣେ ଯୁବକ ସେ ସମୟରେ ଦୁର୍ବୃତ୍ତଙ୍କ ହାତ ଉପରକୁ ଉଠାଇ ଦେଇଥିଲେ । ଫଳରେ ଗୁଳି ଠିକାଦାରଙ୍କ ଦେହରେ ନବାଜି ଜୀବନ ବଞ୍ଚି ଯାଇଛି । ଏନେଇ ବୁଧବାର ସକାଳରେ ଠିକାଦାର ମନ୍ଦାର ବଗିଚାପଡାର ପ୍ରଦୀପ ନିଆଲ (୨୬) ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଟାଉନ ଥାନା ପୁଲିସ ୬୪/୨୬ରେ ମାମଲା ରୁଜୁ କରି ଘଟଣାରେ ସଂପୃକ୍ତ ଥିବା ଭବାନୀପାଟଣା ସହର ଅରକାବାହାଲିପଡାର ଯଶୋବନ୍ତ ନାଏକ (ଓରଫ) ଝସ୍ (୪୦)କୁ ଗିରଫ କରିଛି । ଅଭିଯୁକ୍ତଙ୍କ ଠାରୁ ପୁଲିସ ୨ଟି ଦେଶୀ ବନ୍ଧୁକ, ୪ଟି ଗୁଳି, ଗୋଟିଏ ମୋବାଇଲ ଫୋନ ଓ ସ୍କୁଟି ଜବତ କରିଛି । ଆଜି ଏ ଘଟଣାକୁ ନେଇ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ନାଗରାଜ ଦେବରକୋଣ୍ଡା ସୂଚନା ଦେଇଛନ୍ତି । ମଙ୍ଗଳବାର ରାତି ୧୧ ଟାରେ ଦୟାନିଧିଛକ ଠାରେ ଠିକାଦାର ପ୍ରଦୀପ ଟେଣ୍ଡର କାର୍ଯ୍ୟ ପାଇ ଜେସିବି ସାହାଯ୍ୟରେ ମାଟି ଖୋଳାଉଥିଲେ । ଏହି ସମୟରେ ଅଭିଯୁକ୍ତ ଯଶୋବନ୍ତ ସେଠାରେ ପହଞ୍ଚି କାମକୁ ମୋ ବ୍ୟତୀତ କେହି କରି ପାରିବେନି ବୋଲି ତାଙ୍କୁ ଧମକ ଦେଇଥିଲେ । ଏହାସହ ଟଙ୍କା ମଧ୍ୟ ମାଗିଥିଲେ । ହଠାତ ଠିକାଦାର ପ୍ରଦୀପଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ହତ୍ୟା ଧମକ ଦେଉଥିବା ବେଳେ ସେଠାରେ ଥିବା ଜଣେ ଯୁବକ ଅଭିଯୁକ୍ତ ଯଶୋବନ୍ତଙ୍କ ହାତକୁ ଉପରକୁ ଉଠାଇ ଦେଇଥିଲେ । ଫଳରେ ଗୁଳି ଠିକାଦାରଙ୍କ ମୁଣ୍ଡରେ ନବାଜି ବ୍ଲାଙ୍କ ଫାୟାରିଂ ହୋଇଯାଇଥିଲା ।


## ହଜିଛି

ମୁଁ ଶ୍ରୀମତୀ ରେଖା ଦାଶ, ସ୍ୱାମୀ: ଲକ୍ଷ୍ମୀକାନ୍ତ ମିଶ୍ର, ଗ୍ରାମ: ପୁରୁଷୋତ୍ତମପୁର, ପୋ: ବାଲିଖଣ୍ଡ, ଥାନା: ସିମୁଳିଆ, ଜିଲ୍ଲା: ବାଲେଶ୍ୱର ଏତଦ୍‌ଦ୍ୱାରା ଘୋଷଣା କରୁଛି କି, ମୋ ନାମରେ ଥିବା ପଟ୍ଟା ଯାହାର ଖାତା ନଂ.: ୬୩୧/୫୩୦, ପ୍ଲଟ୍ ନଂ.: ୪୧, ୩୭, ମୋଟ କ୍ଷେତ୍ର: ଏକର ୦.୦୮୧୦ ଡିସିମିଲିର ମୂଳ ଲିଙ୍କ୍ ଦଲିଲ: ୧୪୧୭ ତା୦୪.୦୯.୧୯୯୫ ଏବଂ ମୂଳ ଲିଙ୍କ୍ ବିକ୍ରୟ ଦଲିଲ ନଂ.: ୨୦ ତା୦୮.୦୧.୨୦୦୨ ରହିଛି । ଏହି ମୂଳ ଦଲିଲ ଗୁଡିକର ଫଟୋ କପି ବାହାର କରିବା ଉଦ୍ଦେଶ୍ୟରେ ମୋ ସ୍ୱାମୀ ସିମୁଳିଆ ପୋଲିସ ଷ୍ଟେସନ ଅଧିନ ପୁରୁଷୋତ୍ତମପୁର ମାର୍କେଟକୁ ଯାଉଥିବା ସମୟରେ ତା୧୬.୦୨.୨୦୨୬ ରିଖ ପ୍ରାୟ ଦିବା ୧୦.୦୦ଘଟିକା ସମୟରେ ଉପରୋକ୍ତମୂଳ ଦଲିଲ ଗୁଡିକ କେଉଁଠାରେ ହଜିଯାଇଛି । ମୁଁ ଉପରୋକ୍ତ ସମ୍ପତ୍ତି ଅର୍ଥାତ୍ ଖାତା ନଂ.: ୬୩୧/୫୩୦, ପ୍ଲଟ୍ ନଂ.: ୪୧,୩୭, କ୍ଷେତ୍ର: ଏକର ୦.୦୮୧୦ଡିସିମିଲି ଯାହାକି ମୌଜା: ପୁରୁଷୋତ୍ତମପୁର, ଥାନା: ସିମୁଳିଆ, ତହସିଲ: ସିମୁଳିଆ, ଜିଲ୍ଲା: ବାଲେଶ୍ୱରକୁ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ଚରମ୍ପା ଶାଖାରେ ବନ୍ଧକରଖି ଋଣ ପାଇବା ନିମନ୍ତେ ଆବେଦନ କରିଛି । କଥିତ ସମ୍ପତ୍ତି ଉପରେ ଯଦି କାହାର କୌଣସି ଦାବୀ, ଅଧିକାର ମାଲିକାନା, ସ୍ୱାର୍ଥ କିମ୍ବା ଆପତ୍ତି ଅଭିଯୋଗ ଥାଏ ତେବେ ଏହି ନୋଟିସ ପ୍ରକାଶନର ୭ଦିନ ମଧ୍ୟରେ ତାହାକୁ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରେ ଦାଖଲ କରିପାରିବେ ।


## ଅବଶିଷ୍ଟାଂଶ

### ମଧ୍ୟପ୍ରାଚ୍ୟ ଅଭିମୁଖେ...

ଇତିମଧ୍ୟରେ ଜେଡି ଭାନ୍ସ କହିଛନ୍ତି ଯେ, କୂଟନୈତିକ ଆଲୋଚନା କେତେ ସମୟ ଚାଲିବ ତାହାର ଚୂଡାନ୍ତ ନିଷ୍ପତ୍ତି ଟ୍ରମ୍ପ ନେବେ । ସେପଟେ ଇରାନ ବୈଦେଶିକ ମନ୍ତ୍ରୀ ଆବ୍ବାସ ଅରାଗଚି କହିଛନ୍ତି ଯେ, ସେମାନେ ଏକ ସମାଧାନ ପାଇଁ ଆଶାବାଦୀ, କିନ୍ତୁ ଯଦି ଆକ୍ରମଣ ହୁଏ, ତେବେ ଇରାନ ଏହାର ଜବାବ ଦେବାକୁ ପ୍ରସ୍ତୁତ ଅଛି । ମଙ୍ଗଳବାର ଦିନ ଇରାନ ହର୍ମୁଜ ପ୍ରାଣାଳୀ, ପାରସ୍ୟ ଉପସାଗର ଓ ଓମାନ ସାଗରରେ ନୌସେନା ଅଭ୍ୟାସ କରିଥିଲା । ହର୍ମୁଜ ପ୍ରଣାଳୀ ପାରସ୍ୟ ଉପସାଗରରୁ ଓମାନ ଉପସାଗର ଓ ବିଶ୍ୱ ବଜାର ସହିତ ସଂଯୋଗ କରେ ।

### ବିଧାନସଭାରେ ମଣ୍ଡି...

ବିଧାୟକମାନେ ଗୃହରେ ସ୍ଲୋଗାନ ଦେଇଥିଲେ । ବିଜେଡି ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଏକ ଲୁଗାରେ ଧାନ ମୁଣ୍ଡେଇ ଆଣି ରିପୋର୍ଟରଙ୍କ ଟେବୁଲ ଉପରେ ଅଜାଡ଼ିଥିଲେ ଓ ଦଳର ଅନ୍ୟ ଦୁଇ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଡକ୍ଟର ଅରୁଣ କୁମାର ସାହୁ ସେହି ଧାନ ଧରି ବାଚସ୍ପତିଙ୍କୁ ଦେଖାଇଥିଲେ । ଏହି ସମୟରେ କଂଗ୍ରେସର ବିଧାୟକମାନେ ମଧ୍ୟ ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ । ଗୃହ ମାତ୍ର ୩ ମିନିଟ ଚାଲିବା ପରେ ବାଚସ୍ପତି ଗୃହକୁ ସାଢେ ୧୧ ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ । ସାଢେ ୧୧ଟା ରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ପୂର୍ବ ଘଟଣାର ପୁନରାବୃତ୍ତି ହୋଇଥିଲା । ଉଭୟ ବିଜେଡି ଓ କଂଗ୍ରେସ ଗୃହର ମଧ୍ୟଭାଗକୁ ମାଡି ଆସି ପ୍ରବଳ ହଟ୍ଟଗୋଳ କରିଥିଲେ । ଚାଷୀଙ୍କୁ ଧାନ ଏମଏସପି ବାବଦରେ ୩୧୬୯ ଟଙ୍କା ପ୍ରଦାନ, ମାଗଣା ବିଜୁଳି ପ୍ରତିଶ୍ରୁତି ପୂରଣ, ସବୁ ଧାନ ଉଠାଣ ଲେଖାଥିବା ପ୍ଲାକାର୍ଡ ଆଣି କଂଗ୍ରେସ ବିଧାୟକ ହୋ ହଲ୍ଲା କରିଥିଲେ । ମାତ୍ର ୨ ମିନିଟ ଗୃହ ଚାଲିବା ପରେ ବାଚସ୍ପତି ଗୃହକୁ ଅପରାହ୍ନ ୪ ଟା ଯାଏଁ ମୁଲତବୀ ରଖିଥିଲେ । ଅପରାହ୍ଣରେ ଗୃହକାର୍ଯ୍ୟ ଆରମ୍ଭ ହେଉ ହେଉ ପୁଣି ସକାଳ ପରି ଘଟଣାର ଅବତାରଣା ହୋଇଥିଲା । ଫଳରେ ବାଚସ୍ପତି ଗୃହକୁ ୪ଟା ୦୨ ମିନିଟରୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ ।

ଗୃହ ବାହାରେ ଏନେଇ ବିଜେଡି ବିଧାୟକ ଡଃ ବ୍ୟୋମକେଶ ରାୟ କହିଛନ୍ତି ଯେ ରାଜ୍ୟରେ ଚାଷୀମାନେ ଆଜି ପ୍ରବଳ ହନ୍ତସନ୍ତ ହେଉଛନ୍ତି । ମଣ୍ଡିରେ ସେମାନଙ୍କ ଧାନ ବିକ୍ରି ହୋଇ ପାରୁନି, ମିଲର ଧାନ ନେଇ ନାହାନ୍ତି । ଡବଲ ଇଞ୍ଜିନ ସରକାରରେ ଡବଲ କଟନୀ ଛଟନୀ ଚାଲିଛି । ଚାଷୀଙ୍କୁ ଶୋଷଣ କରିବାକୁ ୧୫୦ କୁଇଣ୍ଟାଲ ସିଲିଂ ବ୍ୟବସ୍ଥା କରାଯାଇଛି । ଟେଇଁ ଶୋଇବ ଯିଏ, ତାକୁ ଉଠାଇବ କିଏ ବୋଲି ସେ ସରକାରଙ୍କ ଉଦ୍ଦେଶ୍ୟରେ କଟାକ୍ଷ କରିଛନ୍ତି । ସେ ଆହୁରି ମଧ କହିଛନ୍ତି ଯେ ଗତ ବର୍ଷ ଚାଉଳ ଏଯାବତ୍ ଉଠିନି । ଗ୍ରେନ ଆନାଲାଇଜର ମେସନ ନେଇ ଚାଷୀଙ୍କୁ ଡରା ଯାଉଛି । ଟୋକନ କାମ କରୁନି । ତେଣୁ ଯୋଗାଣ ମନ୍ତ୍ରୀଙ୍କ ଇସ୍ତଫା ଓ ଚାଷୀ ସମସ୍ୟାର ସମାଧାନ ନହେଲେ ଆଗାମୀ ଦିନରେ ବି ଗୃହ ଅଚଳ କରାଯିବ ବୋଲି ସେ କହିଛନ୍ତି ।

ସେହିପରି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଛନ୍ତି ଯେ ସରକାର କହୁଛନ୍ତି ୧୫୦ କୁଇଣ୍ଟାଲରୁ ଅଧିକ ଧାନ ଉଠିବ ନାହିଁ । ଗତକାଲି ରାଜ୍ୟପାଳଙ୍କ ମୁହଁରୁ ସରକାର କୁହାଇ ଦେଲେ ଯେ ୩୧୦୦ ଟଙ୍କାରେ ସବୁ ଧାନ ଉଠିବ । ଡବଲ ଇଞ୍ଜିନ ସରକାର ଚାଷୀ ସୁରକ୍ଷା କହି ଆସିଥିଲେ । ହେଲେ ଆଜି ସେମାନେ ଚାଷୀଙ୍କୁ ସୁରକ୍ଷା ଦେଇ ପାରୁ ନାହାନ୍ତି । ଯେତେବେଳ ଯାଏଁ ଚାଷୀ ସମସ୍ୟାର ସମାଧାନ ହେବନି, ସେପର୍ଯ୍ୟନ୍ତ କଂଗ୍ରେସ ଗୃହ ଚଳାଇ ଦେବ ନାହିଁ ବୋଲି ସେ ଚେତାବନୀ ଦେଇଛନ୍ତି । ଅପରପକ୍ଷେ ଶାସକ ଦଳ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ କହିଛନ୍ତି ଯେ ରାଜ୍ୟରେ ଚାଷୀ ଏବେ ଖୁସିରେ ଅଛନ୍ତି । ବରଗଡ଼ ଓଡ଼ିଶାର ଭାତ ହାଣ୍ଡି । ପ୍ରଥମେ କିଛି ଅବ୍ୟବସ୍ଥା ହେଲା । ହେଲେ ପରେ ଚାଷୀଙ୍କ ସବୁ ଧାନ ଉଠିଲା । ଚାଷୀଙ୍କଠାରୁ ୧୫୦ କୁଇଣ୍ଟାଲ ଧାନ ଉଠାଣ ପରେ ଆହୁରି ୭୫ କୁଇଣ୍ଟାଲର ଟୋକନ ଆସିଲାଣି । ବିରୋଧୀ ଅପ୍ରସଙ୍ଗକୁ ପ୍ରସଙ୍ଗ କରୁଛନ୍ତି । ୧୫୦ କୁଇଣ୍ଟାଲ ସିଲିଂର ଯୋଜନା ନାହିଁ ବୋଲି ସେ କହିଛନ୍ତି ।

### ଚାଷୀଙ୍କୁ ମିଳୁନାହିଁ...

କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ଯେ କେନ୍ଦ୍ର ସରକାର ଧାନ କ୍ୱିଣ୍ଟାଲ ପିଛା ବର୍ତ୍ତମାନ ୨୩୬୯ ଟଙ୍କା ଏମ୍‌ଏସ୍‌ପି ପ୍ରଦାନ କରୁଛନ୍ତି । ତେଣୁ ରାଜ୍ୟ ସରକାର ଆଉ ୭୩୧ ଟଙ୍କା ସହ ମୋଟ୍ ୩୧୦୦ ଟଙ୍କା ପ୍ରଦାନ କରୁଛନ୍ତି । ମନ୍ତ୍ରୀଙ୍କ ଏଭଳି ଉତ୍ତର ପରେ ବିରୋଧୀ ବିଜେଡି ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛି । ଗୃହ ବାହାରେ ବିରୋଧୀଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ୮୦୦ ବଦଳରେ କାହିଁକି ୭୩୧ ଟଙ୍କା ଦେଉଛନ୍ତି ବୋଲି ସରକାରଙ୍କୁ ପ୍ରଶ୍ନ କରିଛନ୍ତି । ବିଜେପି କ୍ଷମତାକୁ ଆସିଲେ ୮୦୦ ଟଙ୍କା ପ୍ରଦାନ କରିବେ ବୋଲି ଘୋଷଣା କରିଥିଲେ । ହେଲେ ୭୩୧ ଟଙ୍କା କାହିଁକି ଦିଆଯାଉଛି । ଏହାଦ୍ୱାରା ଚାଷୀଙ୍କୁ ୬୯ ଟଙ୍କା ବଞ୍ଚିତ କରାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି । ଅନ୍ୟପଟେ ଆଜି ସୁଦ୍ଧା ରାଜ୍ୟ ସରକାର ୫୯ ଲକ୍ଷ ମେଟ୍ରିକ ଟନ୍ ଧାନ କିଣି ସାରିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ବର୍ତ୍ତମାନ ସୁଦ୍ଧା ମଣ୍ଡିକୁ ୫୯ ଲକ୍ଷ ୯୨ ହଜାର ୮୬୪ ମେଟ୍ରିକ ଟନ୍ ଧାନ ଆସିଛି । ସେଥିମଧ୍ୟରୁ ୫୯ ଲକ୍ଷ ୭୩ ହଜାର ୫୫୨ ମେଟ୍ରିକ ଧାନ କିଣା ହୋଇଛି । ଏହାସହିତ ୫୮ ଲକ୍ଷ ୬ ହଜାର ୪୩୨ ମେଟ୍ରିକ ଟନ ଧାନ ଉଠା ହୋଇଛି । ୧ ଲକ୍ଷ ୯୪ ହଜାର ୮୪୬ ମେଟ୍ରିକ ଟନ ଧାନ ମଣ୍ଡିରେ ପଡ଼ି ରହିଥିବା ବେଳେ ଏବେ ୧୩ ଲକ୍ଷ ୯୦ ହଜାର ୯୭୮ ଚାଷୀ ଧାନ ବିକ୍ରି କରି ସାରିଛନ୍ତି ବୋଲି ସେ କହିଛନ୍ତି ।

### ଇଡି କେନ୍ଦ୍ରର...

କାମରେ ବାଧା ସୃଷ୍ଟି କରିଥିଲା । ଇଡ଼ି କହିଛି ଯେ, ହାଇକୋର୍ଟଙ୍କ ଶୁଣାଣିରେ ସେମାନେ ସନ୍ତୁଷ୍ଟ ନୁହଁନ୍ତି । କାରଣ ସେଠାରେ ମାଇକ୍ ବନ୍ଦ କରାଯାଇଥିଲା ଓ କୋର୍ଟରେ ପ୍ରବଳ ଭିଡ଼ ଜମା ରହିଥିଲା । ପୂରା ଘଟଣାକୁ ସିବିଆଇ ତଦନ୍ତ କରୁ ଓ ମାମଲାଟିକୁ ପଶ୍ଚିମବଙ୍ଗ ବାହାରକୁ ସ୍ଥାନାନ୍ତର ହେଉ ବୋଲି ଇଡ଼ି ଚାହୁଁଛି । କିନ୍ତୁ ତୃଣମୂଳ କଂଗ୍ରେସ ତରଫରୁ ପାଲଟା ଅଭିଯୋଗ କରାଯାଇଛି । ବିଧାନସଭା ନିର୍ବାଚନ ପୂର୍ବରୁ ସେମାନଙ୍କର ନିର୍ବାଚନ ରଣନୀତି ଜାଣିବା ପାଇଁ ଇଡ଼ି ଏହି ଚଢ଼ାଉ କରିଛି । ପୁଲିସ ପକ୍ଷରୁ ଇଡ଼ି ଅଧିକାରୀଙ୍କ ବିରୋଧରେ ଏଫ୍‌ଆଇଆର ରୁଜୁ କରାଯାଇଥିଲା, ଯାହା ଉପରେ କୋର୍ଟ ବର୍ତ୍ତମାନ ରୋକ ଲଗାଇଛନ୍ତି ।

### ମାର୍ଚ୍ଚ ୧୬ରେ...

ଦୁଇଟି ଦଳ ସମର୍ଥନ ଦେଲେ ଅନ୍ୟ ଜଣେ ପ୍ରାର୍ଥୀ ରାଜ୍ୟସଭାକୁ ନିର୍ବାଚିତ ହୋଇପାରିବେ । ଏହି କ୍ରମରେ ୪ର୍ଥ ଆସନ ପାଇଁ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିଷ୍ପତ୍ତି ଉପରେ ସମସ୍ତଙ୍କର ନଜର ରହିଛି । ଅନ୍ୟପକ୍ଷରେ ବିଜେପି ନିଜ ସାମର୍ଥ୍ୟ ଅନୁସାରେ ୨ଟି ସହ ଆଉ ଗୋଟିଏ ଆସନ ଦଖଲ କରିବ ବୋଲି ଦୃଢ଼ୋକ୍ତି ବାଢ଼ିଛି । କେଇଦିନ ତଳେ ରାଜ୍ୟ ପ୍ରଭାରୀ ବିଜେପି ରାଜ୍ୟରୁ ୩ଟି ରାଜ୍ୟସଭା ଆସନ ଦଖଲ କରିବ ବୋଲି ଗଣମାଧ୍ୟମକୁ ଦେଇଥିବା ମନ୍ତବ୍ୟ ବିଭିନ୍ନ ଆଶଙ୍କାକୁ ଜନ୍ମ ଦେଇଛି । ଆବଶ୍ୟକ ବିଧାୟକଙ୍କ ସମର୍ଥନ ନ ଥିବା ସତ୍ତ୍ୱେ ବିଜେପିର ଦୃଢ଼ୋକ୍ତି ଘୋଡ଼ାବେପାର ଆଶଙ୍କାକୁ ଦ୍ୱିଗୁଣିତ କରିଛି । ରାଜ୍ୟସଭା ନିର୍ବାଚନରେ ଦଳୀୟ ହୁଇପ୍ ଅମାନ୍ୟ କଲେ ସଦସ୍ୟପଦ ହରାଇବାର ଭୟ ନ ଥିବାରୁ ଆଗାମୀ ନିର୍ବାଚନ କେଉଁ ଦିଗକୁ ଯିବ ତାହା ଏବେଠାରୁ ଆକଳନ କରିବା କଷ୍ଟକର ହୋଇ ପଡ଼ିଛି । ଆଗାମୀ ନିର୍ବାଚନରେ କେଉଁ ଦଳ କାହାକୁ ପ୍ରାର୍ଥୀ କରିବ, ତାହା ଏଯାଏ ସ୍ପଷ୍ଟ ହୋଇନାହିଁ । ବିଜେଡି ନେତାମାନେ ଏ ସଂକ୍ରାନ୍ତ ନିଷ୍ପତ୍ତି ସୁପ୍ରିମୋ ନେବେ ବୋଲି ସ୍ପଷ୍ଟ କରିଥିବାବେଳେ ବିଜେପିରେ ଦଳର ସଭାପତି ମନମୋହନ ସାମଲ, ପୂର୍ବତନ ସଭାପତି ବସନ୍ତ ପଣ୍ଡା, ସମୀର ମହାନ୍ତିଙ୍କ ସହ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ନାମ ଚର୍ଚ୍ଚା ହେଉଛି । ଅନ୍ୟପକ୍ଷରେ ରାଜ୍ୟ କଂଗ୍ରେସ ସଭାପତି ଭକ୍ତଚରଣ ଦାସ ରାଜ୍ୟର ଜଣେ ସମ୍ମାନସ୍ପଦ ବ୍ୟକ୍ତିଙ୍କୁ ୪ର୍ଥ ଆସନରେ ପ୍ରାର୍ଥୀ କରାଗଲେ ତାଙ୍କ ଦଳ ସମର୍ଥନ କରିବ ବୋଲି କହିଛନ୍ତି ।

### ଭୋଜିରେ ଫୁଟିଲା...

ନିଆଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ସ୍ଥାନୀୟ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ପୂର୍ବ ଶତ୍ରୁତା କିମ୍ବା ଅନ୍ୟ କୌଣସି ବିବାଦ ଯୋଗୁଁ ଏହି ହତ୍ୟାକାଣ୍ଡ ଘଟିଛି କି ନାହିଁ, ସେ ନେଇ ପୁଲିସ ସ୍ପଷ୍ଟ ସୂଚନା ଦେଇ ନ ଥିଲେ ହେଁ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛି । ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବା ପାଇଁ ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରାଯିବା ସହ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି । ଜନଗହଳି ପୂର୍ଣ୍ଣ ସ୍ଥାନରେ ସ୍ପଷ୍ଟ ଦିବାଲୋକରେ ଏଭଳି ଗୁଳିକାଣ୍ଡ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଆତଙ୍କ ଖେଳାଇଦେଇଛି । ଏହି ଘଟଣା ସହରର ଆଇନଶୃଙ୍ଖଳା ପରିସ୍ଥିତି ଉପରେ ପୁଣି ଥରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

### ପୁଣି ମାତିଲା...

(୯୧୦ଗ୍ରାମ) ପରିବର୍ତ୍ତେ ୮୫୦ ଗ୍ରାମର ପ୍ୟାକେଟ୍ ବିକ୍ରି ଆରମ୍ଭ କରିଛନ୍ତି । ଅନ୍ୟପକ୍ଷରେ ଆଗକୁ ଏହି ଦର ଆହୁରି ମହଙ୍ଗା ହେବା ଜଳଜଳ ଦିଶୁଛି । ଗତ ସପ୍ତାହରେ ହିନ୍ଦୁସ୍ତାନ ୟୁନିଲିଭରର ମୁଖ୍ୟ ଆର୍ଥିକ ଅଧିକାରୀ ନିରଞ୍ଜନ ଗୁପ୍ତା ଏ ସଂକ୍ରାନ୍ତରେ ପରୋକ୍ଷ ସୂଚନା ଦେଇଛନ୍ତି । କିଛି ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇଥିବା ଓ ବର୍ଦ୍ଧିତ ମୂଲ୍ୟ ସହ ଆଉ କିଛି ସାମଗ୍ରୀ ଖୁବ୍ ଶୀଘ୍ର ବଜାରକୁ ଆସିବ ବୋଲି ସେ କହିଛନ୍ତି । ଏପରିକି ଏହି ବର୍ଦ୍ଧିତ ଦର ଆସନ୍ତା ବର୍ଷ ପର୍ଯ୍ୟନ୍ତ ଲାଗୁ ରହିପାରେ ବୋଲି ସେ ଆଶଙ୍କା କରିଛନ୍ତି । ଅନୁରୂପ ଭାବରେ ଡାବର ଇଣ୍ଡିଆ ମଧ୍ୟ ତାହାର ଉତ୍ପାଦଗୁଡ଼ିକର ମୂଲ୍ୟବୃଦ୍ଧି କରିଥିବା ସୂଚନା ଦେଇଛି । କମ୍ପାନୀର ସିଇଓ ମୋହିତ ମାଲହୋତ୍ରା ଚଳିତ ତ୍ରୟମାସିକରେ ତାଙ୍କ କମ୍ପାନୀର ଉତ୍ପାଦଗୁଡ଼ିକର ମୂଲ୍ୟ ଅନ୍ୟୂନ ୨% ବୃଦ୍ଧି ପାଇପାରେ ବୋଲି କହିଛନ୍ତି ।


**WANTED**

A well-established firm invites applications for the following positions:

1. **Senior Accountant - (1 No.)**
Experience : 10 yrs. above
2. **Junior Accountant - (1 No.)**
Experience : 2-5 yrs. above
3. **Supervisor - (2 Nos.)**
Experience : 2-5 yrs. above
4. **Sales Executive - (1 No.)**
Experience : 2-5 yrs. above

**Salary: Best in the industry** | **Location : Bhubaneswar**

Interested candidates can send their CV to
**Email: 19sanatang@gmail.com**

**Contact**
**7978386707**



**IN THE COURT OF CIVIL JUDGE (JR. DVII.) CHANDBALI**

**C.S NO-105/2011**

**Jamuna Biswal** .......... Plaintiff

Vrs.

**State Representing by Collector Bhadrak & others** .......... Defendants

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି କି ନିମ୍ନ ତଫସିଲ ବୃତ୍ତିକୁ ନିଜ ନାମରେ ସତ୍ୱ ସାବ୍ୟସ୍ତ ଦଖଲ କାଏମ ଓ ଚିରସ୍ଥାୟୀ ନିଷେଧାଜ୍ଞା ଚାନ୍ଦବାଲିଙ୍କ ଇଜିଲାସରେ ଉପରୋକ୍ତ ମୋକଦ୍ଦମା ଆଗତ କରିଅଛନ୍ତି । ଏଣୁ ଉକ୍ତ ବୃତ୍ତି ପକ୍ଷେ ଯଦି ସର୍ବ ସାଧାରଣଙ୍କର କୌଣସି ଆପତ୍ତି ଅଭିଯୋଗ ଥାଏ ତେବେ ସେ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଜରିଆରେ ଉକ୍ତ ମକୋଦ୍ଦମାର ଧାର୍ଯ୍ୟ ତା. ୧୦/୦୩/୨୦୨୬ ରିଖ ଦିବା ୧୦.୩୦ଘଟିକା ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ହାଜର ହୋଇ ନିଜର ଆପତ୍ତି ଅଭିଯୋଗ ମାନ ଜଣାଇବେ । ଅନୁପସ୍ଥିତ ରହିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ତଫସିଲ ବୃତ୍ତି

ଜିଲ୍ଲା- ଭଦ୍ରକ, ତହସିଲ- ଚାନ୍ଦବାଲି, ଥାନା-ବାଂଶଡା, ମୌଜା- ଚଡଦିଆ, CS ଖାତା ନଂ-୧୦୩, ଖସଡା-୧୨୦୧ ଏ୨.୧୨ଡି, ଯାହାକି MS ଖାତା ନଂ- ୫୦୪, ଖସଡା ନଂ- ୧୩୮୭ ଏ୦.୪୨ଡି ଓ ଖସଡା ନଂ- ୧୩୯୭ ଏ୧.୬୮ଡି.

ଅଦ୍ୟ ତା- ୦୯/୦୨/୨୦୨୬ ରିଖ ଅଦାଲତଙ୍କ ସହିମୋହର ଓ ସ୍ୱାକ୍ଷର କ୍ରମେ ଦିଆଗଲା ।

**Sd/- C.J.J.D, Chandabali**



**BHUBANESWAR DEVELOPMENT AUTHORITY**
AKASH SHOVA BUILDING
SACHIVALAYA MARG, BHUBANESWAR - 751001
Visit us at: http:www.bda.gov.in

13001/288/2526

**INVITATIONS FOR BIDS (IFB)**

**Bid Identification No.95** **dated.17.02.2026**

1. Executive Engineer, Division-IV, BDA, Bhubaneswar on behalf of Bhubaneswar Development Authority invites percentage rate bids in ***double cover system*** conforming to the Detailed Tender Call Notice (DTCN) from Electrical Contractors having valid **HT license** registered under Government of Odisha, having PAN and valid EPF & ESI registration No., GST Registration Certificate for the item of work mentioned in the table below.

| Sl No | Name of work | Estimated Cost (in Rs) | EMD (In Rs) | Cost of Tender Paper (In Rs) | Period of Completion |
|---|---|---|---|---|---|
| (1) | (2) | (3) | (4) | (5) | (6) |
| 1. | **Permanent power supply to the Crematorium at Dumduma, Bhubaneswar** | **12,31,919.00** | 1% of the estimated cost put to tender. (Through online transfer by the last date & time for receipt of bids) | 6,000/- +GST @18% (Through online transfer by the last date & time for receipt of bids) | **30 (Thirty) days** |

2. The Bid documents will be available in the website: *https://tendersodisha.gov.in* from **Dtd. 20.02.2026 to Dtd. 02.03.2026 up to 17.00 Hours.**
3. Bids along with cost of tender paper and EMD (Bid Security) shall be received only **"On line"** on or before **Dtd. 02.03.2026** up to **17.00 Hours.** The bidder must possess compatible Digital Signature Certificate (DSC) of Class-III.
4. Other details can be seen in the bidding documents.
5. The authority reserves the right to cancel any or all bids at any moment without assigning any reason thereof.
6. Any addendum/corrigendum/cancellation shall only be uploaded in the website: *https://tendersodisha.gov.in*

**Executive Engineer**
**Division-IV, BDA**

**OIPR-13001/13033/1/25-26/0033**



ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଅପର ଲ୍ୟାଙ୍ଥ ଜଳ ସେଚନ, ବିଭାଜନ ବେଲପଡା, ବଲାଙ୍ଗିର

**OFFICE OF THE EXECUTIVE ENGINEER**
**UPPER LANTH IRRIGATION DIVISION**
**BELPADA, DIST.-BALANGIR.**

Email: eeiilidbelpada2024@gmail .com

32001/104/2526

**e-Procurement Notice No. EEULID-04(01-01)/2025-26, Dt. 17.02.2026**
**Bid Identification No. EEULID-04(01-01)/2025-26**
**PERCENTAGE RATE e-TENDER :**

1. Type/Nature of work : Electrical Work
2. Total No. of works : 01 (one) No
3. Approx. value of works: Approx. 7.84 Lakhs (Excluding GST).
4. Period of completion: 01 (One) Calendar month
5. Class of Contractor: : "MV" or "HT" Class Electrical Contractor
6. Bid Identification No.: .:EEULID-04(01-01)/2025-26

| | |
|---|---|
| Name of Officer inviting tender | **Executive Engineer, Upper Lanth Irrigation Division, Belpada, Dist.-Balangir.** |
| Date and time of availability of bid documents in the portal. | **From 20.02.2026 at 11.00 AM to 06.03.2026 up to 17.30 PM** |
| Last date and time for receipt of bids in the portal. | **06.03.2026 up to 17.30 PM.** |
| Date, time and venue of opening of tender Bid | **07.03.2026 (11.30 AM)** in the O/o the Executive Engineer, Upper Lanth Irrigation Division, Belpada, Dist.- Balangir, Odisha, Pin-767026. |
| Name of Officer inviting tender | Executive Engineer, Upper Lanth Irrigation Division, Belpada, Dist.-Balangir. |

**N B- Further details** can be seen from the e-procurement portal **https://www.tendersodisha.gov.in** and any **addendum/ Corrigendum/ Cancellation** to the above notice will be published in the above Govt website (only).

**(Er. Pritam Meher)**
Executive Engineer Upper Lanth Irrigation Division, Belpada, Dist - Balangir

**OIPR-32001/32532/1/25-26/0001**



**AFFIDAVIT**

By virtue of an affidavit sworn before Notary Public **Bhubaneswar**, on **dated 13.02.2026**, I **Surendra Kumar Nayak**, **resident At-Govindapur, Po-Sendatira, Sub Dist-Bant,Dist-Bhadrak,Odisha, Pin-756114** declare that I have changed the name of my Son from **J S Nikhil to Anmoll Kumarr Nayak.** Henceforth, He shall be known as **Anmoll Kumarr Nayak** for all purposes.

**(Surendra Kumar Nayak)**

**AFFIDAVIT**

By virtue of an affidavit CF No.21 sworn before the executive Magistrate, Bhubaneswar, dated 18.02.2026, I Arun Sabat, S/o- Rajendra Sabat, Resident Plot No. 190/3670, Koradkanta, Mahadev Nagar, GGP Colony, Bhubaneswar, Dist-Khurdha, PIN-751025, Odisha, declare that I have changed my name from Aruna Sabat to Arun Sabat. Henceforth, I shall be known as **ARUN SABAT** for all future purposes.

**AFFIDAVIT**

I,Maraj Alli Khan,S/o-Asaf Ali Khan, resident of village-Mahana, PO -Mahana, PS -Salipur,Dist -Cuttack, Pin -754201, Odisha, declare by this affidavit No -1837, dated -17.02.2026,that now onwards I shall be known as **MARAJ ALI KHAN** for all future purposes.

**AFFIDAVIT**

By virtue of an affidavit no-3811, dated- 16/10/2025 sworn before Executive Magistrate, Banpur, declare that I, **Iswar Barik,** D.O.B.- 31/01/2006, S/o-Fakir Barik of Address At/P.o-Ayatapur, P.s- Nachuni, Dist-Khordha, Odisha, Pin-752035, declare that I have changed my name from **Gangadhar Barik** to **Iswar Barik.** Henceforth, I **Iswar Barik & Gangadhar Barik** both are one and same person. But now onwards I shall be known as **Iswar Barik,** for all future purposes.

**Iswar Barik**

**AFFIDAVIT**

By virtue of an affidavit No. 342, sworn before the Executive Magistrate, Balikuda on dtd-18/02/2026. I, **Sanatana Rout,** Aged 60 years, S/o- Jhari Rout, residnet Vill- Olash, Po- Borikina, Ps- Balikuda, Dist- Jagatsinghpur, Pin-754110, Odisha my actually name is **Sanatana Rout,** S/o- Jhari Rout that has been maintained in my voter card No: TZI0969253, that in my Aadhar Card No: 4337 9311 7764 my name has been maintained **Bablu Roy,** S/o- Jhari Rout. Henceforth, both the names **Sanatana Rout & Bablu Roy,** S/o-Jhari Rout one and same parson for all future purposes.

**Sanatana Rout**

**AFFIDAVIT**

By virtue of an affidavit (CF No 57 dated 17.02.2026) sworn before The Executive Magistrate, Bhubaneswar, I, **Siba Narayan Swain,** S/o- Surendra Nath Swain, Plot No. 238/2961, Lane-6, Srikhetra Vihar, Aiginia, Bhubaneswar, PIN-751019, Dist-Khordha, Odisha declare that I have changed my name from **Sibanarayan Swain** to **Siba Narayan Swain** as per my Aadhar Card No: 8415 6811 9391. I further declare that, **Sibanarayan Swain and Siba Narayan Swain** is same and one person, who is myself. Henceforth, I shall be known as **Siba Narayan Swain** for all purposes.

**Siba Narayan Swain**

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated-18/02/2026. I, **Taranginee Bhoi** (new name), D/o Saktaram Majhi, permanent & current resident of AT: Gudguda, PO: Siker, PS: Titilagarh, Dist: Balangir, State: Odisha, PIN: 767033 declare that I have changed my name from **Taranginee Majhi** to **Taranginee Bhoi.** Henceforth, I shall be known as **Taranginee Bhoi** (new name) for all future purposes.

**Taranginee Bhoi**

**AFFIDAVIT**

I, Asha Hemant Thacker, aged about 63 years, W/o-Hemant Kumar Thacker, resident of Plot No-9C, Jayadurga nagar, Po-Budheswari, Ps-Laxmisagar, Bhubaneswar, Dist- Khurda, Odisha, PIN-751006, Odisha declared by this affidavit No. 306, dtd- 18/02/2026 that now onwards I shall be known as **ASHA THACKER** for all future purposes.

### ପଦ୍ମପୁରରେ ବିଜେଡିର ବିଶାଳ ଶକ୍ତି ପ୍ରଦର୍ଶନ

# ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ୯ ଦଫା ଦାବିପତ୍ର ପ୍ରଦାନ



### ପଦ୍ମପୁରକୁ ଏନ୍‌ଏସି ମାନ୍ୟତା ପ୍ରଦାନ ଓ ବଡ଼ନାଳ ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର ଦାବି

ପଦ୍ମପୁର,୧୮।୨(ସମିସ): ରାୟଗଡ଼ା ପଦ୍ମପୁର ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଆଜି ଏକ ବନ୍ଧୁ ମିଳନ ଓ ବିଶାଳ ଶକ୍ତି ପ୍ରଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହଜାର ହଜାର ସଂଖ୍ୟାରେ ବିଜୁ ଜନତା ଦଳ ପ୍ରେମୀ, ସମର୍ଥକ, କର୍ମୀ, ନେତା ଆଜି ବ୍ଲକ ସଭାପତି କରୁଣାକର ଶବରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ସଭାପତି ଜଗନ୍ନାଥ ସାରକା ଓ ଜିଲ୍ଲା ପରିଷଦ ଅଧକ୍ଷା ସରସ୍ୱତୀ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମୀଙ୍କୁ ଆଗାମୀ ଦିନରେ ସରକାରଙ୍କ ବିରୋଧରେ ସଂଗ୍ରାମ ଜାରି ରଖିବାକୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଦଳ ପକ୍ଷରୁ ଅଞ୍ଚଳର ବିକାଶ ଓ ଜନସାଧାରଣଙ୍କ ସମସ୍ୟା ସମ୍ପର୍କିତ ୯ ଦଫା ସମ୍ବଳିତ ଏକ ସ୍ମାରକପତ୍ର ବ୍ଲକ ଉନ୍ନୟନ ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଆଜି ପ୍ରଥମେ ମୁଚୁକିପଦର ଛକ ଠାରୁ ଏକ ବିଶାଳ ବାଇକ୍ ରାଲି ବାହାରି ପଦ୍ମପୁର ସହର ପରିକ୍ରମା କରିଥିଲା। ହଜାର ହଜାର କର୍ମୀଙ୍କ ଗହଣରେ ଏହି ଶୋଭାଯାତ୍ରା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିବା ପରେ ସେଠାରେ ପ୍ରଶାସନର 'ମନମୁଖୀ ଶାସନ' ଓ ସରକାରୀ ଅବହେଳା ବିରୋଧରେ କର୍ମୀମାନେ ଗର୍ଜିଥିଲେ। ପରେ ଏହି ରାଲି ଖିଲାମଣ୍ଡା ଏବଂ ଇନ୍ଦୁପୁର ଦେଇ ସଭାସ୍ଥଳକୁ ଫେରିଥିଲା। ସଭାସ୍ଥଳୀରେ ଦଳର ନୂତନ ପଦାଧିକାରୀ ନେତୃବୃନ୍ଦଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବିଜେଡିର ଏକ ପ୍ରତିନିଧି ଦଳ ବିଡିଓଙ୍କୁ ଭେଟି ଅଞ୍ଚଳର ଜ୍ୱଳନ୍ତ ସମସ୍ୟା ଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଦାବି ଜଣାଇଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିବା ଦାବିପତ୍ରରେ ମୁଖ୍ୟତଃ ପଦ୍ମପୁରକୁ ବିଜ୍ଞପ୍ତି ଅଞ୍ଚଳ ପରିଷଦ ମାନ୍ୟତା ପ୍ରଦାନ, ଆଗାମୀ ଗ୍ରୀଷ୍ମ ଋତୁ ପୂର୍ବରୁ ମେଗା ପାନୀୟ ଜଳ ପ୍ରକଳ୍ପ ସମାପ୍ତ କରିବା, ଦୀର୍ଘ ଦିନରୁ ପଡ଼ି ରହିଥିବା ବସ୍ ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ଏବଂ ଯୁବବର୍ଗଙ୍କ ପାଇଁ ମିନି ଓ ଇନ୍‌ଡୋର ଷ୍ଟାଡିୟମ ପ୍ରତିଷ୍ଠା କରିବାକୁ ଦାବି କରାଯାଇଛି। ସେହିପରି ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ବଡ଼ନାଳ ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର, ଧାନ ସଂଗ୍ରହରେ ଟୋକନ୍ ସମସ୍ୟାର ସମାଧାନ ଏବଂ ୨୦୨୬ ରବି ଧାନ ସଂଗ୍ରହ ପଞ୍ଜୀକରଣ ତୁରନ୍ତ ଆରମ୍ଭ କରିବାକୁ ଦଳ ପକ୍ଷରୁ ଜୋର ଦିଆଯାଇଛି। ଏଥି ସହ କେନ୍ଦୁଗୁଡା ବଡନାଳ, ନୀଳକଣ୍ଠେଶ୍ୱର ଓ ମଲ୍ଲିକେଶ୍ୱର ମନ୍ଦିରକୁ ରାଜ୍ୟ ପର୍ଯ୍ୟଟନ ସର୍କିଟରେ ଅନ୍ତର୍ଭୁକ୍ତ କରିବା ପାଇଁ ମଧ ପ୍ରସ୍ତାବ ଦିଆଯାଇଛି। ଏହି ସଭାରେ ରାଜ୍ୟ ସାଧାରଣ ସମ୍ପାଦକ ସୁଧୀର ଦାସ କହିଛନ୍ତି ଯେ, ବର୍ତ୍ତମାନର ସରକାରଙ୍କ କାର୍ଯ୍ୟଶୈଳୀରେ ଲୋକେ ଅତିଷ୍ଠ ହୋଇ ପୁଣି ଥରେ ବିଜେଡିକୁ ଖୋଜୁଛନ୍ତି। ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳ ପୁଣି ଶୀର୍ଷକୁ ଫେରିବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମହିଳା ସଭାନେତ୍ରୀ ଅନୁସୟା ମାଝୀ, ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗ, ଛାତ୍ର ନେତା ବିଷ୍ଣୁ ପ୍ରସାଦ ପଣ୍ଡା, ଦେବାଶିଷ ଖାଡଙ୍ଗା, ବରିଷ୍ଠ ନେତା ଦୁର୍ଗା ପ୍ରସାଦ ସାହୁ, ଦେବେନ୍ଦ୍ର ପାଢୀ, ପି ଗୌରୀ ସଙ୍କର, ଗୋଦାବରୀ ରାଉତ, ଦେବାନନ୍ଦ ପଣ୍ଡା ଓ ଯୁବନେତା ମହେଶ ନାୟକ, ବୁନା ପାଣିଗ୍ରାହୀ, ରମେଶ ସାହୁ, ଗବର୍ଦ୍ଧନ ଶବର, ଲକ୍ଷ୍ମଣ ସାହୁ, ଲୁଲୁ ଦାସ, କ୍ଷୀରୋଦ ପଟ୍ଟନାୟକ, ପ୍ରଶାନ୍ତ ଦଳେଇଙ୍କ ସମେତ ଶତାଧିକ କର୍ମୀ ଓ ନୂତନ ପଦାଧିକାରୀ ଉପସ୍ଥିତ ଥିଲେ। ଯଦି ଏହି ନ୍ୟାଯ୍ୟ ଦାବିଗୁଡ଼ିକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପୂରଣ ନହୁଏ, ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଜିଲ୍ଲା ସଭାପତି ଚେତାବନୀ ଦେଇଛନ୍ତି।

## ଶ୍ରୀବାଲୁଙ୍କେଶ୍ୱର ମନ୍ଦିରର ବାର୍ଷିକ ଉତ୍ସବ

● ତ୍ରାମ୍ବକ ମହାଯଜ୍ଞ ଓ ମହାଶିବରାତ୍ରି ପୂଜା



ରାୟଗଡ଼ା,୧୮।୨(ସମିସ): ରାୟଗଡା ସହରର ପିଏଚଡି କଲୋନୀ ସ୍ଥିତ ସର୍ବ ପୁରାତନ ତଥା ସର୍ବ ଶ୍ରେଷ୍ଠ ଦେବତା ସ୍ୱୟମ୍ଭୁ ବରଦା ବାଲୁଙ୍କେଶ୍ୱର ମହାପ୍ରଭୁଙ୍କ ମନ୍ଦିରର ବାର୍ଷିକ ଉତ୍ସବ, ମହାଶିବରାତ୍ରି ଏବଂ ବିଶ୍ୱଶାନ୍ତି ତ୍ରାମ୍ବକ ମହାଯଜ୍ଞ କାର୍ଯ୍ୟକ୍ରମ ମଙ୍ଗଳବାର ଦିନ ପୂର୍ଣ୍ଣାହୁତି ହୋଇଯାଇଛି । ଚଳିତ ମାସ ଫେବୃଆରୀ ୧୨ରୁ ଆଜି ୧୭ ତାରିଖ ପର୍ଯ୍ୟନ୍ତ ୬ଦିନ ବ୍ୟାପି ଏହି କାର୍ଯ୍ୟକ୍ରମ ଶାନ୍ତି ଶୃଙ୍ଖଳାର ସହ ଭକ୍ତିମୟ ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଶାସ୍ତ୍ରୀୟ ରୀତିନୀତିରେ ସମ୍ପୂର୍ଣ୍ଣ ହୋଇଛି । ବିଶ୍ୱଶାନ୍ତି ତ୍ରାମ୍ବକ ମହାଯଜ୍ଞ ପରିଚାଳନା ନିମନ୍ତେ ଗଞ୍ଜାମ ଜିଲ୍ଲାର କବିସୂର୍ଯ୍ୟନଗରର ପ୍ରସିଦ୍ଧ ପଣ୍ଡିତ ଚନ୍ଦ୍ରଶେଖର ମିଶ୍ର ଏବଂ ତାଙ୍କ ୧୦ଜଣ ପଣ୍ଡିତଗଣ ଏବଂ ସ୍ଥାନୀୟ ୫ଜଣ ପୁରୋହିତଙ୍କ ଦ୍ୱାରା ସମସ୍ତ ରୀତିନୀତି ଅନୁଯାୟୀ ପୂଜାବିଧି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା । ୬ଦିନରେ ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ନିମନ୍ତେ ଅର୍ଣ୍ଣପ୍ରସାଦର ବ୍ୟବସ୍ଥା କରାଯାଇଥିବା ବେଳେ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ବାବାଙ୍କ ଦର୍ଶନ କରି ଶ୍ରଦ୍ଧାଳୁ ଭକ୍ତମାନେ ଆର୍ଶୀବାଦ ଲାଭ କରିଥିଲେ। ପ୍ରତିଦିନ ପୂଜକ ପଣ୍ଡିତମାନଙ୍କ ଦ୍ୱାରା ଅର୍ଣ୍ଣଯଜ୍ଞ, ଘୃତଯଜ୍ଞ, ମହାରୁଦ୍ରାଭିଷେକର ବ୍ୟବସ୍ଥା କରାଯାଇଥିଲା ବୋଲି ମନ୍ଦିର ମୁଖ୍ୟ ପୂଜକ ପ୍ରଦୀପ କୁମାର ରଣା ପ୍ରକାଶ କରିଥିଲେ। ସେହିପରି ରାୟଗଡା ତହସିଲଦାର ତଥା ଦେବତ୍ତର ଅଧିକାରୀ ଶ୍ରୀମତୀ ପ୍ରିୟଦର୍ଶିନୀ ସ୍ୱାଇଁଙ୍କ ସମେତ ତହସିଲ କାର୍ଯ୍ୟାଳୟ ଅନ୍ୟାନ୍ୟ ଅଧିକାରୀ ଏବଂ ମନ୍ଦିର ଟ୍ରଷ୍ଟ ଓ ପରିଚାଳନା କମିଟି ସଭାପତି ସୁନୀଲ ଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ସୁରୁଖୁରୁରେ ପରିଚାଳନା ହୋଇଥିବା ମଧ ମୁଖ୍ୟ ପୂଜକ ଶ୍ରୀ ରଣା ପ୍ରକାଶ କରିଛନ୍ତି।

● ଯୁବକଙ୍କୁ ଆକ୍ରମଣର ପ୍ରତିବାଦ

# ଆକ୍ରମଣକାରୀଙ୍କ ଘର ଘେରାଉ କଲେ ଗ୍ରାମବାସୀ



କୋରୁକୋଣ୍ଡା,୧୮ ।୨ (ସମିସ): ସାମାନ୍ୟ ବଚସାରୁ ଆରମ୍ଭ ହେଲା ମହାଭାରତ। ଶିବରାତ୍ରି ପରଦିନ ଆଦିବାସୀ ନାଟକ ଦେଖିବାକୁ ଯାଇ ମୁହାଁମୁହିଁ ହେଲେ ୨ ଅଞ୍ଚଳର ଯୁବଗୋଷ୍ଠୀ। ଶେଷରେ ଗୋଟିଏ ଅଞ୍ଚଳର ୨ ଯୁବକ ନିଜ ଅଞ୍ଚଳକୁ ଆସିଥିବା ଦେଖି କଲେ ମରଣାନ୍ତକ ଆକ୍ରମଣ। ଆକ୍ରମଣର ଶିକାର ହୋଇଥିବା ୨ ଯୁବକ ନିଜ ଗ୍ରାମବାସୀଙ୍କୁ ଖବର ଦେବା ପରେ ଆକ୍ରମଣ କରିଥିବା ୨ ଯୁବକଙ୍କ ଘର ସମ୍ମୁଖରେ ପହଞ୍ଚିଥିଲେ, ୩ ଗ୍ରାମର ଶତାଧିକ ଗ୍ରାମବାସୀ। ଆଜି ଏଭଳି ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ବାଲିମେଳା ସହରରେ। ସୂଚନାନୁଯାୟୀ, ଗତ ସୋମବାର ବାଲିମେଳା ଛକ ନିକଟରେ ଥିବା ଶିବ ମନ୍ଦିରରେ ଆଦିବାସୀ ନାଟକ ର ଆୟୋଜିତ ହୋଇଥିଲା। ସେହି ନାଟକ ଦେଖିବା ନିମନ୍ତେ ବାଲିମେଳା ଅଞ୍ଚଳର ୨ ଯୁବକ ଯାଇଥିଲେ। ଇତି ମଧ୍ୟରେ କୌଣସି କାରଣକୁ ନେଇ ନିକଟସ୍ଥ ଚିତାପାରୀ-୧ ଗ୍ରାମର କିଛି ଯୁବକ ଙ୍କ ସହ ଉକ୍ତ ରାତ୍ରିରେ ବାଲିମେଳାର ୨ ଯୁବକଙ୍କ ଧସ୍ତାଧସ୍ତି ହୋଇଥିଲା। ପରେ ଉକ୍ତ ଘଟଣାକୁ ମନେ ରଖି ଆଜି ସକାଳ ସମୟରେ ବାଲିମେଳା ସହରର ଏକ ମୋବାଇଲ ଦୋକାନକୁ ଚିତାପାରୀ-୧ ଗ୍ରାମର ୨ ଯୁବକ ମୋବାଇଲ କିଣିବା ନିମନ୍ତେ ଆସିଥିବା ଦେଖି ବାଲିମେଳା ର ୨ ଯୁବକ ସେମାନଙ୍କ ମୁଣ୍ଡ ପଥରରେ ଛେଚିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ। ଏହାପରେ ସଙ୍ଗେ ସଙ୍ଗେ ଆକ୍ରମଣର ଶିକାର ହୋଇଥିବା ୨ ଯୁବକ ନିଜ ଗ୍ରାମକୁ ଫୋନ ଯୋଗେ ଖବର ଦେବା ପରେ ଚିତାପାରୀ-୧ ସମେତ ବାଲି କଲୋନୀ, ସଦାଶିବପୁର, ପୁରୁଣା ବାଲିମେଳା ଏହିଭଳି ବିଭିନ୍ନ ଗ୍ରାମରୁ ଶତାଧିକ ଲୋକେ ଆସି ବାଲିମେଳା ସହରରେ ଖଣ୍ଡା କାତି ସହ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ପହଞ୍ଚିଥିଲେ। ୧୦୦ରୁ ଅଧିକ ଗ୍ରାମବାସୀ ଉକ୍ତ ୨ ଯୁବକଙ୍କ ଘର ବାଲିମେଳା ସହରର ହାଇସ୍କୁଲ ସମ୍ମୁଖରେ ରହିଥିବା ବେଳେ ସେମାନଙ୍କ ଘର ନିକଟକୁ ଉତ୍ତ୍ୟକ୍ତ ଗ୍ରାମବାସୀ ଯିବା ସମୟରେ ଓରକେଲ ପୋଲିସ ଏନେଇ ଖବର ପାଇଥିଲା। ଖବର ପାଇ ଓରକେଲ ପୋଲିସର ଏକ ଟିମ ବାଲିମେଳା ସହରର ବସ୍‌ଷ୍ଟାଣ୍ଡ ନିକଟରେ ସମସ୍ତ ଗ୍ରାମବାସୀଙ୍କୁ ଆଇନକୁ ହାତକୁ ନ ନେବାକୁ କହି ଅଟକାଇ ରଖିଥିଲା। କୋରୁକୋଣ୍ଡା ବ୍ଲକ ଚେୟାରମ୍ୟାନ ଜିତୁ ବୁରୁଡି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କ ସହ ଉପସ୍ଥିତ ଥିବାବେଳେ ଘଟଣା ସ୍ଥଳରେ ଚିତ୍ରକୋଣ୍ଡା ଏସ୍‌ଡିପିଓ ପ୍ରଦୋଷ ପ୍ରଧାନ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାସୁଝା କରିବା ସହ ଆଇନକୁ ହାତକୁ ନ ନେବାକୁ କହିଥିଲେ। ଏହାପରେ ଉତ୍ତ୍ୟକ୍ତ ଗ୍ରାମବାସୀ ଆକ୍ରମଣ କରିଥିବା ୨ ଯୁବକ ଦୀପକ ଖିଲ ଏବଂ ପିଣ୍ଟୁ ବାଘଙ୍କ ବିରୁଦ୍ଧରେ ଏକ ଲିଖିତ ଅଭିଯୋଗ ଓରକେଲ ଥାନାରେ ପ୍ରଦାନ କରିଥିଲେ। ଏନେଇ ପୁଲିସ ପକ୍ଷରୁ ୫୧/୨୬ରେ ଏକ ମାମଲା ରୁଜୁ କରାଯାଇଛି। ବର୍ତ୍ତମାନ ଅଞ୍ଚଳରେ ଶାନ୍ତି ଫେରି ଆସିଥିବା ବେଳେ ତୁରନ୍ତ ଉଭୟ ଆକ୍ରମଣକାରୀଙ୍କୁ ପୋଲିସ ଗିରଫ କରିବାକୁ ଉତ୍ତ୍ୟକ୍ତ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ଆମେ ଓରକେଲ ଥାନା ଏସଆଇ ଅଜିତ ସିଂ ବରିହାଙ୍କୁ ପଚାରିବାରୁ ସେ ପ୍ରାଥମିକ ତଦନ୍ତ ଚାଲିଥିବା କହି ୨୪ ଘଣ୍ଟା ମଧ୍ୟରେ ଉକ୍ତ ୨ ଆକ୍ରମଣକାରୀଙ୍କୁ ଗିରଫ କରିବେ ବୋଲି ସୂଚନା ଦେଇଛନ୍ତି।

# ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ ବ୍ୟବହାର ହ୍ରାସ ପାଇଁ ସଚେତନତା



ରାୟଗଡା,୧୮।୨(ସମିସ): ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ ଆଜି ପୃଥିବୀ ପୃଷ୍ଠରେ ଗଭୀର ସଙ୍କଟର ରୂପ ନେଇଛି। ଗଭୀର ସମୁଦ୍ର, ଦୂର ଦୁର୍ଗମ ପାହାଡ଼ ଓ ମାନବ ଶରୀର ଭିତରେ ପର୍ଯ୍ୟନ୍ତ ମାଇକ୍ରୋ ପ୍ଲାଷ୍ଟିକର ଉପସ୍ଥିତି ମିଳୁଛି। ପୃଥିବୀ ପୃଷ୍ଠଭାଗରେ ବହୁ ପରିମାଣର ଏକବାର ବ୍ୟବହୃତ ପ୍ଲାଷ୍ଟିକ ଜମା ହୋଇ ପରିବେଶ ପ୍ରଦୂଷଣ ସୃଷ୍ଟି କରିବା ସହ ଜୀବଜନ୍ତୁ ଓ ମାନବ ଜୀବନକୁ ଗୁରୁତର ଭାବେ ପ୍ରଭାବିତ କରୁଛି। ଜେକେ ପେପର୍ ମିଲ୍ସ ତାଙ୍କ ସିଏସଆର ପଦକ୍ଷେପ ଅନ୍ତର୍ଗତ ଶିକ୍ଷା ଓ ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେଇ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରୁଛି। ଏହି ପରିପ୍ରେକ୍ଷିତରେ, ଦୈନନ୍ଦିନ ଜୀବନରେ ବିଶେଷକରି ସିଙ୍ଗଲ୍ ୟୁଜ ପ୍ଲାଷ୍ଟିକର ବ୍ୟବହାର କମାଇବା ଉଦ୍ଦେଶ୍ୟରେ ୨୩ଟି ବିଦ୍ୟାଳୟର ୪୦୬୦ ଛାତ୍ରଛାତ୍ରୀମାନଙ୍କ ପାଇଁ ସଚେତନତା ଅଭିଯାନ କରାଯାଇଥିଲା। ଏହି ବର୍ଷ ବିଶ୍ୱ ପରିବେଶ ଦିବସ ର ଥିମ୍ ହେଉଛି 'ବିଟ୍ ପ୍ଲାଷ୍ଟିକ ପଲ୍ୟୁସନ'। ଏହି କାର୍ଯ୍ୟକ୍ରମରେ ଦିଲ୍ଲୀପ କୁମାର ତ୍ରିପାଠୀ,ପ୍ରବନ୍ଧକ (ଗୁଣାଠକତା), ରିସୋର୍ସ ପର୍ସନ୍ ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚନ୍ଦନ କୁମାର ନାୟକ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ଜେକେ ପେପର୍ ମିଲ୍ସର ଅଧିକାରୀମାନେ ଜି.ଏସ୍. ପଟ୍ଟନାୟକ, ସାଧାରଣ ପ୍ରବନ୍ଧକ , ଯଶବନ୍ତ ସିଂହ, ଡିଜିଏମ୍ , ଦିଲ୍ଲୀପ କୁମାର ତ୍ରିପାଠୀ, ପ୍ରବନ୍ଧକ , ଆର.ଏସ୍. ପଟ୍ଟନାୟକ, ପ୍ରବନ୍ଧକ , କୁମାରୀ ମଧୁସ୍ମିତା ପାଢ଼ୀ ସହାୟକ ପ୍ରବନ୍ଧକ କୁମାରୀ ତନ୍ମୟା ଜାନୀ, ସହାୟକ ପ୍ରବନ୍ଧକ , ହରି ହର ଖମାରି ଉପ ପ୍ରବନ୍ଧକ, ଦୁର୍ଗା ପ୍ରସାଦ ରଣା, ଅଫିସର, , ପ୍ରକାଶ ସାହୁ, ସହ ପ୍ରବନ୍ଧକ , ଲିଙ୍ଗରାଜ ବିଶୋଇ, ଅଫିସର ଏବଂ ସୁନିଲ ପ୍ରଧାନ, ଉପନିର୍ଦ୍ଦେଶକ, ପଲ୍ପ ଏବଂ ପେପର୍ ଗବେଷଣା ସଂସ୍ଥା, ଜେକେପୁର, ନିକଟସ୍ଥ ଉଚ୍ଚ ବିଦ୍ୟାଳୟଗୁଡ଼ିକରେ ରିସୋର୍ସ ପର୍ସନ୍ ଭାବେ ଯୋଗଦେଇ ଥିଲେ। ସମଗ୍ର କାର୍ଯ୍ୟକ୍ରମଟିକୁ ସିଏସଆର ବିଭାଗ ର ଅଧିକାରୀ ବ୍ରହ୍ମାନନ୍ଦ ମହାପାତ୍ର ପରିଚାଳନା କରିଥିଲେ।

# ଇଣ୍ଟରନେଟ୍ ଉତ୍ପୀଡ଼ନ କର୍ମଶାଳା

ରାମନାଗୁଡ଼ା,୧୮।୨(ସମିସ) : ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ 'ବେଟି ବଚାଓ ବେଟି ପଢ଼ାଓ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷ ରବି ଶଙ୍କର ଗମାଙ୍ଗ, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ, ଡିସିପିଓ ରାୟଗଡା ନିରାକାର ପାଢ଼ୀ, ଅତିରିକ୍ତ ତହସିଲଦାର ଦୀପା ରାଣୀ ବେହେରା, ଉପାଧ୍ୟକ୍ଷା ଜାନକୀ ନିମାଲା, ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଜନ ମଲ୍ଲିକ, ଶିଶୁ ବିକାଶ ଯୋଜନା ଅଧିକାରୀ ଅଞ୍ଜଳି ମହାପାତ୍ର, ଆଇନଜୀବୀ ସରୋଜ କୁମାର ଦାଶ, ରାମନାଗୁଡ଼ା ଥାନା ଏଏସଆଇ ସମଦତ୍ତ ପ୍ରଧାନ ପ୍ରମୁଖ ଯୋଗ ଦେଇ କର୍ମଶାଳା କୁ ଆରମ୍ଭ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଉକ୍ତ କାର୍ଯ୍ୟକ୍ରମରେ ସରପଞ୍ଚ, ସମିତି ସଭ୍ୟ, ସଭ୍ୟା,ମଣ୍ଡଳ ପରିଦର୍ଶିକା,ଅଙ୍ଗନବାଡି କର୍ମୀ, ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ, କିଶୋରୀ ବାଳିକା, ଗଣମାଧ୍ୟମ ପ୍ରତିନିଧି, ବିଭାଗୀୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି କନ୍ୟା ଶିକ୍ଷାର ଗୁରୁତ୍ୱ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ଇଣ୍ଟରନେଟ କୁ ବ୍ୟବହାର କରି କିପରି ଭାବରେ ବିଭିନ୍ନ ପ୍ରକାର ଠକାମୀ କରାଯାଉଛି ଓ ସେଥିରୁ ନିବୃତ୍ତ ହେବାପାଇଁ କେଉଁ ସବୁ ଉପାୟ ଅବଲମ୍ବନ କରିବାକୁ ପଡ଼ିବ ସେ



ସମ୍ବନ୍ଧରେ ଆଇନଜୀବୀ ଶ ସରୋଜ କୁମାର ଦାସ, ଡିସିପିଓ ନିରାକାର ପାଢ଼ୀ ଓ ଅତିରିକ୍ତ ତହସିଲଦାର ସୁଶ୍ରୀ ବେହେରା ଉଦବୋଧନ ଦେଇଥିଲେ। ଏହି ସମାଜରେ ମୋବାଇଲ ଦ୍ୱାରା ଯେଉଁ ଭଳି ଭାବେ ଉତ୍ପୀଡ଼ନ ହେବାରେ ଲାଗିଛି ସେଥିପାଇଁ ସମସ୍ତେ ଶପଥ ନେଇ ମୋବାଇଲକୁ ସଦୁପଯୋଗ କରିବା ଉପରେ ଗୁରୁତ୍ୱ ଦେଇଥିଲେ।

# ଏମକେରାଇ ପଞ୍ଚାୟତ ନାଏବ ସରପଞ୍ଚଙ୍କ ଦାୟିତ୍ୱ ଗ୍ରହଣ

ଗୁଡାରୀ,୧୮।୨ (ସମିସ) : ରାୟଗଡ଼ା ଜିଲ୍ଲା ଗୁଡ଼ାରି ବ୍ଲକ୍‌ର ଏମ.କେ.ରାଇ ଗ୍ରାମପଞ୍ଚାୟତ ସରପଞ୍ଚଙ୍କ ଇସ୍ତଫା ପରେ ନାଏବ ସରପଞ୍ଚ ବନିତା ଶବର ଦାୟିତ୍ୱ ଗ୍ରହଣ କରିଛନ୍ତି। ସୂଚନା ମୁତାବକ ସରପଞ୍ଚ ତେୟାରଗ୍ରାସମୀ ଶବର ଜଳନିଧୀ ଗ୍ରାମରେ ଅବସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ପାର୍ଟ ଟାଇମ୍ ଶିକ୍ଷକ ଭାବେ ନିଯୁକ୍ତି ପାଇବା ପରେ ନିଜ ସରପଞ୍ଚ ପଦବୀରୁ ଇସ୍ତଫା ଦେଇଛନ୍ତି। ଇସ୍ତଫା ପତ୍ର ୧୯ ଜାନୁଆରୀରେ ବିଡିଓ ସୁଚିସ୍ମିତା ବେହେରା ଏବଂ ଗୁଣପୁର ଉପଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲୀପଙ୍କୁ ପ୍ରଦାନ କରିଥିଲେ। ପ୍ରଶାସନିକ ସ୍ତରରେ ସରପଞ୍ଚଙ୍କ ଇସ୍ତଫା ପତ୍ର

● ସରପଞ୍ଚଙ୍କ ଇସ୍ତଫା

ଫେବ୍ରୁଆରି ୧୨ରେ ଗୃହିତ ହୋଇଥିବା ସୂଚନା ମିଳିଛି। ନୂତନ ସରପଞ୍ଚ ନିର୍ବାଚିତ ହେବା ପର୍ଯ୍ୟନ୍ତ ଏମକେ ରାଇ ଗ୍ରାମ ପଞ୍ଚାୟତର ନାଏବ ସରପଞ୍ଚ ଦାୟିତ୍ୱରେ ରହିବା ପାଇଁ ଚିଠିରେ ଉଲ୍ଲେଖ ରହିଛି। ଏହି ପରିପ୍ରେକ୍ଷୀରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା, ବ୍ଲକ ଅଧକ୍ଷ ବିଶ୍ୱନାଥ ଶବର, ଲ୍ୟାମ୍ପସ ସଭାପତି ରାମଚନ୍ଦ୍ର ଗମାଙ୍ଗ, ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗ,ସମତି ସଭ୍ୟ ଅର୍ଜୁନ ଶବରଙ୍କ ଉପସ୍ଥିତିରେ ନାଏବ ସରପଞ୍ଚ ସରପଞ୍ଚ ଦାୟିତ୍ୱ ଗ୍ରହଣ କରିଥିଲେ। ଜନସାଧାରଣଙ୍କ ସହଯୋଗରେ ପଞ୍ଚାୟତର ବିକାଶ କରିବି ବୋଲି ନୂତନ ଭାବେ ସରପଞ୍ଚ ଦାୟିତ୍ୱ ନେଇଥିବା ବନିତା ଶବର କହିଛନ୍ତି।

# ନୋଡାଲ କେନ୍ଦ୍ରରେ ପରୀକ୍ଷା ଦେବେ ୧୧୩୭ ଛାତ୍ରଛାତ୍ରୀ

କଲ୍ୟାଣସିଂହପୁର,୧୮।୨(ସମିସ): ଦଶମ ଶ୍ରେଣୀ ବାର୍ଷିକ ବୋର୍ଡ ପରୀକ୍ଷା ଚଳିତ ମାସ ୧୯ ତାରିଖରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ବେଳେ ନୋଡାଲ କେନ୍ଦ୍ରରେ ୧୧୩୭ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ବୋଲି ନୋଡାଲ ସେଣ୍ଟରୁ ସୂଚନା ଦେଇଛନ୍ତି। ଏହି ନୋଡ଼ାଲ ସେଣ୍ଟର ଅଧୀନରେ ୫ଟି ପରୀକ୍ଷା କେନ୍ଦ୍ର ରହିଛି। କଲ୍ୟାଣସିଂହପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୯୪ ଜଣ, ଜଗନ୍ନାଥପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୦୪ ଜଣ, ଶିକରପାଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୭୮ ଜଣ, ବୁଢ଼ାଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୫୯ ଜଣ ଓ କୋଲନରା ବ୍ଲକର ରିଭଲକଣା ଉଚ୍ଚ ବିଦ୍ୟାଳୟରେ ୨୦୨ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେବେ ବୋଲି ଜଣାପଡିଛି। ଉକ୍ତ ବ୍ଲକର ୧୬ଟି ବିଦ୍ୟାଳୟରୁ ୮୯୬ଜଣ ରେଗୁଲାର ଓ ୮ ଜଣ ଏକ୍ସ-ରେଗୁଲାର ମୋଟ ୯୦୪ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେବେ ବୋଲି ଜଣାପଡିଛି। ଏହି ନୋଡାଲ ସେଣ୍ଟରର ଷ୍ଟ୍ରଙ୍ଗ କୋଠରୀରେ ପୁଲିସର କଡା ସୁରକ୍ଷା ବଳୟରେ ପ୍ରଶ୍ନପତ୍ର ରଖାଯାଇଛି। ପରୀକ୍ଷାର ସକାଳୁ ଦୁଇ ଜଣ ଶିକ୍ଷକ ଦାୟିତ୍ୱର ପୁଲିସ ସୁରକ୍ଷା ନେଇ ୫ଟି କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚାଇବା ବ୍ୟବସ୍ଥା ରହିଛି। ଏହାକୁ ତହସିଲଦାର ରଞ୍ଜନ କୁମାର ମାନସେଠ ମାଜିଷ୍ଟ୍ରେଟ ତଦାରଖ କରିବେ ବୋଲି ସୂଚନା ମିଳିଛି।

# ମା' ଝାକିରୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ଦୁର୍ଗୀ, ୧୮।୨(ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ଅନ୍ତର୍ଗତ ଦୁର୍ଗୀ ପଞ୍ଚାୟତ ସ୍ଥିତ ଧୂଆଁବାଡ଼ି ଠାରେ ବୁଧୁବାର ଦିନ ପଞ୍ଚାୟତ ସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଗ୍ରାମବାସୀମାନଙ୍କ ଦ୍ୱାରା ଏହି କ୍ରୀଡା ଉତ୍ସବକୁ ନିମନ୍ତ୍ରଣ ହୋଇଥିବା ଅତିଥିଙ୍କୁ ଗାଁ ଶେଷ ମୁଣ୍ଡରେ ସମ୍ବର୍ଦ୍ଧନା କରାଯାଇ କ୍ରିକେଟ ଷ୍ଟାଡିୟମ ନିକଟକୁ ପାଛୋଟି ନିଆଯାଇଥିଲା। ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଭାବେ ଓଡିଶା ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ସୁଧୀର କୁମାର ଦାସ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ବିଜେଡି ଜିଲ୍ଲା ସଭାପତି ଜଗନ୍ନାଥ ସାରକା, ସ୍ୱତନ୍ତ୍ର ଅତିଥି ଭାବରେ ବ୍ଲକ ଜିଲ୍ଲା ପରିଷଦ ସଭ୍ୟା ବିଜୟଶାନ୍ତି କୁମୁରୁକା,ଦୁର୍ଗୀ ସରପଞ୍ଚ ବିଜୟ କୁମୁରୁକା ପ୍ରମୁଖ ଉପସ୍ଥିତ ଥିଲେ। ଏହି ପଞ୍ଚାୟତ ସ୍ତରୀୟ ଟୁର୍ଣ୍ଣାମେଣ୍ଟ ଫେବୃଆରୀ ମାସ ୧୮ ତାରିଖ ଆଜିଠୁ ଆରମ୍ଭ ହୋଇ ଆସନ୍ତା ମାର୍ଚ୍ଚ ୧ ତାରିଖରେ ଶେଷ ହେବାକୁ ଥିବା ବେଳେ ୨୪ ଟିମକୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ ବୋଲି ଆୟୋଜକ ମାନେ କହିଛନ୍ତି । ଏଥିରେ ଶ୍ରେଷ୍ଠ ଖେଳାଳି ସହିତ ପ୍ରତିଯୋଗିତାରେ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିବା ଖେଳାଳି ଟିମକୁ ମଧ ପୁରସ୍କୃତ କରାଯିବ ନେଇ ପରିଚାଳନା କମିଟି ପକ୍ଷରୁ କୁହାଯାଇଛି। ପ୍ରତିଯୋଗିତାର ପ୍ରଥମ ଦିନରେ ଧର୍ମଗୁଡା ସହିତ ରିଙ୍ଗାବାଇ ପ୍ରଥମ ମ୍ୟାଚ ଅନୁଷ୍ଠିତ ହୋଇଥିବା ବେଳେ ମଧ୍ୟାହ୍ନ ସମୟରେ ଜିଆଣିପଦର ସହିତ ଲକ୍ଷ୍ମୀପୁର ମଧ୍ୟରେ କଡା ଟକ୍କର ହେବ ବୋଲି ଜଣାପଡୁଛି। ଏହି କାର୍ଯ୍ୟକର୍ମକୁ ଗ୍ରାମବାସୀ ସମେତ କ୍ରୀଡା ପ୍ରେମୀ ପରିଚାଳନା ସହଯୋଗ କରିଥିଲେ।

### ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା, ବଡ଼ଖାନା

# 'ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବାରେ ସଫେଇ କର୍ମଚାରୀଙ୍କ ଅବଦାନ ଅତୁଳନୀୟ'



ଜିଲ୍ଲାପାଳ ପରସିଲେ ଖାଦ୍ୟ

ରାୟଗଡ଼ା,୧୮।୨(ସମିସ): ବୁଧବାର ରାୟଗଡ଼ ପୌର ପରିଷଦର ବିଜୁ ପଟ୍ଟନାୟକ ଅଡିଟରିୟମଠାରେ ସହରର ସ୍ୱଚ୍ଛତା ବଜାୟ ରଖୁଥିବା ସଫେଇ କର୍ମଚାରୀମାନଙ୍କୁ ସମ୍ମାନିତ କରିବା ଉଦ୍ଦେଶ୍ୟରେ ଏକ ଭବ୍ୟ "ସଫେଇ କର୍ମଚାରୀ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନିଷ୍ଠାର ସହ କାର୍ଯ୍ୟ କରୁଥିବା କିଛି ସଫେଇ କର୍ମଚାରୀଙ୍କୁ ସେମାନଙ୍କ ଉଲ୍ଲେଖନୀୟ ସେବା ପାଇଁ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାୟ ୪୦୦ରୁ ଅଧିକ ସଫେଇ କର୍ମଚାରୀଙ୍କ ପାଇଁ ଏକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା। ଯେଉଁଠାରେ ସେମାନଙ୍କର ସ୍ୱାସ୍ଥ୍ୟ ଯାଞ୍ଚ କରାଯିବା ସହ ଆବଶ୍ୟକୀୟ ପରାମର୍ଶ ଦିଆଯାଇଥିଲା। ପ୍ରତ୍ୟେକ ପରିମଳ କର୍ମଚାରୀଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ପୁସ୍ତିକା ପ୍ରସ୍ତୁତ କରାଯାଇଥିଲା। ଯେଉଁଥିରେ ସେମାନଙ୍କର ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ବିବରଣୀ ଲିପିବଦ୍ଧ କରାଯିବାର ବ୍ୟବସ୍ଥା ରହିଅଛି। କାର୍ଯ୍ୟକ୍ରମ ଶେଷରେ ଏକ "ବଡ଼ଖାନା' (ସାମୂହିକ ଭୋଜି) ର ଆୟୋଜନ ହୋଇଥିଲା। ଏଥିରେ ଉପସ୍ଥିତ ଅତିଥିମାନଙ୍କ ସହ ଜିଲ୍ଲାପାଳ ନିଜେ ସଫେଇ କର୍ମଚାରୀଙ୍କୁ ଖାଦ୍ୟ ପରିଷଣ କରି ସେମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାୟଗଡ଼ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପି.ଡି. ଡୁଡା ଅକ୍ଷୟ କୁମାର ଖେମୁଣ୍ଡ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏଥିସହ ପୌର ପରିଷଦ ଅଧ୍ୟକ୍ଷ ପି. ମହେଶ ପଟନାୟକ, ଉପାଧ୍ୟକ୍ଷ ଶୁଭ୍ରା ପଣ୍ଡା, ସମସ୍ତ କାଉନସିଲର, ସ୍ୱଚ୍ଛତା ବିଶେଷଜ୍ଞ, ସ୍ୱଚ୍ଛ ସାଥୀ ଏବଂ ସ୍ୱଚ୍ଛ ସୁପରଭାଇଜର ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲାପାଳ ଆଜିର ଏହି କାର୍ଯ୍ୟକ୍ରମକୁ ପ୍ରଶଂଶା କରିବା ସହିତ ଆଗାମୀ ସ୍ୱଚ୍ଛ ସର୍ବେକ୍ଷଣ ୨୦୨୬ରେ ରାୟଗଧା ପୌର ପରିଷଦର ସ୍ଥାନକୁ ଜାତୀୟ ସ୍ତରରେ ଉପରକୁ ଉଠାଇବା ଏବଂ ପୁରସ୍କୃତ ହେବାପାଇଁ ବିବେଚିତ କରିବାରେ ସହଯୋଗ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଏହାସହିତ ରାୟଗଡା ସହରରେ ଜମି ରହିଥିବା ଆବର୍ଜନା ଗୁଡିକୁ ଖୁବଶୀଘ୍ର ପ୍ରକ୍ରିୟାକରଣ (ବାୟୋ ମାଇନିଙ୍ଗ) କରାଯାଇ ସହରକୁ ଆହୁରି ସୁନ୍ଦର ଏବଂ ଆବର୍ଜନା ମୁକ୍ତ କରାଯିବା ସହିତ ୱାର୍ଡ ନ - ୩ ଠାରେ ଏକ ବୃହତ୍ ଆବର୍ଜନା ପରିଚାଳନା କେନ୍ଦ୍ର ପ୍ରତିଷ୍ଠା କରାଯାଇ ଉନ୍ନତମାନର ଯାନ୍ତ୍ରିକ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶୃତି ଦେଇଥିଲେ। ରାୟଗଡା ପୌର ପରିଷଦର ସମସ୍ତ କର୍ମଚାରୀଙ୍କ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପାଦିତ ହୋଇଥିଲା। ରାୟଗଡା ପୌର ପରିଷଦ ନିର୍ବାହୀ ଅଧିକାରୀ କୁଳଦୀପ କୁମାର ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସାଧାରଣଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ଦିବ୍ୟାଙ୍ଗ ଲକ୍ଷ୍ମୀ

# ଗୋଡ଼ରେ ଲେଖି ଦେବେ ମାଟ୍ରିକ୍ ପରୀକ୍ଷା



ମାଲକାନଗିରି,୧୮ ।୨(ସମିସ): କୁହାଯାଏ ଯେ, ଦିବ୍ୟାଙ୍ଗ ବ୍ୟକ୍ତି କିମ୍ବା ପିଲାଏ ଅନ୍ୟ ସାଧାରଣ ଲୋକଙ୍କ ପରି ଯେକୌଣସି କାର୍ଯ୍ୟକୁ ସହଜରେ କରିବା କଷ୍ଟକର। କିନ୍ତୁ ଆଜିକାର ସମୟରେ ଦୃଢ ମନୋବଳ ଏବଂ ଇଚ୍ଛା ଶକ୍ତି ଥିଲେ ଜଣେ ଦିବ୍ୟାଙ୍ଗ ମଧ୍ୟ ସବୁକିଛି କରିବାରେ ସମ୍ଭବ। ଏହି କଥାକୁ ପ୍ରମାଣିତ କରିଛନ୍ତି ମାଲକାନଗିରିର ଜଣେ ଦିବ୍ୟାଙ୍ଗ ଛାତ୍ରୀ ବର୍ତମାନ ଏହି ଛାତ୍ରୀ ଜଣକ ଆସନ୍ତା କାଲି ମାଟ୍ରିକ ପରୀକ୍ଷା ଦେବେ। ତେବେ ସାଧାରଣ ପିଲାଙ୍କ ପରି ହାତରେ ନୁହେଁ ବରଂ ଗୋଡରେ ଲେଖି ଦଶମ ପରୀକ୍ଷା ଦେବେ ଏହି ଛାତ୍ରୀ। ଯାହାକୁ ନେଇ ମାଲକାନଗିରି ଜିଲ୍ଲାରେ ଚର୍ଚାର ବିଷୟ ପାଲଟିଛି ଦିବ୍ୟାଙ୍ଗ ଛାତ୍ରୀ ଲକ୍ଷ୍ମୀ। ମାଲକାନଗିରି ଜିଲ୍ଲା ସଦର ବ୍ଲକ ସ୍ଥିତ ସିନ୍ଧିମାଳ ଗ୍ରାମ ପଂଚାୟତ ବନ୍ଧଗୁଡା ନିକଟ ଢେପଗୁଡା ଗ୍ରାମର ନାରାୟଣ ଖେମୁଣ୍ଡୁଙ୍କ କନ୍ୟା ଲକ୍ଷ୍ମୀ ଖେମୁଣ୍ଡୁ ପିଲାଟି ଦିନରୁ ଶାରୀରିକ ଦିବ୍ୟାଙ୍ଗୀ ତାଙ୍କ ଦୁଇ ହାତ ସମ୍ପୂର୍ଣ ଭାବେ ଅକାମି ହୋଇଥିବା ବେଳେ ସେ ନିଜର ସମସ୍ତ କାର୍ଯ୍ୟ ଗୋଡ ଦ୍ୱାରା କରୁଥିବା ଦେଖିବାକୁ ମିଳିଛି। ତାଙ୍କ ଜୀବନ ହ୍ୱିଲ ଚେୟାରରେ ବିତୁଥିବା ବେଳେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବାକୁ ପଡୁଅଛି। ତେବେ ନିଜର ଶାରିରୀକ ଭିନ୍ନକ୍ଷମ ସତ୍ୱେ ପିଲାଟି ବେଳରୁ ସେ କିନ୍ତୁ ପାଠପଢାରେ ବଶ୍ ଆଗ୍ରହୀ ଥିଲେ। ହାତ ନଥିବାରୁ ଗୋଡରେ ଲେଖିବା ଆରମ୍ଭ କରିଥଇଲେ। ଗୋଡରେ ଲେଖି ଲେଖି ଅଭ୍ୟାସ ପରେ ସେ ନିଜ ପାଠ୍ୟ ପୁସ୍ତକରେ ଗୋଡ ଦ୍ୱାରା ଲେଖି ସିନ୍ଧିମାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନବମଶ୍ରେଣୀ ପର୍ଯ୍ୟନ୍ତ କୃତକାର୍ଯ୍ୟ ହୋଇଥିଲେ। ଚଳିତବର୍ଷ ତାଙ୍କର ଦଶମ ଶ୍ରେଣୀ ହୋଇଥିବା ବେଳେ ଆସନ୍ତା କାଲି ସେ ମାଟ୍ରିକ ପରୀକ୍ଷା ଦେବେ। ଏଥିପାଇଁ ଶିକ୍ଷକଙ୍କ ସାହାଯ୍ୟ ସହ ନିଜେ ଅହରହ ପରିଶ୍ରମ କରି କିଭଳି ମାଟ୍ରିକ୍ ପାସ କରିବେ ସେଥିପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଅନ୍ୟ ପକ୍ଷରେ ପିଲାଟି ଦିନରୁ ବାପା ମା ବୋଝ ମନେ ନକରି ଉଚ୍ଚ ଶିକ୍ଷିତ କରିବାର ସ୍ୱପ୍ନ ରଖି ପରିଶ୍ରମ କରି ଆସୁଛନ୍ତି। ତାଙ୍କୁ ଦଶମ ଶ୍ରେଣୀ ପରୀକ୍ଷା ନିମନ୍ତେ ଏହି ପଂଚାୟତର ସତୀଗୁଡା ବିଦ୍ୟାଳୟ ଠାରେ ସ୍ଥାନ ନିର୍ଧାରଣ ହୋଇଅଛି। ସରକାରଙ୍କ ପକ୍ଷରୁ ତାଙ୍କୁ ଦିବ୍ୟାଙ୍ଗ ଭତା ମିଳୁଥିବା ବେଳେ ଶ୍ରେଣୀ ଶିକ୍ଷକଙ୍କ ସମ୍ପୂର୍ଣ ସହ ଯୋଗରେ ସେ ବର୍ତମାନ ପର୍ଯ୍ୟନ୍ତ ପାଠ ପଢୁଥିବା ବେଳେ ଆଗାମୀ ଦିନରେ ସେ ଦଶମ ପାସ କରି କଲେଜରେ ପାଠ ପଢିବା ପାଇଁ ମଧ ସ୍ୱପ୍ନ ରଖିଛନ୍ତି। ଝିଅପିଲା ହୋଇଥିଲେ ମଧ ଏଭଳି ଶାରୀରିକ ଅକ୍ଷମତା ସତ୍ୱେ ପିଲା କିପରି ଭବିଷ୍ୟତ ଗଢିବେ ସେଥିନେଇ ପିତାମାତା ମଧ ଅହରହ କଷ୍ଟ କରି ଝିଅକୁ ପ୍ରୋତ୍ସାହନ ଦେଇ ଆସୁଛନ୍ତି। ତେବେ ଆଧାର କାର୍ଡ ଅପଡେଟ ହୋଇ ନଥିବାରୁ ତାଙ୍କୁ ଦୀର୍ଘ ଦିନ ଧରି ସରକାରୀ ସହାୟତାରୁ ବଂଚିତ ହୋଇଥିଲେ। ଏଥିନେଇ ସମାଜରେ ଖବରପ୍ରକାଶନ ପରେ ଜିଲ୍ଲାପାଳଙ୍କ ନିର୍ଦେଶରେ ତାଙ୍କ ଆଧାର କାର୍ଡ ଅପଡେଟ ହେବାପରେ ବିଦ୍ୟାଳୟ ଷ୍ଟାଇପେଣ୍ଡ ଓ ଅନ୍ୟାନ୍ୟ ସରାକରୀ ସୁବିଧା ସୁଯୋଗ ମିଳିଥିଲ।। ତେବେ ଆଗାମୀ ଦିନରେ ଏହି ସୁକନ୍ୟା କିଭଳି ଭାବେ ମାଟ୍ରିକ୍ ପାସ ହୋଇ ଉଚ୍ଚ ଶିକ୍ଷା ପାଇପାରିବେ ସେଥିନେଇ ସମସ୍ତଙ୍କ ନଜର ରହିଛି।

# ମାର୍ଚ ୧୫ରୁ ବଡ଼ଯାତ୍ରା

ପଡିଆ, ୧୮ ।୨( ମିସ) : ମାଲକାନଗିରି ଜିଲ୍ଲାର ଆରାଧ ଦେବା ଦେବୀ ଭାବେ ପରିଚିତ କାମନରାଜ, ବାଲରାଜ, ପୋତରାଜ ଓ ମା ମୁତ୍ୟାଲ୍ଲାମାଙ୍କ ଉଦ୍ଦେଶ୍ୟରେ ସମର୍ପିତ ପ୍ରସିଦ୍ଧ ବଡଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ବ୍ଲକ ସଦର ମହକୁମାରେ ଥିବା ଦୂର୍ଗା ମଣ୍ଡପ ଠାରେ ପଡିଆ ବ୍ଲକର ବଡ଼ଯାତ୍ରା କମିଟିର ସଦସ୍ୟ ଓ ଜ ନ ସ । ଧ । ର ଣ ଙ୍କ ଉପସ୍ଥିତିରେ ଏକ ସ୍?ତନ୍ତ୍ର ବୈଠକ ଅନୁଷ୍ଠତି କରାଯାଇଛି। ଏହି ବୈଠକରେ ଗତ ବଡ଼ଯାତ୍ରା ସମୟରେ ହୋଇଥିବା ବ୍ୟୟବରାଦ ବାବଦରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି। ଏହାପରେ ଚଳିତ ବର୍ଷ ଅନୁଷ୍ଠିତ ହେବାକୁ ଥିବା ପ୍ରସିଦ୍ଧ ବଡଯାତ୍ରା ନିମନ୍ତେ ମାର୍ଚ ୧୫ ତାରିଖକୁ ଧାର୍ଯ୍ୟ କରାଯାଇଥିବା ବେଳେ ଏହାର ଦଶ ଦିନ ପୂର୍ବରୁ ମହାପ୍ରଭୁଙ୍କ ବାଉଁଶ ଅଣାଯାଇ ନୂତନ ବାଉଁଶ ଲଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିସହ ୨୪ ଟି ଗ୍ରାମଦେବୀଙ୍କୁ ନିମନ୍ତ୍ରଣ କରାଯାଇ ପାରମ୍ପରିକ ପ୍ରକ୍ରିୟା କ୍ରମେ ଗ୍ରାମର ପ୍ରେମା, ଶିରା ଓ ପୂଜକଙ୍କ ସହଯୋଗ କ୍ରମେ ବଡ଼ଯାତ୍ରା ଅନୁଷ୍ଠିତ ହେବ ବୋଲି ଜଣାପ?ଛି। ଏହି ବୈଠକରେ ଆଗାମୀ ବଡ଼ ଯାତ୍ରାରେ କରାଯିବାକୁ ଥିବା ବିଭିନ୍ନ ସଂକୃତିକ କାର୍ଯ୍ୟକ୍ରମ, ଉପଯୁକ୍ତ ଆତିଥ୍ୟ ବ୍ୟବସ୍ଥା, ଗ୍ରାମ ଦେବୀଙ୍କ ରହଣି ବ୍ୟବସ୍ଥା ନେଇ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଅଛି। ଏହି ବୈଠକରେ ବଡ ଯାତ୍ରା କମିଟିର ସଭାପତି ଭାବେ ସତ୍ୟନାରାୟଣ ମାଝିଙ୍କୁ ମନୋନୀତ କରାଯିବା ପରିଚାଳନା କମିଟି ଗଠନ କରାଯାଇଛି। ଏହି ବୈଠକକୁ କୋରାପୁ ଚନ୍ଦ୍ରାୟା ପରିଚାଳନା କରିଥିବା ବେଳେ ପି ଭେଙ୍କେଟେଶ୍ୱର ରାଓ, ନାକା ନୁକାଲ ରାଜୁ, ସ୍ଥାନୀୟ ସରପଞ୍ଚ ଗଙ୍ଗା କାରାମ, ଶିରା କମିଟିର ସଭାପତି ମୋହନ ବାହାଦୁର, କୋଟାମ ବାଲାୟା, କେ ଭାସ୍କର, ଚୀନାମ ରାବିଡ଼, ରାମଚନ୍ଦ୍ର ମାଝୀ ସମେତ ସ୍ଥାନୀୟ ଅଞ୍ଚଳର ପ୍ରାୟ ଅଢେଇ ଶହ ଲୋକ ଉପସ୍ଥିତ ଥିଲେ।



# ଆରମ୍ଭ ହେଲା ଶିରିଡି ସାଇ ମନ୍ଦିର ପ୍ରତିଷ୍ଠା ଉତ୍ସବ

ମାଲକାନଗିରି, ୧୮ ।୨ (ସମିସ): ମାଲକାନଗିରି ଜିଲା ସଦର ମହକୁମାରେ ଶିରିଡି ସାଇଙ୍କ ପ୍ରଥମ ଭବ୍ୟ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଆଜି ଠାରୁ ଆରମ୍ଭ ହୋଇଛି। ତିନି ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଅନୁଷ୍ଠାନ ଜାରି ରହିଛି। ଆଜିର ପ୍ରଥମ ଦିନର କାର୍ଯ୍ୟକ୍ରମରେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ ମହିଳା ସାମିଲ ହୋଇ ପବିତ୍ର ଜଳ କଳସକୁ ଏକ ବିଶାଳ ଶୋଭାଯାତ୍ରାରେ ଆଣି ସ୍ଥାପନ କରିଥିଲେ। ଏହାପରେ ଅଙ୍କୁରୋପୋଣ ଓ ବିପ୍ଲବଦ୍ଧ ପୂଜାନୀତି ଆରମ୍ଭ ହୋଇଥିଲା। ଆସନ୍ତା ଗୁରୁବାର ଦିନ ଦେବତା ମାନଙ୍କ ପ୍ରାଣ ପ୍ରତିଷ୍ଠା ତଥା ଯଜ୍ଞ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।



ଏହି କାର୍ଯ୍ୟକ୍ରମ ବହୁ ସଂଖ୍ୟାରେ ଭକ୍ତ ବୃନ୍ଦ ସାମିଲ ହୋଇଛନ୍ତି। ସ୍ଥାନୀୟ ପାତ୍ରଗୁଡାରେ ନିର୍ମାଣ ହୋଇଥିବା ଏହି ମନ୍ଦିରରେ ସାଇ ବାବାଙ୍କ ବିଗ୍ରହ ସମେତ ଗଣେଶ ଓ ଦତ୍ତାତ୍ରେୟଙ୍କ ବିଗ୍ରହ ମଧ୍ୟ ପ୍ରତିଷ୍ଠା ପାଇବେ। ମାଲକାନଗିରି ଶିରିଡି ସାଇ ସେବା ସମିତି ପକ୍ଷରୁ ପ୍ରତିଷ୍ଠା କାର୍ଯକ୍ରମ ଆୟୋଜନ ହୋଇଥିବା ବେଳେ ଗଞ୍ଜାମ ଜିଲ୍ଲା ଚିକିଟି ଗ୍ରାମରୁ ପୂଜକ ମାନଙ୍କ ଦ୍ୱାରା ସେହିପରି ଶେଷ ଦିନ ଅର୍ଥାତ ଶୁକ୍ରବାର ଦିନ ଅପରାହ୍ନରେ ପ୍ରସାଦ ସେବନ ଓ ସନ୍ଧ୍ୟାରେ ଭଜନ ସୋମାରୋହ ଆୟୋଜନ ହେବ ବୋଲି ସେବା ସମିତିର ସଭାପତି ଶଶାଙ୍କ ମିଶ୍ର ସୂଚନା ଦେଇଛନ୍ତି। ହଜାର ହଜାର ସଂଖ୍ୟାରେ ଭକ୍ତ ବୃନ୍ଦଙ୍କ ସମାଗମ ହେବାର ସମ୍ଭାବନାକୁ ଦୃଷ୍ଟିରେ ରକ୍ଷା ଶାନ୍ତି ଶୃଙ୍ଖଳା, ପାଇଁ, ପ୍ରସାଦ ସେବନର ସୁବ୍ୟବସ୍ଥା କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି।

# ୧୦ ବର୍ଷ ପରେ ବି ହୋଇପାରୁନି କେନାଲ ନିର୍ମାଣ

କଲ୍ୟାଣସିଂହପୁର ୧୮ ।୨(ସମିସ): ରାଜ୍ୟ ସରକାର ଚାଷୀଙ୍କ ଜମିକୁ ଜଳ ଯୋଗାଣ ପାଇଁ କଳାହାଣ୍ଡି ଓ ରାୟଗଡ଼ା ଜିଲ୍ଲାର ସୀମାନ୍ତରେ କଲ୍ୟାଣି ନଦୀ ରେ ଚେକଡେମ ନିର୍ମାଣ ହୋଇ ଦଶ ବର୍ଷ ବିତିଯାଇଥିଲେ



**ଚୁପ ବସିଛି ବିଭାଗ ଓ ଠିକାଦାର!**

ମଧ ଆଜିଯାଏ କେନାଲ ନିର୍ମାଣ ହୋଇ ପାରିଲା ନାହିଁ।କଳାହାଣ୍ଡି ଜିଲ୍ଲାର ବିଜେପୁର ପଞ୍ଚାୟତ ଅନ୍ତର୍ଗତ କାଲକୁପା ନିକଟରେ ଦୁଇ କୋଟି ଟଙ୍କା ବ୍ୟୟରେ ୨୦୧୪ ମସିହାରେ ରାୟଗଡା କ୍ଷୁଦ୍ର ଜଳ ସେଚନ ବିଭାଗ ପକ୍ଷରୁ ନିର୍ମାଣ କରାଯାଇଥିଲା।ଗତ ସାଧାରଣ ନିର୍ବାଚନ ପୂର୍ବରୁ କେନାଲ ନିର୍ମାଣ କାର୍ଯ୍ୟ କରିବା ପାଇଁ ସରକାର ଗତ ୨୪ ମସିହାର ଜାନୁଆରୀ ମାସରେ ଭର୍ଚ୍ଚୁଆଲ ମଧ୍ୟରେ କେନାଲ ଉଦଘାଟନ କରିଥିଲେ।କିନ୍ତୁ ଦୁଇ ବର୍ଷ ପରେ ସିଙ୍ଗାରି ହାଟପଦା ନିକଟରେ ଚାଷୀଙ୍କୁ ଡାକି ବୈଠକ କରି ଭୁତଲ ପାଇପ ଯୋଗେ ପାଣି ଯୋଗାଣ କରାଯିବ ବୋଲି ବୁଝାସୁଝା କରିଥିଲା ବିଭାଗ। ବର୍ଷ ବର୍ଷ ବିତି ଯାଇଥିଲେ ମଧ କାର୍ଯ୍ୟ ଆରମ୍ଭ ହୋଇ ନଥିବା ଦୁର୍ଭାଗ୍ୟ ଜନକ ବଲି ଆଲୋଚନା ହେଉଛି।ଗତ ବର୍ଷ ପାଇପ ଗୁଡାକ ଆସି ଛତା ପଦର ଛକ ନିକଟରେ ଗଛିତ ହୋଇ ପଡି ରହିଛି। ଏହି ଚେକଡେମ ଚଉଦ ମସିହାରେ ନିର୍ମାଣ କରିଥିଲେ ମଧ ୧୭ ମସିହାରେ ପ୍ରଳୟଙ୍କରୀ ବନ୍ୟାରେ କିଛି ଭାଙ୍ଗିରୁଜି ଯାଇଥିବାରୁ ପୁଣି ମରାମତି କରିବା ପାଇଁ ଏକ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ କରାଯାଇଥିଲେ ବି କେନାଲ ବ୍ୟବସ୍ଥା କରାଯାଇ ନ ଥିଲା।କଳାହାଣ୍ଡିର କିଛି ଅଞ୍ଚଳରେ କେନାଲ ମଧ୍ୟରେ ଜଳସେଚିତ ହେଉଛି।କିନ୍ତୁ ରାୟଗଡ଼ା ଜିଲ୍ଲାର କଲ୍ୟାଣସିଂହପୁର ବ୍ଲକର ସିଙ୍ଗାରି ଓ ଧାମୁଣିପଙ୍ଗା ପଂଚାୟତରେ ପ୍ରାୟ ଦୁଇ ହଜାର ଏକର ଜମିକୁ ଜଳସେଚନ ପାଇଁ ପ୍ରାଥମିକତା ଦିଆଯାଇଥିଲା। କେନାଲ ନିର୍ମାଣ ପାଇଁ ସ୍ଥାନୀୟ ଲୋକ ପ୍ରତିନିଧି ଓ ନେତାଙ୍କ ଆନ୍ତରିକତା ନଥିବା ବେଳେ ସରକାରୀ ଅଧିକାରୀଙ୍କ ମଧ ଇଚ୍ଛାଶକ୍ତି ନଥିବା ଦେଖିବାକୁ ମିଳିଛି।ଏହି କେନାଲ ଭୁତଳ ଭାବେ ପାଇପ ମାଧ୍ୟମରେ ଜଳ ଯୋଗାଣ ପାଇଁ ପୂର୍ବତନ ସରକାର ଓସିସି ଠିକା ସଂସ୍ଥାକୁ ଟେଣ୍ଡର ମାଧ୍ୟମରେ ପ୍ରଦାନ କରିଥିଲେ ମଧ ଠିକା ସଂସ୍ଥା ଦୁଇ ବର୍ଷ ହେବ ପାଇପ ରଖି ଚୁପ ହୋଇ ବସିବା ଘଟଣା ଅଞ୍ଚଳରେ ଚାଷୀଙ୍କୁ ଆଶ୍ଚର୍ଯ୍ୟ କରିଛି। ଗୋଟିଏ ପଟେ କ୍ଷୁଦ୍ର ଜଳ ସେଜନ ବିଭାଗ କାର୍ଯ୍ୟ କରିବା ପାଇଁ ଇଛା ନଥିବା ଓ ଅନ୍ୟ ପଟେ ଠିକା ସଂସ୍ଥା କାର୍ଯ୍ୟରେ ବିଳମ୍ବ କରିବା ବ୍ଲକର ଲୋକ ପ୍ରତିନିଧି ମାନଙ୍କ ବୈମାତୃକ ମନଭାବ ଯୋଗୁ କେନାଲ ହେବାର ନାମ ନେଉନି। ବର୍ତ୍ତମାନ ଚାଷକାର୍ଯ୍ୟ ଶେଷ ହୋଇ ଅମଳ ହୋଇ ସାରିଲାଣି ସିନା କାର୍ଯ୍ୟ ହେଉନଥିବା ଦୁର୍ଭାଗ୍ୟ ଜନକ ବୋଲି ଅଞ୍ଚଳରେ ଆଲୋଚନା ହେଉଛି।

# ନିୟମଗିରି ଡଙ୍ଗରିଆ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



କଲ୍ୟାଣସିଂହପୁର ୧୮ ।୨(ସମିସ): ଜିଲ୍ଲାପାଳ ଙ୍କୁ ଲିଖିତ ଅଭିଯୋଗ ଦେଇଛନ୍ତି ନିୟମଗିରି ଡଙ୍ଗରିଆ। କଲ୍ୟାଣସିଂପୁର ବ୍ଲକ ଅଧୀନସ୍ଥ ପାର୍ସାଲି ପଂଚାୟତର ଲାଖପଥର, ପଟାଙ୍ଗପଦର, ଡଙ୍ଗାମାଟି, ଗୁମା, ଲଂବା ଗ୍ରାମବାସୀ ଡଙ୍ଗରିଆମାନେ ଲେଖି ଜଣାଇଛନ୍ତି ଯେ, ସ୍ୱାଧୀନତାର ଦୀର୍ଘ ବର୍ଷ ପରେ କେତେ କେତେ ଉନ୍ନୟନ ଯୋଜନା ସତ୍ତ୍ୱେ ଯେଉଁ ଅଂଧକାର ଭିତରେ ଆମେ ଡଙ୍ଗରିଆ ଆଦିବାସୀ ମୂଳନିବାସୀ ଥିଲୁ, ସେଥିରୁ ମୁକୁଳି ପାରିନାହୁଁ କଠୋର ଜୀବନ ସଂଘର୍ଷରେ କଲ୍ୟାଣସିଂପୁର ବ୍ଲକ ଅଧୀନସ୍ଥ ପାର୍ସାଲି ପଂଚାୟତର ଲାକପଥର, ପଟାଙ୍ଗପଦର, ଡଙ୍ଗାମାଟି ଗୁମା, ଲଂବା ଗ୍ରାମବାସୀ ନିଜର ନିମ୍ନଲିଖତ ବିଭିନ୍ନ ସମସ୍ୟାରେ ରହିଛନ୍ତି। ପାର୍ସାଲି ବ୍ଲକରେ ବହୁ ସରକାରୀ ପ୍ରତିଶ୍ରୁତି ସତ୍ତ୍ୱେ ଫାଇଲ ଭିତରେ ତାହା ଅଟକିଛି ବୋଲି ଶୁଣି ଆସୁଛୁ ନିଆୟାଉ ଗନେଲି ଗ୍ରାମରୁ ଆଗକୁ ବିଦ୍ୟୁତ ସଂଯୋଗୀକରଣ ଯାଉନାହ। ଗ୍ରାମଗୁଡ଼ିକୁ ଅବିଳଂବେ ବିଦ୍ୟୁତ ସଂଯୋଗ ପାଇଁ ଯଥାର୍ଥ ପଦକ୍ଷେପ , ବିପିଏଲ୍ ଚାଉଳ ନେବା ପାଇଁ ଲାକପଦରରୁ ୧୫ କିଲୋମିଟର ଦୂର ପାର୍ସଲି ପଂଚାୟତ କାର୍ଯ୍ୟାଳୟ ଚାଲିଚାଲି ଯିବାକୁ ପଡୁଛି। ପୁଣି ଦୁର୍ଗମ ଘାଟି ରାସ୍ତାରେ ଚାଉଳ ବୋହିଆଣିବାରେ ଆମେ ସମାଜର ସବୁଠାରୁ ଗରିବ ଲୋକ ଘରୋଇ ଗାଡିଖର୍ଚ୍ଚ ବହନ କରିବାକୁ ବାଧ ହେଉଛନ୍ତି। ଏଣୁ ମଝାମଝି ଡଙ୍ଗାମାଟିରେ ଚାଉଳ ବଣ୍ଟନ ବ୍ୟବସ୍ଥା ହେଲେ ଆମେ ବିଶେଷ ଉପକୃତ ହେବେ। ଶେଷରେ ଲାକପଦରରୁ କଲ୍ୟାଣସିଂହପୁର ପର୍ଯ୍ୟନ୍ତ ପିଚ ରାସ୍ତାର ଦୁର୍ଦ୍ଦଶା ନେଇ ସେମାନେ ଜଣାଛନ୍ତି।

# ଧୁଙ୍ଗିଆପୁଟରେ ସାମାଜିକ ସୁରକ୍ଷା ଭତ୍ତା ଶିବିର

ମାଥିଲି ୧୮ ।୨ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ନିର୍ଦ୍ଦେଶ କ୍ରମେ ମାଥିଲି ପଞ୍ଚାୟତ ସମିତି ଅଧୀନ ଧୁଙ୍ଗିଆପୁଟ ଗ୍ରାମପଞ୍ଚାୟତ ଗୃହ ଠାରେ ମାଥିଲି ବ୍ଲକ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ସ୍ୱତନ୍ତ୍ର ସାମାଜିକ ସୁରକ୍ଷା ଭତ୍ତା ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ୫୦ରୁ ଉର୍ଦ୍ଧ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଥିଲା ଏବଂ ସେମାନଙ୍କୁ ଓଡ଼ିଶା ସରକାରଙ୍କ ବିଭିନ୍ନ ସାମାଜିକ ସୁରକ୍ଷା ବାର୍ଦ୍ଧକ୍ୟ ବିଧବା ତଥା ବିକଳାଙ୍ଗ ପେନସନ ଯୋଜନା ରେ ସାମିଲ କରାଯାଇଥିଲା। ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଧୁଙ୍ଗିଆପୁଟ ଗ୍ରାମପଞ୍ଚାୟତର ସରପଞ୍ଚ ମଧୁସୂଦନ ନାୟକ ଓ ସମିତି ସଦସ୍ୟ ଖଗପତି ପେଦା ପ୍ରମୁଖ ଯୋଗ ଦେଇଥିଲେ। ମାଥିଲି ବ୍ଲକ ତରଫ ରୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସଞ୍ଜୟ କୁମାର ସାମଲ ଏବଂ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଣୀ ଇତିଶ୍ରୀ ଜେନା ତଥା ସମାଜସେବୀ ଲକ୍ଷ୍ମଣ ନାୟକ ଉପସ୍ଥିତ ଥିଲେ। ତା ଛଡା ଏହି ଶିବିରରେ ଓଡ଼ିଶା ସରକାରଙ୍କ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନତା କରିବା ସଙ୍ଗେ ସଙ୍ଗେ କିପରି ଯୋଗ୍ୟ ହିତାଧିକାରୀ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ରୁ ବଞ୍ଚିତ ନ ହେବେ ସେଥିପାଇଁ ସମସ୍ତ ଅଙ୍ଗନୱାଡ଼ି କର୍ମୀଙ୍କୁ ନିର୍ଦ୍ଦେଶ ମଧ ଦିଆଯାଇଛି।




# ଶ୍ରୀ ଝାଡେଶ୍ୱର ମନ୍ଦିର ଦାନହୁଣ୍ଡି ଭାଙ୍ଗି ଚୋରି

ରାୟଡ଼ା,୧୮ ।୨(ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ ଶେଷଖାଲ ଥାନା ଅନ୍ତର୍ଗତ ପିତାମହଲ ସ୍ଥିତ ଶ୍ରୀ ଝାଡେଶ୍ୱେର ଶିବ ମନ୍ଦିରର ଦାନ ହୁଣ୍ଡି ଭାଙ୍ଗି ଚୋରି ହୋଇଥିବା ଜଣାପ?ଛି। ଗତ ୧୫ ତାରିଖରେ ମହାଶିବରାତ୍ରୀ ଅବସରରେ ମନ୍ଦିରରେ ପ୍ରବଳ ଭିଡ ହୋଇଥିବା କାରଣରୁ ଶ୍ରଦ୍ଧାଳୁ ଦାନହୁଣ୍ଡିରେ ଅଧିକା ଦାନ କରିଥିବା ଆଶାରେ ଏହି ଚୋରି ହୋଇଥାଇପାରେ ବୋଲି ଅଞ୍ଚଳବାସୀ ଆଶଙ୍କା ପ୍ରକାଶ କରିଛନ୍ତି। ତେବେ ଏନେଇ ପୋଲିସରେ ମାମଲା ରୁଜୁ ହେବା ପରେ ଚୋରି ଘଟଣାର ପର୍ଦ୍ଦାଫାସ ହେବ ବୋଲି ଜଣାପଡିଛି।



# ଜୀବନ ସହ ସଂଘର୍ଷ କରୁଛନ୍ତି ରକ୍ତକର୍କଟ ରୋଗରେ ଆକ୍ରାନ୍ତ ବଣ୍ଡା ବାଳକ ସନିଆ

ମାଲିକାନଗିରି,୧୮ ।୨ (ସମିସ): ବଞ୍ଚିବାର ରାହା ନେଇ ଚିକିତ୍ସାଧୀନ ଅବସ୍ଥାରେ ସଂଘର୍ଷ ଜାରି ରଖିଛି ରକ୍ତକର୍କଟ ରୋଗରେ ଆକ୍ରାନ୍ତ ଆଦିମ ବଣ୍ଡା ଜନଜାତିର ବାଳକ ସନିଆ ଚଲାଣ। ଉନ୍ନତ ମାନର ଉଚ୍ଚତର ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ। ଏ କାହାଣୀ ହେଉଛି ମାଲକାନଗିରି ଜିଲ୍ଲା ବଣ୍ଡା ଘାଟିର ଆଦିମ ବଣ୍ଡା ଜନଜାତିର ଜଣେ ୧୭ ବର୍ଷୀୟ ନାବାଳକଙ୍କ ସଂଘର୍ଷର। ଭବିଷ୍ୟତର ଚିନ୍ତା ନେଇ ପାଠଶାଠରେ ଭଲ ପ୍ରଦର୍ଶନ କରି ଅନ୍ୟ ପିଲାଙ୍କ ଭଳି ପରିବାରର ସାହାରା ହେବ ନେଇ ଲକ୍ଷ ରଖିଥିବା ଏହି ୧୭ ବର୍ଷୀୟ ସନିଆକୁ ମାଡ଼ିବସିଛି ରକ୍ତ କର୍କଟ ରୋଗ। ଜୀବନ ଓ ମୃତ୍ୟୁର ଏହି ଯୁଦ୍ଧରେ ସନିଆ ସୁସ୍ଥ ହୋଇ ନିଜର ସ୍?ପ୍ନକୁ ପୂରଣ କରିବା ଆସାନେଇ ଜାରି ରଖିଛନ୍ତି ସଂଘର୍ଷ। ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ ଅଣ୍ଡ୍ରହାଲ ଗ୍ରାମର ଏହି ଗରିବ ଆଦିମ ବଣ୍ଡା ଜନଜାତି ସମ୍ପ୍ରଦାୟ ପରିବାରର ପୁଅ ସନିଆ, ସେ ଏବେ ରକ୍ତ କର୍କଟ ରୋଗରେ ଆକ୍ରାନ୍ତ ହୋଇ ରୋଗ ଶଯ୍ୟାରେ ବଞ୍ଚିବା ପାଇଁ ସଂଘର୍ଷ ଜାରିରଖିଛି। ଅଣ୍ଡରାହଲ ଗ୍ରାମର ଗରିବ ବଣ୍ଡା ସମ୍ପ୍ର ଦାୟର ହାଡି ଚଲାଣ ଓ ମା ମଙ୍ଗଳି ଚଲାଣ ଦିନମଜୁରୀ ଭାବେ କାର୍ଯ୍ୟ କରି ପରିବାର ଚଳାନ୍ତି। କିଛି ଦିନ ପୂର୍ବରୁ ସେମାନଙ୍କ ପୁଅ ସାନିଆ ଅସୁସ୍ଥ ହେବାରୁ ପ୍ରଥମେ ସ୍ଥାନୀୟ ମାଥିଲି ଚିକିତ୍ସାଳୟରେ ଚିକିତ୍ସା ହୋଇଥିଲା। ତାଙ୍କ ଶରୀରରେ ହିମୋଗ୍ଲୋବିନ ଅତ୍ୟଧିକ କମ ଥିବାରୁ ତୁରନ୍ତ ଜିଲ୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ପରୀକ୍ଷା ପରେ ଜଣାପଡ଼ିଲା ଶରୀରରେ ରକ୍ତ ତିଆରି ହେଉନାହିଁ। ତେବେ ସନିଆଙ୍କ ଚିକିତ୍ସା ପାଇଁ ପରିବାର ଲୋକେ ଅହରହ ଉଦ୍ୟମ କରିଥିଲେ ହେଁ, ଅର୍ଥ ସାଜିଥିଲା ବାଧକ। ଅର୍ଥ ଅଭାବରୁ ସନିଆର ଚିକିତ୍ସା କରାଇ ନପାରି ଘରକୁ ଫେଇ ଆସିଥିଲେ ପରିବାର ଲୋକେ। ପୁନର୍ବାର ଅବସ୍ଥା ଗୁରୁତର ହେବାରୁ କୋରାପୁଟ ଜିଲ୍ଲା ଲମତାପୁଟ ଆଶାକିରଣ ହସ୍ପିଟାଲ ସହାୟତାରେ ପରୀକ୍ଷା କରାଯାଇଥିଲା। ସେଠାରେ ସ୍ପଷ୍ଟ ହେଲା ସନିଆ ରକ୍ତ କର୍କଟରେ ଆକ୍ରାନ୍ତ। ପରେ ତାଙ୍କୁ ବିଶାଖାପାଟଣାର ଏକ ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଘରୋଇ ଚିକିତ୍ସାଳୟ ହୋଇଥିବାରୁ ରକ୍ତ ଆବଶ୍ୟକ ହେଲେ ମଧ ଟଙ୍କା ଦେଇ କିଣିବାକୁ ପଡୁଥିବା ବେଳେ ଅର୍ଥ ଅଭାବ ଯୋଗୁଁ ପରିବାର ଲୋକେ ମାନସିକ ସ୍ତରରେ ଭାଙ୍ଗି ପଡ଼ିଛନ୍ତି। ପୂର୍ବରୁ ସରକାରଙ୍କ ବିଭିନ୍ନ ବୀମା ଯୋଜନାରେ ଚିକିତ୍ସା ହୋଇଥିଲେ ମଧ ବର୍ତ୍ତମାନ ଆଉ ଅର୍ଥ ନଥିବାରୁ, ସନିଆକୁ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ମିଳୁ ନଥିବା କହିଛନ୍ତି ପରିବାର ଲୋକ। ତେବେ ଏହି ସଙ୍କଟ ସମୟରେ ପରିବାର ପକ୍ଷରୁ ସ୍ଥାନୀୟ ପ୍ରଶାସନ, ସରକାର ଓ ସମାଜସେବୀ ମାନଙ୍କୁ ଆର୍ଥିକ ସହାୟତା ପାଇଁ ଅନୁରୋଧ କରିଛନ୍ତି।



**ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ**

## ଡିଜିଟାଲ ଯୁଗରେ ମାରୀଗୁଡା ଗାଁରେ ଭୂତପ୍ରେତ ଭୟ

# ଅନ୍ଧବିଶ୍ୱାସ ନା ସଚେତନତା ଅଭାବ?



ରାୟଗଡ଼ା।୧୮ ।୨(ସମିସ): ଦକ୍ଷିଣ ଓଡିଶାର ଉପାନ୍ତ ରାୟଗଡା ଜିଲ୍ଲାର ଗ୍ରାମାଞ୍ଚଳରେ ଏବେ ବି ଭରି ରହିଛି ଅନ୍ଧବିଶ୍ୱାସ। ଭୂତପ୍ରେତକୁ ନେଇ ଆଜି ମଧ ଆଦିବାସୀ ସଂପ୍ରଦାୟ ଅନ୍ଧାରରେ ରହୁଛନ୍ତି। ଗାଁରେ ଭୁତ ବୁଲିଛି କହି ରାୟଗଡା ସହରରୁ ମାତ୍ର ଦୁଇ କିଲୋମିଟର ଦରରେ ଥିବା ମାରିଗୁଡା ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଗତ ୫ ମାସରେ ୫ ଜଣ ମୃତ୍ୟବରଣ କରିବା ପରେ ସେମାନଙ୍କ ଆମା ଗାଁ ବୁଲିଛି ବୋଲି ଲୋକେ ବିଶ୍ୱାସ କରୁଛନ୍ତି। ଭୁତ ଭୟରେ ଗାଁ ଯୁବକ ମାନେ ରାତି ଅନିଦ୍ରା ହୋଇ ଗାଁ ଜଗୁଥିବା ବେଳେ ଏବେ ଗାଁରେ ପୂଜା କରିବା ପାଇଁ ଚାନ୍ଦା ଆଦାୟ କରୁଛନ୍ତି ଗ୍ରାମବାସୀ ବୋଲି ଜଣାପଡିଛି। ଡିଜିଟାଲ୍ ଯୁଗରେ ମଧ ଭୂତର ଆତଙ୍କକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ସଂନ୍ଧ୍ୟା ନଇଁଲେ ଗାଁ ମୁଣ୍ଡରେ ଥିବା ଗଛରୁ ଧୂଆଁ ବାହାରୁଛି ଆଉ ବିଳମ୍ବିତ ରାତିରେ ବିକଟାଳ ଶବ୍ଦ ହେଉଛି। ଭୁତ ଆଉ ପ୍ରେତାତ୍ମାକୁ ନେଇ ଲୋକେ ଆତଙ୍କିତ ଅବସ୍ଥାରେ ରହିଥିବା ବେଳେ ଗତ ତିନି ଦିନ ହେବ ଅଧିକାଂଶ ଲୋକଙ୍କ ଘରେ ଠିକ୍ ଭାବେ ଚୁଲି ଜଳି ନ ଥିବା ଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ରାୟଗଡା ସହରରୁ ମାତ୍ର ଦୁଇ କିଲୋମିଟର ଦୂରରେ ଥିବା ମାରିଗୁଡା ଗ୍ରାମବାସୀଙ୍କ ମନରେ ଏବେ ଭୁତ ପ୍ରେତର ଡର ମାଡ଼ିବସିଛି। ଗାଁର କିଛି ଯୁବକ ଆଉ ଯୁବତୀ ମାନେ ଭୁତକୁ ନେଇ ଛଟପଟ ହେଉଛନ୍ତି। ଗାଁ ଲୋକଙ୍କ କହିବା କଥା କେତେବେଳେ କାହା ଦେହରେ ମୃତକଙ୍କ ଆତା ଘୁରି ବୁଲିଛି। ଅଚେତ ଲୋକଙ୍କ ବିଷୟରେ ଜାଣିବା ପାଇଁ ତାଙ୍କୁ ମାଡ ବି ମରାଯାଉଛି। ଗତ ୫ ମାସ ମଧ୍ୟରେ ଗାଁର ୫ ଜଣ କାଣ୍ଟି ତାଡିଙ୍ଗି,ବାବୁ ମାଣ୍ଡାଙ୍ଗି,କାମ୍ବଲା କିଲକା,ପୁଲାମେ ମାଣ୍ଡାଙ୍ଗି ଓ ପୁଲ ମାଣ୍ଡାଙ୍ଗି ମୃତ୍ୟୁବରଣ କରିବା ପରେ ଲୋକେ ଏବେ ଭୟରେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଗାଁର ଯୁବକ ମାନେ ଭୂତକୁ ତଡିବା ପାଇଁ ଢେଙ୍ଗାବାଡି ଧରି ରାତି ଅନିଦ୍ରା ହେଉଛନ୍ତି। ଜାନି ଦିସାରୀ ପୂଜା ପାଇଁ ପ୍ରାୟ ଦୁଇ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଗ୍ରାମବାସୀ ବୈଠକ କରି ଗାଁରେ ଏବେ ଟଙ୍କା ଯୋଗାଡ ଚାଲିଛି। ଲୋକଙ୍କ ମନରେ ଅନ୍ଧବିଶ୍ୱାସ ଏତେ ଭରିଛି ଯେ ବାହାର ଲୋକଙ୍କୁ ଗାଁକୁ ନ ଆସିବା ପାଇଁ ଜ୍ୟୋତି ବିଡିକା, କାମରାଜୁ ତାଡିଙ୍ଗିଙ୍କ ସହ ଅନ୍ୟ ଗ୍ରାମବାସୀ ମାନେ କହୁଛନ୍ତି । ମାରୀଗୁଡା ଗାଁକୁ ଲାଗି ନାଗାବଳୀ ନଦୀ ପ୍ରବାହିତ ହେଉଥିବା ବେଳେ ନଦୀରେ ଏବେ ଆଡିବନ୍ଧ ନିର୍ମାଣ ଚାଲିଛି। ଲୋକଙ୍କ ବିଶ୍ୱାସ ଗାଁ ବାନ୍ଧିବାକୁ ପୂର୍ବପୁରୁଷ ମାନେ ନଦୀ ନିକଟରେ ପୂଜାର୍ଚ୍ଚନା କରି ଔଷଧ ପୋତିଥିଲେ। ହେଲେ ଏବେ ଜେସିବି ଲଗାଇ ଆଡିବନ୍ଧ ନିର୍ମାଣ ଚାଲିଥିବା ବେଳେ ଉକ୍ତ ସ୍ଥାନକୁ ସଂପୂର୍ଣ୍ଣ ଭଙ୍ଗାଯାଉଛି। ଯାହାଫଳରେ ପ୍ରେତାଳା ଗୁଡିକ ବୁଲିବା ସହ ଗୋଟିଏ ପରେ ଗୋଟିଏ ମୁଣ୍ଡ ନେଉଛି। ତେବେ ଗାଁ ବାନ୍ଧିବାକୁ ହେଲେ ଦିସାରୀ ପୂଜାର ଆବଶ୍ୟକତା ରହିଛି ବୋଲି ଏହି ଲୋକ ମାନେ ଭାବିବା ସହ ଗାଁରେ ପୂଜା କରିବାକୁ ଏକ ପୂଜାରୀ ମଧ ଠିକ୍ କରିଛନ୍ତି ବୋଲି ଗ୍ରାମର ପଙ୍କଜ ବିଡିକା, ସଲମନ ରେ‡ୀ ପ୍ରମୁଖ କହିଛନ୍ତି। ଗାଁ ମଙ୍ଗଳ ପାଇଁ ପୂଜାର୍ଚ୍ଚନା କରି ବନ୍ଧା ଯାଇଥିବା ବନ୍ଧନ ଫିଟିଯିବା ପରେ ଗାଁର ଲୋକେ ମୃତ୍ୟବରଣ କରୁଥିବା ନେଇ ଅନ୍ଧ ବିଶ୍ୱାସକୁ ବିଶ୍ୱାସ କରି ଗାଁ ଲୋକେ କହୁଥିବା ବେଳେ ଗ୍ରାମବାସୀଙ୍କୁ ସଚେତନର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ ମତ ରଖିଛନ୍ତି।

# ବିକ୍ରମଙ୍କୁ ଡାକ୍ତରଖାନାରେ ଭେଟିଲେ ବିଜେଡିର ବରିଷ୍ଠ ନେତା

ବ୍ରହ୍ମପୁର,୧୮।୨(ସମିସ): ବିକ୍ରମଙ୍କ ଅପରେସନ ଜରୁରୀ ଥିବାବେଳେ ପୁଲିସ ରାତି ଅଧିଆ ପୁଣି ଜେଲ୍‌କୁ ନେବାକୁ ବିଭିନ୍ନ ମହଲରୁ ନିନ୍ଦା କରାଯାଉଛି। ଆଜି ହସ୍ପିଟାଲରେ ବିକ୍ରମଙ୍କୁ ଭେଟିଥିବା ବରିଷ୍ଠ ବିଜେଡି ନେତାମାନେ ସିଧାସଳଖ ଏହାକୁ ନିନ୍ଦା କରିଛନ୍ତି। ବ୍ରହ୍ମପୁରରେ ବିଜେଡି ପକ୍ଷରୁ ଆୟୋଜିତ ବିକ୍ଷୋଭ କାର୍ଯ୍ୟକ୍ରମ ପରେ ଦଳର ବରିଷ୍ଠ ନେତୃବୃନ୍ଦ ବିକ୍ରମଙ୍କୁ ଭେଟି ଆଲୋଚନା କରିଥିଲେ। ତାଙ୍କ ପ୍ରତି କରାଯାଉଥିବା ଅତ୍ୟାଚାର ସମ୍ପର୍କରେ ଖୋଦ୍ ବିକ୍ରମଙ୍କ ମୁହଁରୁ ଶୁଣି ଚିନ୍ତା ପ୍ରକଟ କରିଥିଲେ। ଏହି ଅବସରରେ ପୂର୍ବତନ ବିଧାୟକ ତଥା ଜିଲ୍ଲା କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ବରିଷ୍ଠ ନେତା ଭୃଗୁ ବକ୍ସିପାତ୍ର, ବିଜେଡି ମୁଖପାତ୍ର ଡଃ ଲେନିନ ମହାନ୍ତି, ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ତ୍ରମ୍ବନାଥ ପଣ୍ଡା, ହରପ୍ରସାଦ ସାହୁ, ରଂଜିତା ସାହୁ, ପୂର୍ବତନ ବିଧାୟିକା ଲତିକା ପ୍ରଧାନ ଓ ରୀତାଞ୍ଜଳି ପ୍ରଧାନ ପ୍ରମୁଖଙ୍କ ସହିତ ବିକ୍ରମଙ୍କ ପାଇଁ ମକଦ୍ଦମା ପରିଚାଳନା କରୁଥିବା ଦୁଇ



ଆଇନଜୀବୀ କୁମାରକାନ୍ତ ବେହେରା ଓ ଦୀପକ ପଟ୍ଟନାୟକ ମଧ୍ୟ ଉପସ୍ଥିତ ଥିଲେ। ସେହିଭଳି ବିଜେଡି ନେତୃବୃନ୍ଦ ବିକ୍ରମଙ୍କ ପରିବାର ବର୍ଗଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ। ଗତ ରାତିରେ ପୁଣି ପେଟରେ ଯନ୍ତ୍ରଣା ହେବାଯୋଗୁ ବିକ୍ରମଙ୍କୁ ଏମ୍‌କେସିଜିରେ ଭର୍ତ୍ତି କରାଯାଇଛି। ଫଳରେ ତାଙ୍କର ପ୍ରାଥମିକ ସ୍ତରରୁ ପୁଣି ଆରମ୍ଭ ହୋଇଛି ଚିକିତ୍ସା। ପ୍ରଥମ ଦିନରେ ଆଜି ରକ୍ତ ପରୀକ୍ଷା ସହିତ ପୁନଃ ଅଲଟ୍ରାସାଉଣ୍ଡ କରାଯାଇଛି। ଗଲବ୍ଲାଡର ଷ୍ଟୋନର ଅସ୍ତ୍ରୋପଚାର ପାଇଁ ବିକ୍ରମ ଲିଖିତ ଭାବେ ସହମତି ପ୍ରଦାନ କରିଛନ୍ତି। ଫଳରେ ପୂର୍ବରୁ ଗଠିତ ୬ଜଣିଆ ଟିମ୍‌କୁ ବଦଳାଇ ପୁଣିଥରେ ଭେଷଜ, ଶଲ୍ୟ ଓ ନିଶ୍ଚେତକ ବିଭାଗର ବିଶେଷଜ୍ଞଙ୍କୁ ନେଇ ନୂଆ ୬ ଜଣିଆ କମିଟି ଗଠନ କରାଯାଇଥିବା ଡାକ୍ତରଖାନାର ଅଧୀକ୍ଷକ ପ୍ରଫେସର ଡାକ୍ତର ଦୁର୍ଗାମାଧବ ଶତପଥୀ କହିଛନ୍ତି। ସେପଟେ ବିକ୍ରମଙ୍କ ସହାୟତା ପାଇଁ ତାଙ୍କ ନିକଟରେ ଆଟେଣ୍ଡାଣ୍ଟ ନଥିବାରୁ ପରିବାର ସଦସ୍ୟଙ୍କୁ ଅନୁମତି ଦେବାକୁ ଜେଲ୍ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଇଥିଲା। କର୍ତ୍ତୃପକ୍ଷ ବିକ୍ରମଙ୍କ ନିକଟରେ ତାଙ୍କ ପତ୍ନୀଙ୍କୁ ସହାୟତା ପାଇଁ ରହିବାକୁ ଅନୁମତି ଦେଇଛନ୍ତି।

ଅନ୍ୟପକ୍ଷରେ ପୀତବାସ ପଣ୍ଡା ହତ୍ୟା ମାମଲାରେ ଅନ୍ୟତମ ଅଭିଯୁକ୍ତ ତଥା କର୍ପୋରେଟର ମଳୟ ବିଶୋୟୀଙ୍କୁ ବୁଧବାର ବିଳମ୍ବିତ ସନ୍ଧ୍ୟାରେ ଛାତିରେ ଯନ୍ତ୍ରଣା ଓ ଡାଇବେଟିସ୍ ଯୋଗୁଁ ଏମ୍‌କେସିଜି ମେଡିସିନ୍ ୟୁନିଟ୍‌ରେ ଭର୍ତ୍ତି କରାଯାଇଛି।

## ବିଧାନସଭା ଖବର

### ପିଏମ୍ ସୂର୍ଯ୍ୟଘର ସଫଳତା ୨୨%

ଭୁବନେଶ୍ୱର,୧୮।୨(ସମିସ): ଫେବୃଆରୀ ୧୦ ସୁଦ୍ଧା ରାଜ୍ୟର ୩୬,୫୩୭ଟି ସୌର ପ୍ରକଳ୍ପ ସ୍ଥାପନ କରାଯାଇଛି, ଯାହା ଧାର୍ଯ୍ୟ ଲକ୍ଷ୍ୟର ପ୍ରାୟ ୨୨.୧୪ ପ୍ରତିଶତ ବୋଲି ବୁଧବାର ବିଧାୟକ ଗଣେଶ୍ୱର ବେହେରାଙ୍କ ଏକ ପ୍ରଶ୍ନରେ ଉତ୍ତର ରଖିଛନ୍ତି ଶକ୍ତି ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ। ସେ କହିଛନ୍ତି ଯେ ୨୦୨୭ ସୁଦ୍ଧା ୩ ଲକ୍ଷ ପରିବାରକୁ ମାଗଣା ବିଦ୍ୟୁତ୍ ଯୋଗାଇବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ବର୍ତ୍ତମାନ ସୁଦ୍ଧା ସମୁଦାୟ ୧,୭୯,୮୧୫ ଜଣ ହିତାଧିକାରୀ ଏହି ଯୋଜନା ପାଇଁ ଆବେଦନ କରିଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷରେ ୫୦ହଜାର ପରିବାର, ୨୦୨୫-୨୬ ଆର୍ଥିକ ବର୍ଷରେ ୨ ଲକ୍ଷ ୫୦ ହଜାର ପରିବାରକୁ ଅନ୍ତର୍ଭୁକ୍ତ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା ବୋଲି ମନ୍ତ୍ରୀ କହିଛନ୍ତି।

### ଓଡ଼ିଶାରେ ନିମ୍ନମାନର କ୍ଷୀର ବିକ୍ରି

ଭୁବନେଶ୍ୱର,୧୮।୨(ସମିସ): ରାଜ୍ୟରେ ବିକ୍ରି ହେଉଛି ନିମ୍ନମାନର କ୍ଷୀର। ଗୃହରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ବିଧାନସଭାରେ ଏହାକୁ ସ୍ୱୀକାର କରିଛନ୍ତି। ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନରେ ସେ କହିଛନ୍ତି ଯେ ବର୍ତ୍ତମାନ ରାଜ୍ୟରେ ୧୦ଟି ଓଡ଼ିଶାର କମ୍ପାନୀ ଓ ୧୨ଟି ରାଜ୍ୟ ବାହାର କମ୍ପାନୀ କ୍ଷୀର ବିକ୍ରି କରୁଛନ୍ତି। ଓଡ଼ିଶା ବଜାରରେ ୨୦୨୫ରେ ୨୨ କମ୍ପାନୀର ୮୮ ନମୁନା ଯାଞ୍ଚ କରାଯାଇଥିଲା, ସେଥିରୁ ୮୦ଟି ନମୁନା ଠିକ ଥିବା ବେଳେ ୮ ଟି ନମୁନା ନିମ୍ନମାନର ଆସିଥିଲା। ତେବେ କେଉଁ କମ୍ପାନୀର କ୍ଷୀର ନିମ୍ନମାନର ତାହା ମନ୍ତ୍ରୀ ପ୍ରକାଶ କରିନାହାନ୍ତି।

### ବଜାରରୁ ସ୍ମାର୍ଟ ମିଟର କ୍ରୟ ବିକଳ୍ପ

ଭୁବନେଶ୍ୱର,୧୮।୨(ସମିସ): ଟାଟା ପାୱାରର ବିଦ୍ୟୁତ ବିତରଣ କମ୍ପାନୀମାନଙ୍କ ଦ୍ୱାରା ଅନୁମୋଦିତ ସ୍ମାର୍ଟ ମିଟରଗୁଡ଼ିକୁ ଖୋଲା ବଜାରରେ ଉପଲବ୍ଧ କରିବାପାଇଁ ସମସ୍ତ ମିଟର ନିର୍ମାତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ବିଧାନସଭାରେ କହିଛନ୍ତି ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ। ସେ କହିଛନ୍ତି ଯେ ଟାଟା ପାୱାର ଦ୍ୱାରା ଲଗାଯାଉଥିବା ମିଟରର ମୂଲ୍ୟ ଭଡା ଆଧାରରେ ଗ୍ରାହକମାନଙ୍କ ଠାରୁ ଆଦାୟ କରାଯାଇଥାଏ। ସିଙ୍ଗଲ ଫେଜ୍ ଷ୍ଟାଟିକ୍ ମିଟରର ମାସିକ ଭଡା ୪୦ ଟଙ୍କା ଓ ଏଲଟି ସିଙ୍ଗିଲ ଲାଇନ୍‌ର ସ୍ମାର୍ଟ ମିଟରର ମାସିକ ଭଡା ୬୦ ଟଙ୍କା ରଖାଯାଇଛି। ଅନୁରୂପ ଭାବରେ ଥ୍ରିଫେଜ୍ ସ୍ମାର୍ଟ ମିଟର ପାଇଁ ମାସକୁ ୧୫୦ ଟଙ୍କା ଧାର୍ଯ୍ୟ ହୋଇଛି ବୋଲି ମନ୍ତ୍ରୀ କହିଛନ୍ତି।

■ ଗିରଫଦାରୀ ବେଳେ ଆଇନ ବ୍ୟବସ୍ଥା କାର୍ଯ୍ୟକାରୀ ପ୍ରସଙ୍ଗ

# ପୁଲିସ ଅଧିକାରୀଙ୍କୁ ତାଲିମ ପ୍ରଦାନ କର: ହାଇକୋର୍ଟ

କଟକ,୧୮।୨(ସମିସ): ବିଭିନ୍ନ ସମୟରେ ଅପରାଧିକ ମାମଲାଗୁଡିକରେ ଅଭିଯୁକ୍ତଙ୍କୁ ଗିରଫଦାରୀ ବେଳେ ସମ୍ବିଧାନର ଧାରା ୨୨(୧) ଓ ବିଏନଏସର ଧାରା ୪୭ ଅନୁସାରେ ଗିରଫଦାରୀର ଆଧାର ସଂକ୍ରାନ୍ତରେ ଅବଗତ କରାଯାଉନାହିଁ। ଆଇନରେ ଥିବା ଏଭଳି ବ୍ୟବସ୍ଥା ପାଳନ କରାଯାଉ ନଥିବା କାରଣରୁ ଅପରାଧୀମାନେ ଖସି ଯାଉଛନ୍ତି। ଏଣୁ ଆଇନରେ ଥିବା ବାଧ୍ୟତାମୂଳକ ବ୍ୟବସ୍ଥା କାର୍ଯ୍ୟକାରୀ ପାଇଁ ପୁଲିସ ଅଧିକାରୀଙ୍କୁ ଉପଯୁକ୍ତ ତାଲିମ ପ୍ରଦାନ କରିବା ଦିଗରେ ପଦକ୍ଷେପ ନେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏ ଦିଗରେ ଧ୍ୟାନ ଦେବାକୁ ଗୃହ ବିଭାଗ ପ୍ରମୁଖ ସଚିବ ଓ ପୁଲିସ ଡିଜିଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ। ଏଥିସହ ଉପରୋକ୍ତ ପ୍ରସଂଗରେ ଏକ ନିର୍ଦ୍ଦେଶନାମା ଜାରି କରିବାକୁ ହାଇକୋର୍ଟ କହିଛନ୍ତି। ନୟାଗଡ ଜିଲ୍ଲାର ମାନ୍ଧାତାପୁରସ୍ଥିତ ଏକ ବ୍ୟାଙ୍କରୁ ୨୭ଲକ୍ଷ ଟଙ୍କା ଲୁଟ ଘଟଣାରେ ଗିରଫ ପୂର୍ଣ୍ଣଚନ୍ଦ୍ର ପୃଷ୍ଟି, ପ୍ରମୋଦ ନାୟକ ଓ ଶିବ ଡାକୁଆଙ୍କୁ ସର୍ତ୍ତମୂଳକ ଜାମିନରେ ଛାଡ଼ିବାକୁ କହିବା ସହ ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ ଯେ ବାଧ୍ୟତାମୂଳକ ଥିବା ଉପରୋକ୍ତ ଆଇବଗତ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇ ନଥିବାରୁ ଜାମିନ ପ୍ରଦାନ ପାଇଁ ନିବେଦନ କରି ଉପରୋକ୍ତ ତିନୋଟି ଆବେଦନ ହାଇକୋର୍ଟରେ ଦାୟର ହୋଇଥିଲା। ଏହିଭଳି କେତେକ ମାମଲାରେ ଅଭିଯୁକ୍ତ ଅପରାଧୀ ଜାମିନ ପାଉଥଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଦେବାଶିଷ ପଣ୍ଡା, କୁଳଦୀପ ମହାନ୍ତି ଓ ବିଜୟ କୁମାର ବେହେରା ମାମଲା ପରିଚାଳନା କରୁଥିଲେ।

■ ମୁଖ୍ୟମନ୍ତ୍ରୀଙ୍କୁ ଯୁବ କଂଗ୍ରେସର ଚିଠି

# ଉତ୍କଳର ଗ୍ରାମୀଣ କଲେଜ କ୍ୟାମ୍ପସ କାର୍ଯ୍ୟକ୍ଷମ କରିବାକୁ ଦାବି

ଭୁବନେଶ୍ୱର, ୧୮ ।୨(ସମିସ): ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଚଣ୍ଡିଖୋଲ ଠାରେ ଉତ୍କଳ ବିଶ୍ୱବିଦ୍ୟାଳୟର ଗ୍ରାମୀଣ କ୍ୟାମ୍ପସ ନିର୍ମାଣ ହେଉଛି। ୨୦୧୭ ଜୁଲାଇ ୩୧ତାରିଖରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବାବେଳେ ପ୍ରାୟ ୯ ବର୍ଷ ହେବ ନିର୍ମାଣ କାର୍ଯ୍ୟ ସରିନାହିଁ। ଏଣୁ ଏହି ଗ୍ରାମୀଣ କ୍ୟାମ୍ପସକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ରାଜ୍ୟ ଯୁବ କଂଗ୍ରେସ ପକ୍ଷରୁ ସାଧାରଣ ସମ୍ପାଦକ ସୁଦୀପ୍ ସାମଲ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଦାବି କରିଛନ୍ତି। ସେ ଦର୍ଶାଇଛନ୍ତି ଯେ, ଗ୍ରାମୀଣ କ୍ୟାମ୍ପସ ନିର୍ମାଣ କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ଚଣ୍ଡିଖୋଲ ସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟରେ ୨୦୧୮ ରୁ ବିଏସି ନର୍ସିଂ, ଏମବିଏ, ଏମଏସଡବ୍ଲୁ ଓ ଏମପିଏଡ୍ ପାଠପଢ଼ା ଚାଲୁଥିଲା। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ପାଞ୍ଚ ଶହ ଛାତ୍ରଛାତ୍ରୀ ପଢୁଥିଲେ। ମାତ୍ର ଗତ ଦେଢ଼ ବର୍ଷ ହେବ ନାମ ଲେଖା ହେଉ ନ ଥିବାବେଳେ ପାଠପଢା ଠପ୍ ହୋଇଯାଇଛି। କୋଟି କୋଟି ଟଙ୍କାରେ ନିର୍ମିତ ଗ୍ରାମୀଣ କ୍ୟାମ୍ପସ କୋଠା ଅବ୍ୟବହୃତ ଅବସ୍ଥାରେ ଜରାଜୀର୍ଣ୍ଣ ହେବାକୁ ବସିଥିବାବେଳେ ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ସରକାର ପଦକ୍ଷେପ ନ ନୋବା ଦୁର୍ଭାଗ୍ୟଜନକ। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଠାରୁ ଉଚ୍ଚଶିକ୍ଷା ବିବାଗ ପର୍ଯ୍ୟନ୍ତ ସମସ୍ତେ ନୀରବ ଏହାର ଭବିଷ୍ୟତ ସମ୍ପର୍କରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏଣୁ ଛାତ୍ରଛାତ୍ରୀ ଓ ଅଞ୍ଚଳର ଶୈକ୍ଷିକ ବିକାଶ ପାଇଁ ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସେ ଦାବି କରିଛନ୍ତି।

ଇସ୍ପାତ କଲେଜ ପରିଚାଳନା ପରିଷଦ ଆବେଦନ ହାଇକୋର୍ଟରେ ଖାରଜ

# ପ୍ରତିପକ୍ଷ ଅଧ୍ୟାପକଙ୍କୁ ୧ ଲକ୍ଷ ଟଙ୍କା ଦେବାକୁ ନିର୍ଦ୍ଦେଶ

କଟକ,୧୮ ।୨(ସମିସ): ରାଉରକେଲାସ୍ଥିତ ଇସ୍ପାତ କଲେଜର ଜଣେ ଅଧ୍ୟାପକଙ୍କୁ କାର୍ଯ୍ୟରୁ ଅନ୍ତର ସଂପର୍କିତ ନିର୍ଦ୍ଦେଶକୁ ରଦ୍ଦ କରି ହାଇକୋର୍ଟର ଜଣିକିଆ ବିଚାରପତି ପ୍ରଦାନ କରିଥିବା ରାୟକୁ କାଏମ ରଖିଛନ୍ତି ଦୁଇଜଣିଆ ଖଣ୍ଡପୀଠ। ଏଥିସହ ଜଣିକିଆ ବିଚାରପତିଙ୍କ ୨୦୨୪, ଜୁଲାଇ ୧୯ର ରାୟକୁ ଚାଲେଞ୍ଜ କରି ଇସ୍ପାତ କଲେଜ ପରିଚାଳନା ପରିଷଦ ତରଫରୁ ଦାୟର ରିଟ୍ ଅପିଲକୁ ହାଇକୋର୍ଟ ଖାରଜ କରିଛନ୍ତି। ଆବେଦନକାରୀ ଅନୁଷ୍ଠାନ ପ୍ରତିପକ୍ଷ ଅଧ୍ୟାପକଙ୍କୁ ୧ ଲକ୍ଷ ଟଙ୍କା ପ୍ରଦାନ କରିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଇସ୍ପାତ କଲେଜ ପରିଚାଳନା ପରିଷଦ ପକ୍ଷରୁ ଦାୟର ରିଟ୍ ଅପିଲର ଶୁଣାଣି କରି ଏପରି ରାୟ ପ୍ରଦାନ କରିଛନ୍ତି। ନିରନ୍ତର ଭାବେ ଶିକ୍ଷା କର୍ମଚାରୀଙ୍କୁ ଅସ୍ଥାୟୀ ବ୍ୟବସ୍ଥା ଆଧାରରେ ନିୟୋଜିତ କରାଯିବା ଦ୍ୱାରା ମାନ ହ୍ରାସ ପାଇବା ସହ ଜନସାଧାରଣଙ୍କ ବିଶ୍ୱାସ ମଧ୍ୟ କମୁଛି ବୋଲି ହାଇକୋର୍ଟ କହିଛନ୍ତି। ଜଣିକିଆ ବିଚାରପତିଙ୍କ ରାୟରେ ହସ୍ତକ୍ଷେପ କରିବାକୁ ମନା କରିଛନ୍ତି।

ମାମଲାରୁ ପ୍ରକାଶ ଯେ ଇସ୍ପାତ କଲେଜ ଅଧକ୍ଷଙ୍କ ତରଫରୁ ନିଯୁକ୍ତି ବିଜ୍ଞପ୍ତି ଆଧାରରେ ହୋଇଥିବା ଆର.ପି.ମିଶ୍ରଙ୍କୁ ଅଧ୍ୟାପକ ଭାବେ ନିଯୁକ୍ତି ମିଳିଥିଲା। ତେବେ ଶ୍ରୀ ମିଶ୍ରଙ୍କୁ କାର୍ଯ୍ୟରୁ ଅନ୍ତର କରି ୨୦୧୧, ଏପ୍ରିଲ ୧୧ରେ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ମାମଲାର ଶୁଣାଣି କରି ୨୦୧୧, ଏପ୍ରିଲ ୧୧ର ନିର୍ଦ୍ଦେଶକୁ ରଦ୍ଦ କରିଥିଲେ। ନିୟମିତ ଆଧାରରେ ନିଯୁକ୍ତି ନିର୍ଦ୍ଦେଶ ଶ୍ରୀ ମିଶ୍ରଙ୍କ ସପକ୍ଷରେ ପ୍ରଦାନ ପାଇଁ ଇସ୍ପାତ କଲେଜ ଅଧକ୍ଷଙ୍କୁ ହାଇକୋର୍ଟ କହିଥିଲେ। ଜଣିକିଆ ବିଚାରପତିଙ୍କ ଏହି ରାୟକୁ ବିରୋଧ କରି ଇସ୍ପାତ କଲେଜ ପରିଚାଳନା ପରିଷଦ ପକ୍ଷରୁ ଦୁଇ ଜଣିଆ ଖଣ୍ଡପୀଠରେ ରିଟ୍ ଅପିଲ ଦାୟର କରାଯାଇଥିଲା।

# ସହମତିରେ ଏକାଧିକ ଥର ବଦଳି ସୁଯୋଗ ଦେବାକୁ ଟିଜିଟି ଶିକ୍ଷକଙ୍କ ଦାବି

ଭୁବନେଶ୍ୱର, ୧୮ ।୨(ସମିସ): ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷାଦାନ କରୁଥିବା ଟିଜିଟି ଶିକ୍ଷକଙ୍କ ଆନ୍ତଃଜିଲ୍ଲା ବଦଳି ପ୍ରକ୍ରିୟାକୁ ଅଧିକ ସରଳ କରିବାକୁ ଦାବି ହୋଇଛି। ଆନ୍ତଃଜିଲ୍ଲା ପାରସ୍ପରିକ ବଦଳି ପାଇଁ ଚାକିରି କାଳରେ କେବଳ ଥରେ ଆବେଦନ କରିବାକୁ ନିୟମ ରହିଛି। ଫଳରେ ଜଣେ ଶିକ୍ଷକ ପରିସ୍ଥିତି ଅନୁଯାୟୀ ନିଜର ବଦଳି କରିପାରୁ ନାହିଁ। ଏକାଧିକ ଥର ସୁଯୋଗ ପ୍ରଦାନ କଲେ ମଧ୍ୟ ଶିକ୍ଷାଦାନ ବା ଶିକ୍ଷକ ପଦରେ କୌଣସି ଅସଙ୍ଗତି ପରିଲକ୍ଷିତ ହେଉ ନ ଥିଲେ ମଧ୍ୟ ଏହି ବଦଳି ନିୟମକୁ ମାତ୍ର ଥରେ କରାଯାଇଥିବାରୁ ବହୁ ଶିକ୍ଷକ/ଶିକ୍ଷୟିତ୍ରୀ ମାନସିକ ଅଶାନ୍ତିରେ କାଳାତିପାତ କରୁଛନ୍ତି।

ସୂଚନା ଅନୁଯାୟୀ, ଗତ ମେ ୧୪ ତାରିଖରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସମେତ ଟିଜିଟି ଶିକ୍ଷକଙ୍କ ବଦଳି ସଂକ୍ରାନ୍ତୀୟ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତିର ବିନ୍ଦୁ ସଂଖ୍ୟା ୨ରେ ପରସ୍ପର ବା ଦୁଇ ଜଣଙ୍କ ସହମତି ଭିତ୍ତିରେ ଆନ୍ତଃଜିଲ୍ଲା ବଦଳିକୁ କେବଳ ଥରେ କରାଯାଇଛି। ଅର୍ଥାତ୍ ଜଣେ ଶିକ୍ଷକ ଚାକିରିକାଳ ଅବଧି ମଧ୍ୟରେ କେବଳ ଥରେ ସହମତି ଭିତ୍ତିକ ବଦଳି ପାଇଁ ଆବେଦନ କରିପାରିବେ। ଏହାଦ୍ୱାରା ଟିଜିଟି (ପିସିଏମ୍, ସିବିଜେଡ୍ ଓ କଳା) ଶିକ୍ଷକମାନେ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହେବେ। ପରସ୍ପର ମଧ୍ୟରେ ଜିଲ୍ଲା ମଧ୍ୟରେ ବଦଳି ହେଲେ ବିଦ୍ୟାଳୟ ବା ଜିଲ୍ଲା ସ୍ତରରେ କୌଣସି ପ୍ରଭାବ ପଡ଼ିବ ନାହିଁ। ଶିକ୍ଷକ ଅଭାବ ବା ଅତିରିକ୍ତ ପଦ ସୃଷ୍ଟି ହେବାର ଆଶଙ୍କା ମଧ୍ୟ ନାହିଁ। ଏଣୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ନିୟମରେ ପରିବର୍ତ୍ତନ ଆଣିବା ସହ ଏକାଧିକ ଥର ବଦଳି ପାଇଁ ସୁଯୋଗ ଦେବାକୁ ଶିକ୍ଷକ ଶିକ୍ଷୟିତ୍ରୀମାନେ ମୁଖ୍ୟମନ୍ତ୍ରୀଙ୍କ ସମେତ ଗଣଶିକ୍ଷା ମନ୍ତ୍ରୀ ଓ ବିଭାଗ ନିକଟରେ ଦାବି କରିଛନ୍ତି।

# ଶିକାର ପାଇଁ ଜଙ୍ଗଲରେ ବିଛାଯାଉଛି ବିସ୍ଫୋରକ; ଜୋରଦାର ହେବ ଚଢ଼ଉ

କଟକ,୧୮ ।୨(ସମସି): ସାତକୋଶିଆ ଓ ଏହାର ଆଖପାଖ ଅଞ୍ଚଳରେ ବଢୁଥିବା ବିପଜ୍ଜନକ 'ବେଟ୍ ବମ୍' ରୋକିବା ଏବଂ ବନ୍ୟପ୍ରାଣୀ କରିଡରକୁ ସୁରକ୍ଷିତ ରଖିବା ପାଇଁ ଓଡ଼ିଶା ପୁଲିସ ଏବଂ ବନ ବିଭାଗ ପକ୍ଷରୁ ମିଳିତ ବୈଠକ ଅନୁଷ୍ଠିତ ହୋଇଛି। ରାଜ୍ୟର ଜଙ୍ଗଲଗୁଡିକରେ ବେଆଇନ ବିସ୍ଫୋରକର ବ୍ୟବହାର ବଢୁଥିବାରୁ ଏହାର ମୁକାବିଲା ପାଇଁ କଟକ କେନ୍ଦ୍ରାଞ୍ଚଳ ଆଇଜି ଡଃ ସତ୍ୟଜିତ ନାୟକଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମନ୍ୱୟ ବୈଠକରେ କଟକ ଜିଲ୍ଲାର ଆଠଗଡ଼, ବଡ଼ମ୍ବା ଓ ନରସିଂହପୁର ଭଳି ଅଞ୍ଚଳରେ ବଢୁଥିବା 'ବେଟ୍ ବମ୍'ର ବ୍ୟବହାର ନେଇ ଉଦ୍‌ବେଗ ପ୍ରକାଶ କରାଯାଇଛି। ବିସ୍ଫୋରକ ପ୍ରସ୍ତୁତି ଓ ଏହାର ବ୍ୟବହାର ବିରୋଧରେ "ଜିରୋ-ଟୋଲେରାନ୍ସ" ନୀତି ଆପଣାଇବା ସହ ଚଢଉ ଜୋରଦାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଆଇଜି ଡ. ନାୟକ। ଏଥିପାଇଁ ପୁଲିସ ଓ ବନ ବିଭାଗ ଏବେ ମିଳିତ ଭାବେ କାର୍ଯ୍ୟ କରିବେ। ସାତକୋଶିଆ କରିଡରକୁ ସମ୍ପୂର୍ଣ୍ଣ ଭାବେ ବିସ୍ଫୋରକ ମୁକ୍ତ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ଜଣାପଡିଛି। ସନ୍ଦେହଜନକ ସ୍ଥାନରେ ମିଳିତ

### ଓଡ଼ିଶା ପୁଲିସ ଓ ବନ ବିଭାଗର ମିଳିତ ବୈଠକ

ଚଢ଼ଉ କରାଯିବ ଏବଂ ଅପରାଧୀଙ୍କ ବିରୋଧରେ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ଓ ବିସ୍ଫୋରକ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ପ୍ରକାଶଥାଉକି, ଏହି ବୋମାଗୁଡ଼ିକୁ ଖାଦ୍ୟ ସାମଗ୍ରୀରେ ଲୁଚାଇ ରଖାଯାଏ, ଯାହା ବନ୍ୟପ୍ରାଣୀଙ୍କ ସହ ଗୃହପାଳିତ ପଶୁ ଏବଂ ସାଧାରଣ ଜନତାଙ୍କ ପାଇଁ ମଧ୍ୟ ପ୍ରାଣଘାତୀ ସାବ୍ୟସ୍ତ ହେଉଛି। ଖାଦ୍ୟ ଭାବି ଏହାକୁ ଚୋବାଇବା କ୍ଷଣି ବିସ୍ଫୋରଣରେ ସମ୍ପୃକ୍ତ ବନ୍ୟପ୍ରାଣୀ ମୃତ୍ୟୁମୁଖରେ ପଡିଥାଏ ଓ ଶିକାରୀମାନେ ସହଜରେ ଶିକାର ପାଇଁ ସକ୍ଷମ ହୋଇଥାନ୍ତି ବୋଲି ଜଣାପଡିଛି। ଏହି ବୈଠକରେ କେନ୍ଦ୍ରାଞ୍ଚଳର ଏସପି, ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଏବଂ ଆଠଗଡ଼ ଓ କଟକର ବନଖଣ୍ଡ ଅଧିକାରୀ ଯୋଗ ଦେଇଥିଲେ। ଏହି ଅଭିଯାନରେ ସାଧାରଣ ଜନତାଙ୍କ ସହଯୋଗ ଦୃଷ୍ଟିରୁ ସନ୍ଦେହଜନକ କାର୍ଯ୍ୟକଳାପ ବା ବିପଜ୍ଜନକ ବିସ୍ଫୋରକକୁ ନେଇ ତୁରନ୍ତ ନିକଟସ୍ଥ ଥାନା ବା ବନ ବିଭାଗ କାର୍ଯ୍ୟାଳୟର ଦୃଷ୍ଟି ଆକର୍ଷଣ କରିବାକୁ ନିବେଦନ କରାଯାଇଛି।


32001/101/2526

## ଓଡ଼ିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବଲାଙ୍ଗୀର
## (ଜଳସମ୍ପଦ ସମ୍ପର୍କିତ ପ୍ରକଳ୍ପ)
## ଅଧିସୂଚନା

ପତ୍ର ସଂଖ୍ୟା: ୪୫ — ତାରିଖ: ୨୦.୦୧.୨୦୨୬

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ବଲାଙ୍ଗୀର ଜିଲ୍ଲାର ଅପର ଲାନ୍ଥ ଜଳସେଚନ ପ୍ରକଳ୍ପର ଜଳଭଣ୍ଡାର ନିମନ୍ତେ ମୌଜା – ବାଦିମାଳ, ଥାନା- ଖପରାଖୋଲ ନଂ -୩୭, ତହସିଲ ଖପରାଖୋଲ ନଂ - ୩୭, ଜିଲ୍ଲା- ବଲାଙ୍ଗୀର ରେ ନିମ୍ନ ତଫସିଲ ମତେ ପ୍ରାପ୍ସ ଏ. ୩୬.୨୨ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାଯୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନା ଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଅପର ଲାନ୍ଥ ଜଳସେଚନ ପ୍ରକଳ୍ପ, ବେଲପଡା, ବଲାଙ୍ଗୀର।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ ବେଲପଡା, ବଲାଙ୍ଗୀର ନିର୍ବାହୀ ଯନ୍ତ୍ରୀ, ଅପର ଲାନ୍ଥ ଜଳସେଚନ ବିଭାଜନ, ବେଲପଡା, ବଲାଙ୍ଗୀର।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ଅପର ଲାନ୍ଥ ଜଳସେଚନ ଯୋଜନାର ଜଳ ଭଣ୍ଡାର ନିମନ୍ତେ ବିସ୍ଥାପନ କରିବା ଆବଶ୍ୟକ ହେଉଅଛି।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଉକ୍ତ ମୌଜା ପାଇଁ ପ୍ରଯୁଜ୍ୟ ନୁହେଁ।
୫. ଥଇଥାନ ଓ ପୁନଃର୍ବାସ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ସ୍ୱତନ୍ତ୍ର ଭୂ-ଅର୍ଜନ ଓ ଥଇଥାନ ଅଧିକାରୀ, ଅପରଲାନ୍ଥ ଜଳସେଚନ ପ୍ରକଳ୍ପ, ବେଲପଡା, ବଲାଙ୍ଗୀର।
୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରସ୍ତର ନାମ |
|---|---|---|---|---|---|---|---|---|
| ବଲାଙ୍ଗୀର | ଖପରାଖୋଲ | ବାଦିମାଳ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୩୬.୨୨ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସ୍ୱତନ୍ତ୍ର ଭୂ –ଅର୍ଜନ, ପୁନର୍ବାସ ଓ ଥଇଥାନ ଅଧିକାରୀ, ବେଲପଡା, ବଲାଙ୍ଗୀର ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଅପର ଲାନ୍ଥ ଜଳସେଚନ ପ୍ରକଳ୍ପ ବେଲପଡା ବଲାଙ୍ଗୀରଙ୍କ କାର୍ଯ୍ୟାଳୟର କାର୍ଯ୍ୟଦିବସ ମାନଙ୍କ ରେ ଦେଖିବାକୁ ମିଳିପାରିବ।

ଉକ୍ତ ଅସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ବଲାଙ୍ଗୀର ଜିଲ୍ଲାପାଳ ଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଓ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ନ୍ୟାଯୋଚିତ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ କ୍ଷତିପୂରଣ ଅଧିକାର ଏବଂ ଭୂ – ଅର୍ଜନର ଧାରା ୧୫ ର ବ୍ୟବସ୍ଥା ଅନୁଯାୟୀ ବଲାଙ୍ଗୀର ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ରାଜ୍ୟପାଳଙ୍କ ଆଦେଶ କ୍ରମେ
ଜିଲ୍ଲାପାଳ, ବଲାଙ୍ଗୀର

**Mouza Badimal Thana No.- 37 Thana Khaprakhol Dist.: Balangir**
**Private Land:-**

| କ୍ରମିକ ନଂ. | ଖତିୟାନର କ୍ରମିକ ନଂ. | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ପ୍ଲଟ୍ ନମ୍ବର | କିସମ | ରକବା (ଏକର) | ଅଧିଗ୍ରହଣ ପାଇଁ ରକବା (ଏକର) |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୧ | କମଲୁ ଗଣ୍ଡା, ସୁନ୍ଦର ଗଣ୍ଡା, ପି: କାର୍ତ୍ତିକ ଗଣ୍ଡା, ଜା: ଗଣ୍ଡା, ବା: ନିଜଗାଁ | ୨୬ | ଆଟ ଉହ୍ନାରି | ୧.୩୨୦ | ୦.୫୪୦ |
| ୨ | ୨ | କଳାର ସୁଂହ ବରିହା, ପି: ଲୁହାର ବରିହା, ଜା: ବିଂଝାଲ, ବା: ନିଜଗାଁ | ୮୧/୧୮୮ | ବାହାଲ ପାଣି ଦୁଇ | ୦.୬୩ | ୦.୨୪ |
| ୩ | ୩ | କଳା ସିଂହ ବରିହା, ହରିହର ସିଂହ ବରିହା, ରାମକୃଷ୍ଣ ବରିହା, ଇନ୍ଦ୍ର ବରିହା, ଋଷି ବରିହା, ନିଳାମ୍ବର ବରିହା, ପି: ଧନ ସାଏ ବରିହା, ତୁଳସା ବରିହା, ସ୍ୱା: ଧନ ସାଏ ବରିହା, ଜା: ବିଂଝାଲ, ବା: ନିଜଗାଁ | ୩ | ଆଟ ମାମୁଲି | ୧.୮ | ୦.୮୨ |
| | | | ୪ | ଅନ୍ୟାନ୍ୟ | ୦.୩୩୦ | ୦.୩୩୦ |
| | | | ୫ | ଆଟ ମାମୁଲି | ୦.୪୫୦ | ୦.୪୫୦ |
| | | | ୬ | ବାହାଲ ମାମୁଲି | ୨.୩୪୦ | ୨.୧୩୦ |
| | | | ୧୭ | ଆଟ ମାମୁଲି | ୪.୭୮ | ୦.୨ |
| | | | ୭୯ | ଆଟ ମାମୁଲି | ୨.୬୩୦ | ୨.୬୩୦ |
| | | | ୮୦ | ବେର୍ଣ୍ଣା ମାମୁଲି | ୦.୪୮୦ | ୦.୪୮୦ |
| | | | ୮୧ | ବାହାଲ ପାଣି ଦୁଇ | ୬.୫୯୦ | ୬.୫୫୦ |
| | | | ୮୮ | ବେର୍ଣ୍ଣା ମାମୁଲି | ୧.୨୪୦ | ୦.୭୫୦ |
| ୪ | ୬ | ଗୁର୍ଜି ସିକା, ପି: ଭୁତୁଲୁ ସିକା, ଜା: ଗଣ୍ଡା, ବା: ନିଜଗାଁ | ୧୦୨ | ଆଟ ମାମୁଲି | ୦.୩୫୦ | ୦.୧୪୦ |
| | | | ୨୯ | ଆଟ ଉହ୍ନାରି | ୦.୧୧୦ | ୦.୧୧୦ |
| | | | ୭୭ | ବାହାଲ ମାମୁଲି | ୧.୦୪୦ | ୧.୦୪୦ |
| | | | ୭୮ | ବାହାଲ ପାଣି ଦୁଇ | ୦.୧୭୦ | ୦.୧୭୦ |
| | | | ୯୩ | ଆଟ ମାମୁଲି | ୦.୪୬୦ | ୦.୪୬୦ |
| | | | ୯୪ | ବାହାଲ ମାମୁଲି | ୧.୧୩୦ | ୧.୧୩୦ |
| | | | ୯୫ | ଆଟ ମାମୁଲି | ୨.୦୫୦ | ୧.୫୧୧ |
| | | | ୯୬ | ଆଟ ମାମୁଲି | ୦.୩୯୦ | ୦.୩୭୦ |
| | | | ୯୭ | ମାଳ ମାମୁଲି | ୦.୩୮୦ | ୦.୦୭୦ |
| ୫ | ୮ | ଡମ ବୁଢ଼ା କରୁଆଁ, ପି: ମଙ୍ଗନ କରୁଆଁ, ବେଣୁ କରୁଆଁ, ପି: ଗଣଡା କରୁଆଁ, ଜା: ଗଉଡ଼, ବା: ନିଜଗାଁ: | ୩୦ | ଆଟ ଉହ୍ନାରି | ୧.୧୦୦ | ୦.୬୦୦ |
| | | | ୩୧ | ଆଟ ଉହ୍ନାରି | ୧.୦୨୦ | ୦.୫୫୦ |
| | | | ୭୬ | ବାହାଲ ପାଣି ଦୁଇ | ୦.୭୫୦ | ୦.୨୩୦ |
| ୬ | ୯ | ଡମ ବୁଢ଼ା କରୁଆଁ, ପି: ମଙ୍ଗନ କରୁଆଁ, ବେଣୁ କରୁଆଁ, ମତି କରୁଆଁ, ପି: ଗଣ୍ଡା କରୁଆଁ, ଜା: ଗଉଡ଼, ବା: ନିଜଗାଁ: | ୮୨ | ଆଟ ମାମୁଲି | ୦.୮୬୦ | ୦.୮୬୦ |
| | | | ୮୩ | ଅନ୍ୟାନ୍ୟ | ୦.୧୦୦ | ୦.୧୦୦ |
| | | | ୮୪ | ବାହାଲ ପାଣି ଦୁଇ | ୪.୭୦୦ | ୪.୭୦୦ |
| | | | ୮୫ | ବେର୍ଣ୍ଣା ମାମୁଲି | ୦.୧୨୦ | ୦.୧୨୦ |
| | | | ୮୬ | ଅନ୍ୟାନ୍ୟ | ୦.୩୦୦ | ୦.୩୦୦ |
| | | | ୮୭ | ବେର୍ଣ୍ଣା ମାମୁଲି | ୦.୨୩୦ | ୦.୨୩୦ |
| | | | ୮୯ | ମାଳ ମାମୁଲି | ୧.୧୯୦ | ୦.୫୨୦ |
| | | | ୯୦ | ବେର୍ଣ୍ଣା ମାମୁଲି | ୧.୨୪୦ | ୦୯୫୦ |
| | | | ୯୧ | ଆଟ ମାମୁଲି | ୦.୧୭୦ | ୦.୧୭୦ |
| | | | ୯୨ | ଆଟ ମାମୁଲି | ୦.୪୧୦ | ୦.୪୧୦ |
| ୭ | ୧୦ | ଡମ୍ବରୁ ବରିହା, ପି: ବେଙ୍ଗ ବରିହା, ଜା: ବିଂଝାଲ, ବା: ନିଜଗାଁ | ୮୧/୧୯୯ | ବାହାଲ ପାଣି ଦୁଇ | ୦.୫୪ | ୦.୨୨ |
| ୮ | ୧୧ | ତୁଳାଧର ବିରିହା, ପି: ପର୍ଶୁ ବରିହା, ଜା: ବିଂଝାଲ, ବା: ନିଜଗାଁ | ୮୧/୧୯୭ | ବାହାଲ ପାଣି ଦୁଇ | ୦.୩ | ୦.୩ |
| ୯ | ୧୩ | ବାଲାସିଂହ ବରିହା, ପି: ବେଙ୍ଗେ ବରିହା, ଜା: ବିଂଝାଲ, ବା: ନିଜଗାଁ | ୮୧/୨୦୦ | ବାହାଲ ପାଣି ଦୁଇ | ୦.୭୨ | ୦.୦୧ |
| ୧୦ | ୧୫ | ବେଙ୍ଗେ ବରିହା, ପି: ଚନ୍ଦ୍ର ବରିହା, ଜା: ବିଂଝାଲ, ବା: ନିଜଗାଁ | ୮୧/୧୯୬ | ବାହାଲ ପାଣି ଦୁଇ | ୦.୩ | ୦.୩ |
| ୧୧ | ୧୮ | ସନ୍ୟାସି ବରିହା, ପି: ସଦାନନ୍ଦ ବରିହା, ଜା: ବିଂଝାଲ, ବା: ନିଜଗାଁ | ୮୧/୧୯୮ | ବାହାଲ ପାଣି ଦୁଇ | ୦.୫୨ | ୦.୫୨ |
| ୧୨ | ୧୯ | ସୁକଲା ବରିହା, ମେନା ବରିହା, ପି: ନାଥ ବରିହା, ଜା: ବିଂଝାଲ, ବା: ନିଜଗାଁ | ୨୦ | ବେର୍ଣ୍ଣା ମାମୁଲି | ୦.୮୭ | ୦.୮୭ |
| | | | ୨୧ | ଆଟ ମାମୁଲି | ୦.୬୪ | ୦.୬୪ |
| | | | ୨୩ | ବାହାଲ ମାମୁଲି | ୦.୩୫ | ୦.୩୫ |
| | | | ୨୪ | ଆଟ ଉହ୍ନାରି | ୨.୯୬ | ୨.୪୩ |
| | | | ୨୩/୧୭୨ | ଅନ୍ୟାନ୍ୟ | ୦.୦୬ | ୦.୦୬ |
| | | | ୨୧/୧୮୧ | ଆଟ ମାମୁଲି | ୦.୬ | ୦.୬ |
| ୧୩ | ୨୦ | ସୁବାସିଂହ ବରିହା, ଉଦେସିଂହ ବରିହା, ପି: ଗଙ୍ଗା ବରିହା, ରାଏମତୀ ବରିହା, ସ୍ୱା: ଗଙ୍ଗା ବରିହା, ଜା: ଗଣ୍ଡା, ବା: ନିଜଗାଁ | ୧୮ | ଆଟ ଉହ୍ନାରି | ୪.୮୬୦ | ୦.୧୩୦ |
| | | | | | Total Pvt. Land | 36.220 |

**Govt. Land:-**

| | | | | | | |
|---|---|---|---|---|---|---|
| ୧ | ୨୧ | ରକ୍ଷିତ | ୨୨ | ପାଣି ନାଳ | ୦.୩୨୦ | ୦.୩୨୦ |
| | | | ୨୭ | ସର୍ବ ସାଧାରଣ ଯୋଗ୍ୟ | ୧.୦୨୦ | ୧.୦୨୦ |
| | | | ୧୦୩ | ସର୍ବ ସାଧାରଣ ଯୋଗ୍ୟ | ୧.୩୯୦ | ୦.୦୨୦ |
| | | | ୬/୧୯୩ | ପାଣି ନାଳ | ୦.୦୮୦ | ୦.୦୮୦ |
| | | | ୨୩/୧୮୩ | ପାଣି ନାଳ | ୦.୦୬୦ | ୦.୦୬୦ |
| | | | ୨୪/୧୮୫ | ପାଣି ନାଳ | ୦.୩୦୦ | ୦.୩୦୦ |
| ୨ | ୨୨ | ସର୍ବ ସାଧାରଣ | ୩୩ | ରାସ୍ତା | ୦.୭୨୦ | ୦.୭୨୦ |
| | | | ୨୧/୧୮୨ | ରାସ୍ତା | ୦.୩୪୦ | ୦.୩୪୦ |
| | | | ୮୮/୧୮୯ | ରାସ୍ତା | ୦.୧୪୦ | ୦.୦୭୦ |
| ୩ | ୨୩ | ଆବାଦ ଅଯୋଗ୍ୟ ଅନାବାଦୀ | ୧୯ | ନଦୀ | ୪.୬୦୦ | ୪.୬୦୦ |
| | | | ୨୮ | ନଦୀ | ୧୯.୨୦୦ | ୧୯.୨୦୦ |
| | | | | | Total Govt. Land | 27.070 |

**This land schedule has been prepared based on the Certified ROR copies obtained from the Tahasildar, Khaprakhol, vide his Letter No.: 2365, Dt.: 30.12.2024**

Asst. Engineer, Upper Lanth Irr, Sub-Div. No-II, Belpada.

Asst. Executive Engineer, Upper Lanth Irr, Sub-Div. No-II, Belpada.

Executive Engineer, Upper Lanth Irr, Sub-Div. No-II, Belpada.

AMIN
pacial Land Acquisition &Rehabllitation On

Revanue Inspector
Special Land Acquisition & Rahabilitauon Officer

ZONE OFFCER
Special Land Acquisition & Rehablitation Officer
ULIP, Belpada

SPL. Land Acqulsition & Rehabilitation Officer
ULIP, Belpada

OIPR-32001/32557/3/25-26/0001





## ମହାରାଷ୍ଟ୍ରରେ ମୁସଲମାନଙ୍କ ୫% ସଂରକ୍ଷଣ ଆଦେଶ ରଦ୍ଦ

ନୂଆଦିଲ୍ଲୀ, ୧୮ ।୨(ଏଜେନ୍ସି): ମହାରାଷ୍ଟ୍ର ସରକାରଙ୍କ ସାମାଜିକ ନ୍ୟାୟ ବିଭାଗ ମଙ୍ଗଳବାର ଏକ ଗଭର୍ଣ୍ଣମେଣ୍ଟ ରିଜୋଲୁସନ (ଜିଆର) ଅର୍ଥାତ ସରକାରୀ ସଂକଳ୍ପ ଜାରି କରି ମୁସଲମାନ ସମୁଦାୟ ପାଇଁ ଉଦ୍ଦିଷ୍ଟ ୧୦ ବର୍ଷର ପୁରୁଣା ସଂରକ୍ଷଣ ଆଦେଶକୁ ରଦ୍ଦ କରିଦେଇଛନ୍ତି। ଏହି ଆଦେଶରେ ଶିକ୍ଷାନୁଷ୍ଠାନ ଏବଂ ସରକାରୀ ଚାକିରିରେ ମୁସଲମାନଙ୍କୁ ୫ ପ୍ରତିଶତ ସଂରକ୍ଷଣ ଦେବାକୁ କୁହାଯାଉଥିଲା। ପ୍ରକୃତରେ ଏହି ଆଦେଶ ଗତ ୧୦ ବର୍ଷ ଧରି ଇନ୍‌ଭାଲିଡ୍ ଅର୍ଥାତ ଅବୈଧ ଥିଲା। ୨୦୧୪ରେ କଂଗ୍ରେସ-ଏନ୍‌ସିପି ସରକାର ଏହି ଅଧ୍ୟାଦେଶ ଆଣିଥିଲେ ମଧ୍ୟ ନିର୍ଦ୍ଧାରିତ ୬ ସପ୍ତାହ ମଧ୍ୟରେ ଏହାକୁ ବିଧାନସଭାରେ ପାସ୍ କରାଯାଇ ନ ଥିଲା। ଯାହା ଫଳରେ ଏହା ଆପେ ଆପେ ଅକାମୀ ହୋଇଯାଇଥିଲା। ବର୍ତ୍ତମାନ ରାଜ୍ୟ ସରକାର କେବଳ ସେହି ପୁରୁଣା ଆଦେଶକୁ ଆନୁଷ୍ଠାନିକ ଭାବେ ରଦ୍ଦ କରିଦେଇଛନ୍ତି, ଯାହା ବୈଷୟିକ ଦୃଷ୍ଟିକୋଣରୁ ଅକାମୀ ହୋଇସାରିଥିଲା।

## ୩ ଜାହାଜ ଉପରେ ଆମେରିକା ସେନାର ଆକ୍ରମଣ: ୧୧ ମୃତ

ୱାସିଂଟନ, ୧୮ ।୨(ଏଜେନ୍ସି): ଆମେରିକା ସେନା ମଙ୍ଗଳବାର ରାତିରେ କାରିବିଆନ ଓ ପ୍ରଶାନ୍ତ ମହାସାଗରରେ ୩ଟି ନୌକା ଉପରେ ଆକ୍ରମଣ କରିଛି। ଏହି କାର୍ଯ୍ୟାନୁଷ୍ଠାନରେ ୧୧ ଜଣଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଆମେରିକୀୟ ସଦର୍ଣ୍ଣ କମାଣ୍ଡ ପକ୍ଷରୁ କୁହାଯାଇଛି ଯେ ଏହି ନୌକାଗୁଡ଼ିକ ମାଧ୍ୟମରେ ଡ୍ରଗ୍ସ ଚୋର ଚାଲାଣ କରାଯାଉଥିଲା। ସେଥିପାଇଁ ସେଗୁଡ଼ିକ ଉପରେ ଆକ୍ରମଣ କରାଯାଇଥିଲା। ତେବେ ଏହି ଅପରେସନରେ କୌଣସି ଆମେରିକୀୟ ସୈନିକ ଆହତ ହୋଇନାହାନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଗତବର୍ଷ ସେପ୍ଟେମ୍ବର ମାସରୁ କାରିବିଆନ ସାଗରରେ ଏହି ଭଳି ଅନେକ ଜାହାଜଙ୍କୁ ଟାର୍ଗେଟ କରିଆସୁଛି। ଆମେରିକା ପ୍ରତିରକ୍ଷା ବିଭାଗ ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ଆମେରିକା ସେନା ଏହି ଭଳି ୪୦ରୁ ଅଧିକ ଆକ୍ରମଣ କରିସାରିଛି, ଯେଉଁଥିରେ ୧୩୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି। ନିଶାଦ୍ରବ୍ୟ ତଥା ଡ୍ରଗ୍ସ ଚୋରା ଚାଲାଣକୁ ଦୃଷ୍ଟିରେ ରଖି ଆଗକୁ ଏହି କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ପୂର୍ବରୁ ଟ୍ରମ୍ପ ପ୍ରଶାସନ ଏକାଧିକବାର ସ୍ପଷ୍ଟ କରିଛି।

### ଅଜିତ ପାୱାର ବିମାନ ଦୁର୍ଘଟଣା

## ବ୍ଲାକ୍‌ବକ୍ସ, ଡାଟା ରେକର୍ଡର ନଷ୍ଟ

ମୁମ୍ବଇ, ୧୮ ।୨(ଏଜେନ୍ସି): ମହାରାଷ୍ଟ୍ର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ବିମାନ ଦୁର୍ଘଟଣାର ତଦନ୍ତ ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ ବ୍ୟୁରୋ (ଏଏଆଇବି) କରୁଛି। ଜାନୁଆର ୨୮ ରେ ବାରାମତୀ ବିମାନ ବନ୍ଦରରେ ହୋଇଥିବା ଏହି ଦୁର୍ଘଟଣାରେ ଅଜିତ ପାୱାରଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ହୋଇଥିଲା। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଅନୁଯାୟୀ, ଦୁର୍ଘଟଣା ପରେ ବିମାନର ବ୍ଲାକ ବକ୍ସ ପ୍ରବଳ ନିଆଁ ଓ ଉତ୍ତାପ ଯୋଗୁଁ କ୍ଷତିଗ୍ରସ୍ତ ହୋଇଛି। ତଥାପି, ଏଏଆଇବି ସଫଳତାର ସହ ଡିଜିଟାଲ ଫ୍ଲାଇଟ୍ ଡାଟା ରେକର୍ଡର (ଡିଏଫ୍‌ଡିଆର)ରୁ ଡାଟା ଡାଉନଲୋଡ଼ କରିବାରେ ସଫଳ ହୋଇଛି। ସେହିପରି ଆମେରିକୀୟ କମ୍ପାନୀ ହନିୱେଲ ଦ୍ୱାରା ନିର୍ମିତ ସିଭିଆର ଡାଟା ଉଦ୍ଧାର କରିବା ପାଇଁ କମ୍ପାନୀର ସାହାଯ୍ୟ ମଗାଯାଇଛି। ଏଥିରୁ ଦୁର୍ଘଟଣା ପୂର୍ବରୁ ପାଇଲଟଙ୍କ ମଧ୍ୟରେ ହୋଇଥିବା ଶେଷ କଥାବାର୍ତ୍ତା ଜଣାପଡ଼ିବ। ଇତିମଧ୍ୟରେ ବ୍ଲାକ ବକ୍ସକୁ ନେଇ ବିବାଦ ସୃଷ୍ଟି ହୋଇଛି। ବ୍ଲାକ ବକ୍ସ ଭୟଙ୍କର ନିଆଁ ଓ ବିସ୍ଫୋରଣରୁ ସୁରକ୍ଷିତ ରହିପାରେ, କିନ୍ତୁ ମହାରାଷ୍ଟ୍ର ରାଜନୀତିରୁ ନୁହେଁ ବୋଲି ଏନ୍‌ସିପିର ବିଧାୟକ ରୋହିତ ପାୱାର କହିଛନ୍ତି।

## ବାଂଲା ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଜାଲିଆତି ଅଭିଯୋଗ

ଢାକା, ୧୮।୨ (ଏଜେନ୍ସି): ଶେଖ ହସିନାଙ୍କ ପରେ ଏବେ ନବନିର୍ବାଚିତ ପ୍ରଧାନମନ୍ତ୍ରୀ ତାରିକ ରହେମାନଙ୍କ ବିରୋଧରେ ସମାନ ଅଭିଯୋଗ ଆଣିଛନ୍ତି ବିରୋଧୀ ଦଳ। ରହେମାନ ନିର୍ବାଚନରେ ଜାଲିଆତି କରିଥିବା ଅଭିଯୋଗ କରିଛନ୍ତି। ସେମା ।ନେ କହିଛନ୍ତି ଯେ ନିର୍ବାଚନରେ ହେରଫେର କରାଯାଇଛି। ଏଥିପାଇଁ ବିଏନପିକୁ ୨୦୦ରୁ ଅଧିକ ଆସନ ମିଳିଛି। ସୂଚନାଯୋଗ୍ୟ ଯେ ପ୍ରାୟ ୨୦ ବର୍ଷ ପରେ ବିଏନପି ବୃହତ ବିଜୟ ହାସଲ କରିଛି। ଜମାତ-ଇ-ଇସଲାମୀ ନେତୃତ୍ୱାଧୀନ ୧୧ ଦଳର ମେଣ୍ଟ ଅଭିଯୋଗ କରିଛି ଯେ ଅନେକ ଆସନରେ ବଡ଼ଧରଣର ଗଡ଼ବଡ଼ ହୋଇଛି। ଏନ୍‌ସିପି ନେତା ନସିରୁଦ୍ଦିନ ପଟୱାରୀ ସାମାଜିକ ଗଣମାଧ୍ୟମରେ ରହେମାନଙ୍କୁ ଇଞ୍ଜିନିୟର କହିଛନ୍ତି। ଏହାର ପ୍ରମାଣ ଥିବା ମଧ୍ୟ ଉଲ୍ଲେଖ କରିଛନ୍ତି। ମତଦାନ ଠିକ୍ ଥିବାବେଳେ ଗଣତି ସମୟରେ ହେରଫେର ହୋଇଥିଲା। କିଛି ସ୍ଥାନରେ ଗଣତି ଶେଷ ହେବା ପୂର୍ବରୁ ଫଳାଫଳ ଘୋଷଣା କରାଯାଇଥିଲା। ୩୨ ଆସନକୁ ନେଇ ଜମାତ ପ୍ରଶ୍ନ ଉଠାଇଛି।

## ଅଭିନେତ୍ରୀ ପ୍ରବୀଣା ଦେଶପାଣ୍ଡେଙ୍କ ପରଲୋକ

ନୂଆଦିଲ୍ଲୀ, ୧୮ ।୨(ଏଜେନ୍ସି): ଜଣାଶୁଣା ବଲିଉଡ୍ ଅଭିନେତ୍ରୀ ପ୍ରବୀଣା ଦେଶପାଣ୍ଡେ ୬୦ ବର୍ଷ ବୟସରେ ପରଲୋକଗମନ କରିଛନ୍ତି। ରେଷ୍ଟ୍ରୀ, ଗବର ଇଜ୍ ବ୍ୟାକ୍, ଡି-ଡେ ଭଳି ସିନେମାରେ ନିଖୁଣ ଅଭିନୟ ପାଇଁ ପ୍ରବୀଣା ବେଶ୍ ଜଣାଶୁଣା ଥିଲେ।



ତାଙ୍କ ପରିବାର ପକ୍ଷରୁ ସାମାଜିକ ଗଣମାଧ୍ୟମ ଇନଷ୍ଟାଗ୍ରାମ୍‌ରେ ଏହି ଦୁଃଖଦ ଖବର ସେୟାର କରାଯାଇଛି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ସେ ଦୀର୍ଘଦିନ ହେବ ବ୍ଲଡ଼ କ୍ୟାନସର ସହ ଲଢୁଥିଲେ। ସେ ଶେଷଥର ପାଇଁ ନେଟ୍‌ଫ୍ଲିକ୍ସର ଲୋକପ୍ରିୟ ସିରିଜ 'ତସ୍କାରୀ: ଦି ସ୍ମଗଲର୍ସ ୱେବ'ରେ ହେମା ଖଙ୍ଗାନୀ ଚରିତ୍ରରେ ଅଭିନୟ କରିଥିଲେ। ସେ ହିନ୍ଦୀ ସିନେମା ସହିତ ମରାଠୀ ଥିଏଟର, ଟେଲିଭିଜନ ଓ ଚଳଚ୍ଚିତ୍ରରେ ବହୁ ବର୍ଷ ଧରି କାମ କରିଥିଲେ। ତାଙ୍କର ପ୍ରମୁଖ ସିନେମାଗୁଡ଼ିକ ମଧ୍ୟରେ ପରମାଣୁ, ଏକ ଭିଲେନ ଓ ଘର ଏକ ମନ୍ଦିର ଆଦି ଅନ୍ତର୍ଭୁକ୍ତ। ଅନ୍ଧେରୀର ଚକାଲା ହିନ୍ଦୁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଛି।

# ଭାରତୀୟ ନାଗରିକଙ୍କୁ ତଡୁଛି କାନାଡ଼ା





■ ୨୦୨୫ରେ ଦେଶାନ୍ତର ହୋଇଛନ୍ତି ୨ ୮୦୦ ଭାରତୀୟ
■ ଆଉ ୬୫୧୫ଙ୍କୁ ବାହାର କରିବାକୁ ପ୍ରକ୍ରିୟା ଜାରି

ଓଟାୱା, ୧୮ ।୨(ଏଜେନ୍ସି): କାନାଡ଼ା ସରକାର ୨୦୨୫ର ପ୍ରଥମ ୧୦ମାସରେ ୨, ୮୩୧ ଜଣ ଭରାତୀୟ ନାଗରିକଙ୍କୁ ଦେଶାନ୍ତର କରିଛନ୍ତି। କାନାଡ଼ା ବର୍ଡର ସର୍ଭିସେସ ଏଜେନ୍ସି (ସିବିଏସ୍ଏ) ଦ୍ୱାରା ପ୍ରକାଶିତ ତଥ୍ୟରୁ ଏହି ସୂଚନା ମିଳିଛି। ତଥ୍ୟ ଅନୁଯାୟୀ, କାନାଡ଼ାରୁ ମୋଟ୍ ୧୮, ୭୮୫ ବାହାର କରାଯାଇଛି। ଦେଶାନ୍ତର ନେଇ ପ୍ରକାଶିତ ତାଲିକାରେ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି। ସର୍ବାଧିକ ୩, ୯୭୨ ଜଣ ମେକ୍ସିକୋ ନାଗରିକଙ୍କୁ ଦେଶାନ୍ତର କରାଯାଇଛି। ବର୍ତ୍ତମାନ ଆହୁରି ୨୯, ୫୪୨ ନାଗରିକଙ୍କୁ ଦେଶରୁ ବିଦା କରିବାକୁ ପ୍ରକ୍ରିୟା ଜାରି ରହିଛି। ଏହି କ୍ରମରେ ଆହୁରି ୬, ୫୧୫ ଭାରତୀୟଙ୍କୁ କାନାଡ଼ାରୁ ବିଦା କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। କାନାଡ଼ା ସରକାରଙ୍କ କହିବା ଅନୁଯାୟୀ, ବାହାର କରାଯାଇଥିବା ଅନେକ ଲୋକଙ୍କ ନାମରେ ଆପରାଧିକ ମାମଲା ରହିଥିଲା। ଏଥିସହ ଏକ ବଡ଼ ସଂଖ୍ୟାରେ ଲୋକ ଶରଣାର୍ଥୀ ଆବେଦନ ସମ୍ବନ୍ଧୀୟ ନିୟମକୁ ସଠିକ ଭାବେ ପାଳନ କରି ନ ଥିଲେ। କାନାଡ଼ାରୁ ବାହାର କରିବାର ୩ଟି ନିୟମ ରହିଛି ଓ ଏଥିପାଇଁ ୩ ପ୍ରକାରର ଆଦେଶ ଦିଆଯାଇଥାଏ। ବ୍ୟକ୍ତିଙ୍କୁ ୩୦ ଦିନ ମଧ୍ୟରେ କାନାଡ଼ା ଛାଡ଼ିବାକୁ ହୋଇଥାଏ। ଏହାକୁ ପାଳନ ନ କଲେ ଏହା 'ଡିପୋର୍ଟେସନ ଅର୍ଡର'ରେ ପରିଣତ ହୋଇଥାଏ। ଆମେରିକା ଭଳି କାନାଡ଼ାରେ ମଧ୍ୟ ପ୍ରବାସୀ ନୀତି ଏକ ବଡ଼ ରାଜନୈତିକ ପ୍ରସଙ୍ଗ ପାଲଟିଛି। ୨୦୨୫ ଜୁନ୍‌ରେ 'ଷ୍ଟ୍ରଙ୍ଗ ବର୍ଡର ଆକ୍ଟ' ନାମକ ଏକ ନୂତନ ଆଇନ୍ ପ୍ରଣୟନ କରାଯାଇଛି। କାନାଡ଼ା ସରକାର ସୀମା ସୁରକ୍ଷା ପାଇଁ ୧.୩ ବିଲିୟନ ଡଲାର ଯୋଜନା କରିଛନ୍ତି, ଯେଉଁଥିରେ ଡ୍ରୋନ୍ ଓ ନୂତନ ସିସିଟିଭି ଟେକ୍ନୋଲୋଜିର ବ୍ୟବହାର କରାଯାଉଛି। ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣି କହିଛନ୍ତି ଯେ ଦେଶର ଘରୋଇ ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ପ୍ରବାସୀଙ୍କ ସଂଖ୍ୟାକୁ ନିୟନ୍ତ୍ରଣରେ ରଖାଯିବ। ମାତ୍ର କାନାଡ଼ା ସରକାର ଉଚ୍ଚଶିକ୍ଷା ପାଇଁ ସୁଯୋଗ ପ୍ରଦାନ କରୁଛନ୍ତି। ସରକାର ସାଧାରଣ ପ୍ରବାସୀଙ୍କ ସଂଖ୍ୟା କମାଉଥିବା ବେଳେ ବିଦେଶରୁ ଅଧିକ ସଂଖ୍ୟାରେ ମାଷ୍ଟର୍ସ ଏବଂ ପିଏଚ୍‌ଡି ଛାତ୍ରଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରୟାସ କରୁଛନ୍ତି। ୨୦୨୫ରେ ନୂତନ ବିଦେଶୀ ଛାତ୍ରଙ୍କ ସଂଖ୍ୟା ୬୧ ପ୍ରତିଶତ ହ୍ରାସ ହେବା ପରେ ସରକାର ଏହି ନୂତନ ପଦକ୍ଷେପ ଗ୍ରହଣ କରିଛନ୍ତି।

## ଅସ୍ତ୍ରୋପଚାର ପରେ ଦୃଷ୍ଟିଶକ୍ତି ହରାଇଲେ ୧୮ ଜଣ

ଗୋରଖପୁର, ୧୮।୨ (ଏଜେନ୍ସି): ସରକାର ସ୍ୱାସ୍ଥ୍ୟାବସ୍ଥାକୁ ନେଇ ବଡ଼ ବଡ଼ ଦାବି କରୁଛନ୍ତି। ଭିତ୍ତିଭୂମିକୁ ସୁଧାରି ଦିଆଯାଇଥିବା କୁହାଯାଉଛି। ମାତ୍ର ଉତ୍ତର ପ୍ରଦେଶ ଗୋରଖପୁରରୁ ଏହାର ବିକଳ ଚିତ୍ର ସାମନାକୁ ଆସିଛି। ମୋତିଆବିନ୍ଦୁ ଅସ୍ତ୍ରୋପଚାର ପରେ ୯ ରୋଗୀଙ୍କ ଆଖି ବାହାର କରିବାକୁ ପଡିଛି। ଆଉ ୯ ଜଣ ଦୃଷ୍ଟିଶକ୍ତି ମଧ୍ୟ ହରାଇଛନ୍ତି। ପରେ ଜଣେ ରୋଗୀ ଦୃଷ୍ଟିଶକ୍ତି ଫେରି ପାଇଥିଲେ। ରିପୋର୍ଟ ଅନୁଯାୟୀ, ଗତ ୧ ତାରିଖରେ 'ନ୍ୟୁ ରାଜେଶ ହାଇଟେକ ହସ୍ପିଟାଲ' ଆଇ କ୍ୟାମ୍ପ ଲଗାଇ ଥିଲା। ଏଠାରେ ୩୦ ରୋଗୀଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର ହୋଇଥିଲା। ତିନି ଚାରି ଘଣ୍ଟା ପରେ ସେମାନଙ୍କୁ ଡିସଚାର୍ଜ କରିଦିଆଯାଇଥିଲା।

■ ୩୦ ଜଣ କରିଥିଲେ ଅସ୍ତ୍ରୋପଚାର
■ ୨୪ ଘଣ୍ଟା ପରେ ବିଗିଡ଼ିଲା ସ୍ୱାସ୍ଥ୍ୟାବସ୍ଥା
■ ୯ ରୋଗୀଙ୍କ ଆଖି ବାହାର କରିବାକୁ ପଡ଼ିଲା



ମାତ୍ର ଏହାର ୨୪ ଘଣ୍ଟା ପରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ୧୮ ଜଣଙ୍କ ଆଖିରେ ସାଂଘାତିକ ସଂକ୍ରମଣ ହୋଇଥିଲା। ଜଣଙ୍କ ପରେ ଜଣଙ୍କୁ ସେହି ହସ୍ପିଟାଲରେ ପୁଣି ଭର୍ତ୍ତି କରାଯାଇଥିଲା। ଆୟୁଷ୍ମାନ ଯୋଜନା ଅଧିନରେ ଏମାନଙ୍କ ଅସ୍ତ୍ରୋପଚାର ହୋଇଥିଲା। ରୋଗୀଙ୍କୁ ପୁଣି ଦେଖି ଡାକ୍ତର ବିଚଳିତ ହୋଇଯାଇଥିଲେ। ସ୍ଥିତି ଅଧିକ ବିଗିଡ଼ିବାରୁ ସେମାନଙ୍କୁ ଗୋରଖପୁରର ସୁଜନ ଆଇ କେୟାରକୁ ପଠାଇ ଦିଆଯାଇଥିଲା। ଏଠାରେ ପ୍ରାଥମିକ ଯାଞ୍ଚ ପରେ ରୋଗୀଙ୍କ ଆଖିରେ ଭୟଙ୍କର ସଂକ୍ରମଣ ହୋଇଥିବା ଜଣା ପଡ଼ିଥିଲା। ଏଠାରେ ମଧ୍ୟ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ମିଳି ନ ଥିଲା। ଶେଷରେ ସମ୍ପର୍କୀୟ ରୋଗୀଙ୍କୁ ଦିଲ୍ଲୀ, ଲକ୍ଷ୍ନୌ ଏବଂ ବାରାଣସୀର ସୁପର ସ୍ପେସିଆଲିଟି ହସ୍ପିଟାଲକୁ ପଠାଇ ଦିଆଯାଇଥିଲା। ଏବେ ସେଠାରେ ରୋଗୀଙ୍କ ଚିକିତ୍ସା ଜାରି ରହିଛି। ମାତ୍ର ରାଜେଶ ହସ୍ପିଟାଲର ଅବହେଳା ଯୋଗୁଁ ୧୮ ଜଣଙ୍କୁ ଦୃଷ୍ଟିଶକ୍ତି ହରାଇବାକୁ ପଡ଼ିଛି। ଆୟୁଷ୍ମାନ କାର୍ଡର ଟଙ୍କା ହଡ଼ପ କରିବା ପାଇଁ ଏହି ଡାକ୍ତରଖାନା ଏଭଳି ଅସ୍ତ୍ରୋପଚାର କରିଥିଲା।

ସ୍ୱାସ୍ଥ୍ୟ ବିଭାଗର ରିପୋର୍ଟରେ ସଂକ୍ରମଣ ଥିବା ଜଣାପଡ଼ିଛି। ପ୍ରଥମେ ଅସ୍ତ୍ରୋପଚାର କରିଥିବା ଡାକ୍ତରଙ୍କ ବିରୋଧରେ ମାଜିଷ୍ଟ୍ରେଟ ସ୍ତରୀୟ ଯାଞ୍ଚ ଆରମ୍ଭ କରାଯାଇଛି। ନ୍ୟୁ ରାଜେଶ ହସ୍ପିଟାଲର ନେତ୍ର ବିଭାଗକୁ ସିଲ୍ କରିଦିଆଯାଇଛି। ଏସପି ମୁଖ୍ୟ ଅଖିଳେଶ ଯାଦବ ଏହାକୁ ନେଇ ସରକାରଙ୍କୁ ନିଶାଣ କରିଛନ୍ତି। ଗୋରଖପୁରରେ ଲୋକେ ଦୃଷ୍ଟିଶକ୍ତି ହରାଇଛନ୍ତି ଏବଂ ଜଣେ ସ୍ଥିର ହୋଇ ବସିଛି। ମୁଖ୍ୟମନ୍ତ୍ରୀ ଗୋରଖପୁର ଯିବା ବେଳେ କିଛି ହିସାବକିତାବ କରୁଛନ୍ତି କି ନା ଖାଲି ଲେଖାଯୋଖା କରି ପଳେଇ ଆସୁଛନ୍ତି ବୋଲି ଅଖିଳେଶ ପଚାରିଛନ୍ତି।

## ହିମନ୍ତ ହେଉଛନ୍ତି ଆସାମର ଜିନ୍ନା: ଗୌରବ ଗୋଗୋଇ

ଗୌହାଟୀ, ୧୮ ।୨(ଏଜେନ୍ସି): ଆସାମ କଂଗ୍ରେସ ନେତା ଗୌରବ ଗୋଗୋଇ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ ହିମନ୍ତଙ୍କୁ 'ଆସାମର ଜିନ୍ନା' ବୋଲି ଆଖ୍ୟା ଦେବା ସହ ନେତାମାନଙ୍କୁ ହିନ୍ଦୁ ପ୍ରମାଣପତ୍ର ଦେବାକୁ ବନ୍ଦ କରନ୍ତୁ ବୋଲି କହିଛନ୍ତି। ଗୌହାଟୀରେ ଆୟୋଜିତ ଏକ ସମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ଯେଉଁ ନେତାମାନେ ବିଜେପିରେ ଯୋଗ ଦେଉଛନ୍ତି, ସେମାନେ ନିଜ ଦଳ ପାଇଁ ଅପ୍ରାସଙ୍ଗିକ ବା ଗୌଣ ହୋଇଯାଉଛନ୍ତି। ଆସାମ କଂଗ୍ରେସର ପୂର୍ବତନ ସଭାପତି ଭୂପେନ କୁମାର ବୋରା ଆସନ୍ତା ୨୨ରେ ବିଜେପିରେ ଆନୁଷ୍ଠାନିକ ଭାବେ ସାମିଲ ହେବେ। ମୁଖ୍ୟମନ୍ତ୍ରୀ ହିମନ୍ତ ନିଜେ ବୋରାଙ୍କ ବାସଭବନକୁ ଯାଇ ତାଙ୍କୁ ସ୍ୱାଗତ କରିଛନ୍ତି। ହିମନ୍ତ କହିଛନ୍ତି ଯେ ବୋରାଙ୍କୁ ବିଜେପିରେ ସମ୍ପୂର୍ଣ୍ଣ ସମ୍ମାନ ମିଳିବ। ଏ ନେଇ ପ୍ରତିକ୍ରିୟା ଦେଇ ଗୌରବ କହିଛନ୍ତି ଯେ ଭୂପେନ ବିଜେପିରେ ଯୋଗଦେବା ଦ୍ୱାରା କଂଗ୍ରେସ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ। ଏହି କ୍ରମରେ ସେ ସର୍ବାନନ୍ଦ ସୋନୋୱାଲଙ୍କ ଉଦାହରଣ ଦେଇ କହିଛନ୍ତି ଯେ ବିଜେପିକୁ ଗଲା ପରେ ନେତାମାନଙ୍କ ଗୁରୁତ୍ୱ କମିଯାଏ। ଅନ୍ୟପଟେ ଗୌରବ ତାଙ୍କୁ ଅପମାନିତ କରିଛନ୍ତି ବୋଲି ଭୂପେନ କହିଛନ୍ତି। ଦଳୀୟ ନିଷ୍ପତ୍ତି ଓ ମେଣ୍ଟ ପ୍ରସଙ୍ଗରେ ତାଙ୍କୁ ଅଣଦେଖା କରାଯାଇଥିଲା, ସେଥିପାଇଁ ସେ କଂଗ୍ରେସରୁ ଇସ୍ତଫା ଦେଇଛନ୍ତି।

## ରିଜିଜୁଙ୍କ ଟାର୍ଗେଟରେ ରାହୁଲ

ନୂଆଦିଲ୍ଲୀ, ୧୮।୨ (ଏଜେନ୍ସି): ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ତୀବ୍ର ସମାଲୋଚନା କରିଛନ୍ତି କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ । ଭାରତର ସୁରକ୍ଷା ପାଇଁ ରାହୁଲ ସବୁଠାରୁ ବିପଜ୍ଜନକ ବ୍ୟକ୍ତି ପାଲଟି ଯାଇଛନ୍ତି ବୋଲି ସେ କହିଛନ୍ତି। ରିଜିଜୁ ଅଭିଯୋଗ କରିଛନ୍ତି ଯେ ରାହୁଲ ଭାରତ ବିରୋଧୀ ଶକ୍ତିଙ୍କ ସହ ମିଶିଛନ୍ତି। ନକ୍ସଲ, ଉଗ୍ରବାଦୀ ଏବଂ ଜର୍ଜ ସୋରସଙ୍କ ଭଳି ଲୋକଙ୍କୁ ଭେଟୁଛନ୍ତି। ସଂସଦରେ ପିଲାଙ୍କ ଭଳି ବ୍ୟବହାର କରୁଛନ୍ତି। ରାହୁଲ ଜଣେ ଦାୟିତ୍ୱହୀନ ବ୍ୟକ୍ତି। ବିରୋଧୀ ଦଳ ନେତା ସବୁ ବିରୋଧୀଙ୍କୁ ପ୍ରତିନିଧିତ୍ୱ କରିଥାନ୍ତି। ସଂସଦ ବାହାରେ ଯାଇ ଲୋକଙ୍କୁ ଦେଶଦ୍ରୋହୀ କହିବା, ଡ୍ରାମା କରିବା ଏବଂ ଅପ୍ରକାଶିତ ପୁସ୍ତକକୁ ଆଧାର କରିବା ଆଦି ତାଙ୍କ ପିଲାଳିଆମୀକୁ ଦର୍ଶାଉଛି। ଭାରତ ଇତିହାସରେ ଏଭଳି ବିରୋଧୀ ଦଳ ନେତା କେବେ ଦେଖିବାକୁ ମିଳି ନ ଥିଲା।

କଂଗ୍ରେସକୁ ନିଶାଣ କରି ରିଜିଜୁ କହିଛନ୍ତି ଯେ ସଂସଦରେ ହଙ୍ଗାମା କରିବା ଏହି ଦଳର କାର୍ଯ୍ୟ। ଆମେ କହିବାକୁ ଦେଉନାହୁଁ ବୋଲି କଂଗ୍ରେସ ଅଭିଯୋଗ କରୁଛି।



ଏଭଳି ବିରୋଧୀ ନେତା ଇତିହାସରେ ଦେଖିନାହିଁ

ମାତ୍ର ରାହୁଲ ଗୃହ ଭିତରକୁ ପ୍ରବେଶ କରିବା ମାତ୍ରେ ହଙ୍ଗାମା ସହ ବ୍ୟାନର ପୋଷ୍ଟର ଧରି ସ୍ଲୋଗାନ ଦେବା ଆରମ୍ଭ ହୋଇଯାଉଛି। କଂଗ୍ରେସ ନେତା ମଣିଶଙ୍କର ଆୟରଙ୍କ ମନ୍ତବ୍ୟ 'ମୁଁ ରାହୁଲବାଦୀ ନୁହେଁ'କୁ ନେଇ ରିଜିଜୁ କହିଛନ୍ତି ଯେ ପୂର୍ବରୁ କଂଗ୍ରେସରେ ମଜବୁତ ନେତା ଥିଲେ। ମାତ୍ର ଧିରେ ଧିରେ କଂଗ୍ରେସ ରାହୁଲଙ୍କ ଭଳି ହୋଇଗଲାଣି। ରାହୁଲଙ୍କ ପାଖରେ ଯିଏ ରହୁଛନ୍ତି ସେ ବି ତାଙ୍କ ପରି ହୋଇଯାଉଛନ୍ତି। ସମର୍ଥକ ମଧ୍ୟ ତାଙ୍କୁ ଗମ୍ଭୀରତାର ସହ ନେଉନାହାନ୍ତି। କାରଣ ରାହୁଲ ଚିନ୍ତା ନ କରି କହିଥାନ୍ତି। ଯଦି ପ୍ରଧାନମନ୍ତ୍ରୀ କାହାକୁ ଭେଟିଛନ୍ତି କିମ୍ବା କୌଣସି ଦଲିଲ ଅଛି, ତେବେ ରାହୁଲ ତାହାକୁ ଉପସ୍ଥାପନ କରିବା କଥା। ସେ ବିନା ଆଧାରରେ ପ୍ରଧାନମନ୍ତ୍ରୀଙ୍କ ନାମ ନେଉଛନ୍ତି। ଲୋକସଭାରେ ରାହୁଲ ନିରର୍ଥକ ଟିପ୍ପଣୀ କରୁଥିଲେ। ବିରୋଧୀ ଦଳ ନେତା ନିୟମଠାରୁ ଊର୍ଦ୍ଧ୍ୱରେ ନୁହଁନ୍ତି ବୋଲି ସେ ଜାଣିବା ଉଚିତ। ପ୍ରଧାନମନ୍ତ୍ରୀ ଭାରତର ସ୍ୱାର୍ଥ ପାଇଁ କାମ କରୁଛନ୍ତି। ଆମେରିକା ସହ ବାଣିଜ୍ୟ ଚୁକ୍ତିରେ ଚାଷୀ, ଶ୍ରମିକ, ବୟନ ଶିଳ୍ପ କର୍ମଚାରୀ କିମ୍ବା କ୍ଷୁଦ୍ର ଉଦ୍ୟୋଗୀଙ୍କ କଥା ଚିନ୍ତା କରିବାର ଆବଶ୍ୟକତା ନାହିଁ। କାରଣ ପ୍ରଧାନମନ୍ତ୍ରୀ ସମସ୍ତଙ୍କ ଧ୍ୟାନ ରଖିଛନ୍ତି। ମାତ୍ର ରାହୁଲ ନିଜ ବ୍ୟବସ୍ଥାରେ କାମ କରୁଥିବା ଦେଖାଯାଉଛି। ରିଜିଜୁ ଦାବି କରିଛନ୍ତି ଯେ ଭାରତର '୧୫-୨୦% ଲେଫ୍ଟ ଇକୋସିଷ୍ଟମ' ରାଷ୍ଟ୍ରବାଦକୁ ବିରୋଧ କରୁଛି।

## ପ୍ୟାଣ୍ଟ ସୂତା ଟାଣିବା, ଛାତି ଧରିବା ଦୁଷ୍କର୍ମ ଉଦ୍ୟମ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୮।୨ (ଏଜେନ୍ସି): କୌଣସି ଯୁବତୀଙ୍କ ପାଇଜାମାର ସୂତା ଟାଣିବା ଏବଂ ଛାତି ଧରିବାକୁ ଦୁଷ୍କର୍ମ ପ୍ରୟାସ ଧରାଯିବ। ଆହ୍ଲାବାଦ ହାଇକୋର୍ଟଙ୍କ ରାୟକୁ ପଲଟାଇ ସୁପ୍ରିମକୋର୍ଟ ଏହି ରାୟ ଦେଇଛନ୍ତି। ହାଇକୋର୍ଟ ପୂର୍ବରୁ ଏହାକୁ ଦୁଷ୍କର୍ମ ପ୍ରୟାସ ବଦଳରେ ଦୁଷ୍କର୍ମ ପାଇଁ ପ୍ରସ୍ତୁତି ବୋଲି କହିଥିଲେ। ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତଙ୍କ ଏକକ ଖଣ୍ଡପୀଠ ଉକ୍ତ ରାୟକୁ ବଦଳାଇ ଦେଇଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ ଆପରାଧିକ ଆଇନର ସିଦ୍ଧାନ୍ତକୁ ହାଇକୋର୍ଟ ଅପବ୍ୟବହାର କରିଛନ୍ତି। ଅଭିଯୁକ୍ତ କେବଳ ପ୍ରସ୍ତୁତି ପାଇଁ ସୀମିତ ଥିବା ହାଇକୋର୍ଟ କହିଥିଲେ। ମାତ୍ର ସୁପ୍ରିମକୋର୍ଟ ଏଥିରେ ସହମତ ନୁହନ୍ତି। ଏହା ଦୁଷ୍କର୍ମ ପ୍ରୟାସ ବୋଲି ସଙ୍କେତ ଦେଉଛି। ଏହା ପୂର୍ବରୁ ଗତ ବର୍ଷ ମାର୍ଚ୍ଚ ୧୭ରେ ଆହ୍ଲାବାଦ ହାଇକୋର୍ଟ କହିଥିଲେ ଯେ ଏହା ଦୁଷ୍କର୍ମ କିମ୍ବା ଦୁଷ୍କର୍ମ ପ୍ରୟାସ ଶ୍ରେଣୀରେ ଆସୁନାହିଁ। ତେଣୁ କୋର୍ଟ ଦୁଷ୍କର୍ମ ପ୍ରୟାସ ଅଭିଯୋଗ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ରାୟ ସାମ୍ନାକୁ ଆସିବା ପରେ ବିବାଦ ବଢ଼ିଥିଲା। ଏହା ପରେ ସୁପ୍ରିମକୋର୍ଟ ନିଜ ଆଡୁ ମାମଲାରେ ହସ୍ତକ୍ଷେପ କରି ଗତ ବର୍ଷ ମାର୍ଚ୍ଚ ୨୫ରେ ହାଇକୋର୍ଟଙ୍କ ରାୟ ଉପରେ ରୋକ୍ ଲଗାଇ ଦେଇଥିଲେ।

## ଅପରାଧୀର ଦଣ୍ଡ ହ୍ରାସ କରି କ୍ଷତିପୂରଣ ବଢ଼ାଇବା ବିପଜ୍ଜନକ ଧାରା

ନୂଆଦିଲ୍ଲୀ, ୧୮।୨ (ଏଜେନ୍ସି): ଗୁରୁତର ଅପରାଧରେ କାହାର ଦଣ୍ଡ ହ୍ରାସ କରି କ୍ଷତିପୂରଣ ବଢ଼ାଇବା ବିପଜ୍ଜନକ ଧାରା ବୋଲି ସୁପ୍ରିମକୋର୍ଟ କହିଛନ୍ତି। ମାଡ୍ରାସ ହାଇକୋର୍ଟଙ୍କ ଏକ ରାୟକୁ ରଦ୍ଦ କରି ଜଷ୍ଟିସ ରାଜେଶ ବିନ୍ଦଲ ଏବଂ ଜଷ୍ଟିସ ବିଜୟ ବିଷ୍ଣୋଇଙ୍କ ଖଣ୍ଡପୀଠ କହିଛନ୍ତି ଯେ ଏହା ସମାଜକୁ ଭୁଲ୍ ବାର୍ତ୍ତା



ଦେଉଛି। ଅଭିଯୁକ୍ତ କେବଳ ଅର୍ଥ ଦେଇ ନିଜ ଦାୟିତ୍ୱରୁ ବର୍ତ୍ତିପାରିବ ନାହିଁ। ଅପରାଧୀଙ୍କ ମନରେ ଭୟ ସୃଷ୍ଟି କରିବା ଦଣ୍ଡର ଉଦ୍ଦେଶ୍ୟ। ଭବିଷ୍ୟତର ଅପରାଧକୁ ରୋକିବା ପାଇଁ ଏହି ଦଣ୍ଡ ଦିଆଯାଇଥାଏ। ଦଣ୍ଡ ଅତ୍ୟଧିକ କଠୋର ହେବା ଅନୁଚିତ। ଅତ୍ୟଧିକ କୋହଳ ହେଲେ ବି ଅଭିଯୁକ୍ତର ଭୟ ଚାଲିଯିବ। ମାଡ୍ରାସ ହାଇକୋର୍ଟର ମଦୁରାଇ ଖଣ୍ଡପୀଠଙ୍କ ଏକ ରାୟ ବିରୋଧରେ ଦାଏର ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ଏହି ରାୟ ଦେଇଛନ୍ତି। ଜଣେ ବ୍ୟକ୍ତିଙ୍କ ଉପରେ ଛୁରା ମାଡ଼ କରି ଗୁରୁତର ଆଘାତ ଦେଇଥିବା ଅଭିଯୁକ୍ତ ଉପରେ ହାଇକୋର୍ଟ ଜୋରିମାନା ରାଶି ୫ ହଜାର ଟଙ୍କା ଲେଖାଏଁ ବଢ଼ାଇ ୩ ବର୍ଷର ଦଣ୍ଡକୁ ହ୍ରାସ କରିଦେଇଥିଲେ। ସର୍ବୋଚ୍ଚ ନ୍ୟାୟାଳୟ ଏହି ରାୟକୁ ରଦ୍ଦ କରିଦେଇଛନ୍ତି।

■ ଅର୍ଥ ଦେଇ ଅଭିଯୁକ୍ତ ବର୍ତ୍ତି ପାରିବେ ନାହିଁ
■ ମାଡ୍ରାସ ହାଇକୋର୍ଟଙ୍କ ରାୟ ରଦ୍ଦ

ଜଷ୍ଟିସ ବିନ୍ଦଲ କହିଛନ୍ତି ଯେ ବିନା କାରଣ ଦର୍ଶାଇ ହାଇକୋର୍ଟ ଦଣ୍ଡ କୋହଳ କରିଥିଲେ। ଘଟଣାକୁ ୧୦ ବର୍ଷ ବିତି ଯାଇଛି କିମ୍ବା ଅନ୍ୟ ମାମଲାରେ ପୀଡ଼ିତର ମୃତ୍ୟୁ ହୋଇ ଯାଇଥିବା କହି ଦଣ୍ଡକୁ କୋହଳ କରାଯାଇପାରିବ ନାହିଁ। ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି ଯେ କ୍ଷତିପୂରଣ ଜରୁରୀ, ମାତ୍ର ଏହା ଦଣ୍ଡର ବିକଳ୍ପ ନୁହେଁ। ଭାରତୀୟ ନ୍ୟାୟ ବ୍ୟବସ୍ଥା ପ୍ରତିଶୋଧ ପାଇଁ ନୁହେଁ, ବରଂ ସୁଧାର ନୀତି ଉପରେ ଆଧାରିତ। ଦଣ୍ଡ ଦେବା ସମୟରେ କୋର୍ଟ ଗୁଡ଼ିକ ଅପରାଧ ଓ ଦଣ୍ଡ ମଧ୍ୟରେ ଅନୁପାତ, ମାମଲାର ତଥ୍ୟ ଓ ପରିସ୍ଥିତି, ସମାଜ ଉପରେ ପ୍ରଭାବ ଆଦିକୁ ଦୃଷ୍ଟିରେ ରଖିବା ଦରକାର।

## ଏଆଇ ସମ୍ମିଳନୀରେ ବିବାଦ

ନୂଆଦିଲ୍ଲୀ, ୧୮ ।୨(ଏଜେନ୍ସି): ସ୍ଥାନୀୟ ଭାରତ ମଣ୍ଡପମ୍‌ରେ ଚାଲିଥିବା ୨୦୨୬ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଇମ୍ପାକ୍ଟ ସମ୍ମିଳନୀରେ ଏକ ଅଭାବନୀୟ ଘଟଣା ଘଟିଛି। ଚୀନ ରୋବଟ୍ ଓ କୋରିଆର ଡ୍ରୋନ୍‌ଗୁଡ଼ିକୁ ନିଜର ପ୍ରୋଜେକ୍ଟ ବୋଲି ଦାବି କରିବା ପରେ ଗଲଗୋଟିଆ ବିଶ୍ୱବିଦ୍ୟାଳୟକୁ 'ଇଣ୍ଡିଆ ଇମ୍ପାକ୍ଟ ଏଆଇ ସମିଟ ଏକ୍ସପୋ'ରୁ ବାଦ୍ ଦିଆଯାଇଛି। ଆୟୋଜକମାନେ ପ୍ରଥମେ



ବିଶ୍ୱବିଦ୍ୟାଳୟର ପାଭିଲିଅନରୁ ବିଦ୍ୟୁତ ସଂଯୋଗ କାଟି ଦେଇଥିଲେ ଏବଂ ତାପରେ ଯାଇ ସେଠାରେ ତାଲା ପକାଇ ବ୍ୟାରିକେଡିଂ କରିଦେଇଛନ୍ତି। ଏହି ବିଶ୍ୱବିଦ୍ୟାଳୟର ଏକ ଭିଡ଼ିଓ ଭାଇରାଲ ହେବା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେହି ଭିଡ଼ିଓରେ ଗଲଗୋଟିଆ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପିକା ଏକ ଚୀନ କମ୍ପାନୀର ରୋବଟିକ କୁକୁରକୁ ବିଶ୍ୱବିଦ୍ୟାଳୟ ଉଦ୍ଭାବନ କରିଥିବା କହିଥିଲେ। ଏହା ସହ ଏକ କୋରିଆ କମ୍ପାନୀର ଡ୍ରୋନକୁ ମଧ୍ୟ ସେମାନେ ନିଜର ପ୍ରୋଜେକ୍ଟ ବୋଲି ଦର୍ଶାଇ ଥିଲେ। ଏହାକୁ ନେଇ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଥିଲେ ଯେ ଭାରତର ପ୍ରତିଭା ଓ ଡାଟାର ସଠିକ୍ ବ୍ୟବହାର ପରିବର୍ତ୍ତେ ଏହି ଏଆଇ ସମିଟ ଏକ ତାମସା ପାଲଟିଛି, ଯେଉଁଠାରେ ଚୀନ୍ ଉତ୍ପାଦ ପ୍ରଦର୍ଶନ କରାଯାଉଛି। ବିଶ୍ୱବିଦ୍ୟାଳୟ ତରଫରୁ ଏହି ରୋବୋଟିକ କୁକୁରକୁ ନିଜର ବୋଲି ଦାବି କରାଯାଉଥିବା ବେଳେ ଏହା ପ୍ରକୃତରେ ଚୀନ କମ୍ପାନୀ ୟୁନିଟର

ଚୀନ୍ ରୋବଟ, କୋରିଆ ଡ୍ରୋନ୍‌କୁ ନିଜର କହିଲା ଗଲ୍‌ଗୋଟିଆ ବିଶ୍ୱବିଦ୍ୟାଳୟ

'ଜିଓ୨' ମଡ଼େଲ, ଯାହା ବଜାରରେ ୨-୩ ଲକ୍ଷ ଟଙ୍କାରେ ମିଳୁଛି। ସେହିପରି ଡ୍ରୋନଟି ଏକ ରେଡିମେଡ 'ଷ୍ଟ୍ରାଇକର ଭି୩ ଏଆରଏଫ୍' ମଡେଲ ବୋଲି ଜଣାପଡ଼ିଛି। ତେବେ ବିଶ୍ୱବିଦ୍ୟାଳୟ ତରଫରୁ ସଫେଇ ଦେଇ କୁହାଯାଇଛି ଯେ ସେମାନେ ଏହି ରୋବଟ ତିଆରି କରିନାହାନ୍ତି। ଏହାକୁ କେବଳ ଛାତ୍ରଛାତ୍ରୀମାନଙ୍କୁ ଶିଖାଇବା ପାଇଁ ଅଣାଯାଇଥିଲା। ପ୍ରଫେସର ନେହା ସିଂ କହିଛନ୍ତି ଯେ ଅତ୍ୟଧିକ ଉତ୍ସାହ ଯୋଗୁଁ ସେ କଥାଟିକୁ ଠିକ୍ ଭାବେ ଉପସ୍ଥାପନ କରିପାରି ନ ଥିଲେ।

## ଚୀନ୍ ବାଣ ଦୋକାନରେ ବିସ୍ଫୋରଣ; ୧୨ ମୃତ

ଶିଞ୍ଜିଆନ୍, ୧୮ ।୨(ଏଜେନ୍ସି): ଚୀନର ହୁବେଇ ପ୍ରାନ୍ତରେ ଥିବା ଏକ ବାଣ ଦୋକାନରେ ଭୟଙ୍କର ବିସ୍ଫୋରଣ ଘଟି ୧୨ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଏହି ଦୁର୍ଘଟଣା ବୁଧବାର ଅପରାହ୍ଣ ଶିଞ୍ଜିଆନ ସହରରେ ଘଟିଛି। ବିସ୍ଫୋରଣ ପରେ ଦୋକାରେ ଭୟାଭୟ ଅଗ୍ନିକାଣ୍ଡ ଘଟିଥିଲା। ସୂଚନା ପାଇବା ମାତ୍ରେ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଥିଲେ। ବହୁ ପରିଶ୍ରମ ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ବିସ୍ଫୋରଣର ପ୍ରକୃତ କାରଣ ଜାଣିବା ପାଇଁ ତଦନ୍ତ ଆରମ୍ଭ କରାଯାଇଛି। ଚୀନରେ 'ଲୁନାର ନ୍ୟୁ ଇୟର' ଏବଂ ସ୍ପ୍ରିଙ୍ଗ ଫେଷ୍ଟିଭାଲ ସମୟରେ ବ୍ୟାପକ ଭାବେ ବାଣ ଫୁଟାଯାଏ। ସେଥିପାଇଁ ଏହି ସମୟରେ ଦୁର୍ଘଟଣାର ଆଶଙ୍କା ବଢ଼ିଯାଏ।

**ନେଦରଲାଣ୍ଡସ-ଭାରତ ବିଶ୍ୱକପ୍ ମୁକାବିଲା**

# ୨୫ ବଲରେ ଦୁବେଙ୍କ ଦ୍ରୁତ ଅର୍ଦ୍ଧଶତକ

ଅହମ୍ମଦାବାଦ, ୧୮ ।୨ (ଏଜେନ୍ସି):



ଚଳିତ ଆଇସିସି ଟି-୨୦ ବିଶ୍ୱକପ୍‌ରେ ଆୟୋଜକ ଭାରତ ଏହାର ଶେଷ ଗ୍ରୁପ୍ ମ୍ୟାଚରେ ବୁଧବାର ନେଦରଲାଣ୍ଡସକୁ ଭେଟିଛି। ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଅନୁଷ୍ଠିତ ଗ୍ରୁପ-ଏ'ର ଏହି ମ୍ୟାଚରେ ଘରୋଇ ଭାରତ ପ୍ରଥମେ ବ୍ୟାଟିଂ କରି ୬ ୱିକେଟରେ ୧୯୩ ରନର ବିଶାଳ ସ୍କୋର ସଂଗ୍ରହ କରିଛି। ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ମଧ୍ୟକ୍ରମରେ ଶିଭମ ଦୁବେ ବିସ୍ଫୋରକ ଅର୍ଦ୍ଧଶତକୀୟ ପାଳି ଖେଳି ଭାରତକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ଜବାବରେ ବ୍ୟାଟିଂ ଆରମ୍ଭ କରିଥିବା ନେଦରଲାଣ୍ଡସ ୧୬ ଓଭରରେ ୬ ୱିକେଟ ହରାଇ ୧୨୬ ରନ ସଂଗ୍ରହ କରି ପରାଜୟ ଦ୍ୱାରରେ ରହିଛି। ଭାରତ ଏଥିପୂର୍ବରୁ ଆମେରିକା (୨୯ ରନ), ନାମିବ୍ୟା (୯୩ ରନ) ଓ ପାକିସ୍ତାନ (୬୧ ରନ)କୁ ହରାଇ ହ୍ୟାଟ୍ରିକ ବିଜୟ ସହ ଗ୍ରୁପ୍-ଏ'ରୁ ପ୍ରଥମ ଦଳ ଭାବେ ସୁପର୍-୮ରେ ପ୍ରବେଶ କରିସାରିଥିଲା। ଅପରପକ୍ଷରେ ନେଦରଲାଣ୍ଡସ ୩ ମ୍ୟାଚରୁ ୧ ବିଜୟ ଓ ୨ ପରାଜୟ ସହ ୨ ପଏଣ୍ଟ ପାଇ ସୁପର୍-୮ ପର୍ଯ୍ୟାୟରୁ ବାଦ୍ ପଡ଼ିସାରିଛି।

ଏହି ମ୍ୟାଚରେ ଟସ୍ ଜିତି ଭାରତୀୟ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ତେବେ ପୁଣିଥରେ ନିରାଶ କରି ଓପନର୍ ଅଭିଷେକ ଶର୍ମା ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଥିଲେ। ଏହାପରେ ଦ୍ରୁତ ବ୍ୟାଟିଂ କରି ବଡ଼ ସ୍କୋର ଅଭିମୁଖେ ଅଗ୍ରସର ହେଉଥିବା ଇନଫର୍ମ ଇଶାନ କିଶାନ ମଧ୍ୟ ପ୍ଲେଡ-ଅନ ହୋଇ ସ୍ପିନର ଆର୍ଯ୍ୟନ ଦତ୍ତଙ୍କ ଦ୍ୱିତୀୟ ଶିକାର ବନିଥିଲେ। ସେ ୭ଟି ବଲରେ ୨ଟି ଚୌକା ଓ ୧ ଛକା ସହ ୧୮ ରନ କରିଥିଲେ। ସେହିଭଳି ସାମାନ୍ୟ ଧୀମା ବ୍ୟାଟିଂ କରୁଥିବା ତିଲକ ବର୍ମା ମଧ୍ୟ ୨୭ ବଲରେ ୩୧ ରନ କରି ଲୋଗାନ ଭାନ୍ ବିକ୍‌ଙ୍କ ଶିକାର ବନିଥିଲେ। ଫଳରେ ଭାରତ ୯ ଓଭରବେଳକୁ ୬୯ ରନରେ ୩ ୱିକେଟ ହରାଇ ବ୍ୟାକ୍‌ଫୁଟକୁ ଚାଲିଯାଇଥିଲା। ତେବେ ଏହି ସମୟରେ ଅଧିନାୟକ ସୂର୍ଯ୍ୟକୁମାର ଓ ଶିଭମ ଦୁବେ ସ୍ଥିତି ସମ୍ଭାଳିଥିଲେ। ସୂର୍ଯ୍ୟକୁମାର ସତର୍କତାର ସହ ଖେଳୁଥିବାବେଳେ ଦୁବେ କିନ୍ତୁ ଠିକ୍ ଏହାର ଓଲଟା ବ୍ୟାଟିଂ କରିଥିଲେ। ଦୁବେ ଏଠାରେ ୨୫ ବଲରେ ଅର୍ଦ୍ଧଶତକ ପୂରଣ କରିବା ସହ ଦଳକୁ ବଡ଼ ସ୍କୋର ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଦୁବେ ୪ର୍ଥ ୱିକେଟ୍‌ରେ ସୂର୍ଯ୍ୟକୁମାରଙ୍କ ସହ ୪୧ ରନ ଏବଂ ୫ମ ୱିକେଟ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସହ ୩୫ ବଲରୁ ୭୬ ରନର ଉପଯୋଗୀ ଭାଗୀଦାରି ଗଢ଼ିଥିଲେ। ଫଳରେ ଭାରତ ୬ ୱିକେଟରେ ୧୯୩ ରନ କରିପାରିଥିଲା। ଦୁବେ ୬ ଛକା ଓ ୪ ଚୌକା ସହ ୩୧ ବଲରୁ ସର୍ବାଧିକ ୬୬ ରନ କରିଥିଲେ। ସେହିଭଳି ସୂର୍ଯ୍ୟକୁମାର ୨୮ ବଲରେ ୩୪ ଏବଂ ପାଣ୍ଡ୍ୟା ୨୧ ବଲରେ ୩୦ ରନ କରି ଆଉଟ୍ ହୋଇଥିଲେ। ନେଦରଲାଣ୍ଡର ଭାନ ବିକ୍ ସର୍ବାଧିକ ୩ଟି ଓ ଆର୍ଯ୍ୟନ ୨ଟି ୱିକେଟ୍ ନେଇଥିଲେ।


## ଅଭିଷେକଙ୍କ ହ୍ୟାଟ୍ରିକ 'ଶୂନ'

ବିଶ୍ୱକପ୍‌ରେ ଭାରତ ଏହାର ଶେଷ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚରେ ବୁଧବାର ନେଦରଲାଣ୍ଡସକୁ ଭେଟିଥିଲା। ଏହି ମ୍ୟାଚରେ ଭାରତର ତାରକା ଓପନର୍ ଅଭିଷେକ ଶର୍ମା ନୈରାଶଜନକ ପ୍ରଦର୍ଶନ ଜାରି ରଖି ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଛନ୍ତି। ନେଦରଲାଣ୍ଡସ ପାଇଁ ଇନିଂସ ଆରମ୍ଭ କରିଥିବା ଅଫସ୍ପିନର ଆର୍ଯ୍ୟନ ଦତ୍ତଙ୍କ ପ୍ରଥମ ୩ଟି ବଲ୍ ଖେଳିଥିଲେ ମଧ୍ୟ ଅଭିଷେକ ଖାତା ଖୋଲିପାରି ନ ଥିଲେ। ସେ ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ। ଫଳରେ ଚଳିତ ବିଶ୍ୱକପ୍‌ରେ ଅଭିଷେକଙ୍କ ଏହା କ୍ରମାଗତ ୩ୟ 'ଶୂନ' ହୋଇଛି। ଏଥିପୂର୍ବରୁ ଅଭିଷେକ ଆମେରିକା ବିପକ୍ଷ ମ୍ୟାଚର ପ୍ରଥମ ବଲରେ ଏବଂ ପାକିସ୍ତାନ ବିପକ୍ଷରେ ୪ଟି ବଲ୍ ଖେଳିଥିଲେ ମଧ୍ୟ କୌଣସି ରନ ନ କରି ଆଉଟ୍ ହୋଇଥିଲେ। ପେଟଜନିତ ସମସ୍ୟା ଲାଗି ସେ ନାମିବ୍ୟା ବିପକ୍ଷ ୨ୟ ମ୍ୟାଚ୍ ଖେଳିପାରି ନ ଥିଲେ। ନେଦରଲାଣ୍ଡସ ବିପକ୍ଷ ମ୍ୟାଚରେ ଅଭିଷେକ ତାଙ୍କ ଜର୍ସି ପରିବର୍ତ୍ତେ ଅର୍ଶଦୀପଙ୍କ ଜର୍ସି ପିନ୍ଧି ବ୍ୟାଟିଂ କରିବାକୁ ଆସିଥିଲେ।

# ଦକ୍ଷିଣ ଆଫ୍ରିକା ୪ରୁ ୪ ବିଜୟ

ଦିଲ୍ଲୀ, ୧୮ ।୨ (ଏଜେନ୍ସି): ଚଳିତ ବିଶ୍ୱକପ୍‌ରେ ଚତୁର୍ଥ ମ୍ୟାଚରୁ ୪ର୍ଥ ବିଜୟ ସହ ଦକ୍ଷିଣ ଆଫ୍ରିକା ଅପରାଜେୟ ରହି ସୁପର୍-୮ରେ ପହଞ୍ଚିଛି। ବୁଧବାର ଏଠାରେ ଦକ୍ଷିଣ ଆଫ୍ରିକା ଖେଳିଥିବା ଏହାର ଶେଷ ତଥା ୪ର୍ଥ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚରେ ୬ ୱିକେଟରେ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ)କୁ ହରାଇଦେଇଛି। ଏହି ଲୋ-ସ୍କୋରିଂ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ୟୁଏଇ ୬ ୱିକେଟରେ ୧୨୨ ରନ କରିଥିଲା। ଦଳ ପକ୍ଷରୁ ଆଲିଶାନ ଶରାଫୁ ୩୮ ବଲରେ ୪୫ ରନ ଓ ଅଧିନାୟକ ମହମ୍ମଦ ୱାସିମ ୨୨ ରନ କରିଥିଲେ। ଦକ୍ଷିଣ ଆଫ୍ରିକାର କୋର୍ବିନ ବୋଶ୍‌ଙ୍କୁ ୩ଟି ଓ ଆନରିଚ ନୋର୍ଜେ ୨ଟି ୱିକେଟ ନେଇଥିଲେ। ୧୨୩ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଦକ୍ଷିଣ ଆଫ୍ରିକା ୮୦ଟି ବଲ୍ ଖେଳି ୪ ୱିକେଟ୍ ହରାଇ ହାସଲ କରିନେଇଥିଲା। ଡେୱାଲ୍ଡ ବ୍ରେଭିସ ୩୬, ର୍‌ୟାନ ରିକ୍କେଟନ ୩୦, ଅଧିନାୟକ ଆଇଡେନ ମାର୍କରମ ୨୮ ଓ କ୍ୱିଣ୍ଟନ ଡିକକ୍ ୧୪ ରନ କରିଥିଲେ। କୋର୍ବିନ ବୋଶ୍‌ଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ସମସ୍ତ ୪ଟି ଯାକ ମ୍ୟାଚ୍ ଜିତି ଦକ୍ଷିଣ ଆଫ୍ରିକା ୮ ପଏଣ୍ଟ ପାଇ ଗ୍ରୁପ୍-ଡି ଶୀର୍ଷରେ ରହିଛି। ସେହିଭଳି ୟୁଏଇ ୪ର୍ଥ ମ୍ୟାଚରୁ ୩ୟ ପରାଜୟ ସହ ୨ ପଏଣ୍ଟ ପାଇ ବିଦାୟ ନେଇଛି।

## ଆଜିର ବିଶ୍ୱକପ୍ ମ୍ୟାଚ୍



| ମ୍ୟାଚ୍ | ସମୟ | ସ୍ଥାନ |
|---|---|---|
| ୱେଷ୍ଟଇଣ୍ଡିଜ-ଇଟାଲୀ | ପୂର୍ବାହ୍ନ ୧୧ଟା | କୋଲକାତା |
| ଶ୍ରୀଲଙ୍କା-ଜିମ୍ବାୱେ | ଅପରାହ୍ଣ ୩ଟା | କଲମ୍ବୋ |
| ଆଫଗାନିସ୍ତାନ-କାନାଡା, | ରାତି ୭ଟା | ଚେନ୍ନଇ |

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

## ସୁପର-୮ ଖେଳସୂଚୀ

| କେବେ | କାହା ମଧ୍ୟରେ | କେଉଁଠି |
|---|---|---|
| ୨୧।୨ | ନ୍ୟୁଜିଲାଣ୍ଡ-ପାକିସ୍ତାନ | କଲମ୍ବୋ |
| ୨୨।୨ | ଶ୍ରୀଲଙ୍କା-ଇଂଲଣ୍ଡ | ପାଲେକେଲେ * |
| ୨୨।୨ | ଭାରତ-ଦ.ଆଫ୍ରିକା | ଅହମ୍ମଦାବାଦ୍ |
| ୨୩।୨ | ୱେଷ୍ଟଇଣ୍ଡିଜ୍-ଜିମ୍ବାୱେ | ମୁମ୍ବଇ |
| ୨୪।୨ | ଇଂଲଣ୍ଡ-ପାକିସ୍ତାନ | ପାଲେକେଲେ |
| ୨୫।୨ | ଶ୍ରୀଲଙ୍କା-ନ୍ୟୁଜିଲାଣ୍ଡ | କଲମ୍ବୋ |
| ୨୬।୨ | ଦ.ଆଫ୍ରିକା-ୱେଷ୍ଟଇଣ୍ଡିଜ୍ | ଅହମ୍ମଦାବାଦ୍ * |
| ୨୬।୨ | ଭାରତ-ଜିମ୍ବାୱେ | ଚେନ୍ନଇ |
| ୨୭।୨ | ଇଂଲଣ୍ଡ-ନ୍ୟୁଜିଲାଣ୍ଡ | କଲମ୍ବୋ |
| ୨୮।୨ | ଶ୍ରୀଲଙ୍କା-ପାକିସ୍ତାନ | ପାଲେକେଲେ |
| ୦୧।୩ | ଦ.ଆଫ୍ରିକା-ଜିମ୍ବାୱେ | ନୂଆଦିଲ୍ଲୀ * |
| ୦୧।୩ | ଭାରତ-ୱେଷ୍ଟଇଣ୍ଡିଜ୍ | କୋଲକାତା |
| ୦୪।୩ | ପ୍ରଥମ ସେମିଫାଇନାଲ | ପରେ ସ୍ଥିର ହେବ |
| ୦୫।୩ | ଦ୍ୱିତୀୟ ସେମିଫାଇନାଲ | ୱାଙ୍ଖେଡେ |
| ୦୮।୩ | ଫାଇନାଲ | ପରେ ସ୍ଥିର ହେବ |


ବି.ଦ୍ର: * ଚିହ୍ନିତ ମ୍ୟାଚ୍ ଗୁଡିକ ଅପରାହ୍ଣ ୩ଟାରୁ ଓ ଅନ୍ୟ ସମସ୍ତ ମ୍ୟାଚ୍ ରାତି ୭ଟାରୁ ଆରମ୍ଭ ହେବ।

ଗ୍ରୁପ-୧: ଭାରତ, ଦକ୍ଷିଣ ଆଫ୍ରିକା, ୱେଷ୍ଟଇଣ୍ଡିଜ୍ ଓ ଜିମ୍ବାୱେ
ଗ୍ରୁପ୍-୨: ଶ୍ରୀଲଙ୍କା, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ପାକିସ୍ତାନ

# ଫରହାନଙ୍କ ଶତକ: ସୁପର-୮ରେ ପାକିସ୍ତାନ୍

କଲମ୍ବୋ, ୧୮ ।୨ (ଏଜେନ୍ସି): କଳ୍ପନାଜଳ୍ପନାର ଅନ୍ତ ଘଟାଇ ଶେଷରେ ଚଳିତ ଟି-୨୦ ବିଶ୍ୱକପ୍‌ର ଅନ୍ତିମ ତଥା ୮ମ ଦଳ ଭାବେ ପାକିସ୍ତାନ ସୁପର୍-୮ରେ ପ୍ରବେଶ କରିଛି। ବୁଧବାର ସ୍ଥାନୀୟ ସିଂହଳୀ ସ୍ପୋର୍ଟ୍ସ କ୍ଲବ ଗ୍ରାଉଣ୍ଡରେ ଅନୁଷ୍ଠିତ ଗ୍ରୁପ୍-ଏ'ର ଏକ ମ୍ୟାଚରେ ପାକିସ୍ତାନ ୧୦୨ ରନର ବଡ଼ ବ୍ୟବଧାନରେ ନାମିବ୍ୟାକୁ ହରାଇ ଏହି ସଫଳତା ପାଇଛି। ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ପାକିସ୍ତାନ ଓପନର୍ ଶାହିବଜାଦ ଫରହାନଙ୍କ ଅପରାଜିତ ଶତକ ବଳରେ ୩ ୱିକେଟ୍‌ରେ ୧୯୯ ରନର ଚ୍ୟାଲେଞ୍ଜିଂ ସ୍କୋର କରିଥିଲା। ୧୧ ଚୌକା ଓ ୪ ଛକା ସହ ୫୮ ବଲରେ ଫରହାନ ଠିକ୍ ୧୦୦ ରନ କରି ଅପରାଜିତ ରହିଥିଲେ। ଅହମ୍ମଦ ଶେହଜାଦ (୧୧୧ ରନ, ବନାମ ବାଂଲାଦେଶ, ୨୦୧୪)ଙ୍କ ପରେ ଦ୍ୱିତୀୟ ପାକିସ୍ତାନ ବ୍ୟାଟର୍ ଭାବେ ଫରହାନ ଟି-୨୦ ବିଶ୍ୱକପ୍‌ରେ ଶତକ ମାରିବାର ସୌଭାଗ୍ୟ ଲାଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ସଲମାନ ଆଘା ୩୮, ସମିମ ଆୟୁବ ୧୪, ଖୱାଜ ନଫି ୫ ଏବଂ ଶଦାବ ଖାନ ୨୨ ବଲରେ ଅପରାଜିତ ୩୬ ରନର ପାଳି ଖେଳିଥିଲେ। ବୋଲିଂରେ ନାମିବ୍ୟାର ଜ୍ୟାକ ବ୍ରାସେଲଙ୍କୁ ୨ଟି ୱିକେଟ୍ ମିଳିଥିଲା।

ଜବାବରେ ୨୦୦ ରନର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ନାମିବ୍ୟା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୭.୩ ଓଭରରେ ମାତ୍ର ୯୭ ରନରେ ଅଲଆଉଟ୍ ହୋଇଯାଇଥିଲା। ଓପନର୍ ଲୌରେନ ଷ୍ଟିନକାମ୍ପ (୨୩ ରନ) ଓ ଆଲେକ୍ସଜାଣ୍ଡର ଭୋଲଷ୍ଟେଙ୍କ (୨୦ରନ)ଙ୍କୁ ଛାଡ଼ିଦେଲେ ଅନ୍ୟକୌଣସି ବ୍ୟାଟର ଦୁଇଅଙ୍କ ଛୁଇଁପାରି ନ ଥିଲେ। ବୋଲିଂରେ ଚର୍ଚ୍ଚିତ ସ୍ପିନର ଉସମାନ ତାରିକ (୪/୧୬) ଓ ଶଦାବ ଖାନ (୩/୧୯) ମିଳିତ ଭାବେ ୭ଟି ୱିକେଟ୍ ନେଇଥିଲେ। ଶତକ ହାସଲକାରୀ ଫରହାନଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ପାକିସ୍ତାନ ୪ର୍ଥ ମ୍ୟାଚରୁ ୩ୟ ବିଜୟ ସହ ୬ ପଏଣ୍ଟ ପାଇ ଭାରତ ପଛକୁ ୨ୟ ସ୍ଥାନରେ ରହିଛି। ସେହିଭଳି ନାମିବ୍ୟା ସମସ୍ତ ୪ଟି ଯାକ ମ୍ୟାଚ୍ ହାରି ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଛି।



# ପଥିରାଣାଙ୍କ ସ୍ଥାନରେ ମଦୁଶନକା

କଲମ୍ବୋ, ୧୮ ।୨ (ଏଜେନ୍ସି): ଆହତ ମଥୀଶା ପଥିରାଣାଙ୍କ ସ୍ଥାନରେ ବାମହାତୀ ଦ୍ରୁତ ବୋଲର ଦିଲଶାନ ମଦୁଶନକାଙ୍କୁ ଶ୍ରୀଲଙ୍କା ବିଶ୍ୱକପ୍ ଦଳରେ ସାମିଲ କରାଯାଇଛି। ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସିର ଇଭେଣ୍ଟ ଟେକନିକାଲ କମିଟି ବିଶ୍ୱକପ ମଝିରେ ଏହି ଖେଳାଳି ଅଦଳବଦଳକୁ ଅନୁମତି ପ୍ରଦାନ କରିଛି। ସୋମବାର ଅଷ୍ଟ୍ରେଲିଆ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ବୋଲିଂ କରୁଥିବାବେଳେ ପଥିରାଣାଙ୍କ ମାଂସପେଶୀ ଟାଣି ହୋଇଯାଇଥିଲା। ଫଳରେ ସେ ମାତ୍ର ୪ଟି ବଲ୍ ପକାଇ ପଡ଼ିଆ ଛାଡ଼ି ଚାଲିଯାଇଥିଲେ।



୨୫ ବର୍ଷୀୟ ବାମହାତୀ ବୋଲର ମଦୁଶନକା ୧୫ଟି ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ଖେଳି ୧୫ଟି ୱିକେଟ୍ ନେଇଛନ୍ତି। ଶେଷଥର ଲାଗି ୨୦୨୪ରେ ସେ ଭାରତ ବିପକ୍ଷରେ ମ୍ୟାଚ୍ ଖେଳିଥିଲେ। ଚଳିତ ବିଶ୍ୱକପ୍‌ର ସହ-ଆୟୋଜକ ରହିଥିବା ଶ୍ରୀଲଙ୍କା ବର୍ତ୍ତମାନ ସୁଦ୍ଧା ୩ ମ୍ୟାଚରୁ ୩ ବିଜୟ ସହ ୬ ପଏଣ୍ଟ ପାଇ ସୁପର-୮ରେ ସ୍ଥାନ ପକ୍କା କରିସାରିଛି। ସିଂହଳୀ ଦଳ ଏହାର ଶେଷ ମ୍ୟାଚରେ ଗୁରୁବାର ଜିମ୍ବାୱେକୁ ଭେଟିବ। ସୁପର୍-୮ରେ ଶ୍ରୀଲଙ୍କା ଇଂଲଣ୍ଡ, ନ୍ୟୁଜିଲାଣ୍ଡ ଓ ପାକିସ୍ତାନ ସହ ସ୍ଥାନ ପାଇଛି।

# ସୁନ୍ଦରଗଡ଼, ନବରଙ୍ଗପୁର, ସମ୍ବଲପୁର-ଏ ବିଜୟୀ

**କଳାହାଣ୍ଡି କପ୍**

ଭୁବନେଶ୍ୱର, ୧୮ ।୨ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ କଟକ ଓ ଭୁବନେଶ୍ୱରର ବିଭିନ୍ନ ଗ୍ରାଉଣ୍ଡରେ କଳାହାଣ୍ଡି କପ୍‌ର ଗ୍ରୁପ୍-ଏ, ବି ଓ ସି ମ୍ୟାଚ୍ ଖେଳାଯାଉଛି। ଦ୍ୱିତୀୟ ଦିବସରେ ବୁଧବାର ୯ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ସୁନ୍ଦରଗଡ଼ ୪୭ ରନରେ ନୟାଗଡ଼କୁ, ନବରଙ୍ଗପୁର ୭ ୱିକେଟ୍‌ରେ ସମ୍ବଲପୁର-ବି'କୁ, କେନ୍ଦ୍ରାପଡ଼ା ୭ ୱିକେଟରେ ଢେଙ୍କାନାଳକୁ, ପୂର୍ବତଟ ରେଳବାଇ ୪୪ ରନରେ ବଲାଙ୍ଗିରକୁ, ସମ୍ବଲପୁର-ଏ ୨୩ ରନରେ ସୋନପୁରକୁ, ଖୋର୍ଦ୍ଧା ୬ ୱିକେଟରେ କଟକ-ବି'କୁ, ଭୁବନେଶ୍ୱର-ଏ ୭ ୱିକେଟ୍‌ରେ କୋରାପୁଟକୁ, ଯାଜପୁର ୬ ୱିକେଟରେ ବୌଦ୍ଧକୁ ଏବଂ ଦେଓଗଡ଼ ୧ ୱିକେଟରେ ମାଲକାନଗିରିକୁ ହରାଇଛି। ସୁନ୍ଦରଗଡ଼ର ସୌମ୍ୟ ଲେଙ୍କା (୨୯ ରନ ଓ ୨ ୱିକେଟ), ନବରଙ୍ଗପୁରର ଅର୍ଜ୍ଜୁନ କୁମାର (୮୨ ରନ), କେନ୍ଦ୍ରପଡ଼ାର ଆକାଶ ନାୟକ (୭୭ ରନ), ରେଳବାଇର ଜୟନ୍ତ ବେହେରା (୩ ୱିକେଟ), ସମ୍ବଲପୁରର ଦେବାଶିଷ ବାଗ୍ (୧୧୯ ରନ), ଖୋର୍ଦ୍ଧାର ବିଶ୍ୱଭୂଷଣ ବିହାରୀ (୯୩ ରନ ଓ ୨ ୱିକେଟ), ଭୁବନେଶ୍ୱର-ଏ'ର ଆଶୁତୋଷ ନାୟକ (୪ ୱିକେଟ), ଯାଜପୁରର ପପୁ ରୟ (୩ ୱିକେଟ ଓ ୨୧ ରନ) ଏବଂ ଦେବଗଡ଼ର ସୋହମରାଜ ମହାପାତ୍ର (୨ ୱିକେଟ୍ ଓ ୩୧ ରନ) ପ୍ରଭାବୀ ପ୍ରଦର୍ଶନ କରି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।



ଅର୍ଜ୍ଜୁନ କୁମାର



ଦେବାଶିଷ ବାଗ୍

# ଆଜିଠୁ ବାରବାଟୀରେ ବଧିର ଏସିଆ କପ୍

ଭୁବନେଶ୍ୱର, ୧୮ ।୨ (ସମିସ): ଐତିହାସିକ ବାରବାଟୀ ଷ୍ଟାଡିୟମରେ ଗୁରୁବାରଠାରୁ ବଧିର ଏସିଆ କପ୍ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାକୁଯାଉଛି। ଏଥିରେ ଆୟୋଜକ ଭାରତ ସମେତ ଶ୍ରୀଲଙ୍କା ଓ ନେପାଳ ଦଳ ଅଂଶଗ୍ରହଣ କରିବ। ଏସିଆନ ଡିଫ୍ କ୍ରିକେଟ୍ ଆସୋସିଏସନ (ଏଡିସିଏ) ଓ ଇଣ୍ଡିଆନ ଡିଫ୍ କ୍ରିକେଟ୍ ଆସୋସିଏସନ (ଆଇଡିସିଏ) ମିଳିତ ଆନୁକୂଲ୍ୟରେ ପ୍ରଥମଥର ଲାଗି ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟ ବାରବାଟୀ ଷ୍ଟାଡିୟମରେ ଆୟୋଜିତ ହେବ। ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ପୂର୍ବାହ୍ନ ୧୧ଟାରେ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ। ପ୍ରତି ଦଳ ପରସ୍ପର ବିପକ୍ଷରେ ଦୁଇଥର ଲେଖାଏ ଖେଳିବେ। ଏହାପରେ ପଏଣ୍ଟ ଆଧାରରେ ଦୁଇ ଶ୍ରେଷ୍ଠ ଦଳ ମଧ୍ୟରେ ଫେବୃଆରୀ ୨୫ରେ ଫାଇନାଲ ଖେଳାଯିବ ବୋଲି ବୁଧବାର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏଡିସିଏ ସଭାପତି ସୁମିତ୍ ଜୈନ ସୂଚନା ଦେଇଛନ୍ତି। ପ୍ରତିଯୋଗିତାକୁ ଆୟୋଜନ ଲାଗି ସମସ୍ତ ସହଯୋଗ ଯୋଗାଇ ଦେଉଥିବାରୁ ସଭାପତି ସୁମିତ ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ)କୁ କୃତଜ୍ଞତା ଜଣାଇଛନ୍ତି। ଏହି ପ୍ରତିଯୋଗିତା ପୂର୍ବରୁ ଅଧିନାୟକ ବୀରେନ୍ଦ୍ର ସିଂଙ୍କ ନେତୃତ୍ୱରେ ଭାରତୀୟ ଦଳ କିଟ୍ କ୍ରିକେଟ୍ ଗ୍ରାଉଣ୍ଡରେ ଫେବୃଆରୀ ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ଅଭ୍ୟାସ କରିଥିଲା।




## ଭାରତୀୟ ଦଳରେ ଓଡ଼ିଶାରୁ ଶିବୁନା, ସନ୍ତୋଷ

ବିଶ୍ୱକପ୍ ଲାଗି ଘୋଷିତ ୧୬ ଜଣିଆ ଭାରତୀୟ ଦଳରେ ଓଡ଼ିଶାର ୨ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଦ୍ରୁତ ବୋଲିଂ ଅଲ୍‌ରାଉଣ୍ଡର ଶିବୁନା ନନ୍ଦ ଓ ସନ୍ତୋଷ କୁମାର ମହାପାତ୍ର। ବୀରେନ୍ଦ୍ରଙ୍କ ନେତୃତ୍ୱରେ ଘୋଷିତ ଦଳରେ ଅନ୍ୟମାନଙ୍କ ମଧ୍ୟରେ ଅଭିଷେକ ସିଂ, ଉମର ଅସ୍ରଫ, ସାଇ ଆକାଶ, ପ୍ରନିଲ ମୋରେ, କୁଲଦୀପ୍ ସିଂ, ଆକାଶ ସାଇନି, ହିଲାଲ ୱାନି, ଯଶବନ୍ତ ନାଇଡୁ, ବୈଭବ, ସନିଥ ସେଟ୍ଟୀ, ଦୀପକ ଲାମ୍ବା, ଅମନ ରିଜଭି ଓ ଜିଗର ଠାକର ରହିଛନ୍ତି। ଦିଲ୍ଲୀର ଦେବ ଦତ୍ତ ମୁଖ୍ୟକୋଚ୍ ଓ ଓଡ଼ିଶାର ଶକ୍ତି ସ୍ୱରୂପ ଦାଶ ସହାୟକ କୋଚ୍ ଦାୟିତ୍ୱ ତୁଲାଇବେ।

**ଆଇଏସ୍‌ଏଲ୍ ୨୦୨୫-୨୬**

# କଳିଙ୍ଗରେ ଘରୋଇ ମ୍ୟାଚ୍ ଖେଳିବ ଓଡ଼ିଶା ଏଫ୍‌ସି

ଭୁବନେଶ୍ୱର,୧୮ ।୨ (ସମିସ): ବହୁ ବାଦବିବାଦ ପରେ ଶେଷରେ ବିଳମ୍ବରେ ଆରମ୍ଭ ହୋଇଛି ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସଏଲ୍)ର ଦ୍ୱାଦଶ ସଂସ୍କରଣ। ଭୁବନେଶ୍ୱରଭିତ୍ତିକ ଦଳ ଓଡ଼ିଶା ଏଫ୍‌ସି ଚଳିତ ସିଜନ ଲାଗି କଳିଙ୍ଗ ଷ୍ଟାଡିୟମକୁ ଏହାର ହୋମ୍ ଭେନ୍ୟୁ ଭାବେ ଘୋଷଣା କରିଛି। ଓଡ଼ିଶା ଏଫ୍‌ସି ଏଥିପୂର୍ବରୁ ଗତ ସରକାର ସମୟରେ ଏକ ଏମ୍‌ଓୟୁ ସ୍ୱାକ୍ଷର କରିଥିଲା। ଯେଉଁଥିରେ କଳିଙ୍ଗ ଷ୍ଟାଡିୟମକୁ ଏହାର ଘରୋଇ ପଡ଼ିଆ ଭାବେ ବ୍ୟବହାର କରିବା ନେଇ ସରକାରଙ୍କ ସହ ବହୁବର୍ଷୀୟ ଚୁକ୍ତି କରିଥିଲା। ଏହି ଚୁକ୍ତି ଗତ ବର୍ଷ ଶେଷ ହୋଇଯାଇଥିଲା। ଇତିମଧ୍ୟରେ ବହୁ ବିଳମ୍ବରେ ମାର୍ଚ୍ଚ ୧୪ରୁ ଆଇଏସଏଲ୍-୧୨ ଆରମ୍ଭ ହୋଇଥିଲେ ମଧ୍ୟ ଓଡ଼ିଶା ଏଫ୍‌ସି ଘରୋଇ ଭେନ୍ୟୁକୁ ନେଇ କୌଣସି ନିଶ୍ଚିତ କରିପାରି ନ ଥିଲା। ଯେଉଁଥି ପାଇଁ ସୋମବାର ପଞ୍ଜାବ ଏଫ୍‌ସି ବିପକ୍ଷ ଓଡ଼ିଶା ଏଫ୍‌ସିର ପ୍ରଥମ ମ୍ୟାଚକୁ ସ୍ଥଗିତ ରଖିବାକୁ ପଡ଼ିଥିଲା। କିନ୍ତୁ ଏବେ ଓଡ଼ିଶା ଏଫ୍‌ସି କର୍ତ୍ତୃପକ୍ଷ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ନୂଆ ଚୁକ୍ତିନାମା ହୋଇଥିବା ରିପୋର୍ଟ ପ୍ରକାଶ ପାଇଛି। ଅଧିକାଂଶ ଖେଳାଳି ଆସି ଭୁବନେଶ୍ୱରରେ ପହଞ୍ଚି ସାରିଛନ୍ତି। ଆଉ ଦିନେ ଦୁଇଦିନ ମଧ୍ୟରେ କଳିଙ୍ଗରେ ଓଡ଼ିଶା ଏଫ୍‌ସିର ଅଭ୍ୟାସ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ଫେବୃଆରୀ ୨୪ରେ କଳିଙ୍ଗରେ ଇଣ୍ଟର କାଶୀ ବିପକ୍ଷରେ ଖେଳି ଓଡ଼ିଶା ଏଫ୍‌ସି ଚଳିତ ସିଜନ ଆରମ୍ଭ କରିବ।

# ମାର୍ଚ୍ଚ ୧ରେ ଏଓସିଏ'ର ଆପାତକାଳୀନ ସାଧାରଣ ବୈଠକ

କଟକ, ୧୮ ।୨ (ସମିସ): ଅଲ୍‌ଓଡ଼ିଶା ଚେସ୍ ସଂଘ (ଏଓସିଏ)ର କାର୍ଯ୍ୟକାରିଣୀ ସମିତି ବୈଠକ ବୁଧବାର କଟକ ବାରବାଟୀ ଷ୍ଟାଡିୟମସ୍ଥିତ ଚେସ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଡିସେମ୍ବର ୨୪ରେ ଅନୁଷ୍ଠିତ ଗତ ଇସି ବୈଠକରେ ଗୃହୀତ ପ୍ରସ୍ତାବକୁ ନିଶ୍ଚିତ କରାଯାଇଥିଲା। ସେହିଭଳି ୨୦୨୪-୨୫ ଆର୍ଥିକ ବର୍ଷର ଅଡିଟ ଓ ହିସାବ ପାଇଁ ଖଜାଞ୍ଚୀଙ୍କ ଦ୍ୱାରା ଅହେତୁକ ବିଳମ୍ବ ହେଉଥିବା ବିଷୟରେ ଦାୟିତ୍ୱ ନିର୍ଦ୍ଧାରଣ କରାଯାଇ ଏହି କାର୍ଯ୍ୟକୁ ଶୀଘ୍ର ସମାପ୍ତ କରିବା ପାଇଁ ଏହି ଅବସରରେ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୨୪ ତାରିଖରେ ସଂଘର ସଭାପତିଙ୍କ ଡାକରେ ବାରବାଟୀ ଚେସ୍ ହଲ୍‌ରେ ବୈଠକରେ ଯୋଗଦେବାକୁ ଉପସ୍ଥିତ ସଦସ୍ୟ ସମ୍ମତି ଜଣାଇଥିଲେ। ଏଥିରେ ଚେସ ଅଭିଭାବକମାନେ ମଧ୍ୟ ଯୋଗଦେଇପାରିବେ ବୋଲି ନିଷ୍ପତ୍ତି ହୋଇଛି। ସେହିଭଳି ଆସନ୍ତା ମାର୍ଚ୍ଚ ୧ରେ ଏଓସିଏ'ର ଆପାତକାଳୀନ ସାଧାରଣ ସଭା ଅନୁଷ୍ଠିତ ହେବ। ଏଥିପାଇଁ ଶୀଘ୍ର ଅଧିସୂଚନା ଜାରି କରାଯିବ। ୨୦୨୫-୨୬ ଆର୍ଥିକ ବର୍ଷର ଅଡିଟ ଏପ୍ରିଲରେ ସମ୍ପନ୍ନ କରାଯିବ ବୋଲି ସମ୍ପାଦକ ଦେବବ୍ରତ ଭଞ୍ଜ ବୈଠକରେ ପ୍ରତିଶ୍ରୁତି ଦେଇଛନ୍ତି।

**୬୭ ବର୍ଷ ପ୍ରତୀକ୍ଷାର ଅନ୍ତ**

# ରଣଜୀ ଟ୍ରଫି ଫାଇନାଲରେ ଜମ୍ମୁ-କାଶ୍ମୀର

କୋଲକାତା, ୧୮ ।୨ (ଏଜେନ୍ସି):




ରଣଜୀ ଟ୍ରଫିର ୯୧ତମ ସଂସ୍କରଣ ଇତିହାସରେ ପ୍ରଥମଥର ଲାଗି ଜମ୍ମୁ କାଶ୍ମୀର ଫାଇନାଲ ଖେଳିବାର ସୌଭାଗ୍ୟ ଲାଭ କରିଛି। ଏଠାରେ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ଜମ୍ମୁ କାଶ୍ମୀର ୬ ୱିକେଟରେ ଦୁଇଥରର ବିଜେତା ଘରୋଇ ବେଙ୍ଗଲକୁ ପରାସ୍ତ କରିଛି। ୧୨୬ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଭ୍ରମଣକାରୀ ଜମ୍ମୁ କାଶ୍ମୀର ବୁଧବାର ମ୍ୟାଚର ୪ର୍ଥ ଦିବସରେ ଦ୍ୱିତୀୟ ପାଳିରେ ୪ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ବଂଶରାଜ ଶର୍ମା ୪୩, ଅବଦୁଲ ସମାଦ ଅପରାଜିତ ୩୦, ଶୁଭମ ପୁନ୍ଦିର ୨୭, ଅଧିନାୟକ ପାରସ ଡୋଗ୍ରା ୯ ରନ କରିଥିଲେ। ବେଙ୍ଗଲର ଆକାଶଦୀପ ୩ଟି ୱିକେଟ୍ ନେଇଥିଲେ। ପୂର୍ବରୁ ଏହି ମ୍ୟାଚରେ ବେଙ୍ଗଲ ସୁଦୀପ ଘରାମି (୧୪୬)ଙ୍କ ଶତକ ବଳରେ ପ୍ରଥମ ପାଳିରେ ୩୨୮ ରନ କରିଥିଲା। ଜବାବରେ ଜମ୍ମୁ କାଶ୍ମୀର ୩୦୨ ରନରେ ସୀମିତ ରହିଥିଲା। ଏହାପରେ ୨୬ ରନରେ ଅଗ୍ରଣୀ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଘରୋଇ ବେଙ୍ଗଲ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୯୯ ରନରେ ଅଲ୍‌ଆଉଟ୍ ହୋଇଥିଲା। ଜମ୍ମୁର ଏହି ଐତିହାସିକ ବିଜୟରେ ଦୁଇ ଦ୍ରୁତ ବୋଲର ଆକ୍ୱିବ ନବି (୮ଟି) ଓ ସୁନିଲ କୁମାର (୭ଟି) ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ବେଙ୍ଗଲର ମୋଟ୍ ୨୦ ୱିକେଟ୍‌ରୁ ଏହି ଦୁଇ ବୋଲର ମିଳିତ ଭାବେ ୧୫ଟି ୱିକେଟ ନେଇଥିଲେ। ବେଙ୍ଗଲର ଅଭିଜ୍ଞ ବୋଲର ମହମ୍ମଦ ସାମି ମଧ୍ୟ ମ୍ୟାଚରେ ମୋଟ୍ ୯ଟି ୱିକେଟ୍ ହାସଲ କରିଥିଲେ। କିନ୍ତୁ ଏହା ବୃଥା ଯାଇଥିଲା।

## ୧୯୫୯-୬୦ରେ ପଦାର୍ପଣ ଏବେ ୫୦ତମ ବିଜୟ

ଜମ୍ମୁ କାଶ୍ମୀର କ୍ରିକେଟ୍ ଦଳ ୧୯୫୯-୬୦ ସିଜନରେ ରଣଜୀ ଟ୍ରଫିରେ ପଦାର୍ପଣ କରିଥିଲା। ୬୭ ବର୍ଷ ଓ ୩୪୩ଟି ମ୍ୟାଚ୍ ଖେଳିବା ପରେ ଶେଷରେ ଏହି କେନ୍ଦ୍ରଶାସିତ ରାଜ୍ୟ ରଣଜୀ ଟ୍ରଫି ଫାଇନାଲ ଖେଳିବାର ସୌଭାଗ୍ୟ ଲାଭ କରିଛି। ଜମ୍ମୁ ଏହାର ପ୍ରଥମ ରଣଜୀ ବିଜୟ ୧୯୮୨-୮୩ ସିଜନରେ ସର୍ଭିସେସ ବିପକ୍ଷରେ ହାସଲ କରିଥିଲା। ଏହି ସେମିଫାଇନାଲ ବିଜୟ ରଣଜୀ ଟ୍ରଫିରେ ଜମ୍ମୁ କାଶ୍ମୀରର ୫୦ତମ ମ୍ୟାଚ୍ ବିଜୟ ମଧ୍ୟ ହୋଇଛି।

## କର୍ଣ୍ଣାଟକ ୮୦୨ ରନରେ ଆଗୁଆ

ଲକ୍ଷ୍ନୌ, ୧୮ ।୨ (ଏଜେନ୍ସି): ଅପରପକ୍ଷରେ ସ୍ଥାନୀୟ ଏକ୍ନା ଷ୍ଟାଡିୟମରେ ଉତ୍ତରାଖଣ୍ଡ ବିପକ୍ଷରେ ଚାଲିଥିବା ପ୍ରଥମ ସେମିଫାଇନାଲରେ କର୍ଣ୍ଣାଟକ ମୋଟ୍ ଉପରେ ୮୦୨ ରନରେ ଅଗ୍ରଣୀ ହାସଲ କରିଛି। ଦେବଦତ୍ତ ପଡ଼ିକଲଙ୍କ ନେତୃତ୍ୱାଧୀନ କର୍ଣ୍ଣାଟକର ପ୍ରଥମ ପାଳି ସ୍କୋର ୭୩୬ ରନ ଜବାବରେ ଉତ୍ତରାଖଣ୍ଡ ବୁଧବାର ଚତୁର୍ଥ ଦିବସରେ ୨୩୩ ରନରେ ଅଲ୍‌ଆଉଟ୍ ହୋଇଯାଇଛି। ପ୍ରଥମଥର ସେମିଫାଇନାଲ ଖେଳୁଥିବା ଉତ୍ତରାଖଣ୍ଡ ୫୦୩ ରନ ପଛରେ ଥାଇ ଫଲୋଅନ ହୋଇଥିଲା। କିନ୍ତୁ ଫଲୋଅନ ନ ଦେଇ କର୍ଣ୍ଣାଟକ ଦ୍ୱିତୀୟ ପାଳି ଆରମ୍ଭ କରିଥିଲା। ବୁଧବାର ଷ୍ଟମ୍ପ ସୁଦ୍ଧା କର୍ଣ୍ଣାଟକ ଦ୍ୱିତୀୟ ପାଳିରେ ୬୩.୫ ଓଭର ଖେଳି ୬ ୱିକେଟରେ ୨୯୯ ରନ ସଂଗ୍ରହ କରିଛି। ସ୍ମରଣ ରବିଚନ୍ଦ୍ରନ ପୁଣି ଏକ ଶତକୀୟ ପାଳି ଖେଳି ୧୨୭ ରନ କରିଥିଲେ। ପ୍ରଥମ ପାଳିରେ ସେ ୧୩୫ ରନର ପାଳି ଖେଳିଥିଲେ। ଗୁରୁବାର ମ୍ୟାଚର ଅନ୍ତିମ ତଥା ୫ମ ଦିବସ। ତେଣୁ ଯଦି ମ୍ୟାଚ୍ ଡ୍ର ରୁହେ ତେବେ କର୍ଣ୍ଣାଟକ ପ୍ରଥମ ପାଳି ଅଗ୍ରଣୀ ଭିତ୍ତିରେ ଫାଇନାଲ ଖେଳିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS